ପୃଷ୍ଠା–୧୨+୮

49

# ଧରିତ୍ରୀ
DHARITRI

୪୯

ଭୁବନେଶ୍ୱର, ରବିବାର, ଡିସେମ୍ବର ୪/୨୦୨୨ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 4/2022 Page 20 ₹ 7.00 | ★★★★

୪୯ଶ ଭାଗ ୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 11 ମୂଲ୍ୟ₹୭/-

DSPL-346

ODISHA
NEW OPPORTUNITIES

## LAST DAY

## OPEN FOR PUBLIC

MAKE IN
ODISHA
CONCLAVE'22
BHUBANESWAR | 30 NOV-04 DEC | 2022



**Shri Naveen Patnaik**
Hon'ble Chief Minister, Odisha

**04th DEC. 2022 | JANATA MAIDAN | BHUBANESWAR**

**Exhibition**
(11.00 am onwards)

**Food Court**

**Mega Cultural Program**
(5.30 pm onwards)

**COME, JOIN THE JUGGERNAUT**

**No pass required for visitors | Entry: From Gate 1 & Gate 2**

Industry Partner FICCI

Investment Promotion Advisor pwc

Country Partners: Germany, Japan, Norway




OIPR-14005/13/0049/2223

## ସଂକ୍ଷେପରେ

### ୫ରୁ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି

**ନୂଆଦିଲ୍ଲୀ,୩।୧୨(ପି.ଟି.):** ୨୪ତମ ପର୍ଯ୍ୟାୟ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ପ୍ରସ୍ତାବକୁ କେନ୍ଦ୍ର ସରକାର ଶନିବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆସନ୍ତା ୫ ତାରିଖରୁ ଏହି ବଣ୍ଡ୍ ବିକ୍ରି ଆରମ୍ଭ ହେବ। ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଛି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏହାର ୨୯ଟି ଶାଖା ଜରିଆରେ ୨୪ତମ ପର୍ଯ୍ୟାୟ ଇଲେକ୍ଟୋରାଲ ବଣ୍ଡ୍ ଇସ୍ୟୁ କରିବା ସହ ଏହାକୁ ଏନ୍‌କ୍ୟାଶ କରିବା ଲାଗି ଅନୁମତି ମିଳିଛି। ଡିସେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ବଣ୍ଡ୍ ବିକ୍ରି ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ୨୩ତମ ପର୍ଯ୍ୟାୟ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ନଭେମ୍ବର ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

### ରାଜ୍ୟପାଳ ନିଯୁକ୍ତି ଲାଗି ମାପଦଣ୍ଡ ରହୁ: ଉଦ୍ଧବ

**ମୁମ୍ବାଇ,୩।୧୨:** ରାଜ୍ୟପାଳ ପଦବୀ ଲାଗି କୌଣସି ବ୍ୟକ୍ତିଙ୍କୁ ଚୟନ କଲାବେଳେ ଏଥିପାଇଁ କେତେକ ମାପଦଣ୍ଡ ରହିବା ଆବଶ୍ୟକ ବୋଲି ଶିବସେନା



(ଉଦ୍ଧବ ବାଲାସାହେବ ଠାକ୍‌ରେ) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି। ଛତ୍ରପତି ଶିବାଜୀ ମହାରାଜ, ସମାଜ ସଂସ୍କାରକ ଜ୍ୟୋତିବା ଫୁଲେ ଏବଂ ସାବିତ୍ରୀବାଈ ଫୁଲେଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କୁ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶ୍ୟାରି ଅସମ୍ମାନିତ କରିଆସୁଛନ୍ତି। ରାଜ୍ୟପାଳ ହେଉଛନ୍ତି ଭାରତର ରାଷ୍ଟ୍ରପତିଙ୍କ ପ୍ରତିନିଧି। ଏଭଳି ପଦବୀରେ କେଉଁମାନେ ନିଯୁକ୍ତ ହୋଇପାରିବେ ସେଥିପାଇଁ ମାପଦଣ୍ଡ ରହିବା ଉଚିତ। ଏଭଳି ନିୟମାବଳୀ ପ୍ରଣୟନ ଲାଗି ଉଦ୍ଧବ ଦାବି କରିଛନ୍ତି।

### ହସ୍ପିଟାଲରୁ ୧.୫ ଲକ୍ଷ ରୋଗୀଙ୍କ ତଥ୍ୟ ବିକ୍ରି

**ନୂଆଦିଲ୍ଲୀ,୩।୧୨:** ତାମିଲନାଡୁର ଶ୍ରୀ ସରନ ମେଡିକାଲ ସେଣ୍ଟରରୁ ୧.୫ ଲକ୍ଷ ରୋଗୀଙ୍କ ବ୍ୟକ୍ତିଗତ ତଥ୍ୟକୁ ହ୍ୟାକରମାନେ ଅନ୍‌ଲାଇନରେ ବିକ୍ରି କରିଦେଇଛନ୍ତି। କ୍ଲାଉଡ୍‌ସେକ୍ ନାମକ ସଂସ୍ଥା ଏହି ଡାଟା ଚୋରିକୁ ଧରିଛି। ତୃତୀୟ ପକ୍ଷ ଭେଣ୍ଡର ଏବଂ ୩ କ୍ୟୁବ୍ ଆଇଟି ଲାବ୍ ମାଧମରେ ୨୦୦୭ରୁ ୨୦୧୧ ମଧରେ ରୋଗୀମାନଙ୍କ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରାଯାଇ ସାଇବର କ୍ରାଇମ୍ ଫୋରମ୍ ଏବଂ ଏକ ଟେଲିଗ୍ରାମ ଚ୍ୟାନେଲ ଜରିଆରେ ବିକ୍ରି କରାଯାଇଛି।

### ଗ୍ୟାଙ୍ଗଷ୍ଟର ରାଜୁ ଥେଠ୍ ନିହତ

**ଜୟପୁର,୩।୧୨:** ଗ୍ୟାଙ୍ଗଷ୍ଟର ରାଜୁ ଥେଠ୍ ଏକ ଗ୍ୟାଙ୍ଗ୍‌ୱାରରେ ନିହତ ହୋଇଛନ୍ତି। ଶନିବାର ସକାଳେ



ରାଜସ୍ଥାନର ଶେଖାୱତି ଅନ୍ତର୍ଗତ ପିପ୍ରାଲି ରୋଡ ଅଞ୍ଚଳରେ ଥିବା ନିଜ ଘର ସମ୍ମୁଖରେ ରାଜୁଙ୍କୁ ୪ ଜଣ ଗୁଳିକରି ହତ୍ୟା କରିଛନ୍ତି। ଆକ୍ରମଣ ସମୟର ଭିଡିଓ କରୁଥିବା ଅନ୍ୟ ଜଣକୁ ମଧ ଆକ୍ରମଣକାରୀ ମାରି ଦେଇଛନ୍ତି। ୧୯୯୫ରୁ ରାଜୁ ଅପରାଧ ଦୁନିଆରେ ପ୍ରବେଶ କରିଥିଲେ। ତାଙ୍କ ନାଁରେ ବହୁ ଅପରାଧ ମାମଲା ରହିଛି। ସେ ୩ ମାସ ହେଲା ଜାମିନରେ ବାହାରିଥିଲେ।

### ମନିଲଣ୍ଡରିଂ ମାମଲାରେ ୨୮୯ ଟନ୍ ଗୁଆ ଜବତ କଲା ଇଡି

**ନୂଆଦିଲ୍ଲୀ,୩।୧୨(ପି.ଟି.):** ଏକ ମନିଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନାଗପୁର ଓ ମୁମ୍ବାଇର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨୮୯ ଟନ୍‌ରୁ ଊର୍ଦ୍ଧ୍ୱ ଇଣ୍ଡୋନେସିଆ ଗୁଆ ଜବତ କରିଛି। ଏହି ଗୁଆ ଦାମ୍ ୧୧.୫ କୋଟି ଟଙ୍କା ହେବ। ଇଣ୍ଡୋନେସିଆରୁ ଏହାକୁ ଚୋରାଚାଲାଣ କରାଯାଇଥିବା ଇଡି କହିଛି। ନାଗପୁରର ବ୍ୟବସାୟୀମାନେ କେତେଜଣ ସରକାରୀ ଅଧିକାରୀଙ୍କ ସହ ମଧୁଚନ୍ଦ୍ରିକା କରି ଇଣ୍ଡୋନେସିଆରୁ ନିମ୍ନ ମାନର ଗୁଆ ଚୋରାଚାଲାଣ କରୁଥିବା ନେଇ ଗତବର୍ଷ ମାର୍ଚ୍ଚରେ ସିବିଆଇ ଏତଲା ଦାଏର କରିଥିଲା। ଜାଲ୍ କାଗଜପତ୍ର ଜରିଆରେ ଏହାକୁ ଦକ୍ଷିଣ ଏସୀୟ ପ୍ରିଫରେନ୍ସିଆଲ୍ ଟ୍ରେଡିଂ ରାଜିନାମା ଏବଂ ଦକ୍ଷିଣ ଏସୀୟ ମୁକ୍ତ ବାଣିଜ୍ୟ ରାଜିନାମା ଦେଶଗୁଡ଼ିକରୁ ଅଣାଯାଇଥିବା ଦର୍ଶାଇ ଉଚ୍ଚ ଦରରେ ବିକ୍ରି କରାଯାଉଥିଲା। ଏହା ପଛରେ ଏକ ସୁସଂଗଠିତ ର୍‌ୟାକେଟ ସମ୍ପୃକ୍ତ ଥିବା ତଦନ୍ତରୁ ଜଣାପଡ଼ିଛି। ଗୁଆ ବ୍ୟତୀତ ଇଡି ୧୬.୫ ଲକ୍ଷ ନଗଦ ଟଙ୍କା ଜବତ କରିଛି।

## ଜିରୋ-କୋଭିଡ୍ ନୀତି ହଟିଲେ

# ୨୦ ଲକ୍ଷଙ୍କ ମୃତ୍ୟୁ ଘଟିପାରେ

## ଚାଇନାରେ ବଢ଼ୁଛି ସଂକ୍ରମଣ



**ବେଜିଂ,୩।୧୨**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଜିରୋ-କୋଭିଡ୍ ନୀତିକୁ ବିରୋଧକରି ସପ୍ତାହେ ହେଲା ଦେଶରେ ବିକ୍ଷୋଭ ଜାରି ରହିଛି। ୧୯୮୯ ଟିଆନାନ୍‌ମେନ୍ ସ୍କୋୟାର ବିକ୍ଷୋଭ ପରେ ଗତ ୩୩ ବର୍ଷ ମଧ୍ୟରେ ଚାଇନାରେ ଏଭଳି ବିକ୍ଷୋଭ କେବେ ଦେଖାଯାଇ ନ ଥିଲା। ସାରା ବିଶ୍ୱରେ କୋଭିଡ୍ କଟକଣା ଉଠାଇ ଦିଆଯାଇଥିବାବେଳେ ଚାଇନାରେ ଜିରୋ-କୋଭିଡ୍ ନୀତିକୁ ନେଇ ଦେଶବାସୀ ଅତିଷ୍ଠ ହୋଇପଡ଼ିଲେଣି। ଯଦିଓ ଚାଇନାରେ ଦୈନିକ ସଂକ୍ରମଣ ଏବେ ସର୍ବାଧିକ ରହିଛି, ତଥାପି ଲକ୍‌ଡାଉନ୍ ଏବଂ ପରୀକ୍ଷା ସର୍ତ୍ତାବଳୀ କୋହଳ କରିବାକୁ ଦାବି ହେଉଛି।

ଅନ୍ୟପକ୍ଷରେ ଜୀବନ ବଞ୍ଚାଇବା ଏବଂ ହସ୍ପିଟାଲଗୁଡ଼ିକରେ ରୋଗୀ ସଂଖ୍ୟା କମାଇବାକୁ ହେଲେ କଠୋର କୋଭିଡ୍ କଟକଣା ମାନିବାକୁ ପଡ଼ିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ଏବେ ସରକାର କୋଭିଡ୍ ନୀତିରେ ସାମାନ୍ୟ କୋହଳ କରିଛନ୍ତି। ଏଥିରେ ଲୋକେ ଆଶ୍ୱସ୍ତ ହୋଇଥିଲେ ହେଁ ସ୍ୱାସ୍ଥ୍ୟଜନିତ ପରିଣାମକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଦେଶର ଅଧିକାଂଶ ଅଞ୍ଚଳରେ ଟିକାଦାନ ହାର୍ ଯଥେଷ୍ଟ କମ୍ ରହିଛି। ସଂକ୍ରମଣ ବିପଦ ଥିବା ଅଞ୍ଚଳରେ ଗୋଷ୍ଠୀ ରୋଗ ପ୍ରତିରୋଧ ଶକ୍ତିର ଅଭାବ ରହିଥିବାରୁ ବର୍ତ୍ତମାନ ସ୍ଥିତିରେ ଲକ୍‌ଡାଉନ୍ କଟକଣା ସମ୍ପୂର୍ଣ୍ଣ ଉଠାଇ ଦିଆଗଲେ ୨୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଇପାରେ ବୋଲି ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ମୁଖ୍ୟ ଝୋଉ ଜିଆଟୋଙ୍ଗ୍ କହିଛନ୍ତି। ସାଙ୍ଗାଇ ଜର୍ନାଲ ଅଫ୍ ପ୍ରିଭେଣ୍ଟିଭ୍ ମେଡିସିନ୍‌ରେ ପ୍ରକାଶିତ ସନ୍ଦର୍ଭରେ ଏହା କୁହାଯାଇଛି। ସେହିପରି ସଂକ୍ରମଣ ୨୩.୩ କୋଟିକୁ ବୃଦ୍ଧି ପାଇପାରେ ବୋଲି ଏଥିରେ କୁହାଯାଇଛି।

ଚାଇନା ଯଦି ଟିକାକରଣ ଓ ଚିକିତ୍ସା ସୁବିଧା ନ ବଢ଼ାଇ କଠୋର କୋଭିଡ୍ ନୀତିକୁ ହଟାଇଦିଏ ତେବେ ୧୫ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିବ ବୋଲି ଗତ ମେ' ମାସରେ ଚାଇନା ଓ ଆମେରିକାର ବୈଜ୍ଞାନିକମାନେ ଆକଳନ କରିଥିଲେ। ନେଚର ମେଡିସିନ୍‌ରେ ଏହି ଗବେଷଣା ପ୍ରକାଶ ପାଇଥିଲା। ତେବେ ଟିକାକରଣ ବଢ଼ାଇଲେ ମୃତ୍ୟୁସଂଖ୍ୟା ଯଥେଷ୍ଟ ହ୍ରାସ ପାଇପାରେ ବୋଲି ଏଥିରେ କୁହାଯାଇଥିଲା। ସେହିପରି ବ୍ରିଟିଶ ବିଜ୍ଞାନସମ୍ମତ ସୂଚନା ଓ ବିଶ୍ଲେଷଣ କମ୍ପାନୀ ଏୟାରଫିନିଟି କହିବା ଅନୁଯାୟୀ, ଯଦି ଜିରୋ-କୋଭିଡ୍ ନୀତି ହଟାଇ ଦିଆଯାଏ, ତେବେ ୧୩ରୁ ୨୧ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇପାରେ। ଫେବୃୟାରୀରେ ହଂକଂରେ ବ୍ୟାପିଥିବା ବିଏ.୧ ଭାରିଆଣ୍ଟ ସଂକ୍ରମଣ ତଥ୍ୟକୁ ଆଧାରକରି ଏହି ଆକଳନ କରାଯାଇଛି।

## ଦିଲ୍ଲୀ ଦଙ୍ଗା ମାମଲାରେ ଉମର ଖଲିଦ ଦୋଷମୁକ୍ତ



**ନୂଆଦିଲ୍ଲୀ,୩।୧୨(ପି.ଟି.)**

୨୦୨୦ ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗା ସହ ସମ୍ପୃକ୍ତି ମାମଲାରେ ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ଛାତ୍ର ନେତା ଉମର ଖଲିଦଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଦୋଷମୁକ୍ତ କରିଛନ୍ତି। ଅନ୍ୟତମ ଛାତ୍ର ନେତା ଖଲିଦ ସୈଫିଙ୍କୁ ଦିଲ୍ଲୀର କର୍କରଡୁମା କୋର୍ଟ ମୁକ୍ତ କରିଦେଇଛନ୍ତି। ଚାନ୍ଦବାଗ୍‌ରେ ପଥର ଫିଙ୍ଗା ମାମଲାରେ ଉଭୟଙ୍କୁ ପୂର୍ବରୁ ଜାମିନ ମିଳିଥିଲା। ତେବେ ସେମାନେ ଭିନ୍ନ ମାମଲାରେ ଜେଲ ଯାଇଥିଲେ। ସେମାନଙ୍କ ବିରୋଧରେ ଆତଙ୍କବାଦ ନିରୋଧୀ ଆଇନ ୟୁଏପିଏ ଲଗାଯାଇଥିଲା। ଟେକାମାଡ଼ ଘଟଣାରେ ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ଅଭାବରୁ ସେମାନଙ୍କୁ ଦୋଷମୁକ୍ତ କରାଯାଇଛି। ଦଙ୍ଗାବେଳେ ଉତ୍ତ୍ୟକ୍ତ ଜନତା ଟେକାମାଡ଼ କରି ପାର୍କିଂ ସ୍ଥଳର ଅନେକ ଗାଡ଼ିରେ ନିଆଁ ଲଗାଇଦେଇଥିବା କନ୍‌ଷ୍ଟେବଲ ସଂଗ୍ରାମ ସିଂଙ୍କ ବୟାନ ଆଧାରରେ ମାମଲା ହୋଇଥିଲା।

## ବିଦେଶୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା: ପ୍ରଫେସର ନିଲମ୍ବିତ

**ହାଇଦ୍ରାବାଦ,୩।୧୨(ଆଇଏଏନ୍‌ଏସ୍)**

ବିଦେଶୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଉଦ୍ୟମ ଅଭିଯୋଗରେ ହାଇଦ୍ରାବାଦ ୟୁନିଭର୍ସିଟିର ପ୍ରଫେସର ରବି ରଞ୍ଜନଙ୍କୁ ପୋଲିସ ଗିରଫ କରିବା ପରେ ଶନିବାର ତାଙ୍କୁ ନିଲମ୍ବନ କରାଯାଇଛି। ହିନ୍ଦୀ ବିଭାଗର ଏହି ପ୍ରଫେସରଙ୍କ କାର୍ଯ୍ୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିନ୍ଦା କରାଯାଇଛି। ଥାଇଲାଣ୍ଡର ଏହି ଛାତ୍ରୀ ଜଣଙ୍କ ଶୁକ୍ରବାର ପ୍ରଫେସର ରବି ରଞ୍ଜନଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଅଭିଯୋଗ ଅନୁଯାୟୀ ପ୍ରଫେସର ଛାତ୍ରୀ ଜଣଙ୍କୁ ଶୁକ୍ରବାର ସନ୍ଧ୍ୟାରେ ହିନ୍ଦୀ ପଢ଼ାଇଦେବାକୁ ଡାକି ମଦ ପିଆଇ ଯୌନ ଶୋଷଣ କରିବାକୁ ଉଦ୍ୟମ କରିଥିଲେ। ଅନ୍ୟ ଛାତ୍ରୀମାନେ ତାଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଗାଚିବୋଲି ଥାନା ପୋଲିସ ପ୍ରଫେସରଙ୍କ ବିରୋଧରେ ଅସଦାଚରଣ ମାମଲା ରୁଜୁ କରିଛି। କାର୍ଯ୍ୟାନୁଷ୍ଠାନ ଦାବିରେ ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ଅଭିଷେକ ବାନାର୍ଜୀଙ୍କ ରାଲି ସ୍ଥଳରେ ବିସ୍ଫୋରଣ: ୩ ମୃତ

**କୋଲକାତା,୩।୧୨**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବରିଷ୍ଠ ନେତା ଅଭିଷେକ ବାନାର୍ଜୀଙ୍କ ରାଲି ସ୍ଥଳ ନିକଟରେ ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି। ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜିଲାର ଅର୍ଜୁନନଗର ବ୍ଲକ୍-୨ ଅଞ୍ଚଳରେ ଏହି ବିସ୍ଫୋରଣ ହୋଇଛି। ଟିଏମ୍‌ସି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅଭିଷେକ ସେଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ଥିଲା। ଶୁକ୍ରବାର ରାତି ୧୧ଟା ୧୫ ମିନିଟ ସମୟରେ ସେଠାରେ ଥିବା ଏକ ଘରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି। ବିସ୍ଫୋରଣରେ ଘରଟି ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇଯାଇଛି। ମୃତକଙ୍କ ମଧ୍ୟରେ ଟିଏମ୍‌ସି କର୍ମୀ ରାଜକୁମାର ମାନ୍ନା ଅଛନ୍ତି।

## ପାର୍ଲାମେଣ୍ଟ ପ୍ରଣୀତ ଆଇନକୁ ସୁପ୍ରିମକୋର୍ଟ ରଦ୍ଦ କରିବା ବିଶ୍ୱରେ ବିରଳ: ଉପରାଷ୍ଟ୍ରପତି

**ନୂଆଦିଲ୍ଲୀ,୩।୧୨**

ପାର୍ଲାମେଣ୍ଟ ପ୍ରଣିତ ଜାତୀୟ ନ୍ୟାୟିକ ନିଯୁକ୍ତି କମିଶନ ଆଇନ (ଏନ୍‌ଜେଏସି)କୁ ସୁପ୍ରିମକୋର୍ଟ ରଦ୍ଦ କରିଦେବା ବିଶ୍ୱରେ ବିରଳ ଉଦାହରଣ ବୋଲି ଉପରାଷ୍ଟ୍ରପତି ଜଗଦୀପ୍ ଧନକର କହିଛନ୍ତି। ଏନେଇ ପାର୍ଲାମେଣ୍ଟରେ ଆଲୋଚନା ନ ହେବା ଗୁରୁତର ପ୍ରସଙ୍ଗ ବୋଲି ସେ ମତ ଦେଇଛନ୍ତି।



ଜଗଦୀପ୍ ଧନକର

ସଂସଦରେ ଗୃହୀତ ହେଉଥିବା ଆଇନ ଜନସାଧାରଣଙ୍କ ଇଚ୍ଛାକୁ ପ୍ରତିଫଳିତ କରିଥାଏ। ସୁପ୍ରିମକୋର୍ଟ ଏହାକୁ ରଦ୍ଦ କରିଦେବା ଭଳି ଦୃଷ୍ଟାନ୍ତ ବିଶ୍ୱ ଜାଣେନାହିଁ। ସାମ୍ବିଧାନିକ ବ୍ୟବସ୍ଥା ଉପରେ ଉପରାଷ୍ଟ୍ରପତି କହିଥିଲେ, ଆଇନକୁ ନେଇ କୌଣସି ପ୍ରଶ୍ନ ଉଠିଲେ, ଅଦାଲତ ଏହାକୁ ଅନୁଧ୍ୟାନ କରିଥାନ୍ତି। ତେବେ ଆଇନକୁ ରଦ୍ଦ କରିଦେବା କଥା କେଉଁଠି କୁହାଯାଇ ନାହିଁ ବୋଲି ଉପରାଷ୍ଟ୍ରପତି ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଉପସ୍ଥିତିରେ କହିଥିଲେ। ଦିଲ୍ଲୀରେ ଏଲ୍.ଏମ୍. ସିଂଘଭି ସ୍ମାରକୀ ବକ୍ତୃତାରେ ଉଦ୍‌ବୋଧନ ଦେଇ ଉପରାଷ୍ଟ୍ରପତି ସମ୍ବିଧାନର ପ୍ରସ୍ତାବନାରେ 'ଆମେ ଜନସାଧାରଣ' ଏବଂ ପାର୍ଲାମେଣ୍ଟ ଜନସାଧାରଣଙ୍କ ଇଚ୍ଛାର ପ୍ରତିଫଳନ ବୋଲି ଉଲ୍ଲେଖ ଥିବା କହିଥିଲେ। ଏହାର ଅର୍ଥ କ୍ଷମତା ଲୋକଙ୍କ ହାତରେ, ସେମାନଙ୍କ ଜନାଦେଶ ଓ ବୁଦ୍ଧିରେ ରହିଛି। ୨୦୧୫-୧୬ରେ ପାର୍ଲାମେଣ୍ଟରେ ସମ୍ବିଧାନ ସଂଶୋଧନ ବଳରେ ଏନ୍‌ଜେଏସି ଆଇନ ଅଣାଯାଇଥିଲା। ସମ୍ପୂର୍ଣ୍ଣ ଲୋକ ସଭା ସର୍ବସମ୍ମତିକ୍ରମେ ଏହା ସପକ୍ଷରେ ଭୋଟ ଦେଇଥିଲେ, ଯାହା ଏକ ରେକର୍ଡ। ସେହିପରି ରାଜ୍ୟ ସଭାରେ ଜଣେ ସଦସ୍ୟ ଉପସ୍ଥିତ ଥାଇ ଅନ୍ୟମାନେ ସର୍ବସମ୍ମତ ସମର୍ଥନ ଜଣାଇଥିଲେ। ଲୋକଙ୍କ କ୍ଷମତା ଯାହା ଏକ ବୈଧ ମଞ୍ଚ ଜରିଆରେ ଉପସ୍ଥାପନ କରାଯାଇଥିଲା ଏହାକୁ ରଦ୍ଦ କରିଦିଆଗଲା, ଯାହା ବିଶ୍ୱରେ କେବେ ହୋଇନାହିଁ ବୋଲି ଧନକର କହିଛନ୍ତି। କଲେଜିୟମ ବ୍ୟବସ୍ଥାକୁ ବଦଳାଇବା କ୍ଷମତା ଏନ୍‌ଜେଏସିରେ ରହିଥିଲା। ସର୍ବୋଚ୍ଚ ଅଦାଲତ ଏହାକୁ ଅସାମ୍ବିଧାନିକ କହି ରଦ୍ଦ କରିଦେଇଥିଲେ।

## ଗୁଜରାଟ ନିର୍ବାଚନ ପ୍ରଚାର ଶେଷ

**ଅହମଦାବାଦ,୩।୧୨**

ଦ୍ୱିତୀୟ ପର୍ଯ୍ୟାୟ ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ଚାଲିଥିବା ହାଇଭୋଲ୍ଟେଜ୍ ପ୍ରଚାର ଶନିବାର ଅପରାହ୍ନ ୫ଟାରେ ଶେଷ ହୋଇଛି। ୫ ତାରିଖରେ ୯୩ ଆସନ ଲାଗି ଦ୍ୱିତୀୟ ପର୍ଯ୍ୟାୟରେ ଭୋଟଗ୍ରହଣ ହେବାକୁ ଥିବାବେଳେ ପ୍ରଚାର ଶେଷ ଦିନରେ ବିଭିନ୍ନ ଦଳର ତୁଙ୍ଗ ନେତାମାନେ ରାଲିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଭାଜପାରୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଅଭିନେତା ମନୋଜ ଜୋଷୀ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ରୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ଗୁଜରାଟ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଇସୁଦାନ ଗଢ଼ଭି, ଗୋପାଳ ଇଟାଲିଆ ପ୍ରମୁଖ। କଂଗ୍ରେସ ଏମ୍‌ପି ଶକ୍ତିସିଂ ଗୋହିଲଙ୍କ ସମେତ ରାଜ୍ୟର ଅନ୍ୟ ନେତାମାନେ ଶେଷଦିନରେ ପ୍ରଚାର କରିଥିଲେ। ଭାଜପାର ଷ୍ଟାର ପ୍ରଚାରକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ତାଙ୍କ ପ୍ରଚାର ଶେଷ କରିଥିଲେ। ସେ ମୋଟ ୩୧ଟି ରାଲି ଏବଂ ୩ଟି ବିଶାଳ ରୋଡ୍ ଶୋ'ର ନେତୃତ୍ୱ ନେଇଥିଲେ। ଏହି ପର୍ଯ୍ୟାୟରେ ୮୩୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ।

## ପାର୍ଟନରଙ୍କୁ ୭୦ ଖଣ୍ଡ କରିବାକୁ ଧମକ

**ମୁମ୍ବାଇ,୩।୧୨:** ଦିଲ୍ଲୀରେ ଶ୍ରଦ୍ଧା ୱାଲ୍‌କରଙ୍କୁ ତାଙ୍କ ଲିଭ୍-ଇନ୍ ପାର୍ଟନର ଆଫତାବ ଅମିନ୍ ପୁନାୱାଲା ୩୫ ଖଣ୍ଡ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିବାବେଳେ ମହାରାଷ୍ଟ୍ରର ଧୁଲେ ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ଲିଭ୍-ଇନ୍ ପାର୍ଟନରଙ୍କୁ ଅନୁରୂପ ଧମକ ଦେଇଛନ୍ତି। ଆଫତାବ ଶ୍ରଦ୍ଧାଙ୍କୁ ୩୫ ଖଣ୍ଡ କରିଥିଲେ। ଅର୍ଶଦ ତାଙ୍କ ପାର୍ଟନରଙ୍କୁ ୭୦ ଖଣ୍ଡ କରିଦେବେ ବୋଲି କହିଛନ୍ତି। ଏନେଇ ନଭେମ୍ବର ୨୯ରେ ଥାନାରେ ଏତଲା ଦାଏର ହୋଇଛି। ମହିଳାଙ୍କ କହିବା ଅନୁଯାୟୀ ସେମାନେ ଲିଭ୍-ଇନ୍ ପାର୍ଟନରରେ ରହିବା ପୂର୍ବରୁ ଅର୍ଶଦ ତାଙ୍କୁ ବଳାତ୍କାର କରିବା ସହ ଉକ୍ତ ସମୟର ଭିଡିଓ କ୍ଲିପ୍ କରିଥିଲେ। ମହିଳା ଜଣକ ପୂର୍ବରୁ ଅନ୍ୟ ଜଣକୁ ବିବାହ କରିଥିଲେ। ୨୦୧୯ରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ୨୦୨୧ ଜୁଲାଇରୁ ଅର୍ଶଦଙ୍କ ସହ ଏକାଠି ରହୁଥିଲେ। ଅର୍ଶଦ ଉକ୍ତ ମହିଳା ଓ ତାଙ୍କର ପୂର୍ବ ସ୍ୱାମୀଙ୍କଠାରୁ ଥିବା ପୁଅଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ ବାଧ୍ୟ କରୁଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ସାଇଲେନ୍ସର ଲଗାଇ ପାର୍ଟନରଙ୍କ ଚର୍ମ ପୋଡ଼ିଦେଇଥିଲେ ଏବଂ ତାଙ୍କୁ ୭୦ ଖଣ୍ଡ କରିଦେବେ ବୋଲି ଧମକ ଦେଇଥିଲେ।



ଝାଡ଼ଖଣ୍ଡର ହଜାରିବାଗ ଜିଲାରେ ଥିବା ଛଡ଼ୱା ଡ୍ୟାମ୍‌ରେ ଶନିବାର ବିଦେଶାଗତ ପକ୍ଷୀ ସନ୍ତରଣ କରୁଛନ୍ତି।

## ହଣ୍ଟର ବାଇଡେନ୍‌ଙ୍କ ଲାପ୍‌ଟପ୍ ଷ୍ଟୋରି

## ପ୍ରଘଟ କଲେ ଏଲନ୍ ମସ୍କ

**ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱିତୀୟ ପୁଅ ହଣ୍ଟର ବାଇଡେନ୍‌ଙ୍କ ସହ ଜଡ଼ିତ 'ଲାପ୍‌ଟପ୍ ଷ୍ଟୋରି' ପୁଣି ଚର୍ଚ୍ଚାରେ। ଏଥର ଏହି ପ୍ରସଙ୍ଗ ଉଠାଇଛନ୍ତି ଟୁଇଟରର ନୂଆ ମାଲିକ ଏଲନ୍ ମସ୍କ। ୨୦୨୦ରେ ହଣ୍ଟରଙ୍କ କାରନାମା ସମ୍ବଳିତ ମିଡିଆ ରିପୋର୍ଟ ଉପରେ ଟୁଇଟର ପକ୍ଷରୁ ସେନ୍‌ସର କରାଯାଇଥିଲା। ମସ୍କ ଏଥିରେ ତତ୍କାଳୀନ ସିଇଓ ଜ୍ୟାକ୍ ଡୋର୍ସିଙ୍କୁ କ୍ଲିନ୍‌ଚିଟ୍ ଦେଇଥିବାବେଳେ ଭାରତୀୟ ବଂଶୋଦ୍ଭବ ଲିଗାଲ୍ ହେଡ୍ ବିଜୟା ଗଡ୍ଡେଙ୍କ ବିବାଦୀୟ ଭୂମିକାକୁ ସମାଲୋଚନା କରିଛନ୍ତି। ମସ୍କ ନିଜ ଟୁଇଟ୍‌ରେ ଏକ ପପ୍‌କର୍ନ ଇମୋଜିକୁ ସଂଲଗ୍ନ କରିବା ସହ ଏହି କାହାଣୀ ଉପରୁ ପୂରା ପରଦା ହଟାଇବେ ବୋଲି କହିଛନ୍ତି।**



ହଣ୍ଟର ବାଇଡେନ୍

**ସାନ୍ ଫ୍ରାନ୍ସିସ୍କୋ, ୩।୧୨(ପି.ଟି./ଆଇଏଏନ୍‌ଏସ୍)**

ବିଶ୍ୱର ସବୁଠୁ ଧନୀ ତଥା ଟୁଇଟର ସିଇଓ ଏଲନ୍ ମସ୍କ ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟ୍ ରୋ ଖାନ୍ନାଙ୍କୁ ପ୍ରଶଂସା କରି ସୋସିଆଲ ମିଡିଆ ସାଇଟ୍‌ର କେତେକ ଭିତିରି ଫାଇଲକୁ ଜାରି କରିଛନ୍ତି। ୨୦୨୦ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଅବ୍ୟବହିତ ପୂର୍ବରୁ ଡେମୋକ୍ରାଟିକ୍ ପାର୍ଟି ପ୍ରାର୍ଥୀ ଜୋ ବାଇଡେନ୍ ଏବଂ ତାଙ୍କ ପ୍ରଥମ ସ୍ତ୍ରୀ ନେଲ୍ଲିଆ ହଣ୍ଟରଙ୍କ ପୁଅ ହଣ୍ଟର ବାଇଡେନ୍‌ଙ୍କ ଲାପ୍‌ଟପ୍ ଷ୍ଟୋରିର ସେନ୍‌ସରଶିପ୍ ସମ୍ପର୍କରେ ଅକ୍ଟୋବର ୧୪ରେ 'ନ୍ୟୁୟର୍କ ପୋଷ୍ଟ'ରେ 'ବାଇଡେନ୍ ସିକ୍ରେଟ୍ ଇମେଲ୍ସ' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ସାମ୍ବାଦିକ ତଥା ଲେଖକ ମାଟ ତଇବି ଟୁଇଟର ଫାଇଲ୍ସ ଉପରୁ ପରଦା ହଟାଇବାକୁ ଯାଇ ଶୁକ୍ରବାର ରାତିରେ ଟୁଇଟରରେ ଅନେକ ପୋଷ୍ଟ ଶେୟାର କରିଛନ୍ତି। ମସ୍କ ତଇବିଙ୍କ ଆକାଉଣ୍ଟର ଏକ ଲିଙ୍କ୍‌କୁ ଟୁଇଟ୍ କରିଛନ୍ତି। ଏହି ଷ୍ଟୋରିକୁ ଚପାଇବା ପାଇଁ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଜୋ ବାଇଡେନ୍‌ଙ୍କ ଟିମ୍‌ଠାରୁ କିପରି ଅର୍ଡର ନେଇଥିଲା ତାହା ଉକ୍ତ ଫାଇଲଗୁଡ଼ିକ ଜରିଆରେ ମସ୍କ ପ୍ରଘଟ କରିଛନ୍ତି।

ତଇବି ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ପୂର୍ବ ପ୍ରକାଶିତ ରିପୋର୍ଟ ହଣ୍ଟରଙ୍କ ପରିତ୍ୟକ୍ତ ଲାପ୍‌ଟପ୍ ଉପରେ ପର୍ଯ୍ୟବସିତ। ଏହାକୁ ଚପାଇଦେବା ପାଇଁ ଟୁଇଟର ଅସାଧାରଣ ପଦକ୍ଷେପ ନେଇଥିଲା। ଏଥିସହ ଏସମ୍ପର୍କିତ ଲିଙ୍କ୍ ଓ ପୋଷ୍ଟିଂଗୁଡ଼ିକୁ ଅସୁରକ୍ଷିତ କହି ହଟାଇଦେଇଥିଲା। ଏପରି କି ଡାଇରେକ୍ଟ ମେସେଜ୍ ଜରିଆରେ ଏହାର ଟ୍ରାନ୍ସମିଶନକୁ ମଧ ବ୍ଲକ୍ କରିଦେଇଥିଲା। ଚାଇଲ୍ଡ ପର୍ନୋଗ୍ରାଫି ଭଳି ଅତି ସମ୍ବେଦନଶୀଳ ମାମଲାରେ ଏହି ଟୁଲ୍ ବ୍ୟବହୃତ ହୋଇଥାଏ। ଟୁଇଟର ମ୍ୟାନେଜ୍‌ମେଣ୍ଟ ଏପରି କରିବା ଯୋଗୁ ପବ୍ଲିକ୍ ପଲିସି ଏକ୍‌ଜିକ୍ୟୁଟିଭ୍ କ୍ୟାରୋଲିନ୍ ଷ୍ଟ୍ରୋମ୍ ଡବ୍ଲ୍ୟୁଟିଏଫ୍ କ୍ୱେରି ପଠାଇଥିଲେ। ଏହାକୁ ନେଇ କମ୍ପାନୀର ଅନେକ କର୍ମଚାରୀ ଚିନ୍ତିତ ହୋଇପଡ଼ିଥିଲେ। ଷ୍ଟ୍ରୋମ୍‌ଙ୍କ ପ୍ରଶ୍ନର ଉତ୍ତର ଆସିଥିଲା, ଲାପ୍‌ଟପ୍ ଷ୍ଟୋରି କମ୍ପାନୀର 'ହ୍ୟାକ୍‌ଡ ମ୍ୟାଟେରିଆଲ୍ସ' ପଲିସିକୁ ଉଲ୍ଲଂଘନ କରୁଥିବାରୁ ତାକୁ ହଟାଇଦିଆଯାଇଛି। ତଇବିଙ୍କ ମତରେ ତତ୍କାଳୀନ ସିଇଓ ଜ୍ୟାକ୍ ଡୋର୍ସିଙ୍କ ଅଜ୍ଞାତରେ ଏହି ନିଷ୍ପତ୍ତି ଟୁଇଟରର ଉଚ୍ଚ ପଦାଧିକାରୀମାନେ ନେଇଥିଲେ। ସେହି ପଦାଧିକାରୀମାନଙ୍କୁ ସହଯୋଗ କରିବାରେ ଭାରତୀୟ ବଂଶୋଦ୍ଭବ ହେଡ୍ ଅଫ୍ ଲିଗାଲ, ପଲିସି ଆଣ୍ଡ ଟ୍ରଷ୍ଟ ବିଜୟା ଗଡ୍ଡେ ବଡ଼ ଭୂମିକା ନେଇଥିଲେ। ସେତେବେଳେ ଟୁଇଟର ହ୍ୟାକ୍ ହୋଇଯାଇଥିବାରୁ ଏପରି ଘଟିଥିବା ମ୍ୟାନେଜ୍‌ମେଣ୍ଟ ସଫେଇ ଦେଇଥିଲା। ତଇବିଙ୍କ ମତରେ ସିଲିକନ୍ ଭ୍ୟାଲିରୁ ପ୍ରତିନିଧିକୁ ଯାଇଥିବା ଭାରତୀୟ ବଂଶୋଦ୍ଭବ ଡେମୋକ୍ରାଟିକ୍ କଂଗ୍ରେସମ୍ୟାନ୍ ରୋ ଖାନ୍ନା ବିଜୟାଙ୍କୁ ଏହି ବିଭ୍ରାଟ ଉପରେ ତାଗିଦ କରିଥିଲେ। ଏହା ଉପରେ ମସ୍କ ଟୁଇଟ୍ କରିଛନ୍ତି, 'ରୋ ଖାନ୍ନା ମହାନ୍'। ଟୁଇଟର ଫାଇଲ୍ସର ଦ୍ୱିତୀୟ ଏପିସୋଡ୍ ଆସନ୍ତାକାଲି ପ୍ରକାଶ ପାଇବ ବୋଲି ମସ୍କ ପୋଷ୍ଟ କରିଛନ୍ତି।

### ଚର୍ଚ୍ଚାରେ ୨ ଭାରତୀୟ ବଂଶୋଦ୍ଭବ



ରୋ ଖାନ୍ନା



ବିଜୟା ଗଡ୍ଡେ

ଧରିତ୍ରୀ
DHARITRI
49 ୪୯
ରବିବାର, ଡିସେମ୍ବର ୪/୨୦୨୨ | Sunday, December 4/2022 | ପୃଷ୍ଠା-୧



**ଆଗରୁ ଜଣାଥାଏ ପରିଣାମ**
ଫିଲ୍ମ ରିଲିଜ୍ ହେବା ପୂର୍ବରୁ ବକ୍ସ ଅଫିସରେ ଚଳଚ୍ଚିତ୍ରଟି ହିଟ୍ ହେବ କି ନାହିଁ ତାହା ଆଗରୁ ଜାଣିଦେଉଥିବା ବଲିଉଡ୍ ନାୟିକା ୟାମି ଗୌତମ କହିଛନ୍ତି।

୦୬

୧୦

**ଅବୁବକରଙ୍କୁ ପ୍ରଥମ ରେଡକାର୍ଡ**
ଚଳିତ ଫିଫା ଫୁଟ୍‌ବଲ ବିଶ୍ୱକପରେ ପ୍ରଥମ ରେଡ୍ କାର୍ଡ ପାଇଛନ୍ତି କାମେରୁନର ଭିନସେଣ୍ଟ ଅବୁବକର।



# ହାତୀଙ୍କ ତାପମାତ୍ରା ରେକର୍ଡ କରିବ ‘ଥର୍ମାଲ ଡ୍ରୋନ୍’

■ ପରୀକ୍ଷଣ ଭାବେ ୩ ରେଞ୍ଜରେ ଉଡ଼ିଲା
■ ଓଡ଼ିଶାରେ ପ୍ରଥମ

କେନ୍ଦୁଝର,୩।୧୨(ସ୍ୱ.ପ୍ର.)

କେନ୍ଦୁଝର ବନଖଣ୍ଡରେ ହାତୀମାନଙ୍କ ଚଳପ୍ରଚଳ ଉପରେ ନଜର ରଖିବା ପାଇଁ ଡ୍ରୋନ୍ କ୍ୟାମେରା ବ୍ୟବହାର ହୋଇଛି। ବ୍ୟବହୃତ ଥର୍ମାଲ ଡ୍ରୋନ୍ କ୍ୟାମେରା ରାତିରେ ମଧ୍ୟ ହାତୀମାନଙ୍କ ଗତିବିଧି ନିରୀକ୍ଷଣ କରିବ। ୧୦୦ମିଟର ଉଚ୍ଚତାରୁ ହାତୀମାନଙ୍କ ଶରୀର ତାପମାତ୍ରା ରେକର୍ଡ କରି ସୂଚନା ଦେବ। ଚମ୍ପୁଆ, ପାଟଣା ଓ ଘଟଗାଁ ରେଞ୍ଜରେ ପରୀକ୍ଷାମୂଳକଭାବେ ୩ ଟି ଡ୍ରୋନ୍ କ୍ୟାମେରା ବ୍ୟବହାର ହୋଇଥିବା ବେଳେ ସେଥିରୁ ଗୋଟିଏ ଥର୍ମାଲ ଡ୍ରୋନ୍ ରହିଛି। ଆଗକୁ ସମସ୍ତ ରେଞ୍ଜରେ ବ୍ୟବହାର କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଭଳି ଥର୍ମାଲ ବ୍ୟବହାର ଓଡ଼ିଶାରେ ପ୍ରଥମ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଡ୍ରୋନ୍ କ୍ୟାମେରା ବ୍ୟବହାର କରି ହାତୀମାନଙ୍କ ସଂଖ୍ୟା ଠିକ୍ ଭାବରେ ଗଣନା କରାଯାଇପାରୁଛି। ଗତ ୨୬ ତାରିଖରେ ଚମ୍ପୁଆ ରେଞ୍ଜ ବାଲିବନ୍ଧ ସେକ୍ସନ ଗୁମୁରା ବିଟ୍ ☞ପୃଷ୍ଠା-୨

# ‘ସ୍ଲୋଗାନ ନୁହେଁ, ପ୍ରତିବଦ୍ଧତା’

## ମହିଳା ସଶକ୍ତୀକରଣ ପାଇଁ ସରକାର କାର୍ଯ୍ୟ କରୁଛି: ମୁଖ୍ୟମନ୍ତ୍ରୀ




ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ମହିଳା ଉଦ୍ୟୋଗୀ ଅଧିବେଶନରେ ମିଶନ ଶକ୍ତି କଫି ଟେବୁଲ ବୁକ୍‌କୁ ଉନ୍ମୋଚନ କରାଯାଉଛି। (ଫଟୋ-ବିକାଶ) **(ଅଧିକ ଫଟୋ: ପୃଷ୍ଠା-୫)**

ଭୁବନେଶ୍ୱର,୩।୧୨(ବ୍ୟୁରୋ)

ମିଶନ ଶକ୍ତି ମହାସଂଘ(ଫେଡେରେଶନ)କୁ ଆହୁରି ମଜଭୁତ କରିବା ସହ ସେମାନଙ୍କୁ ସକ୍ରିୟ ଆର୍ଥିକ କେନ୍ଦ୍ରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ପ୍ରତି ଜିଲାସ୍ତରୀୟ ମହାସଂଘକୁ ୧କୋଟି ଏବଂ ପ୍ରତ୍ୟେକ ବ୍ଲକସ୍ତରରେ ମହାସଂଘକୁ ୫୦ଲକ୍ଷ ଟଙ୍କାର ରିଭଲଭିଂ ପାଣ୍ଠି ଦିଆଯିବ ବୋଲି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ମହିଳା ଉଦ୍ୟୋଗୀ ଅଧିବେଶନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ସେହିପରି ପଞ୍ଚାୟତସ୍ତରରେ ଥିବା ମହାସଂଘ ପାଇଁ ମାର୍କେଟ କମ୍ପ୍ଲେକ୍ସ ସହ ସ୍ୱତନ୍ତ୍ର ଅଫିସ ଘର କରାଯିବ। ଏଥିସହିତ ମହିଳାମାନଙ୍କୁ ଉଦ୍ୟୋଗୀ କରିବା ଲକ୍ଷ୍ୟକୁ ସାକାର କରିବା ପାଇଁ ୩୦ ଜିଲାରେ ମାଇକ୍ରୋ, ମିନି ଶିଳ୍ପ ପାର୍କ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଭୁବନେଶ୍ୱରରେ ☞ପୃଷ୍ଠା-୨

**ମହିଳା ଉଦ୍ୟୋଗୀ ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

■ ମିଶନ ଶକ୍ତି ଜିଲାସ୍ତରୀୟ ମହାସଂଘ ପାଇଁ ୧ କୋଟି, ବ୍ଲକସ୍ତରରେ ୫୦ଲକ୍ଷ ପାଣ୍ଠି
■ ପଞ୍ଚାୟତସ୍ତରରେ ଫେଡେରେଶନ ପାଇଁ ମାର୍କେଟ କମ୍ପ୍ଲେକ୍ସ, ଅଫିସ ଘର
■ ୩୦ ଜିଲାରେ ହେବ ଛୋଟ ଶିଳ୍ପ ପାର୍କିଂ

# ୧୦.୫ ଲକ୍ଷ କୋଟିର ପ୍ରସ୍ତାବ

ଭୁବନେଶ୍ୱର, ୩।୧୨(ବ୍ୟୁରୋ)

**ମେକ୍ ଇନ ଓଡିଶା କନ୍‌କ୍ଲେଭ-୨୦୨୨**

■ ମିନେରାଲ, ମେଟାଲ ଶିଳ୍ପ କ୍ଷେତ୍ର ପାଇଁ ୫ ଲକ୍ଷ ୪୯ ହଜାର ୭୬୪ କୋଟି
■ କନକ୍ଲେଭ ବୃହତ୍ ସଫଳତା ହାସଲ କରିଛି: ନବୀନ

କୋଭିଡ୍ ପରେ ରାଜ୍ୟକୁ ଏକ ବଡ଼ ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି ହୋଇଛି। ରାଜ୍ୟରେ ୬ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସୃଷ୍ଟି ହେବାର ଲକ୍ଷ୍ୟ ନେଇ ନଭେମ୍ବର ୩୦ରୁ ଆୟୋଜିତ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୨୨ରେ ୧୦.୫୦ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଛି। କେବଳ ସେତିକି ନୁହେଁ, ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୦ ଲକ୍ଷ ୩୭ ହଜାର ୭୦୧ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି। ବିଶେଷ କରି ମିନେରାଲ, ମେଟାଲ ଓ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ୫ଲକ୍ଷ ୪୯ହଜାର ୭୬୪ କୋଟି ଟଙ୍କାର ପୁଞ୍ଜିନିବେଶ ସୁଯୋଗ ସୃଷ୍ଟି ହୋଇଥିବାବେଳେ ଶକ୍ତି, ଅକ୍ଷୟଶକ୍ତି ଓ ସବୁଜ ଶକ୍ତି କ୍ଷେତ୍ରରେ ୨ ଲକ୍ଷ ୩୮ ହଜାର ୪୫୫ କୋଟି, ଲଜିଷ୍ଟିକ୍ ଓ ମାନୁଫାକ୍ଚରିଂ କ୍ଷେତ୍ରରେ ୧ ଲକ୍ଷ ୧୯ ହଜାର, ୧୯୭ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବ ଆସିଛି। ସେହିପରି କୃଷି, ପର୍ଯ୍ୟଟନ, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ, ସିମେଣ୍ଟ, ହେଲ୍‌ଥ କେୟାର ଓ ଫାର୍ମାସ୍ୟୁଟିକାଲ, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ନେହେରୁ ବନାମ ପଟେଲ

**ଆଜିର ମନ୍ତବ୍ୟ**
“ଦିବ୍ୟାଙ୍ଗ ପିଲାଙ୍କୁ ଶିକ୍ଷାଦାନରେ ଭାଷା ସମ୍ପର୍କିତ ପ୍ରତିବନ୍ଧକ ଦୂରକରିବା ପାଇଁ କାରିଗରିର ସର୍ବାଧିକ ବ୍ୟବହାର କରାଯାଉ।
-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି














# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚି କଲ୍ୟାଣ
ମାଗି ଓଲଗି ।**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥା'ନ୍ତି । ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଓଲଗି ମାଗିବା ଭଳି ବାଚଳତା ଜନ୍ମେ । ସାଧାରଣତଃ ଗୁଣୀ ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାଙ୍କୁ ସମ୍ମାନ ମାଗିବାକୁ ପଡ଼େନାହିଁ । ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରଫୁଲ୍ଲ ଚିତ୍ତରେ କଲ୍ୟାଣ କରାଯାଏ, କଲ୍ୟାଣ ଯାଚିବାକୁ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଯୋର ଯା'ର
ମୂଲକ ତା'ର।**

ଶକ୍ତିମାନ ସର୍ବତ୍ର ପାରଙ୍ଗମ । ଯାହା ପାଖରେ ବାହୁବଳ, ଅର୍ଥବଳ ଅଛି ତା' ପକ୍ଷେ କିଛି ବି ଅସମ୍ଭବ ନ ଥାଏ । ଏଭଳି ବ୍ୟକ୍ତି ଧରାକୁ ସରା ମଣିବା ସହ ଅନାୟାସରେ ସବୁ କିଛି ଅକ୍ତିଆର ବା ହାସଲ କରିନେଇଥା'ନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ୮ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ

- **ଇନୋଭେଶନ ବାୟୋଟେକ୍ନୋଲୋଜି ପାଇଁ ରାଜିନାମା ସ୍ୱାକ୍ଷରିତ**
- **୧୨୫୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ**

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ତୃତୀୟ ଦିବସରେ ବିଜ୍ଞାନ ଓ କାରିଗରି ବିଭାଗ ପକ୍ଷରୁ କେତେକ ରାଜିନାମା ସ୍ୱାକ୍ଷରିତ ହୋଇଛି । ବାୟୋଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ ବିକାଶ ପାଇଁ ରାଜିନାମାରେ ବ୍ୟବସ୍ଥା ରହିଛି । ଆବଲ୍ (ଆସୋସିଏଶନ୍ ଅଫ୍ ବାୟୋଟେକ୍ନୋଲୋଜି ଲେଡ୍ ଏଣ୍ଟରପ୍ରାଇଜ୍), ଗ୍ଲୋବାଲ୍ ନେଟ୍‌ୱର୍କ ଅଫ୍ ଏଣ୍ଟ୍ରେପ୍ରିନିୟର୍ସ ଆଣ୍ଡ ପ୍ରଫେସନାଲ୍‌ସ ଫର୍ ଓଡ଼ିଶା, ହୁୱେଲ୍ ଲାଇଫ୍ ସାଇନ୍‌ସେସ୍, କ୍ରପ୍‌ଜିନି ଇତ୍ୟାଦି ସଂସ୍ଥା ସହ ଏସବୁ ରାଜିନାମା ସ୍ୱାକ୍ଷରିତ ହୋଇଛି । ରାଜ୍ୟରେ ବାୟୋଟେକ୍ନୋଲୋଜି ବିକାଶ ପାଇଁ ଷ୍ଟାର୍ଟଅପ୍, ଇନ୍‌କ୍ୟୁବେଶନ୍, ଗବେଷଣା, ନେଟ୍‌ୱର୍କିଂ ଇତ୍ୟାଦି ନିମନ୍ତେ ଏହି ସଂସ୍ଥାଗୁଡ଼ିକ ସହଯୋଗ କରିବେ ବୋଲି ରାଜିନାମାରେ ଘୋଷଣା କରାଯାଇଛି । ହୁୱେଲ୍ ଲାଇଫ୍ ସାଇନ୍‌ସେସ୍ ୫୦ କୋଟି ଟଙ୍କା ଓ କ୍ରପ୍‌ଜିନି ୫୦୦ କୋଟି ଟଙ୍କା ବିନିଯୋଗ କରିବେ । ଏହି ନିବେଶ ଫଳରେ ୮୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିପାରିବ । ପୂର୍ବରୁ ଭାରତ ବାୟୋଟେକ୍ ଟିକା ଉତ୍ପାଦନ ପାଇଁ ୫୦୦ କୋଟି ଟଙ୍କା ପୁଞ୍ଜିନିବେଶ କରିଥିବାବେଳେ ଏବେ ପ୍ରକଳ୍ପ ସଂପ୍ରସାରଣ ପାଇଁ ଆଉ ୭୦୦କୋଟି ଟଙ୍କା ନିବେଶ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛି । ବିଜ୍ଞାନ ଓ କାରିଗରି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ ଯେ ଅପରିସୀମ ଜୈବବିବିଧତାରେ ପରିପୂର୍ଣ୍ଣ ଓଡ଼ିଶା। ବାୟୋଟେକ୍ନୋଲୋଜି ବିକାଶ ପାଇଁ ଅନନ୍ୟ । ମିଲେଟ୍ ମିଶନର ସଫଳତାର ଦୃଷ୍ଟାନ୍ତ ଦେଇ ମନ୍ତ୍ରୀ ପଣ୍ଡା କହିଲେ, ବାୟୋଟେକ୍ନୋଲୋଜି ମାଧ୍ୟମରେ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଖାଦ୍ୟ ନିରାପତ୍ତା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଅନେକ ସମସ୍ୟାର ସମାଧାନ କରାଯାଇପାରିବ। ରାଜ୍ୟ ଶିଳ୍ପନୀତି–୨୦୨୨ରେ ବାୟୋଟେକ୍ନୋଲୋଜିକୁ ଏକ ପ୍ରମୁଖ କ୍ଷେତ୍ର ଭାବରେ ଚିହ୍ନଟ କରାଯାଇଛି । ରାଜ୍ୟ ସରକାର ବାୟୋଟେକ୍ନୋଲୋଜି ନୀତି, ଷ୍ଟାର୍ଟଅପ୍ ନୀତି ପ୍ରଣୟନ କରିଛନ୍ତି । ଏସବୁ ନୀତି, ଶିଳ୍ପ–ଶିକ୍ଷାନୁଷ୍ଠାନର ମିଳିତ ଉଦ୍ୟମ ଓ ସହଯୋଗ ସମ୍ପନ୍ନ ପରିବେଶ, ଆଧୁନିକ ଶିଳ୍ପ ସୁବିଧାକୁ ଆଧାର କରି ବାୟୋଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ ବିକାଶ ପାଇଁ ଅନୁକୂଳ ସୁଯୋଗ ରହିଛି ବୋଲି ମନ୍ତ୍ରୀ କହିଛନ୍ତି । ବିଭାଗୀୟ ଶାସନ ସଚିବ ଭାସ୍କର ଜ୍ୟୋତିଶର୍ମା ଓ ଯୁଗ୍ମ ଶାସନ ସଚିବ ପୂଜା ମିଶ୍ର ବକ୍ତବ୍ୟ ରଖିଥିଲେ । ଉପନିର୍ଦ୍ଦେଶକ ଶଶିକାନ୍ତ ଦାସ ଓ ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରେ ଦୁଇଟି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

## ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍–୨୦୨୨ (ଚୂଡ଼ାନ୍ତ ଘୋଷଣା)

| ବିଭାଗ | ପୁଞ୍ଜି ରାଶି (କୋଟିରେ) | ନିଯୁକ୍ତି କ୍ଷମତା | ପ୍ରସ୍ତାବ ସଂଖ୍ୟା |
|---|---|---|---|
| ମିନେରାଲ୍ସ, ମେଟାଲ୍ସ ଆଣ୍ଡ ମେଟାଲ ଆନ୍ସିଲାରି ଆଣ୍ଡ ଡାଉନ୍‌ଷ୍ଟ୍ରିମ୍ | ୫,୪୯,୬୬୪ | ୩,୫୫,୬୧୫ | ୧୪୫ |
| ପାୱାର, ରିନ୍ୟୁଏବଲ୍ସ ଆଣ୍ଡ ଗ୍ରିନ୍ ଏନର୍ଜି | ୨,୩୮,୪୫୫ | ୭୨,୦୭୪ | ୩୨ |
| ଲଜିଷ୍ଟିକ୍ସ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର୍ | ୧,୧୯,୧୯୭ | ୧,୮୯,୦୩୯ | ୮୭ |
| ଫର୍ଟିଲାଇଜର୍, ପେଟ୍ରୋକେମିକାଲ୍, କେମିକାଲ୍ ଆଣ୍ଡ ପ୍ଲାଷ୍ଟିକ୍ସ | ୭୬,୦୮୦ | ୬୪,୭୬୦ | ୯୩ |
| ମାନୁଫାକ୍ଚରିଂ | ୨୧,୬୩୪ | ୨୮,୫୪୫ | ୬୪ |
| ଟୁରିଜିମ୍ | ୮,୨୩୫ | ୩୭,୯୪୩ | ୪୧ |
| ଆଇଟି ଆଣ୍ଡ ଇଏସ୍‌ଡିଏମ୍ | ୭,୭୪୦ | ୫୪,୩୯୨ | ୩୭ |
| ଏଗ୍ରିକଲ୍‌ଚର ଆଣ୍ଡ ଫୁଡ୍ ପ୍ରୋସେସିଂ | ୭,୨୪୯ | ୧,୪୪,୬୫୫ | ୧୦୨ |
| ପେପର୍, ଉଡ୍ ଆଣ୍ଡ ଫରେଷ୍ଟ ବେସ୍‌ଡ୍ | ୫,୩୦୬ | ୧୩,୭୮୩ | ୨୮ |
| ସିମେଣ୍ଟ | ୫,୦୧୨ | ୧୭୯ | ୭ |
| ହେଲ୍‌ଥ କେୟାର ଆଣ୍ଡ ଫାର୍ମାସ୍ୟୁଟିକାଲ୍ | ୩,୯୩୫ | ୧୧,୨୭୬ | ୨୨ |
| ଟେକ୍ସଟାଇଲ୍, ଆପାରେଲ୍ ଆଣ୍ଡ ଟେକ୍ନିକାଲ୍ ଟେକ୍ସଟାଇଲ | ୨,୬୪୦ | ୩୩,୫୮୭ | ୨୦ |
| ଏରୋସ୍ପେସ୍ ଆଣ୍ଡ ଡିଫେନ୍ସ | ୨,୦୫୫ | ୨,୬୬୪ | ୧୦ |
| ଇଲେକ୍ଟ୍ରିକ୍ ଭେହିକଲ୍ | ୫୦୦ | ୨୭,୦୦୦ | ୧ |
| ଷ୍ଟାର୍ଟଅପ୍ | ୨୮୦ | ୪୦୦୦ | ୫ |
| ସେରାମିକ୍ସ, ଗ୍ଲାସ୍, ମାର୍ବଲ ଆଣ୍ଡ ଗ୍ରାନାଇଟ୍ | ୨୦୦ | ୧,୨୭୦ | ୨ |
| ୱେଷ୍ଟ ମ୍ୟାନେଜ୍‌ମେଣ୍ଟ | ୧୬୯ | ୧୮୬୦ | ୧୦ |
| ଏଗ୍ରି ମାର୍କେଟିଂ | ୧୨୧ | ୧,୭୫୬ | ୬ |
| ଏଗ୍ରି ବିଜ୍‌ନେସ୍ | ୯୪ | ୬୨୦ | ୧୪ |
| ଏଜୁକେଶନ୍ | ୬୬ | ୨୪୦ | ୨ |
| ଅନ୍ୟାନ୍ୟ ସେକ୍ଟର | ୬୧ | ୨୮୩ | ୧୨ |
| ଫିଲ୍ମ ଆଣ୍ଡ ଏଣ୍ଟର୍‌ଟେନ୍‌ମେଣ୍ଟ | ୧୫ | ୭୫ | ୧ |
| ସମୁଦାୟ | ୧୦,୪୮,୮୦୭ | ୧୦,୩୭,୭୦୧ | ୭୪୧ |

# ୩୦ହଜାର ଟଙ୍କାରେ ୧୫ଦିନର ଶିଶୁ ବିକ୍ରି

**ସୋର,୩।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ମ୍ୟୁନିସିପାଲିଟି ଅଞ୍ଚଳରେ ୩୦ହଜାର ଟଙ୍କାରେ ଏକ ନବଜାତ ଶିଶୁ ବିକ୍ରି ନେଇ ଅଭିଯୋଗ ହୋଇଛି । ଖବରପାଇ ଚାଇଲ୍ଡଲାଇନ ପକ୍ଷରୁ ଚଢ଼ାଉ କରାଯାଇଥିଲା । ହେଲେ ମହିଳା ଜଣକ କୋଳରେ ଧରିଥିବା ୧୫ ଦିନର ନବଜାତ ଶିଶୁ ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଚାଇଲ୍ଡ ଲାଇନ କର୍ମକର୍ତ୍ତାଙ୍କ ସନ୍ଦେହ ହୋଇଥିଲା । ସେମାନେ ଉକ୍ତ ଶିଶୁକୁ ଉଦ୍ଧାର କରି ସାଙ୍ଗରେ ନେଇଯାଇଥିଲେ ।

## ଅଭିଯୋଗ ପରେ ଉଦ୍ଧାର କଲା ଚାଇଲ୍ଡ ଲାଇନ୍

ବାଗୁଡି ଅଞ୍ଚଳର ଏହି ଦମ୍ପତି ଲିଙ୍ଗପଡ଼ା ଅଞ୍ଚଳରେ ଭଡ଼ାରେ ରହୁଥିଲେ । ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ଆର୍ଥିକ ଦୁର୍ବଳ ଶ୍ରେଣୀର ଏକ ଦମ୍ପତି ୩୦ ହଜାର ଟଙ୍କାରେ ଏହି ଶିଶୁପୁତ୍ରକୁ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା । ଖଇରା ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ମଦନ ମୋହନ ବେହେରାଙ୍କ ପରାମର୍ଶକ୍ରମେ ତପସ୍ୱିନୀ ରାଉତ ଓ ପଞ୍ଚାନନ ତ୍ରିପାଠୀ ଲିଙ୍ଗପଡ଼ା ଅଞ୍ଚଳରେ ପହଞ୍ଚିଥିଲେ । ସେଠାରେ ତାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ମହିଳା ଜଣକ କୋଳରେ ଏକ ୧୫ ଦିନର ଶିଶୁକୁ ଧରିଥିବା ସେମାନେ ଦେଖିଥିଲେ । ଚାଇଲ୍ଡଲାଇନ କର୍ମକର୍ତ୍ତା ଶିଶୁଙ୍କ ଜନ୍ମ ସଂକ୍ରାନ୍ତୀୟ କାଗଜପତ୍ର ତାଙ୍କୁ ମାଗିଥିଲେ । ହେଲେ ସେ କିଛି କାଗଜପତ୍ର ଦେଖାଇ ପାରି ନ ଥିଲେ । ପୋଲିସ ସହାୟତାରେ ଏହି ଶିଶୁପୁତ୍ରକୁ ଉଦ୍ଧାର କରାଯାଇ ବାଲେଶ୍ୱର ସିଡବ୍ଲ୍ୟୁସିରେ ପହଞ୍ଚାଇବା ପରେ ସେଠାରୁ କୁରୁଡାସ୍ଥିତ ନିର୍ମଳା ଶିଶୁଭବନକୁ ହସ୍ତାନ୍ତର କରାଯାଇଛି ।



୪ ଦଫା ଦାବି ନେଇ ଦିବ୍ୟାଙ୍ଗଙ୍କ ପାଇଁ ଓଡ଼ିଶା ସ୍ୱତନ୍ତ୍ର ଶିକ୍ଷକ ମହାସଂଘ ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ।

# ୧୭ରେ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀଙ୍କ ମହାସମାବେଶ

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**

ରାଜ୍ୟ ସରକାର ନୂତନ ଅନୁଦାନପ୍ରାପ୍ତ ସ୍କୁଲ କଲେଜର ସମସ୍ୟାକୁ ଅଣଦେଖା କରିବା ପ୍ରତିବାଦରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଜ୍ୟର ୩୧୪ଟି ବ୍ଲକ୍ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସମସ୍ୟାର ସମାଧାନ ନ କଲେ ସମିତି ରାଜରାସ୍ତାକୁ ଓହ୍ଲାଇବ ବୋଲି ପୂର୍ବରୁ ସରକାରଙ୍କୁ ଚରମ ଚେତାବନୀ ଦେଇଥିଲା । ତେବେ ପ୍ରାରମ୍ଭିକ ଭାବେ ରାଜ୍ୟର ସମସ୍ତ ବ୍ଲକରେ ଶତାଧିକ ସଂଖ୍ୟାରେ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ପଟୁଆରରେ ଆସି ବ୍ଲକ୍ ଶିକ୍ଷାଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ରବିବାର ରାଜ୍ୟର ସମସ୍ତ ଜିଲାର ସଦର ମହକୁମାରେ ସମନ୍ୱୟ ସମିତିର କନ୍‌ଭେନଶନ ଅନୁଷ୍ଠିତ ହେବାସହ ୭ ତାରିଖରେ ଜିଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ସ୍ମାରକପତ୍ର ଉପରୋକ୍ତ ଅଧିକାରୀମାନଙ୍କୁ ପୁଣି ପ୍ରଦାନ କରାଯିବ। ଏହାସତ୍ତ୍ୱେ ସରକାର ଦାବି ପୂରଣ ନ କଲେ ଡିସେମ୍ବର ୧୭ ତାରିଖରେ ଭୁବନେଶ୍ୱରଠାରେ ଏକ ରାଜ୍ୟସ୍ତରୀୟ ମହାସମାବେଶ କରିବାକୁ ବାଧ୍ୟହେବେ ବୋଲି ସମିତିର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି ଏବଂ ପବିତ୍ର ମହାଲା ଚେତାବନୀ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### 'ସ୍ଲୋଗାନ ନୁହେଁ, ...

ଚାଲିଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଶନିବାର ମହିଳା ଉଦ୍ୟୋଗୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟମନ୍ତ୍ରୀ ଯୋଗଦେଇ, ୨୦୦୧ରେ ଆରମ୍ଭ ହୋଇଥିବା ମିଶନ ଶକ୍ତି, ଆଜି ଓଡ଼ିଶାର ୭୦ ଲକ୍ଷ ସଶକ୍ତ ମା'ମାନଙ୍କ ଏକ ମହାଶକ୍ତିରେ ପରିଣତ ହୋଇଛି ବୋଲି କହିଛନ୍ତି । ରାଜ୍ୟ ସରକାରଙ୍କ ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଅଣ ଆଲୋଚିତ କୋଡ୍ । ଏହା ଏକ ପବିତ୍ର ଦାୟିତ୍ୱ । ମୋର ଦୃଢ଼ ବିଶ୍ୱାସ, ମା'ମାନଙ୍କୁ ସଶକ୍ତ ନ କରି, କୌଣସି ପରିବାର, କୌଣସି ସମାଜ, କୌଣସି ରାଜ୍ୟ ବା କୌଣସି ଦେଶ ଆଗକୁ ବଢ଼ିପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଓଡ଼ିଶାରେ ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) କାମ କରୁଛନ୍ତି । ଏସ୍‌ଏଚ୍‌ଜିଗୁଡ଼ିକୁ ଏସ୍‌ଏମ୍‌ଇରେ ରୂପାନ୍ତର କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ଏହା ସମ୍ଭବ କରିବାକୁ ଅତିରିକ୍ତ ମାଇଲ ଅତିକ୍ରମ କରିବାକୁ ଆମେ ପ୍ରସ୍ତୁତ (We are prepared to run the extra mile to make this happen) । ଏଥିପାଇଁ ଆମେ ସବୁ କିଛି କରିବାକୁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମିଶନ ଶକ୍ତି ସଦସ୍ୟମାନଙ୍କୁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ମା' ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ୫ ବର୍ଷରେ ୫ ହଜାର କୋଟି ଟଙ୍କାର କାମ ମିଶନ ଶକ୍ତି ସଦସ୍ୟମାନଙ୍କୁ ଦେବା ପାଇଁ ଓଡ଼ିଶା କ୍ୟାବିନେଟ ନିଷ୍ପତ୍ତି ନେଇଥିଲା । ଏହାଦ୍ୱାରା ପ୍ରାୟ ୧ ଲକ୍ଷ ଏସ୍‌ଏଚ୍‌ଜି ଉପକାର ପାଉଛନ୍ତି । ଓଡ଼ିଶାର ରୂପାନ୍ତରଣରେ ମା'ମାନଙ୍କ ବଡ଼ ଭୂମିକା ରହିଛି । ସେମାନଙ୍କ ସାମଗ୍ରିକ ସଶକ୍ତୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ବିଭାଗର ଏକ କଫି ଟେବୁଲ ବୁକ୍, ମିଶନ ଶକ୍ତି ସ୍କେଲିଂ ଅପ୍ ଉନ୍ମୋଚନ କରିଥିଲେ । ଏପରି କି ଏସ୍‌ଏସ୍‌ଜି ମହିଳାମାନଙ୍କ ବିକାଶ ପାଇଁ ସରକାର ବିଭିନ୍ନ ସଂସ୍ଥା ସହ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଥିଲେ । କଟକ ମା' ତାରିଣୀ ଏସ୍‌ଏଚ୍‌ଜିର କବିତା ସାହୁ, ସୁନ୍ଦରଗଡ଼ ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜିର ପ୍ରେମା ଦାସ ଓ ନୂଆପଡ଼ା ବନଦୁର୍ଗା ଏସ୍‌ଏଚ୍‌ଜିର ଗାୟତ୍ରୀ ସୁନାଇଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ସେହିପରି ଏସ୍‌ଏଚ୍‌ଜିମାନଙ୍କୁ ଋଣ ଦେବାରେ ଭଲ କାମ କରିଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ୟୁକୋ ବ୍ୟାଙ୍କକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ପରିପ୍ରେକ୍ଷୀରେ ମିଶନ ଶକ୍ତି ବିଭାଗର ସଚିବ ସୁଜାତା ଆର୍. କାର୍ତ୍ତିକେୟନ ଅତିଥି ପରିଚୟ ସାଙ୍ଗକୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମିଶନ ଶକ୍ତିର ଆଭିମୁଖ୍ୟ ଓ ସଫଳତା ପଛରେ ଏସ୍‌ଏସ୍‌ଜି ସଦସ୍ୟଙ୍କ ଅଗ୍ରଣୀ ଭୂମିକା ରହିଛି । ଉଭୟ ସରକାର ଓ ବିଭାଗର ସହଯୋଗରେ ମହିଳାମାନେ ଅନେକ ସଫଳତା ପାଇଛନ୍ତି ବୋଲି ସୁଜାତା କହିଥିଲେ । ସେହିପରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ, ସରକାର ଓ ସମାଜ ମଧ୍ୟରେ ଏସ୍‌ଏସ୍‌ଜି ମହିଳାଙ୍କ ଯୋଗଦାନ ଓ ଯୋଗସୂତ୍ର ସବୁ ସ୍ତରରେ ରହିଛି । ଯେତେବେଳ ପର୍ଯ୍ୟନ୍ତ ମହିଳାମାନେ ଘରୁ ଗୋଡ଼ କାଢ଼ି ସମାଜ ସହ ସାମିଲ ହୋଇନାହାନ୍ତି ସେତେବେଳେ ପର୍ଯ୍ୟନ୍ତ ସେ ରାଜ୍ୟରେ ବିକାଶ ହୋଇପାରିବ ନାହିଁ, ଯାହା ଆମ ରାଜ୍ୟର ମହିଳାମାନେ କରି ଦେଖାଇଛନ୍ତି ତାହା ଅନ୍ୟ ରାଜ୍ୟର ମହିଳାଙ୍କ ପାଇଁ ଉଦାହରଣ ପାଲଟିଛି । ସେହିପରି ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ, ମିଶନ ଶକ୍ତି ହେଉଛି ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ, ଆଜି ଆମ ରାଜ୍ୟର ମହିଳା ଘର ସହ ଦେଶ ମଧ୍ୟ ଚଳାଉଛନ୍ତି । ଆମ ରାଜ୍ୟର ମହିଳାମାନେ ଦେଶ ବିଦେଶରେ ସେମାନଙ୍କ ପ୍ରତିଭା ଓ ଦକ୍ଷତା ପ୍ରଦର୍ଶନ କରୁଛନ୍ତି । ଏହାପଛରେ ସରକାର ଓ ବିଭାଗର ଯେତିକି ହାତ ରହିଛି ତା'ଠାରୁ ବେଶି ହାତ ଏସ୍‌ଏସ୍‌ଜି ମହିଳାଙ୍କ ଉତ୍ସାହ ଓ ଆତ୍ମବିଶ୍ୱାସ ଯୋଗୁ ହୋଇପାରିଛି ବୋଲି ହେମ୍ବ୍ରମ୍ କହିଥିଲେ । ଏହି ଅଧିବେଶନରେ ୧୫୦୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ମହିଳା ଓ ବିଭିନ୍ନ ମହାସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ । ଶେଷରେ ବିଭାଗୀୟ ନିର୍ଦ୍ଦେଶିକା ମାନସୀ ନିମ୍ଭାଲ ଧନ୍ୟବାଦ ଦେଇଥିଲେ ।

### ୧୦.୫ ଲକ୍ଷ କୋଟିର ...

ମହାକାଶ ଓ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ପୁଞ୍ଜିନିବେଶ ପାଇଁ ପଥ ପ୍ରଶସ୍ତ ହୋଇଛି । କୋଭିଡ୍ ମହାମାରୀ ପରେ ଏହା ହେଉଛି ସବୁଠାରୁ ବଡ଼ ପୁଞ୍ଜିନିବେଶ ଆଗ୍ରହ । ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଶେଷ ଅଧିବେଶନରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ ଏକ ନୂତନ ଯୁଗ ଆଡ଼କୁ ନେବା ଲାଗି ଏହି ବୃହତ୍ ପୁଞ୍ଜିନିବେଶକୁ କିପରି ଉପଯୋଗ କରାଯାଇପାରିବ ସେ ନେଇ ସମସ୍ତେ ମିଳିମିଶି ଉଦ୍ୟମ କରିବାକୁ ହେବ । ନିବେଶକାରୀଙ୍କ ସହ ଅଧିକ ମାଇଲ ଚାଲିବାକୁ ପ୍ରସ୍ତୁତ ଥିବା ଦୃଢ଼ ପ୍ରତିଶ୍ରୁତି ଓ ଭରସା ଦିଆଯାଇଛି । ଆମେ ଚାଲିବୁ ଏବଂ ଜିତିବୁ । ଆଶାଠାରୁ ଅଧିକ ପୁଞ୍ଜି ନିବେଶ ପ୍ରସ୍ତାବ ଆସିଥିବାରୁ ମୁଖ୍ୟମନ୍ତ୍ରୀ ଆୟୋଜକ ଫିକିର ସମସ୍ତ ଟିମ୍‌କୁ ବିଶେଷ ଧନ୍ୟବାଦ ଦେଇଛନ୍ତି । ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ସହଯୋଗ କରିଥିବା ଜାପାନ, ନରୱେ ଏବଂ ଜର୍ମାନୀ ଭଳି ବିଦେଶୀ ଅଂଶୀଦାରଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଧନ୍ୟବାଦ ଦେଇଛନ୍ତି । ଏଥିସହିତ ଏହା ମିଳିତ ବ୍ୟବସାୟ, ବାଣିଜ୍ୟ ଏବଂ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି ।

### ହାତୀଙ୍କ ତାପମାତ୍ରା ...



ଚମକପୁରରେ ବନ ବିଭାଗ ପକ୍ଷରୁ ୧୦ଟି ହାତୀ ଥିବା ରିପୋର୍ଟ କରାଯାଇଥିଲା । ପରେ ସନ୍ଦେହ ହେବାରୁ ହାତୀ ସଂଖ୍ୟା ଡ୍ରୋନ୍ କ୍ୟାମେରାରେ ଗଣନା ପରେ ୧୮ ଟି ହାତୀ ଥିବା ସ୍ପଷ୍ଟ ହୋଇଥିଲା । ଏଥିସହ ଡ୍ରୋନ୍ କ୍ୟାମେରା ଦ୍ୱାରା ଜଙ୍ଗଲରେ ବୁଲୁଥିବା ଶିକାରୀ ତଥା ଅନ୍ୟ ବନ୍ୟଜନ୍ତୁଙ୍କ ସ୍ଥିତି ମଧ୍ୟ ଜାଣି ହେବ । ଏହା ଦ୍ୱାରା ଠିକ୍ ସୂଚନା ମିଳିବ ଏବଂ ହାତୀମାନଙ୍କ ଗତିବିଧି ଠିକ୍ ନିରୂପଣ କରି ଲୋକଙ୍କୁ ସଚେତନ କରିବା ସହ ହାତୀ ଘଉଡ଼ାଇବା ପାଇଁ କର୍ମଚାରୀଙ୍କୁ ନିୟୋଜିତ କରାଯାଇ ପାରିବ ବୋଲି ଡିଏଫ୍‌ଓ ଏଚ୍.ଡି. ଧନରାଜ କହିଛନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଅନୁକୂଳ ଗ୍ରହସ୍ଥିତି କାରଣରୁ ଦିନଟି ପ୍ରାୟତଃ ଭଲରେ ଯିବ । ଦୂରଯାତ୍ରାରେ କେତୁ ପ୍ରଭାବରୁ ରାସ୍ତାରେ କୌଣସି ବ୍ୟକ୍ତିଙ୍କ ସହ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ ।

**ବୃଷ** – ଶୁକ୍ରଙ୍କ ଦୃଷ୍ଟିରୁ ସ୍ୱାସ୍ଥ୍ୟ କେତେକାଂଶରେ ଭଲ ରହିବ । ଏହା ସାଙ୍ଗକୁ ଅର୍ଥ ପ୍ରାପ୍ତି ସହ ଭୋଗ ବିଳାସ ମଧ୍ୟରେ ସମୟଟି ଭଲରେ କଟିବ । ପାରିବାରିକ କ୍ଷେତ୍ରରେ ସୁଯୋଗ ପାଇବା ସାଙ୍ଗକୁ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି ।

**ମିଥୁନ** – ଅଷ୍ଟମସ୍ଥ ଶନି ହେତୁ ସାଧାରଣ କଥାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ । ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ । ବନ୍ଧୁମାନଙ୍କ ପ୍ରେରଣା ଓ ପରାମର୍ଶରେ ଆନୁଷ୍ଠାନିକ କାମ ସକାଶେ ତତ୍ପରତା ବଢ଼ିପାରେ । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ଅର୍ଥର ଅଭାବ ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି ।

**କର୍କଟ** – ନିକଟରେ ରହୁଥିବା ମିତ୍ରମାନେ କିଛି ପାଇବା ଆଶାରେ ପ୍ରଶଂସା ଗାଇ ବୁଲିବେ । କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ବିବାଦୀୟ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ନୀରବ ରହିବାକୁ ବାଧ୍ୟ ହେବେ । ବୁଝାମଣା ଠିକ୍ ରହୁନଥିବାରୁ ପରିବାରରେ ଡରିମରି ଚଳିବାକୁ ବାଧ୍ୟ ହୋଇପାରନ୍ତି ।

**ସିଂହ** – ଅତୀତର ଘଟଣାଗୁଡ଼ିକର ସମୀକ୍ଷା କରି ମନଟି ଭଲ ଲାଗିବ ନାହିଁ । ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି । ଋଣସୂତ୍ରରେ ଅର୍ଥଲାଭ କରିବେ ଏବଂ ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ । ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ । କୋର୍ଟରେ ପଡ଼ିରହିଥିବା ମାମଲାର ଫଇସଲା ଆଶା ।

**କନ୍ୟା** – ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଖୁସି ରହିବେ । ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି । କ୍ରୀଡ଼ା, କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାସୁଧୁରି ଯିବ । ପରୋକ୍ଷ ଶତ୍ରୁତା କାରଣରୁ ବିବାଦ ଭିତରକୁ ଟାଣି ହେବେ । ସମ୍ପର୍କୀୟ ବନ୍ଧୁଙ୍କ ଆଗମନ ସମ୍ଭାବନା ।

**ତୁଳା** – ପାପଗ୍ରହ ପ୍ରଭାବରୁ ସମ୍ପର୍କୀୟଙ୍କ ଶତ୍ରୁତା ଯୋଗୁ ବିଚଳିତ ବୋଧ କରିବେ । ପାରିବାରିକ ସଦ୍ଭାବ ଅକ୍ଷୁଣ୍ଣ ରହିବ, ମାତ୍ର ନିଜକୁ କିଏ ନରମି କହିବାକୁ ପଡ଼ିପାରେ । ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଏବଂ ଆପଣଙ୍କ କାମରେ ସହଯୋଗ ମଧ୍ୟ କରିବେ । ନିର୍ମାଣ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ପରିସ୍ଥିତି ଗମ୍ଭୀର ରହିବ ।

**ବିଛା** – ଲୋକ ସମ୍ପର୍କ ବୃଦ୍ଧି ପାଇବାରେ ନିଜ ଲୋକମାନେହିଁ ପ୍ରତିବନ୍ଧକ ସୃଷ୍ଟି କରିବେ । ଅଫିସ୍‌ରେ ଥିବା ସମୟରେ ବନ୍ଧୁମାନଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ମାତ୍ର କର୍ମକ୍ଷେତ୍ରରେ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ । ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ କମିଯାଇପାରେ । ସନ୍ତାନଙ୍କ କୃତିତ୍ୱରେ ଖୁସି ହେବେ ।

**ଧନୁ** – ବନ୍ଧୁମାନଙ୍କ ଆହ୍ୱାନକ୍ରମେ କୌଣସି ଶୁଭକାର୍ଯ୍ୟରେ ଯୋଗ ଦେଇପାରନ୍ତି । ଆଜିର ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ । ରାଜନୀତି, ପ୍ରକାଶନ, ପ୍ରଶାସନ, ଗବେଷଣା ଓ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଦିନଟି ବହୁତ ଭଲ । ସାହିତ୍ୟ, ସାମ୍ବାଦିକତା, ସଙ୍ଗଠନ ଓ ସଭା ସମିତିରେ ସୁନାମ ଅର୍ଜନ କରିବାର ପରିବେଶ ସୃଷ୍ଟି ହେବ ।

**ମକର** – ପ୍ରତ୍ୟେକ କ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ନିଜ ଜିଦ୍‌ରେ ଅଟଳ ରହିବେ । କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ । ସଭାସମିତିରେ, ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ ।

**କୁମ୍ଭ** – ପରିବାରରେ ଭୁଲ୍ ବୁଝାମଣା ଓ ସନ୍ଦେହ ବୃଦ୍ଧି ପାଇବା କାରଣରୁ ବିଶୃଙ୍ଖଳା ଦେଖାଦେଇପାରେ । ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ଅଦଳବଦଳ ହୋଇଯାଇପାରେ । ଆଶା ଅନୁସାରେ କାମ ହୋଇଯିବାରୁ ଖୁସି ରହିବେ । ଅନ୍ୟାନ୍ୟ ପ୍ରତ୍ୟେକ କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବା ସମ୍ଭାବନା ବେଶି ।

**ମୀନ** – ସ୍ୱାର୍ଥ ସାଧନର ମସୁଧା କରି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି । ସମସ୍ୟା ଲାଗି ରହୁଥିବାରୁ ଅଧିକାଂଶ ସମୟରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ । କଳା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ । କେତେକ ଘଟଣାକୁ ନେଇ ମନ କଥା ମନ ଭିତରେ ଲୁଚାଇ ରଖି କାନ୍ଦିବାକୁ ପଡ଼ିପାରେ ।

ଆଜି ଡିସେମ୍ବର ୪ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ରବିବାର, ଭାରତୀୟ ନୌସେନା ଦିବସ, ବୈଷ୍ଣବ ସମ୍ମତ ଏକାଦଶୀ ଉପବାସ, ରାଶି ନକ୍ଷତ୍ର–ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୩ ମି. ଗତେ ଘ.୦୯।୦୪ ମି. ମଧ୍ୟେ, ଘ.୧୨।୫୮ ମି. ଗତେ ଘ.୦୨।୫୨ ମଧ୍ୟେ ଶୁଦ୍ଧଶୁଭ ବେଳା । ଅପରାହ୍ଣ ଘ. ୦୩।୪୧ ମି. ଗତେ ଘ.୦୫।୦୨ ମଧ୍ୟେ ରାହୁକାଳ ।

# ଓଟିଏମ୍‌କୁ ନିଜ ଅକ୍ତିଆରକୁ ନେଲେ ସରକାର

## ହାଇକୋର୍ଟଙ୍କ ନିର୍ଦ୍ଦେଶର ୨୪ ଘଣ୍ଟା ନ ପୂରୁଣୁ ପଦକ୍ଷେପ

ମଙ୍ଗୁଳି–ଜଗତପୁର/ଚୌଦ୍ୱାର, ୩।୧୨(ଡି.ଏନ୍.ଏ)

କଟକ ଜିଲା ଚୌଦ୍ୱାରସ୍ଥିତ ଓଡ଼ିଶା ଟେକ୍ସଟାଇଲ ମିଲ୍‌ସ(ଓଟିଏମ୍) ପୁନରୁଦ୍ଧାର ପ୍ରସଙ୍ଗରେ ହାଇକୋର୍ଟ ଆସନ୍ତା ୫ତାରିଖ ଅପରାହ୍ଣ ୪ଟା ସୁଦ୍ଧା ରାଜ୍ୟ ସରକାର ନିଜ ଅକ୍ତିଆରକୁ ନେବା ପାଇଁ ଶୁକ୍ରବାର ନିର୍ଦ୍ଦେଶ ଦେଇଥିଲେ। ତେବେ ୨୪ଘଣ୍ଟା ନ ପୂରୁଣୁ ଶନିବାର ଅପରାହ୍ଣରେ କମ୍ପାନୀର ସ୍ଥାବର ୫୨୨ଏକର ଓ ଅସ୍ଥାବର ସମ୍ପତ୍ତିକୁ ରାଜ୍ୟ ସରକାର ତାଙ୍କ ପ୍ରତିନିଧି ତହସିଲଦାରଙ୍କ ଜରିଆରେ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ନିଜ ଅକ୍ତିଆରକୁ ନେଇଛନ୍ତି। ଏହି ହସ୍ତାନ୍ତର ପ୍ରକ୍ରିୟା ବେଳେ ଲିକ୍ୟୁଡେଟରଙ୍କ ପ୍ରତିନିଧି ଦଳ, ରାଜ୍ୟ ବୟନ ଶିଳ୍ପ ବିଭାଗର ପ୍ରତିନିଧି ଦଳ, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଇଡ୍‌କୋ ଜଗତପୁର ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ହେଡ୍ ପରୀକ୍ଷିତ ମହାଳିକ ଓ ଚୌଦ୍ୱାର ପୋଲିସ କମ୍ପାନୀ ପରିସରରେ ଉପସ୍ଥିତ ଥିଲେ । ଏହାର ସମସ୍ତ ଦାୟିତ୍ୱ ରାଜ୍ୟ ସରକାର ନେବେ ଏବଂ ଏହାର ରକ୍ଷଣାବେକ୍ଷଣ ପାଇଁ ଇଣ୍ଡଷ୍ଟ୍ରିଆଲ ଡେଭଲପ୍‌ମେଣ୍ଟ କର୍ପୋରେଶନ ଓଡ଼ିଶା (ଇଡ୍‌କୋ)ପକ୍ଷରୁ କମ୍ପାନୀ ପରିସରରେ ସୁରକ୍ଷାକୁ ଆଖି ଆଗରେ ରଖି ସିସିଟିଭି ଲଗାଯିବା ସହ ଆଲୋକୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଓଟିଏମ୍ ପରିସରରେ ଥିବା ବିଭିନ୍ନ ଘଞ୍ଚ ଜଙ୍ଗଲ ସଫା ସହ ଏହାର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମକୁ ଜୋରଦାର କରାଯିବ ବୋଲି ଇଡ୍‌କୋ ଅଧିକାରୀ ମହାଳିକ କହିଛନ୍ତି । ଲୋକଙ୍କ ବକେୟା ପ୍ରାପ୍ୟ ଦେବା ପାଇଁ ଏକ ସ୍ପେଶାଲ କମିଟି କରାଯାଇ ପ୍ରାପ୍ୟ ଯଥାଶୀଘ୍ର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ରାଜ୍ୟ ସରକାର ନିଜ ଅକ୍ତିଆରକୁ ନେବାବେଳେ ଓଟିଏମ୍‌କୁ ନେଇ ୧୮ବର୍ଷ ଧରି ସଂଗ୍ରାମ ଜାରି ରଖିଥିବା ଓଟିଏମ୍ ବଞ୍ଚାଅ ସଂଗଠନ ଓ ବିରାଟ ଜନକଲ୍ୟାଣ ସମିତିର ଏକ ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ । ଓଟିଏମ୍ ଗେଟ ସମ୍ମୁଖରେ ଧାରଣାରେ ବସିଥିବା ଶ୍ରମିକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଉଭୟ ସଂଗଠନର ଆବାହକ ଦୀପକ କୁମାର ବାରିକ କହିଛନ୍ତି, ନିଃସ୍ୱାର୍ଥପର, ଗଠନମୂଳକ, ନିଷ୍ଠାପର ଲଢ଼େଇ କେବେ ବ୍ୟର୍ଥ ଯାଏ ନାହିଁ। ସୂଚନାଯୋଗ୍ୟ, ଓଡ଼ିଶା ଟେକ୍ସଟାଇଲ ମିଲ୍ସ(ଓଟିଏମ୍) ପୁନରୁଦ୍ଧାର ପ୍ରସଙ୍ଗରେ ହାଇକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଥିଲେ। ଆସନ୍ତା ୫ ତାରିଖ ଅପରାହ୍ଣ ୪ଟା ସୁଦ୍ଧା ରାଜ୍ୟ ସରକାର ଓଟିଏମ୍‌କୁ ନିଜ ଅକ୍ତିଆରକୁ ନେବେ। କମ୍ପାନୀର ସମସ୍ତ ସମ୍ପତ୍ତିକୁ ରାଜ୍ୟ ସରକାର ତାଙ୍କ ପ୍ରତିନିଧିଙ୍କ ଜରିଆରେ ଅଫିସିଆଲ ଲିକ୍ୟୁଡେଟରଙ୍କଠାରୁ ଗ୍ରହଣ କରିବେ। ଏହି ସମୟ ମଧ୍ୟରେ ସରକାର ଯଦି ହସ୍ତାନ୍ତର କାର୍ଯ୍ୟ କରି ନ ପାରନ୍ତି ତେବେ ମାସକୁ ୬ ଲକ୍ଷ ଟଙ୍କା ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ଜମା କରିବେ। ଆସନ୍ତା ୬ ତାରିଖ ପରବର୍ତ୍ତୀ ଶୁଣାଣିବେଳେ ଏ ସମ୍ପର୍କିତ ତଥ୍ୟ ସତ୍ୟପାଠ ଆକାରରେ ଅଦାଲତଙ୍କୁ ଅବଗତ କରାଇବାକୁ ବିଚାରପତି ଅରିନ୍ଦମ ସିହ୍ନାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

# ଜିଲାପାଳଙ୍କ ଅଫିସ୍ ଫାଟକରେ ତାଲା ପକାଇ ପଳାଇଲେ ଯୁବକ

ବାଲେଶ୍ୱର ଅଫିସ, ୩।୧୨

ବାଲେଶ୍ୱର ଜିଲାପାଳଙ୍କ ଅଫିସ୍‌ର ଦୁଇଟିଯାକ ମୁଖ୍ୟ ଫାଟକରେ ଜଣେ ଯୁବକ ଶନିବାର ଅପରାହ୍ଣ ୨ଟାରେ ହଠାତ୍ ତାଲା ପକାଇଦେଇଥିଲେ। ଲୋକମାନେ ତାହା ଦେଖିଥିଲେ ମଧ୍ୟ କିଛି ବୁଝିବା ପୂର୍ବରୁ ସେ ସେଠାରୁ ପଳାଇଯାଇଥିଲେ। ଲୋକେ ତାଙ୍କୁ ଅଟକାଇ କାରଣ ପଚାରିବାରୁ ଖାରସାହାପୁର ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ନ ଥିବାରୁ କାହାରିକୁ ଜିଲାପାଳଙ୍କ ଅଫିସ୍ ବାହାରୁ ବାହାରିବାକୁ ଦେବେ ନାହିଁ ବୋଲି ପ୍ରକାଶ କରିଥିଲେ। ଲୋକେ ତାଙ୍କୁ କାବୁ କରିବାକୁ ଉଦ୍ୟମ କରିବା ବେଳେ ସେ ନିଜ ସାଇକେଲ ଛାଡ଼ି ଦୌଡ଼ି ପଳାଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍, ପରିସଂଖ୍ୟାନ, ଟ୍ରେଜେରୀ, ଡିସିପିଓ, ଜରୁରୀକାଳୀନ ଅଫିସ୍ ଓ ଦୁଇଟି ଅତିରିକ୍ତ ଜିଲାପାଳଙ୍କ ଅଫିସ୍ ସହିତ ପରିବାର ଅଦାଲତର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଉକ୍ତ ଅଫିସଗୁଡ଼ିକୁ ଆସିଥିବା ସାଧାରଣ ଲୋକମାନେ ପ୍ରାୟ ୧ଘଣ୍ଟା ଧରି ଅଟକି ରହିଥିଲେ। ଫାଟକରେ ତାଲା ପଡ଼ିବା ଯୋଗୁ କେହି ବାହାରକୁ ଯାଇପାରି ନ ଥିଲେ। ଉକ୍ତ ସମୟରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମଧ୍ୟାହ୍ନଭୋଜନ ପାଇଁ ବାସଭବନକୁ ଯାଉଥିବା ବେଳେ ଗେଟ୍‌ରେ ତାଲା ପଡ଼ିଥିବା ଦେଖି ସହଦେବଖୁଣ୍ଟା ପୋଲିସକୁ ଖବର ଦେଇଥିଲେ। ସସସ୍ତ ଅଫିସ୍‌ର କର୍ମଚାରୀ ଉଭୟ ଗେଟ୍ ନିକଟରେ ପହଞ୍ଚିଥିଲେ। ପରେ ଅତିରିକ୍ତ ଜିଲାପାଳଙ୍କ ପିଅନ ମୁଖ୍ୟ ଫାଟକରେ ତାଲା ଭାଙ୍ଗି ଫାଟକ ଖୋଲିଥିଲେ। ସହଦେବଖୁଣ୍ଟା ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ଯୁବକ ଜଣକ ନିଶାଗ୍ରସ୍ତ ଅବସ୍ଥାରେ ଏଭଳି କାଣ୍ଡ ଘଟାଇଥିବା ଲୋକେ କହିଛନ୍ତି।






# ଦେଢ଼ କୋଟିରୁ ଉର୍ଦ୍ଧ୍ୱ ହଡ଼ପ: ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ଗିରଫ

ରଘୁନାଥପୁର,୩।୧୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକରେ ସରକାରଙ୍କ ଆମ ଗାଁ ଆମ ବିକାଶ ଯୋଜନାରେ ୧ କୋଟି ୬୨ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ନେଇ ସେପ୍ଟେମ୍ବର ୫ରେ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନଭେମ୍ବର ୩୦ରେ ଅବସର ନେଇଥିବା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମିୟ ମଲ୍ଲିକଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଆଳିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ରାଜକିଶୋର ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଏହି ଯୋଜନା ସମ୍ପର୍କରେ ରେଢୁଆ ଅଞ୍ଚଳର ସାମାଜିକ କର୍ମୀ ଗୋବିନ୍ଦ ଓଝା ସୂଚନା ଆଧାର ଆଇନ ଜରିଆରେ ତଥ୍ୟ ମଗାଇଥିଲେ। ଉକ୍ତ ତଥ୍ୟରୁ ଜଣାପଡ଼ିଥିଲା ଯେ,୨୦୧୮–୧୯ରେ ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ମାତ୍ର ଏସବୁ କାର୍ଯ୍ୟରେ ବ୍ୟବହୃତ କିଛି ସାମଗ୍ରୀ ଉପରେ ନକଲି ରସିଦ ଦିଆଯାଇ ଜିଏସ୍‌ଟି ଠକେଇ କରାଯାଇଛି। ଏହାପରେ ସମ୍ପୃକ୍ତ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଲ୍ଲିକଙ୍କ ସମେତ ବିଡିଓ ଏବଂ ଅନ୍ୟ ଯନ୍ତ୍ରୀଙ୍କ ବିରୋଧରେ ଓଝା ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୧୬୬/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗିରଫ ଭୟରେ ମଲ୍ଲିକ ଫେରାର ହୋଇଯାଇଥିଲେ। ଏସ୍‌ଆଇ ଅନିଲ କୁମାର ସାହୁ ଏନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅପରାହ୍ଣରେ ଉକ୍ତ ଥାନା ଅନ୍ତର୍ଗତ ଗୁଆଳିପୁର ରେଳ ଷ୍ଟେଶନ ନିକଟରୁ ତାଙ୍କୁ ଗିରଫ କରିଛନ୍ତି। ଏହାପରେ କାହାର ପାଳି ପଡ଼ିବ ସେନେଇ ଚର୍ଚ୍ଚା ଜୋର ଧରିଛି।


ଅମିୟ ମଲ୍ଲିକ










ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହେଁ।) —ଶ୍ରୀମା

# ନେହେରୁ ବନାମ ପଟେଲ



ଆକାର ପଟେଲ

ଆମେ ଆଉ ଏକ ନିର୍ବାଚନ ପ୍ରକ୍ରିୟାର ମଝିରେ ରହିଛୁ ଏବଂ ଏହା ମଧ୍ୟକୁ ନେହେରୁ ବାନମ ପଟେଲ ପ୍ରସଙ୍ଗ ଫେରିଛି। କିଛି ସପ୍ତାହ ପୂର୍ବରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଏକ ଭାଷଣ ଖବରର ଶୀର୍ଷକ ଭାବେ ପ୍ରକାଶ ପାଇଥିଲା। ଶୀର୍ଷକର ଭାବାର୍ଥ ଥିଲା ଏହିପରି–ସର୍ଦ୍ଦାର ପଟେଲ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ଅନେକ ସମସ୍ୟା ଉପୁଜି ନ ଥାନ୍ତା ବୋଲି ଶାହା କହିଥିଲେ। ଏହିପରି ଭାବେ ସର୍ଦ୍ଦାର ପଟେଲ ଓ ସୁଭାଷ ବୋଷ କଂଗ୍ରେସଠାରୁ ଭିନ୍ନ ବୋଲି ଦର୍ଶାଇବା ସହ କଂଗ୍ରେସ ପ୍ରତି ଘୃଣା ମନୋଭାବର ଏକ ପିଢି ସୃଷ୍ଟି କରିବା ପାଇଁ ଶାସକ ଦଳ ପ୍ରୟାସ ଜାରି ରଖିଛି। ଜବାହରଲାଲ ନେହେରୁଙ୍କ ପରିବର୍ତ୍ତେ ପଟେଲ ପ୍ରଧାନମନ୍ତ୍ରୀ ହୋଇଥିଲେ କ'ଣ ହୋଇଥାନ୍ତା ? ବିଶେଷକରି ଗୁଜରାଟରେ ଏହି ପ୍ରତିତଥ୍ୟାତ୍ମକ ଭାବନା କେବେ ବି ହଟିବ ନାହିଁ। ଗୁଜରାଟରେ ନେହେରୁଙ୍କ ତୁଳନାରେ ପଟେଲଙ୍କୁ ଜଣେ ଅଧିକ ସମର୍ଥ, ଜାତୀୟତାବାଦୀ ନେତା ଭାବେ ବିବେଚନା କରାଯାଏ। ନେହେରୁ ନୁହନ୍ତି, ପଟେଲ ହିଁ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ ଭଲ ହୋଇଥାଆନ୍ତା– ଏଭଳି ଦୃଷ୍ଟିକୋଣ ପଛରେ ତିନୋଟି ଅବଧାରଣାକୁ ବିଚାରକୁ ନିଆଯାଉ। ପ୍ରଥମରେ ପଟେଲ ଏଭଳି ବ୍ୟବସ୍ଥାକୁ ନାପସନ୍ଦ କରିଥିଲେ। ଦ୍ୱିତୀୟରେ ନେହେରୁ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ଗାନ୍ଧିଜୀ ଜିଦ୍ ଧରି ପଟେଲଙ୍କୁ ନିରାଶ କରିଥିଲେ। ତୃତୀୟରେ ପଟେଲ ବାସ୍ତବରେ ସ୍ୱାଧୀନ ଭାରତର ପ୍ରାଥମିକ ପର୍ଯ୍ୟାୟରେ ନେତୃତ୍ୱ ନେଇଥିଲେ ଅନେକ କିଛି ଭିନ୍ନ ହୋଇପାରିଥାଆନ୍ତା। କିନ୍ତୁ କେମିତି ଏହା ହୋଇଥାଆନ୍ତା ତାହା ଅସ୍ପଷ୍ଟ ରହିଛି। ବିଶ୍ୱାସ ରହିଛି ଯେ, ପଟେଲ ପାକିସ୍ତାନ ସହ ସମସ୍ୟା ସମାଧାନର ବାଟ ବାହାର କରିପାରିଥାଆନ୍ତେ ଏବଂ କଶ୍ମୀର ସମସ୍ୟା ରହି ନ ଥାନ୍ତା। କିନ୍ତୁ ଏଭଳି ଧାରଣା ଭୁଲ୍। ଜାଣିବା ଦରକାର, କଶ୍ମୀର ସମସ୍ୟା ଇସ୍‌ଲାମବାଦରେ ହିଁ ରହିଛି, ଶ୍ରୀନଗରରେ ନୁହେଁ। ଆମେ ପାକିସ୍ତାନ ସହ ଯେକୌଣସି ଉପାଦେୟ ବୁଝାମଣାରେ ପହଞ୍ଚିପାରିଥିଲୁ ଏପରି କି ୧୯୭୨ ଶିମ୍‌ଲା ରାଜିନାମା କରିଥିଲୁ, ତଥାପି ଶ୍ରୀନଗରରେ ସମସ୍ୟା ରହିଗଲା। ପଟେଲଙ୍କୁ ନେଇ ଉଠୁଥିବା ପ୍ରଶ୍ନ ମୂଲ୍ୟହୀନ। ନେହେରୁ ବନାମ ପଟେଲ ବିତର୍କ ଏବଂ ସର୍ଦ୍ଦାର ପ୍ରଧାନମନ୍ତ୍ରୀ ହୋଇଥିଲେ କ'ଣ ହୋଇଥାଆନ୍ତା ଭଳି ପ୍ରଶ୍ନର ବାସ୍ତବତା କେତେ ତାହା ବିଚାର କରିବା। ଭାରତର ପ୍ରଥମ ସାଧାରଣ ନିର୍ବାଚନ ପୂର୍ବରୁ ଡିସେମ୍ବର ୧୯୫୦ରେ ପଟେଲଙ୍କ ଦେହାନ୍ତ ଘଟିଲା। ଯଦି ସେ ପ୍ରଧାନମନ୍ତ୍ରୀ ହୋଇଥା'ନ୍ତେ କୌଣସି ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣରୁ ଅଧିକ ଦିନ ଦେଶକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇ ନ ଥାନ୍ତେ। ସେତେବେଳକୁ ପଟେଲଙ୍କ ବୟସ ୭୫ ଏବଂ ନେହେରୁ ତାଙ୍କଠାରୁ ୧୫ ବର୍ଷ ସାନ ଥିଲେ। ଜିନ୍ନା ଏବଂ ଗାନ୍ଧିଜୀଙ୍କ ତୁଳନାରେ ପଟେଲ ଥିଲେ ତାଙ୍କ ପୂର୍ବପିଢିର ନେତା। ହେଲେ ଜିନ୍ନା ଓ ଗାନ୍ଧିଜୀଙ୍କ ସହ ସେ ସ୍ୱାଧୀନତା ପ୍ରାପ୍ତି ପରେ ପରେ ଦେହତ୍ୟାଗ କରିଥିଲେ। ଗାନ୍ଧିଜୀଙ୍କର ଜାନୁୟାରୀ ୧୯୪୮ରେ ଏବଂ ଜିନ୍ନାଙ୍କର ସେହି ବର୍ଷ ସେପ୍ଟେମ୍ବରରେ ମୃତ୍ୟୁ ହୋଇଥିଲା। ପଟେଲଙ୍କ ମୃତ୍ୟୁ ହଠାତ୍ ହୋଇ ନ ଥିଲା। ମୃତ୍ୟୁ ପୂର୍ବରୁ କିଛି ଦିନ ତାଙ୍କ ଦେହ ଖରାପ ରହିଥିଲା। ସ୍ୱାଧୀନତାର ୭ ମାସ ଏବଂ ଗାନ୍ଧିଜୀଙ୍କ ହତ୍ୟାର ୨ ମାସ ପରେ ମାର୍ଚ୍ଚ ୧୯୪୮ରେ ପଟେଲ ହୃଦ୍‌ଘାତରେ ଆକ୍ରାନ୍ତ ହୋଇଥିଲେ ଓ ତା'ପରଠାରୁ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିଥିଲା।

ଗଡ଼ଜାତ ରାଜ୍ୟଗୁଡ଼ିକୁ କେନ୍ଦ୍ର ସହ ମିଶାଇବା ଥିଲା ପଟେଲଙ୍କ ଶ୍ରେଷ୍ଠ ସଫଳତା। ବାସ୍ତବରେ ସ୍ୱାଧୀନତା ପୂର୍ବରୁ ଏବଂ ୧୯୪୭ ପର୍ଯ୍ୟନ୍ତ ମାସଗୁଡ଼ିକରେ ଅଧିକାଂଶ ଗଡ଼ଜାତ ରାଜ୍ୟ ମିଶ୍ରଣ ହୋଇଥିଲା। କିନ୍ତୁ ଇଂରେଜ ଦେଶ ଛାଡ଼ିଗଲାପରେ ଜୁନାଗଡ଼, ହାଇଦ୍ରାବାଦ ଏବଂ ଜମ୍ମୁ–କଶ୍ମୀର ବାହାରେ ରହିଗଲା। ସ୍ୱାଧୀନତା ପୂର୍ବରୁ ଅନେକାଂଶରେ ପଟେଲ ବହୁତ ଭଲ କାମ କରିଥିଲେ। ଏଣୁ ସ୍ୱାଧୀନତା ପ୍ରାପ୍ତି ପରେ ତାଙ୍କୁ କୌଣସି ସ୍ଥିତିରେ କାଳ୍ପନିକ ଭାବେ ସ୍ଥାନିତ କରିବାର ମାନେ କିଛି ନାହିଁ। ପଟେଲ କିଛି ନିଆରା କାର୍ଯ୍ୟ କରିଥାଆନ୍ତେ ଯାହା ପୂର୍ବରୁ ଗାନ୍ଧିଜୀ ଏବଂ ନେହେରୁ କରିପାରି ନ ଥିଲେ ବୋଲି ଦାବି କରାଯାଉଛି। ଏଥିରୁ କ'ଣ ବୁଝାପଡୁଛି ? ମୋ ମତରେ, ଏଭଳି ମାନସିକତା ଏବେ ଦେଶରେ ପ୍ରତୀୟମାନ ଏକ ଦୃଢ ହିନ୍ଦୁତ୍ୱ, ଅଧିକ ମୁସଲମାନ ବିରୋଧୀ ଜାତୀୟତାବାଦ ଭାବନାର ପ୍ରତ୍ୟାଶାକୁ ସୂଚାଉଛି। ଦେଶ ଏହି ପ୍ରକାର ହେବା ଉଚିତ ବୋଲି କେତେଜଣ ପଟେଲଙ୍କ ଦୃଷ୍ଟିକୋଣକୁ ପରିବର୍ତ୍ତନ କରୁଛନ୍ତି। ପ୍ରକୃତରେ ସେମାନେ ପଟେଲଙ୍କୁ ଭୁଲ୍ ବୁଝିଛନ୍ତି। ରଫିକ୍ ଜାକାରିଆ ତାଙ୍କ ପୁସ୍ତକ 'ସର୍ଦ୍ଦାର ପଟେଲ ଆଣ୍ଡ୍ ଇଣ୍ଡିଆନ୍ ମୁସଲିମ୍‌ସ'ରେ ପଟେଲଙ୍କ ସାର୍ବଭୌମବାଦ ବିଷୟରେ ଦର୍ଶାଇଛନ୍ତି। ବ୍ୟବସ୍ଥାପକ ସଭାରେ ହିନ୍ଦୁଙ୍କ ପ୍ରତି ପଟେଲଙ୍କ ବାର୍ତ୍ତା ଥିଲା, 'ସଂଖ୍ୟାଧିକ ଭାବେ ଆମକୁ ଭାବିବାକୁ ହେବ ଯେ ସଂଖ୍ୟାଲଘୁମାନେ କ'ଣ ଅନୁଭବ କରୁଛନ୍ତି ଏବଂ ଚିନ୍ତା କରିବାକୁ ପଡ଼ିବ ଯେ, ସେମାନଙ୍କୁ ଯେଭଳି ବ୍ୟବହାର କରାଯାଉଛି ଯଦି ସେଭଳି ଆମକୁ କରାଯାଆନ୍ତା ତେବେ ଆମେ କିଭଳି ଅନୁଭବ କରିଥାଆନ୍ତେ।' ଜାକାରିଆଙ୍କ ଅନୁଯାୟୀ ସଂଖ୍ୟାଲଘୁଙ୍କୁ ପ୍ରଚାର ପାଇଁ ଓ ସେମାନଙ୍କ ସଂସ୍ଥା ଚଳାଇବା ଲାଗି ଅଧିକାର ପ୍ରଦାନ କରିବା ଥିଲା ପଟେଲଙ୍କର ପ୍ରଭାବଶାଳୀ କାର୍ଯ୍ୟ। କିନ୍ତୁ ତାଙ୍କର ଏପ୍ରକାର କାର୍ଯ୍ୟକୁ ବିଚାରକୁ ନେଉନାହୁଁ। ଏହା ସତ୍ୟ ଯେ, ବିଭାଜନ ପରେ ମୁସଲିମାନଙ୍କ ପ୍ରତି ପଟେଲଙ୍କ ଏଭଳି ମନୋଭାବ ସନ୍ଦେହ ଦୃଷ୍ଟିରେ ଥିଲେ ବି ସେ ଏଭଳି ଭାବାବେଗରୁ ଊର୍ଦ୍ଧ୍ୱରେ ନିଜକୁ ରଖିବାକୁ ସକ୍ଷମ ହୋଇଥିଲେ। ବି.ଆର୍. ଆମ୍ବେଡକରଙ୍କ ଇଚ୍ଛା ବିରୋଧରେ ସେ ବ୍ୟବସ୍ଥାପକ ସଭାରେ ଭାରତରେ ପୃଥକ୍ ନିର୍ବାଚନ କ୍ଷେତ୍ର ଦାବିକୁ ପ୍ରତ୍ୟାହର କରିବା ଲାଗି ମୁସଲମାନ ନେତାମାନଙ୍କୁ ସୁଯୋଗ ଦେଇଥିଲେ। ପଟେଲଙ୍କ ଏଭଳି ପ୍ରସ୍ତାବ ମୁସଲମାନମାନଙ୍କୁ ବିଚ୍ଛିନ୍ନତାବାଦ ଅଭିଯୋଗରୁ ମୁକ୍ତ କରିଥିଲା।

ପଟେଲଙ୍କ ସମ୍ପର୍କରେ ଗାନ୍ଧିଜୀ କହିଛନ୍ତି ଯେ, 'ମୁଁ ସର୍ଦ୍ଦାରଙ୍କୁ ଜାଣେ... ତାଙ୍କ କାର୍ଯ୍ୟ ପଦ୍ଧତି ଏବଂ ହିନ୍ଦୁ–ମୁସଲମାନଙ୍କ ମୂଳ ସମସ୍ୟା ସହ ଅନ୍ୟ ସମସ୍ୟାଗୁଡ଼ିକ ପ୍ରତି ତାଙ୍କ ଦୃଷ୍ଟିକୋଣ ଓ ସମାଧାନ କରିବାର ମନୋଭାବକୁ ବି ଜାଣେ ; ଯାହା ପଣ୍ଡିତ ଓ ମୋ ଠାରୁ ନିଆରା। କିନ୍ତୁ ଏହାକୁ ମୁସଲମାନ ବିରୋଧୀ ଭାବେ ବର୍ଣ୍ଣନା କରିବା ହିଁ ସତ୍ୟର ଉପହାସ। ସମସ୍ତଙ୍କୁ ଧରି ରଖିବାରେ ସର୍ଦ୍ଦାରଙ୍କ ହୃଦୟ ଖୁବ୍ ବ୍ୟାପକ।' ଏହା ସତ୍ୟ ଏବଂ ପ୍ରଚାରରେ ବାରମ୍ବାର ଦୋହରାଯିବା ଉଚିତ।

Email:aakar.patel@gmail.com

# ବିଶ୍ୱାସ ମୂଳେ ଏ ଜଗତ



ଡ.ପ୍ରଫୁଲ୍ଲ କୁମାର ସାହୁ

ଆହାର ସଂସ୍ଥାନଠାରୁ ଆରମ୍ଭକରି ମାଟି, ପାଣି, ପବନ, ଗଛବୃଛ, ନଦନଦୀ, ବଣପାହାଡ଼, କୀଟପତଙ୍ଗ, ଜୀବଜନ୍ତୁ ଆଦି ନାନାପ୍ରକାର ଆବଶ୍ୟକ ଉପାଦାନ ସଜଡ଼ା ହୋଇ ରହିଛି ଏକ ବ୍ୟବସ୍ଥିତ ଢଙ୍ଗରେ। କିଏ ସଜାଡ଼ି ରଖିଛି ଏତେସବୁ ଉପାଦାନ ? ଏସବୁ ତିଆରି କରିବା କ'ଣ ମଣିଷ ପକ୍ଷରେ ସମ୍ଭବ। ଯୁଗଯୁଗର ସାଧନା ପରେ ମଣିଷ ତାକୁ ବୁଝିବାକୁ ସକ୍ଷମ ହୋଇପାରୁନି ଅର୍ଥ ଏହାର ସୃଷ୍ଟି ପଛରେ ରହିଛି କେଉଁ ଏକ ଅଦୃଶ୍ୟ ଶକ୍ତିର ହାତ। ଏହି ଭାବ ଓ ଭାବନା ହିଁ ଆଧ୍ୟାତ୍ମିକତା, ଯେଉଁଠୁ ଜନ୍ମନେଲା ଈଶ୍ୱର ବିଶ୍ୱାସ। ଏହାକୁ ଅଧିକ ପରିପୁଷ୍ଟ କଲା ବିଭୀଷିକାମୟ ପ୍ରକୃତିର ପ୍ରକୋପ ପ୍ରତି ଭୟ ଓ ସମର୍ପଣ ଭାବ। ଈଶ୍ୱରଙ୍କୁ ପୂଜାକଲେ ସୁଫଳ ନଚେତ କୁଫଳ ପ୍ରାପ୍ତିର ଧାରଣା ଈଶ୍ୱରବାଦକୁ ଉଜ୍ଜୀବିତ କରି ରଖିଲା ଏବଂ ଈଶ୍ୱର ପାଲଟିଗଲେ ମଣିଷର ଆଶା ଭରସାର ପ୍ରତୀକ। ଏ ସବୁ ସତ୍ତ୍ୱେ ବି ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ ହୋଇପାରୁନି ମଣିଷର ମନ। ଶାସ୍ତ୍ର କହେ ଈଶ୍ୱର ସର୍ବଶକ୍ତିମାନ ଓ ସକଳ କ୍ରିୟାର କାରକ। ଏହି ଆଧ୍ୟାତ୍ମିକ ବିଶ୍ୱାସକୁ ନେଇ ସେ ମନ୍ଦିର ଯାଉଛି ଏବଂ ଭଲରେ ମନ୍ଦରେ ଈଶ୍ୱରଙ୍କୁ ଡାକୁଛି, ହେଲେ ବେଳେବେଳେ ତା ଭାବ ରାଜ୍ୟକୁ ବିଭ୍ରାନ୍ତ କରି ଦେଉଛି ଅନେକ ଅସମାହିତ ପ୍ରଶ୍ନ। ଏହି ମର୍ମରେ ଖୁବ୍ ପ୍ରାସଙ୍ଗିକ ମନେହୁଏ ନିମ୍ନୋକ୍ତ ରୋଚକ କାହାଣୀ।

ତୀର୍ଥାଟନରେ ବାହାରିଥିବା ଜଣେ ସନ୍ନ୍ୟାସୀ ତଥା ଶାସ୍ତ୍ରଜ୍ଞ ପଣ୍ଡିତ ବାଟରେ କିଛିଦିନ ପାଇଁ ଅଟକିଗଲେ ଗୋଟିଏ ଗାଁ ମନ୍ଦିର ପରିସରରେ। ଦିନେ ସେ ଗାଁର ଅନେକ ଲୋକ ଏକତ୍ରିତ ହୋଇ ମନ୍ଦିର ପରିସରରେ ପହଞ୍ଚିଲେ ଏବଂ ଜାଣିବାକୁ ଚାହିଁଲେ ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ପର୍କରେ। ଉତ୍ତର ଦେବା ପରିବର୍ତ୍ତେ ସନ୍ନ୍ୟାସୀ ସେମାନଙ୍କୁ ପ୍ରଶ୍ନକଲେ– ଈଶ୍ୱରଙ୍କ ପାଖରେ ତୁମର କାମ କ'ଣ ? ତମେମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ଏତେ ବ୍ୟାକୁଳ କାହିଁକି। ମଣିଷ ଯଦି ନିଷ୍ଠାର ସହ ଈଶ୍ୱରଙ୍କୁ ଖୋଜୁଥାଆନ୍ତା, ତେବେ ଆଜି ଏମିତି ନ ଥାନ୍ତା ଦୁନିଆର ରୂପ। ତେଣୁ ତୁମେମାନେ ଈଶ୍ୱରଙ୍କୁ ଖୋଜିବା ପରିବର୍ତ୍ତେ ନିଜ କାମ ଉପରେ ଧ୍ୟାନ ଦେବା ଉଚିତ। ସନ୍ନ୍ୟାସୀଙ୍କର ଏଭଳି ଉତ୍ତରରେ ଆଦୌ ସନ୍ତୁଷ୍ଟ ହୋଇପାରିଲେନି ଲୋକେ। ସେମାନେ ଉତ୍ତର ପାଇଁ ବାରମ୍ବାର ଅନୁରୋଧ କଲେ। ଏହାସତ୍ତ୍ୱେ ସନ୍ନ୍ୟାସୀ ଏଣେତେଣେ କଥା ବୁଲେଇବାରୁ ଜଣେ କହିଲେ–ଆପଣ ଉତ୍ତର ଦେବାରେ ଯେତେ ବିଳମ୍ବ କଲେ ବି ଆମେ ଏଠି ବସିରହିବାକୁ ପ୍ରସ୍ତୁତ। କାରଣ ଆଜି ରବିବାର ହୋଇଥିବାରୁ ଆମ ହାତରେ ପ୍ରଚୁର ସମୟ ଅଛି। ତେଣୁ ଆମେ ଧୈର୍ଯ୍ୟର ସହ ଅପେକ୍ଷା କରି ରହିବୁ ଆପଣଙ୍କଠାରୁ ଉତ୍ତର ପାଇବା ପର୍ଯ୍ୟନ୍ତ। ସାଧୁ କହିଲେ ଆଜି ହାତରେ ସମୟ ଥିବାରୁ ଈଶ୍ୱରଙ୍କ କଥା ଶୁଣିବା ପାଇଁ ବ୍ୟଗ୍ରତା ବଢ଼ିଛି। ମୁଁ ଜାଣେ ମଣିଷ ଫାଙ୍କା ସମୟ ପାଇଲେ ଈଶ୍ୱରଙ୍କୁ ଖୋଜେ। ଠିକ୍ ଅଛି ଈଶ୍ୱରଙ୍କ ବିଷୟରେ ଜାଣିବା ପାଇଁ ଯଦି ଏତେ ଆଗ୍ରହୀ, ତେବେ କହିଲ ଦେଖି– ତମେ ଈଶ୍ୱରଙ୍କୁ ମାନ କି ନାହିଁ? ସମ୍ମିଳିତ ସ୍ୱରରେ ଉତ୍ତର ଆସିଲା– ହଁ। ସାଧୁ କହିଲେ, ତେବେ କଥା ସରିଲା। ତମେ ଈଶ୍ୱରଙ୍କ ସମ୍ବନ୍ଧରେ ଜାଣିଛ ବୋଲି ତ ତାଙ୍କୁ ମାନୁଛ। ମୁଁ ଆଉ ସେ ସମ୍ପର୍କରେ ଅଧିକ କ'ଣ କହିବି! ଏତକ କହି ସେଦିନର ଚର୍ଚ୍ଚାକୁ ବିରାମ ଦେଲେ ସନ୍ନ୍ୟାସୀ। ଲୋକେ ଫେରିଗଲେ ନିରାଶହୋଇ। ହେଲେ ଗଲାବେଳେ କୁହାକୁହି ହେଲେ ସାଧୁଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେମାନେ ଈଶ୍ୱରଙ୍କୁ ଜାଣିଛନ୍ତି ବୋଲି କହିବା ହୁଏତ ଠିକ୍ ହେଲାନି। କିନ୍ତୁ ଜାଣିବା ଓ ବିଶ୍ୱାସ କରିବା ଭିତରେ ଅନେକ ପାର୍ଥକ୍ୟ ରହିଛି। ତେଣୁ ସେମାନେ ଆଉ ଥରେ ସାଧୁଙ୍କୁ ଭେଟିବା ପାଇଁ ନିଷ୍ପତ୍ତି ନେଲେ।



କିଛିଦିନ ପରେ ସେଇ ଏକା ପ୍ରଶ୍ନ ନେଇ ପୁଣି ଏକାଠି ହେଲେ ମନ୍ଦିର ପ୍ରାଙ୍ଗଣରେ। ସନ୍ନ୍ୟାସୀ କହିଲେ, ତମେମାନେ ତ ଈଶ୍ୱରଙ୍କୁ ଜାଣିଛ ବୋଲି କହି ସାରିଛ। ଆଜି ପୁଣି କାହିଁକି ସେ ପ୍ରଶ୍ନ ? ଲୋକେ କହିଲେ, ଆମେ ନୁହେଁ ଆଜ୍ଞା, ଯିଏ ଜାଣିଛନ୍ତି ବୋଲି ସେଦିନ କହିଥିଲେ, ସେମାନେ ସବୁ ଆରସାହି ଲୋକ। ସନ୍ନ୍ୟାସୀ ହସିଲେ ଓ ଭାବିଲେ ଈଶ୍ୱରଙ୍କୁ ଖୋଜୁଥିବା ଲୋକ ବି ମିଛ କହିପାରେ ଏବଂ ନିଜ କଥାକୁ ବି ସେ ବଦଳାଇପାରେ। ତଥାପି ମନକଥା ମନରେ ରଖି ସାଧୁ ପଚାରିଲେ, ଈଶ୍ୱର କ'ଣ ସତରେ ଅଛନ୍ତି? ଲୋକେ ଚଟାପଟ ଉତ୍ତର ଦେଲେ ନା। ଆମେ ଈଶ୍ୱରଙ୍କୁ ଜାଣୁନା କି ମାନୁନା। ସାଧୁ କହିଲେ, କଥା ଏଇଠୁ ସରିଲା। ତମେମାନେ ଯାହାକୁ ମାନୁନାହଁ, ତାଙ୍କ ବିଷୟରେ ମୁଁ କ'ଣ କହିବି ? ବିଶେଷକରି ଯାହାକୁ ତୁମେ ଜାଣିନାହଁ, ତାକୁ ଖୋଜିବାର କୌଣସି ଆବଶ୍ୟକତା ନାହିଁ? ପୁଣି ଥରେ ଅଡୁଆରେ ପଡ଼ିଲେ ଗ୍ରାମବାସୀ। ସେଦିନ ବି ସାଧୁଙ୍କ ପାଖରୁ ଉତ୍ତର ନ ପାଇ ଫେରିଲେ ଉଦାସ ମନରେ। କିଛି ଦିନ ଅନ୍ତରରେ ଏକ ପୂର୍ବ ପ୍ରସ୍ତୁତି ନେଇ ସେମାନେ ପୁଣି ଥରେ ମନ୍ଦିରରେ ଏକାଠି ହେଲେ ଉତ୍ତର ପ୍ରତ୍ୟାଶାରେ। ସେମାନଙ୍କୁ ଦେଖି ସନ୍ନ୍ୟାସୀ କହିଲେ –ମୁଁ ଭାବୁଛି ଇତିମଧ୍ୟରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ତମେମାନେ ଠିକ୍ ଉତ୍ତର ପାଇସାରିଛ ଏବଂ ତମ ଚେତନା ସ୍ତରରେ ଆସିସାରିଛି ଅନେକ କିଛି ପରିବର୍ତ୍ତନ। ଏଥର କୁହ ତମେମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ମାନୁଛ କି ନାହିଁ? ଯୋଜନା ଅନୁସାରେ ଅଧାଲୋକ କହିଲେ– ହଁ, ଈଶ୍ୱର ଅଛନ୍ତି ଏବଂ ଆମେ ତାଙ୍କୁ ମାନୁଛୁ। ଆଉ ଅଧାଲୋକ କହିଲେ– ଆମେ ଈଶ୍ୱରଙ୍କୁ ଜାଣିନାହୁଁ। ମାନିବୁ କେମିତି ? ଉଭୟ ପକ୍ଷର କଥା ଶୁଣି ସାଧୁ କହିଲେ, ମୋର ଦାୟିତ୍ୱ ଏବେ ସରିଲା। ଭାବୁଥିଲି କ'ଣ କହି ତମମାନଙ୍କ ସନ୍ଦେହ ଦୂର କରିବି। ଯାହାହେଉ ସେହିମାନେ ମୋର ଚିନ୍ତା ଦୂରକଲେ, ଯେଉଁମାନେ ଈଶ୍ୱରଙ୍କୁ ଜାଣିଛନ୍ତି ବୋଲି କହିଲେ। ଅର୍ଥାତ୍ ତମମାନଙ୍କ ଭିତରୁ ପ୍ରାୟତଃ ଅର୍ଦ୍ଧାଧିକ ଲୋକ ଈଶ୍ୱରଙ୍କୁ ଜାଣିଥିବାରୁ ସେମାନେ ସହଜରେ ଦୂର କରିପାରିବେ ଅନ୍ୟମାନଙ୍କ ସନ୍ଦେହ। ସାଧୁଙ୍କ କଥାଶୁଣି ବିଷଣ୍ଣ ହୋଇଗଲା ଲୋକଙ୍କ ମୁହଁ। ଅର୍ଥାତ୍ ସେମାନେ ପୁଣିଥରେ ଛନ୍ଦି ହୋଇ ପଡ଼ିଲେ ନିଜ ଜାଲରେ। ସେମାନେ ପରସ୍ପରର ମୁହଁକୁ ଅନାଅନି ହୋଇ ମନ୍ଦିର ଛାଡ଼ିବା ପୂର୍ବରୁ ମହାଭାରତର ଏକ ପ୍ରସଙ୍ଗ ଅବତାରଣା କଲେ ସାଧୁ।

କୁରୁକ୍ଷେତ୍ରରେ କୌରବ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧର ଅଷ୍ଟମ ଦିବସ। ଆଗାମୀ କାଲିର ଯୁଦ୍ଧରେ ପାଣ୍ଡବ ପାଞ୍ଚଭାଇଙ୍କୁ ବିନାଶ କରିବାକୁ ପ୍ରତିଜ୍ଞା କଲେ ପିତାମହ ଭୀଷ୍ମ। ଶ୍ରୀକୃଷ୍ଣ ଜାଣିଥିଲେ ଭୀଷ୍ମଙ୍କ ପାଖରେ ଅଛି ପାଣ୍ଡବଙ୍କୁ ନିଧନ କରିବାର ଅମୋଘ ଅସ୍ତ୍ର। ତେଣୁ ତାଙ୍କ ମନକୁ ଆଚ୍ଛନ୍ନ କଲା ପାଣ୍ଡବଙ୍କ ସୁରକ୍ଷା ଚିନ୍ତା। ରାତି ଅଧରେ ଭାବିଲେ ପିତାମହଙ୍କ ପ୍ରତିଜ୍ଞାକୁ ନେଇ ନିଶ୍ଚୟ ଦୁଶ୍ଚିନ୍ତାରେ ଥିବେ ନିଜର ପ୍ରିୟସଖା ଅର୍ଜୁନ। ଏହି ସମୟରେ ସଖା ପାଖରେ ପହଞ୍ଚି ଧୈର୍ଯ୍ୟ ଓ ଆଶ୍ୱାସନା ଦେବା ତାଙ୍କର କର୍ତ୍ତବ୍ୟ। ତେଣୁ ସେହି ନିଶାର୍ଦ୍ଧରେ ସେ ପହଞ୍ଚିଗଲେ ପାଣ୍ଡବ ଶିବିରରେ। ସେତେବେଳକୁ ଗଭୀର ନିଦ୍ରାମଗ୍ନ ଥିଲେ ସଖା ଅର୍ଜୁନ। ତାଙ୍କ ନିଦ୍ରାଭଗ୍ନ କରି ପଚାରିଲେ, ଭୀଷ୍ମଙ୍କ ପ୍ରତିଜ୍ଞା କଥା ଜାଣି ସୁଦ୍ଧା ଏଭଳି ଦୁଃସମୟରେ ତମେ ନିଶ୍ଚିନ୍ତରେ ନିଦ୍ରା ଯାଇପାରିଲ କିପରି? ଅର୍ଜୁନ ଉତ୍ତର ଦେଲେ– ଆମ ପାଇଁ ଅହରହ ଚିନ୍ତା କରୁଥିବା ଚିନ୍ତାମଣି ପରା ଜାଗ୍ରତ। ମୋର ଆଉ ଚିନ୍ତା କରିବାର କ'ଣ କାରଣ?

ସୁତରାଂ ଅର୍ଜୁନଙ୍କର ଏହି ଆସ୍ଥାରେ ଆଶ୍ରିତ ଈଶ୍ୱରଙ୍କ ଅସ୍ତିତ୍ୱ। ଯେଉଁଠି ଦୁର୍ବଳ ପଡ଼ିଯାଏ ଆସ୍ଥା, ସେଇଠି ଉଠେ ଈଶ୍ୱରଙ୍କ ଅସ୍ତିତ୍ୱକୁ ନେଇ ପ୍ରଶ୍ନ। ମାତ୍ର ଖୋଜିବାର ବ୍ୟାକୁଳତା ନ ଥିଲେ ମିଳେନି ଜିଜ୍ଞାସାର ଯଥାର୍ଥ ଉତ୍ତର।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# 'ଦି ଚିପ୍‌କୋ ମୁଭମେଣ୍ଟ' ଲେଖକ

ବ୍ୟକ୍ତିତ୍ୱ



ଶେଖର ପାଠକ

ଦ୍ରୁତ ଜଙ୍ଗଲକ୍ଷୟ ରୋକିବା ଓ ପରିବେଶ ସଚେତନତା ଦିଗରେ ଉତ୍ତରାଖଣ୍ଡ (ଉତ୍ତରପ୍ରଦେଶର ଏକ ଅଂଶ ଥିଲା)ରେ ୧୯୭୩ରେ ଆରମ୍ଭ ହୋଇଥିବା 'ଚିପ୍‌କୋ ମୁଭମେଣ୍ଟ' ବା 'ଚିପ୍‌କୋ ଆନ୍ଦୋଳନ' ସେତେବେଳେ ବିଶ୍ୱକୁ ନୂଆ ଦିଗ ଦେଖାଇଥିଲା। ବୃକ୍ଷକୁ ବଞ୍ଚାଇବା ସକାଶେ ଯେଉଁ ଅହିଂସା ଅଭିଯାନ ହୋଇଥିଲା, ତାହାର ପୁରୋଧା ଥିଲେ ଗାନ୍ଧୀ ଆଦର୍ଶବାଦୀ ବିଶିଷ୍ଟ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣା। ଏବର ପିଢ଼ି ଯଦି ଚିପ୍‌କୋ ଆନ୍ଦୋଳନର ସେହି ସମୟର ଚିତ୍ରକୁ ଖୋଜିବେ ସେମାନେ ଦେଖିବାକୁ ପାଇବେ ମହିଳାମାନେ କିଭଳି ଗଛକୁ ବଞ୍ଚାଇବା ପାଇଁ ତାହାକୁ ଜାବୁଡ଼ି ଧରିଥିଲେ। ଏ ବିଷୟରେ ଆଲୋଚନା ହେଲା ବେଳେ ସୁନ୍ଦରଲାଲ ବହୁଗୁଣା ଓ ରମଣ ମାଗସେସେ ପୁରସ୍କାର ବିଜେତା ଚଣ୍ଡିପ୍ରସାଦ ଭଟ୍ଟଙ୍କ ସହ ଅନେକ ପରିବେଶବିତ୍‌ଙ୍କ କଥା ଉଠିଥାଏ। କିନ୍ତୁ ଯେଉଁ ସାଧାରଣ ମହିଳା ଓ ପୁରୁଷ ଏହାକୁ ଏକ ମିଶନ ଭାବେ ନେଇ ଜଙ୍ଗଲ ସୁରକ୍ଷା ଓ ହିମାଳୟ ଜୈବବିବିଧତାକୁ ବଜାୟ ରଖିବା ଦିଗରେ ନିଜକୁ ନିୟୋଜିତ କରି ଆନ୍ଦୋଳନକୁ ସଫଳ କରିଥିଲେ, ସେହିମାନଙ୍କ କଥା କ୍ୱଚିତ ଶୁଣିବାକୁ ମିଳେ। ହେଲେ ଏବେ ସେହି ଗଛ ଆଢୁଆଳରେ ରହିଯାଇଥିବା ବ୍ୟକ୍ତିଙ୍କ କାହାଣୀ ଓ ଅବଦାନକୁ ଉତ୍ତରାଖଣ୍ଡର ଐତିହାସିକ, ଲେଖକ ତଥା ଶିକ୍ଷାବିତ୍ ଶେଖର ପାଠକ ତାଙ୍କ ପୁସ୍ତକ 'ଦି ଚିପ୍‌କୋ ମୁଭମେଣ୍ଟ'ରେ ସ୍ଥାନ ଦେଇଛନ୍ତି। ତାଙ୍କ ବର୍ଣ୍ଣନା ଅତି ଜୀବନ୍ତ ହୋଇଥିବାରୁ ସେ 'କମଳାଦେବୀ ଚଟ୍ଟୋପାଧ୍ୟାୟ ଏନ୍‌ଆଇଏଫ୍ ବୁକ୍ ପ୍ରାଇଜ୍ ୨୦୨୨' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ନ୍ୟୁ ଇଣ୍ଡିଆ ଫାଉଣ୍ଡେଶନ (ଏନ୍‌ଆଇଏଫ୍) ପକ୍ଷରୁ ନିକଟରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଏହି ପୁରସ୍କାର ୨୦୧୮ରେ ପ୍ରତିଷ୍ଠା କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମରେ ମହିଳା ଆନ୍ଦୋଳନ, ଶରଣାର୍ଥୀ ଥଇଥାନ ଓ ହସ୍ତଶିଳ୍ପ ପ୍ରସାର ଦିଗରେ କମଳାଦେବୀଙ୍କ ଭୂମିକା ଥିଲା ଅନନ୍ୟ। ତେବେ ଆଧୁନିକ ଓ ସମକାଳୀନ ଭାରତ ଉପରେ ବାସ୍ତବଧର୍ମୀ ଲେଖାକୁ ମାନ୍ୟତା ଦେବା ଲାଗି ଏହାର ଲେଖକଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ଦିଆଯାଇଆସୁଛି। ଶେଖର ପାଠକଙ୍କୁ ୨୦୨୨ ସମ୍ମାନ ଦିଆଯିବାର ବିଶେଷତ୍ୱ ବହନ କରୁଥିବା ମୁଖ୍ୟ କାରକ ହେଲା ଚିପ୍‌କୋ ମୁଭମେଣ୍ଟ ଉପରେ ତାଙ୍କର ଗଭୀର ଅନ୍ତର୍ଦୃଷ୍ଟି। ସାମୂହିକ ପଦକ୍ଷେପର ରୂପାନ୍ତରଣ ଶକ୍ତି କିଭଳି ପ୍ରାମାଣିକ ଅନୁସ୍ମାରକ ବହନ କରିଥାଏ, ତାହା ଏହି ପୁସ୍ତକରୁ ସ୍ପଷ୍ଟ ପ୍ରତୀତ ହୋଇଛି ବୋଲି ବିଚାରକମଣ୍ଡଳୀ ମତବ୍ୟକ୍ତ କରିଛନ୍ତି। ସେମାନଙ୍କ ମତରେ ଏହା କେବଳ ଏକ ସମୟର ଇତିହାସକୁ ସୂଚାଉ ନାହିଁ, ବରଂ ପରିବେଶ ଓ ଗଣତନ୍ତ୍ର ସମ୍ମୁଖୀନ ହେଉଥିବା ସଙ୍କଟକୁ ଦର୍ଶାଇଛି। ଏଭଳି ଅନୁଶୀଳନ କରିଥିବା ଚଳିତବର୍ଷର ୬ ବିଚାରକମଣ୍ଡଳୀ ହେଲେ–ରାଜନୀତି ବିଜ୍ଞାନୀ ତଥା ଲେଖକ ନିର୍ଜା ଗୋପାଳ ଜୟାଲ, ଉଦ୍ୟୋଗୀ ମନୀଷ ସଭରୱାଲ, ଐତିହାସିକ–ଲେଖକ ଶ୍ରୀନାଥ ରାଘବନ, ଐତିହାସିକ–ଲେଖକ ନୟନଜ୍ୟୋତ୍ ଲାହିରି, ପୂର୍ବତନ କୂଟନୀତିଜ୍ଞ–ଲେଖକ ନଭ୍‌ତେଜ୍ ସର୍‌ନା ଏବଂ ଆର୍ଟର୍ନି–ଲେଖକ ରାହୁଲ ମଚ୍ଛହାନ୍।

ଦୀର୍ଘବର୍ଷ ପରେ ଚିପ୍‌କୋ ଆନ୍ଦୋଳନ ବିଷୟରେ ପୁନଶ୍ଚ ଚର୍ଚ୍ଚା କରିବା ଲାଗି ଅବସର ସୃଷ୍ଟି କରିଥିବା ଶେଖର ପାଠକଙ୍କ ଜନ୍ମ ଡେରାଡୁନ୍‌ରେ ୧୯୪୮ରେ ହୋଇଥିବା ଜଣାପଡ଼େ। ସେ ନୈନିତାଲସ୍ଥିତ କୁମାୟୁନ୍ ବିଶ୍ୱବିଦ୍ୟାଳୟର ଇତିହାସ ପ୍ରଫେସର ଥିଲେ। କିନ୍ତୁ ୧୯୭୪, ୧୯୮୪, ୧୯୯୪ ଓ ୨୦୦୪ ଯାଏ ପ୍ରତି ୧୦ ବର୍ଷରେ ଥରେ ହିମାଳୟ ପରିରକ୍ଷଣ ଦିଗରେ ପଦଯାତ୍ରାରେ ଯାଇଥାଆନ୍ତି। ତାହା ଅସକଟ୍–ଅରାକଟ୍‌ରୁ ଆରମ୍ଭ ହୋଇଥାଏ। ସୂଚନା ଦିଆଯାଇପାରେ ଯେ, ୧୯୭୪ରେ କେତେଜଣ ଯୁବକ ପ୍ରକୃତି ଓ ପର୍ବତ ସୁରକ୍ଷା ଦିଗରେ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ଏହା ଏବେ ୫ ଦଶନ୍ଧି ଦେଖି ଏକ ଅଭିଯାନରେ ପରିଣତ ହୋଇଯାଇଛି। ଶିକ୍ଷାଦାନ ସହ ପରିବେଶ ପ୍ରତି ତାଙ୍କ ପ୍ରତିବଦ୍ଧତା ଶେଖରଙ୍କୁ ଏକ ସଙ୍ଗଠନ ଗଢ଼ିବାକୁ ପ୍ରେରଣା ଦେଇଥିଲା। ହିମାଳୟ ଲୋକଙ୍କ ଉପରେ ଗବେଷଣା କରିବା ଲାଗି ୧୯୮୩ରେ ଗଢ଼ାଯାଇଥିବା ନୈନିତାଲଭିତ୍ତିକ ଅଣଲାଭଦାୟକ ସଂସ୍ଥା ପିପୁଲ୍ସ ଆସୋସିଏସନ୍ ଫର୍ ହିମାଳୟ ଏରିଆ ରିସର୍ଚ୍ଚ (ପାହାର)ର ସେ ପ୍ରତିଷ୍ଠାତା ସମ୍ପାଦକ ଥିଲେ। ତାଙ୍କ କାର୍ଯ୍ୟ ବିଶ୍ୱସ୍ତରୀୟ ସଙ୍ଗଠନକୁ ଆକର୍ଷିତ କରିଛି। ୨୦୦୨ ଏପ୍ରିଲରେ ସିକ୍କିମ୍‌ର ୟୁକ୍‌ସୋମଠାରେ ଅନୁଷ୍ଠିତ ୱାର୍ଲଡ ମାଉଣ୍ଟେନ୍ ପିପୁଲ ଆସୋସିଏସନ୍‌ର ଏସିଆ ବୈଠକରେ ଶେଖର ଭାରତୀୟ ଚାପ୍ଟରର ଜାତୀୟ ସଂଯୋଜକ ଦାୟିତ୍ୱ ନେବା ଲାଗି ବଛାଯାଇଥିଲେ। ରମଣ ମାଗ୍‌ସେସେ ପୁରସ୍କାର ବିଜେତା ଚଣ୍ଡିପ୍ରସାଦ ଭଟ୍ଟଙ୍କ ସହ ମିଶି ହିମାଳୟ ଲୋକଙ୍କ ଉପରେ ଗବେଷଣା କରିବା ଲାଗି ୩ ବର୍ଷିଆ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଶେଖର ଲେହରୁ ଅରୁଣାଚଳ ପ୍ରଦେଶ ଯାତ୍ରା କରିଥିଲେ। ୨୦୦୭ରେ ଭାରତ ସରକାରଙ୍କ 'ପଦ୍ମଶ୍ରୀ' ସମ୍ମାନ ସହ ଅନେକ ପୁରସ୍କାର ପାଇଥିବା ଶେଖର ପ୍ରକୃତି, ପରିବେଶ, ପାହାଡ଼ ଓ ଏହା କଡ଼େ କଡ଼େ ବାସ କରୁଥିବା ଲୋକଙ୍କ ଉପରେ ଅନବରତ କାର୍ଯ୍ୟ କରି ସମାଜ ଆଗରେ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବର୍ଜ୍ୟ କାଗଜର ପୁନଃ ଉପଯୋଗ କରି କଶ୍ମୀର ହସ୍ତକଳାକୁ ଏକ ନୂଆ ମୋଡ଼ ଦେବାରେ ଲାଗିଛନ୍ତି ଡିଜାଇନର ବୁର୍‌ହାନ ଖାଦିବ୍। ସେ ବର୍ଜ୍ୟ କାଗଜରୁ ପରିବେଶ ଉପଯୋଗୀ ଗ୍ଲୁଥ ସ୍ୱିକର, କୁକୁଡ଼ା ଘର, ବ୍ୟାଗ୍ ଏବଂ ଅନ୍ୟ ଘର ଉପକରଣ ଜିନିଷ ତିଆରି କରୁଛନ୍ତି। ୩୦ ବର୍ଷୀୟ ବୁର୍‌ହାନ ଅହମ୍ମଦାବାଦସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜାଇନରୁ ଡିଗ୍ରୀ ହାସଲ କରିଛନ୍ତି। ସେ ଶ୍ରୀନଗରରେ ଷ୍ଟୁଡିଓ କିଲାବ୍ ଆରମ୍ଭ କରି ଏହା ମାଧ୍ୟମରେ ଉକ୍ତ କାର୍ଯ୍ୟ କରୁଛନ୍ତି। ଏହିଜିନିଷ ତିଆରି କରିବାରେ ବୁର୍‌ହାନ ବର୍ଜ୍ୟ କାଗଜ ଓ ଅଠା ମିଶ୍ରଣରୁ ପ୍ରସ୍ତୁତ ଦ୍ରବ୍ୟ ବ୍ୟବହାର କରୁଛନ୍ତି। ଏଥିରେ ବି ସେ ପାଇନ୍ ଓ ୱାଲନଟ୍ କାଠ ଲଗାଉଛନ୍ତି। ଏହି ପଦ୍ଧତିରେ ଜିନିଷ ତିଆରି କରିବାରେ କାର୍ବନ ନିର୍ଗମନ ବି ହେଉନାହିଁ। ସେ ଏହିସବୁ ଜିନିଷରେ ଗ୍ରାମୀଣ ହସ୍ତକଳାର ଛାପ ରଖୁଛନ୍ତି ଓ ଏଥିପାଇଁ ୧୦୦ ଜଣ କରିଗରଙ୍କୁ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଡିସେମ୍ବର ୧୯୯୭

- ଆଣବିକ ଯୁଦ୍ଧାସ୍ତ୍ରର ଏକ ତୃତୀୟାଂଶ ହ୍ରାସ କରିବା ନେଇ ରୁଷିଆ ରାଷ୍ଟ୍ରପତି ବୋରିସ ୟେଲଟସିନଙ୍କ ଘୋଷଣା।
- ବ୍ରାଜିଲର ଖ୍ୟାତନାମା ଫୁଟବଲ ତାରକା ପେଲେଙ୍କୁ ଏଲିଜାବେଥ୍‌ଙ୍କ ସମ୍ମାନସୂଚକ ନାଇଟ୍ ଉପାଧି ପ୍ରଦାନ।

## ଚିରନ୍ତନୀ

ଦେଖରେ ତାରା ଦେଖ ଆକାଶେ
ତୁମରି କବି ଲୋତକେ ଭାଷେ
ଏ ଧୂଳି ତଳେ କି ଦୀନ ବେଶେ
ଭ୍ରମଇ କିବା ଭିକ୍ଷା ଆଶେ !
(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 6 | | | | | 9 | | | 8 |
| | 3 | | 4 | | | | | 2 |
| | 1 | | | | 5 | | | |
| | | | | | | | 2 | |
| 8 | | 5 | | 9 | | | | |
| 4 | | | | | 6 | | 5 | 9 |
| 3 | 4 | | | | | | | |
| | | | 2 | | | | 3 | 5 |
| | 6 | | | | 8 | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 8 | 3 | 1 | 2 | 5 | 6 | 9 |
| 6 | 5 | 1 | 4 | 7 | 9 | 3 | 2 | 8 |
| 2 | 9 | 3 | 8 | 6 | 5 | 7 | 1 | 4 |
| 1 | 2 | 4 | 5 | 8 | 6 | 9 | 3 | 7 |
| 8 | 7 | 6 | 9 | 4 | 3 | 2 | 5 | 1 |
| 9 | 3 | 5 | 7 | 2 | 1 | 8 | 4 | 6 |
| 4 | 6 | 9 | 2 | 3 | 8 | 1 | 7 | 5 |
| 5 | 1 | 2 | 6 | 9 | 7 | 4 | 8 | 3 |
| 3 | 8 | 7 | 1 | 5 | 4 | 6 | 9 | 2 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦ୍ୱିତୀୟ ସବୁଜ ବିପ୍ଳବ ଆରମ୍ଭ ହେଉ

ମହାଶୟ,

ବିଂଶ ଶତାବ୍ଦୀର ଷଷ୍ଠ ଦଶକରେ ସବୁଜ ବିପ୍ଳବ ପ୍ରଭାବରେ ଭାରତରେ କ୍ରମାଗତ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ପାଇ ଭାରତ ଏକ ନିଅଣ୍ଟିଆ ରାଷ୍ଟ୍ରରୁ ବଳକା ରାଷ୍ଟ୍ରରେ ପରିଣତ ହୋଇଥିଲା। ଏପରିକି ୧୦ ବର୍ଷ ଅବଧି ମଧ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବ ତୁଳନାରେ ଦୁଇ ଗୁଣରୁ ଅଧିକ ହୋଇଥିଲା। ଏବେ ୟୁକ୍ରେନ୍–ରୁଷ ଯୁଦ୍ଧର ପ୍ରଭାବ , ଜଳବାୟୁ ପରିବର୍ତ୍ତନ ଏବଂ ଦ୍ରୁତ ସହରୀକରଣଜନିତ ଚାଷଜମିର ପରିମାଣ ହ୍ରାସ ଯୋଗୁ ସମଗ୍ର ବିଶ୍ୱରେ ଖାଦ୍ୟ ଶୃଙ୍ଖଳ ଗୁରୁତର ପ୍ରଭାବିତ ହୋଇଛି। ଭାରତ ସମେତ ସମଗ୍ର ବିଶ୍ୱରେ ଉତ୍କଟ ଖାଦ୍ୟ ସଂକଟ ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଗୋଟିଏ ପଟେ ଖାଦ୍ୟଶସ୍ୟର ଉତ୍ପାଦନ ହ୍ରାସ ଓ ଅନ୍ୟପଟେ ଜନସଂଖ୍ୟା ବୃଦ୍ଧି ପାଇ ନଭେମ୍ବର ୨୨ ସୁଦ୍ଧା ବିଶ୍ୱର ଜନସଂଖ୍ୟା ୮୦୦ କୋଟିକୁ ଅତିକ୍ରମ କରିଥିବା ବେଳେ ଭାରତର ଜନସଂଖ୍ୟା ୧୪୧ କୋଟିକୁ ଅତିକ୍ରମ କରିଯାଇଛି। ସମ୍ଭାବ୍ୟ ଖାଦ୍ୟ ସଙ୍କଟର ସଫଳ ମୁକାବିଲା ପାଇଁ ଭାରତରେ ଦ୍ୱିତୀୟ ସବୁଜ ବିପ୍ଳବର ଆବଶ୍ୟକତା ଜରୁରୀ ହୋଇପଡିଛି।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

## ଭିକାରିଙ୍କୁ ଥଇଥାନ କରାଯାଉ

କଟକ ସହରରେ ଭିକାରିଙ୍କ ଥଇଥାନ ପାଇଁ ଦୁଇଟି କେନ୍ଦ୍ର ସ୍ଥାପନ କରାଯାଇଛି। ଏହା ସହର ଉପକଣ୍ଠ ବୈୟାଳିଶ ମୌଜା ଏବଂ ଦରଖାପାଟଣାରେ ରହିଛି। ଏମାନଙ୍କୁ ଖରା, ବର୍ଷା ଓ ଶୀତରୁ ରକ୍ଷାକରିବା ପାଇଁ ବ୍ୟବସ୍ଥା କରାଯାଇଛି। କିନ୍ତୁ କେତେକ ସ୍ଥାନରେ ଭିକ୍ଷାବୃତ୍ତି କରୁଛନ୍ତି ଓ ଶୀତରେ ବି ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଖାଦ୍ୟପେୟ ଓ ଅର୍ଥ ବ୍ୟବସ୍ଥା କରି ସମସ୍ତଙ୍କୁ ପ୍ରଶାସନ ତରଫରୁ ଏକତ୍ର କରି ରଖାଯାଉ। ସେହିପରି ସେମାନଙ୍କ ପାଇଁ ସହରରେ ନିର୍ମିତ ଆଶ୍ରୟସ୍ଥଳ ବ୍ୟବହାର ହେଉ। ଭିକାରିମାନଙ୍କୁ ଥଇଥାନ କରି କଟକକୁ ଭିକାରି ମୁକ୍ତ ସହର କରାଯାଉ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍-୨୦୨୨






ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍‌ରେ ଶନିବାର 'ଟ୍ରାନ୍ସଫର୍ମିଂ ସ୍କୁଲ ଏଜୁକେଶନ ଫର୍ ଫ୍ୟୁଚର ରେଡ଼ି ଓଡ଼ିଶା' ଶୀର୍ଷକ ପ୍ଲିନାରୀ ସେସନ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଧିକାରୀମାନେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କ୍ୟାଲେଣ୍ଡରକୁ ଉନ୍ମୋଚନ କରୁଛନ୍ତି।



ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ନିବେଶକ, ବିଭିନ୍ନ କମ୍ପାନୀ ଏବଂ ସଂସ୍ଥାର କର୍ତ୍ତୃପକ୍ଷ, ଅଧିକାରୀ।




'ମହିଳା ଉଦ୍ୟୋଗୀ ଅଧିବେଶନ'ରେ ମିଶନ ଶକ୍ତି ବିଭାଗ ଏବଂ ବ୍ୟୁଟି ଆଣ୍ଡ୍ ୱେଲ୍‌ନେସ୍ ସେକ୍ଟର ସ୍କିଲ୍ କାଉନସିଲ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର।



ମହିଳା ଉଦ୍ୟୋଗୀ ଅଧିବେଶନରେ ଭାଗନେଇଥିବା ମହିଳାମାନେ।




ଉଦ୍‌ଯାପନୀ ଅଧିବେଶନରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗହଣରେ ମିଶନ ଶକ୍ତି ବିଭାଗ ସଚିବ ସୁଜାତା କାର୍ତ୍ତିକେୟନ ଓ ଅନ୍ୟମାନେ।




ହେଲ୍‌ଥ କେୟାର ଓ ଫାର୍ମା ସେକ୍ଟର ଅଧିବେଶନ।




ଟ୍ରାଡିଶନାଲ ସିନେମା ସମ୍ପର୍କିତ ଅଧିବେଶନ।




ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍‌ରେ ଶନିବାର ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ।





ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ୍‌ରେ ଶନିବାର ପରିବେଷିତ ଓଡ଼ିଶୀ ନୃତ୍ୟ ଏବଂ ଫ୍ୟାଶନ ଶୋ'।

ଫଟୋ: ବିକାଶ ନାୟକ

# ରାଜ୍ୟରେ ବଢ଼ିବ ଷ୍ଟାର୍ଟଅପ୍, ଇନକ୍ୟୁବେଶନ-ଇନୋଭେଶନ

ଭୁବନେଶ୍ୱର,୩।୧୨




ଚଳିତ ବର୍ଷର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ୩ୟ ସଂସ୍କରଣର ୩ୟ ଦିନରେ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ କେତେକ ରାଜିନାମା ସ୍ୱାକ୍ଷରିତ ହୋଇଯାଇଛି। ବିଶେଷ କରି ବାୟୋଟେକ୍‌ନୋଲୋଜି କ୍ଷେତ୍ରରେ ବ୍ୟାପକ ବିକାଶ ପାଇଁ ଏ ସବୁ ରାଜିନାମାରେ ବ୍ୟବସ୍ଥା ରହିଛି। ଆବଲ୍ (ଆସୋସିଏସନ୍ ଅଫ୍ ବାୟୋଟେକ୍‌ନୋଲୋଜି ଲେଡ୍ ଏଣ୍ଟ ପ୍ରାଇଜ୍), ଗ୍ଲୋବାଲ୍ ନେଟ୍‌ୱାର୍କ ଅଫ୍ ଇଣ୍ଟ୍ରପ୍ରିନିୟୋର୍ସ ଆଣ୍ଡ ପ୍ରଫେସନାଲସ୍ ଫର ଓଡ଼ିଶା, ହୁଓ୍ୱେଲ ଲାଇଫ୍ ସାଇନ୍‌ସେସ୍, କ୍ରପ୍‌ଜିନି ଭଳି ସଂସ୍ଥା ସହ ଏସବୁ ରାଜିନାମା ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ବାୟୋଟେକ୍‌ନୋଲୋଜି ବିକାଶ ପାଇଁ ଷ୍ଟାର୍ଟଅପ୍, ଇନ୍‌କ୍ୟୁବେସନ୍, ଗବେଷଣା, ନେଟ୍‌ୱାର୍କିଂ ଇତ୍ୟାଦି ନିମନ୍ତେ ଏହି ସଂସ୍ଥା ଗୁଡ଼ିକ ସହଯୋଗ କରିବେ ବୋଲି ରାଜିନାମାରେ ଘୋଷଣା କରାଯାଇଛି। ହୁଓ୍ୱେଲ୍ ଲାଇଫ୍ ସାଇନ୍‌ସେସ୍ ୫୦କୋଟି ଟଙ୍କା ଓ କ୍ରପ୍‌ଜିନି ୫୦୦କୋଟି ଟଙ୍କା ବିନିଯୋଗ କରିବେ। ଏହି ନିବେଶ ଫଳରେ ୮୦୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିପାରିବ। ପୂର୍ବରୁ ଭାରତ ବାୟୋଟେକ୍ ଟିକା ଉତ୍ପାଦନ ପାଇଁ ୫୦୦ କୋଟି ଟଙ୍କା ପୁଞ୍ଜି ନିବେଶ କରିଥିବାବେଳେ ଏବେ ପ୍ରକଳ୍ପ ସଂପ୍ରସାରଣ ପାଇଁ ଆଉ ୭୦୦କୋଟି ଟଙ୍କା ନିବେଶ ପାଇଁ ପ୍ରତିଶ୍ରୁତି ଦେଇଛି। ବିଜ୍ଞାନ ଓ କାରିଗରୀ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ, ଅପରିସୀମ ଜୈବ ବିବିଧତାରେ ପରିପୂର୍ଣ୍ଣ ଓଡ଼ିଶା ବାୟୋଟେକ୍‌ନୋଲୋଜି ବିକାଶ ପାଇଁ ରାଜ୍ୟ ସରକାର ବାୟୋଟେକନୋଲୋଜି ନୀତି, ଷ୍ଟାର୍ଟଅପ୍ ନୀତି ପ୍ରଣୟନ କରିଛନ୍ତି। ସେହିଭଳି ବିଭାଗୀୟ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଓ ଯୁଗ୍ମ ଶାସନ ସଚିବ ପୂଜା ମିଶ୍ର ମଧ୍ୟ ଏ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପନିର୍ଦ୍ଦେଶକ ଶଶିକାନ୍ତ ଦାସ ଓ ବରିଷ୍ଠ ୧ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ କାର୍ଯ୍ୟକ୍ରମରେ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ୨ଟି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଗୋଟିଏ 'ବାୟୋଫାର୍ମା' ଓ ଅନ୍ୟଟି 'କୃଷି ଓ ଶିଳ୍ପ' ପ୍ରସଙ୍ଗ ଉପରେ ହୋଇଥିବାବେଳେ ଏଥିରେ ଶିଳ୍ପୋଦ୍ୟୋଗୀ, ଉଦ୍ୟୋଗ କର୍ମକର୍ତ୍ତା ଓ ଅନ୍ୟ ଅଂଶୀଦାରମାନେ ମଧ୍ୟ ଉପସ୍ଥିତ ଥିଲେ।

## ଓଡ଼ିଶାରେ ପ୍ରତିଷ୍ଠା ହେବ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍

ଭୁବନେଶ୍ୱର,୩।୧୨

ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଯୁକ୍ତରାଜ୍ୟ ଇଂଲଣ୍ଡର କମ୍ପାନୀ ଏସ୍‌ରାମ୍ ଓ ଏସ୍‌ରାମ ଗ୍ରୁପ୍ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ୩୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଭୁବନେଶ୍ୱର ନିକଟବର୍ତ୍ତୀ ଅଞ୍ଚଳରେ ୪୦ ଏକର ପରିମିତ ଜାଗାରେ ସେମିକଣ୍ଡକ୍ଟର ଫାବ୍ରିକେସନ୍ ୟୁନିଟ୍ ସ୍ଥାପନ କରିବା ପ୍ରସ୍ତାବ ରହିଛି ବୋଲି ଗ୍ରୁପ୍ କର୍ତ୍ତୃପକ୍ଷ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଓଡ଼ିଶାରେ ଏହି ୟୁନିଟ୍ ପ୍ରତିଷ୍ଠା ଫଳରେ ସେମିକଣ୍ଡକ୍ଟର ଚିପ୍ ପାଇଁ ଅପେକ୍ଷା କରି ରହିଥିବା ଲକ୍ଷାଧିକ ଯାନ୍ତ୍ରିକ ଉପକରଣର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ଏବଂ ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନକାରୀ ବିଦେଶୀ ରାଷ୍ଟ୍ରଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିଭଳି ଓଡ଼ିଶା ପ୍ରୋଜେକ୍ଟର ମୁଖ୍ୟ ତଥା କମ୍ପାନୀର ଉପାଧକ୍ଷ ଡଃ ଗୁରୁଜୀ କୁମାରନ୍ ସ୍ୱାମୀ ଏବଂ ଓଡ଼ିଶା ପ୍ରୋଜେକ୍ଟର ପ୍ରାଧିକୃତ ମୁଖ୍ୟ ଡଃ ଡି.ସିଂହଦେଓ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବରୋଦା କିଷାନ ପଖୱାଡାର ୫ମ ସଂସ୍କରଣ



ଭୁବନେଶ୍ୱର,୩।୧୨

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ 'ବରୋଦା କିଷାନ ପଖୱାଡା'ର ୫ମ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏପରିକି ଖୋର୍ଦ୍ଧାସ୍ଥିତ ଜୟ ରାଜଗୁରୁ ଟାଉନ୍‌ହଲ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବଦତ୍ତ ଚାନ୍ଦ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓବି ପାଟନା ଜୋନ୍‌ର ମହାପ୍ରବନ୍ଧକ ସୋନମ ଟି. ଭୂଟିଆ, ପାଟନା ଜୋନ୍‌ର ଏନ୍‌ଡିଜିଏମ୍-୧ ଆର୍.କେ. ମହାନ୍ତିଙ୍କ ସମେତ ବିଓବିର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାଜୀବ କ୍ରିଷ୍ଟା, କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମର ବିଓବିର ବିଭିନ୍ନ ବ୍ୟାଙ୍କର ଶାଖା ମୁଖ୍ୟ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀ ଏବଂ ୭୫ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ୭୫୦ରୁ ଅଧିକ ସଦସ୍ୟ ଯୋଗ ଦେଇଥିଲେ। ଅପରପକ୍ଷରେ ଏସ୍‌ଏଚ୍‌ଜି ଓ ଅନ୍ୟାନ୍ୟ କୃଷିଭିତ୍ତିକ କାର୍ଯ୍ୟ ନିମନ୍ତେ ବ୍ୟାଙ୍କ ପକ୍ଷରୁ ୫୧ କୋଟି ଟଙ୍କାର ଋଣ ବିତରଣ ମଧ୍ୟ କରାଯାଇଥିଲା।

## ବିଓଏମ୍ ପକ୍ଷରୁ ହିନ୍ଦୀ ଦିବସ ସମାରୋହ



ଭୁବନେଶ୍ୱର,୩।୧୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ପକ୍ଷରୁ ହିନ୍ଦୀ ଦିବସ ସମାରୋହ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଏପରିକି ପୁଣେଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଓଏମ୍‌ର ଏମ୍‌ଡି ତଥା ସିଇଓ (ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ) ଏ.ଏସ୍.ରାଜୀବ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଭିନେତ୍ରୀ ମୃଣାଳ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ବିଓଏମ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.ବି. ବିଜୟ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ପାଣ୍ଡେ, ମହାପ୍ରବନ୍ଧକ କେ. ରାଜେଶ କୁମାର (ମାନବ ସମ୍ବଳ ଓ ରାଜଭାଷା) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓଏମ୍‌ର ମୁଖ୍ୟ କାର୍ଯ୍ୟାଳୟର ପ୍ରବନ୍ଧକଙ୍କ ସମେତ କାର୍ଯ୍ୟନିର୍ବାହୀ, ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅପରପକ୍ଷରେ କେ. ରାଜେଶ କୁମାର ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ଓ କର୍ମଚାରୀମାନଙ୍କୁ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଇ-ପତ୍ରିକା 'ମହାବ୍ୟାଙ୍କ ସମ୍ବାଦ ସରିତା' ଏ.ଏସ୍.ରାଜୀବଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ଓଡ଼ିଶା ସରକାରଙ୍କ ସହ ଟିଏସ୍‌ଏଫ୍‌ର ଏମ୍‌ଓୟୁ ସ୍ୱାକ୍ଷର

ଭୁବନେଶ୍ୱର,୩।୧୨



କେନ୍ଦୁଝର ଜିଲ୍ଲାର ବାଂଶପାଳଠାରେ ଏକ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) କୁ ଯୁଗ୍ମ ଭାବେ ସ୍ଥାପନ କରିବା ଲାଗି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ପକ୍ଷରୁ ଓଡ଼ିଶା ସରକାରଙ୍କ ସହ ନିକଟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ଏପରିକି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ପରିସରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ଏବଂ ଓଡିଶା ସରକାରଙ୍କ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣର ନିର୍ଦ୍ଦେଶକ ରେଘୁ ଜି ଉକ୍ତ ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ବିଶେଷ କରି ୫ବର୍ଷୀୟ ଉକ୍ତ ବୁଝାମଣା ପତ୍ରର ଅଂଶ ସ୍ୱରୂପ ପ୍ରତିଷ୍ଠାନର କାର୍ଯ୍ୟକାରିତା, ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବୈଷୟିକ ଶିକ୍ଷା ଓ ତାଲିମ ମହାନିର୍ଦ୍ଦେଶାଳୟ (ଡିଟିଇଆଣ୍ଡଟି) ସହ ଟିଏସଏଫ ସହଯୋଗିତା ସ୍ଥାପନ କରିବ। ଏହି ପରିପ୍ରେକ୍ଷୀରେ ବିଭାଗୀୟ ମନ୍ତ୍ରୀ ପ୍ରୀତିରଂଜନ ଘଡ଼ାଇ କହିଛନ୍ତି, ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ରହିଥିବା ଅନ୍ତର ଦୂର କରିବା ଲାଗି ଆମ ଦେଶରେ ଦକ୍ଷତା ବିକାଶ କ୍ଷମତାର ବ୍ୟାପକ ସମ୍ପ୍ରସାରଣ, ନିବେଶକୁ ସୁହାଇବା ଭଳି ଏବଂ ଅଭିନବ ଉପାୟର ଆବଶ୍ୟକତା ରହିଛି। ସେହିଭଳି ଟିଏସଏଫର ନିର୍ଦ୍ଦେଶକ ଚାଣକ୍ୟ ଚୌଧୁରୀ କହିଛନ୍ତି, ବାଂଶପାଳରେ ଆଟିଆଇ ସ୍ଥାପନ କରିବା ଲାଗି ଓଡ଼ିଶା ସରକାରଙ୍କ ସହଏମ୍‌ଓୟୁ ରାଜ୍ୟରେ ଦାୟିତ୍ୱବାନ ଶିଳ୍ପାୟନ ପ୍ରତି ଆମ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ନିଯୁକ୍ତି ହାସଲ କ୍ଷମତା ଏବଂ ଉଦ୍ୟମିତା ସୁଯୋଗକୁ ବ୍ୟାପକ କରି ଏହି ସହଯୋଗିତାକୁ ସୁଦୃଢ଼ କରିବା ସହ ଏହି ତାଲିମ ଆବଶ୍ୟକ କରୁଥିବା ଯୁବପିଢ଼ିଙ୍କ ମଧ୍ୟରେ ସହାନୁଭୂତିକୁ ବଢ଼ାଇବ। ଉକ୍ତ ସହଯୋଗିତାରେ ଓଡ଼ିଶା ସରକାରଙ୍କ ଭୂମିକା ହେବ ଜମି ଏବଂ ଅନ୍ୟାନ୍ୟ ଭିତିଭୂମି ଜନିତ୍ ସହାୟତା ପ୍ରଦାନ କରିବା।

## ଚକ୍ରାକାର ଅର୍ଥନୀତିରେ ୨୩୭୨ କୋଟି ନିବେଶ ପ୍ରସ୍ତାବ

ଭୁବନେଶ୍ୱର, ୩।୧୨

ବର୍ତ୍ତମାନର ଦ୍ରୁତ ଶିଳ୍ପାୟନ୍ ଓ ଅର୍ଥନୈତିକ ପ୍ରଗତି ସମୟରେ ବର୍ଜ୍ୟବସ୍ତୁକୁ ସଂପଦରେ ପରିବର୍ତ୍ତନ କରିବା ସବୁଠାରୁ ବଡ଼ ଆବଶ୍ୟକତା। ସରଳ ଭାଷାରେ ଚକ୍ରାକାର ଅର୍ଥନୀତିରେ ଅର୍ଥ ହେଉଛି କୌଣସି ବସ୍ତୁର ପୁନଃବ୍ୟବହାର ବୋଲି ମେକ୍ ଇନ୍ ଓଡ଼ିଶାର ଚକ୍ରାକାର ଅର୍ଥନୀତି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରିଷ୍ଠ ନେତୃତ୍ୱରେ ଓଡ଼ିଶା ଆଜି ପୂର୍ବଭାରତର ଏକ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ନିରନ୍ତର ପ୍ରଗତି ଉପରେ ଓଡ଼ିଶା ସରକାର ସବୁ ବେଳେ ବିଶ୍ୱାସ କରିଆସିଛନ୍ତି। ଓଡ଼ିଶାର ଚକ୍ରାକାର ଅର୍ଥନୀତିରେ ୩୯ଟି ପ୍ରକଳ୍ପ ମାଧ୍ୟମରେ ୨୩୭୨.୩୭ କୋଟି ଟଙ୍କାର ପୁଞ୍ଜିନିବେଶ କରିବା ପାଇଁ ନିବେଶକ ମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ମାଧ୍ୟମରେ ୩୨୦୦ ରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା ସରକାର ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା ତା ସହିତ ଷ୍ଟାର୍ଟଅପ୍‌ମାନଙ୍କ ସହ ହାତ ମିଳାଇ ରାଜ୍ୟର ଚକ୍ରାକାର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ଆଶା ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଅମାତ ମତ ପ୍ରକାଶ କରିଛନ୍ତି। ଫ୍ଲାଏ ଆସ୍, ଷ୍ଟିଲ ସ୍କ୍ରାପ୍, ଜିପ୍‌ସମ୍, ନାଳି କାଦୁଅ, ପ୍ଲାଷ୍ଟିକ୍, ସ୍ଲାଗ୍ ଆଦି ବର୍ଜ୍ୟବସ୍ତୁ ସମୂହକୁ ସିମେଣ୍ଟ ଓ ଇଟା ତିଆରିରେ ଓଡ଼ିଶାର କିଛି ସ୍ଥାନରେ ବ୍ୟବହାର କରାଯାଉଛି। ଏ ଦିଗରେ ଅଧିକ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ଓଡ଼ିଶା ସରକାର ହୃଦୟଙ୍ଗମ କରିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମତ ପ୍ରକାଶ କରିଛନ୍ତି। ଦ୍ରୁତ ଶିଳ୍ପାୟନ୍ ଓ ସହରୀକରଣ ଯୋଗୁଁ ଓଡ଼ିଶାରେ ବର୍ଜ୍ୟବସ୍ତୁକୁ ବ୍ୟବହାରଯୋଗ୍ୟ ସଂପଦରେ ପରିଣତ କରିବା ପାଇଁ ଅନେକ ସୁଯୋଗ ରହିଛି।

ଫୁର୍‌ସତ୍

# ଭାରତୀୟ ଷ୍ଟାର୍ଟଅପ୍ କମ୍ପାନୀକୁ ଆର୍ଥସାଟ୍ ପୁରସ୍କାର

**କମ୍ ଖର୍ଚ୍ଚ, ଜଳ ଓ ସାର ପ୍ରୟୋଗରେ ହେବ ଚାଷ, ଲାଭବାନ୍ ହେବେ କ୍ଷୁଦ୍ରଚାଷୀ**



ଲଣ୍ଡନ:

ଭାରତୀୟ ଷ୍ଟାର୍ଟଅପ୍ କମ୍ପାନୀ 'କ୍ଷେତି'କୁ ଆର୍ଥସାଟ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ବ୍ରିଟେନର ପ୍ରିନ୍ସ ଚାର୍ଲସ୍ ତୃତୀୟଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ବିଜୟ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ୧ ନିୟୁତ ପାଉଣ୍ଡ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଅନୁଷ୍ଠିତ ପ୍ରତିଯୋଗିତାରେ ମୋଟ ୫ ଷ୍ଟାର୍ଟଅପ୍ କମ୍ପାନୀ ୱିନର ହୋଇଛନ୍ତି। ଏମାନଙ୍କ ଭିତରେ ଭାରତର ଷ୍ଟାଟଅପ୍ କମ୍ପାନୀ କ୍ଷେତିକୁ ସାମିଲ କରାଯାଇଛି। ଏ ଗ୍ରୀନ ହାଉସ୍ ଇନ୍ ଏ ବକ୍ସ ପ୍ରଣାଳୀରେ ଚାଷ କରାଯାଉଛି। ଏହାଦ୍ୱାରା କ୍ଷୁଦ୍ରଚଷୀ ଅଧିକ ଲାଭବାନ ହୋଇପାରିବେ। ଉନ୍ନତ ଜ୍ଞାନକୌଶଳର ଫସଲ ପ୍ରଣାଳୀରେ ଜଳର ବ୍ୟବହାର କମାଯାଉଥିବାବେଳେ ଖୁବ କମ୍ ପରିମାଣର ସାର ମଧ୍ୟ ଫସଲରେ ପ୍ରୟୋଗ କରିବାକୁ ପଡୁଛି।

ଏହି ଚାଷ ପ୍ରଣାଳୀ ଦ୍ୱାରା ଦେଶରେ ୧୦୦ ନିୟୁତ କ୍ଷୁଦ୍ରଚାଷୀ ଲାଭବାନ ହେବେ ବୋଲି କ୍ଷେତିର ସହ-ସଂସ୍ଥାପକ ଏବଂ ସିଇଓ କୌଶିକ କାପ୍ପାଗାଣ୍ଟୁଲୁ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉଥିବା ଚାଷୀଙ୍କ ପାଇଁ ଏହା ଲାଭଦାୟକ ସାବ୍ୟସ୍ତ ହେବ। ଏକ ସାଧାରଣ ସବୁଜ ଗୃହ ନିର୍ମାଣ ହେଉଥିବା ଟଙ୍କାର ୯୦ ପ୍ରତିଶତ କମ୍ ଅର୍ଥରେ କ୍ଷେତି ପ୍ରଣାଳୀରେ କୃଷିକାର୍ଯ୍ୟ ସମ୍ଭବ। ବାୟୁ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଯୋଗୁ ଚାଷ କାର୍ଯ୍ୟ ବହୁଳଭାବେ ପ୍ରଭାବିତ ହୋଇଛି। ଏ ପ୍ରକାର ସମସ୍ୟାର ସମାଧାନ ପାଇଁ ପ୍ରାକୃତିକ ସମ୍ପଦ ସଂରକ୍ଷଣର ସ୍ଥାୟୀ ସମାଧାନର ଆବଶ୍ୟକତା ରହିଛି। ସେଥିପାଇଁ ବିଶେଷଜ୍ଞମାନେ ବିଶେଷ ପ୍ରକାର ଅଧ୍ୟୟନ ମଧ୍ୟ ଜାରି ରଖିଛନ୍ତି। ୨୦୩୦ ସୁଦ୍ଧା ବିଶ୍ୱକୁ ଜଳବାୟୁ ପରିବର୍ତ୍ତନ ରୂପକ ସମସ୍ୟା ଦୂର କରିବା ଲାଗି ଆର୍ଥସଟ୍‌ର ଆୟୋଜନ କରାଯାଉଛି।

# ଆଗରୁ ଜଣାଥାଏ ପରିଣାମ


ୟାମି ଗୋତମ

ମୁମ୍ବାଇ:

ବଲିଉଡ୍ ଜଗତର ସବୁଠାରୁ ଶାନ୍ତ ସ୍ୱଭାବର ଅଭିନେତ୍ରୀ ହେଉଛନ୍ତି ୟାମି ଗୋତମ। ବର୍ତ୍ତମାନ ସୁଦ୍ଧା ୟାମିଙ୍କୁ ନିଜ ଅଭିନୟ କ୍ୟାରିୟର ପାଇଁ ଆଶାନୁରୂପ ସଫଳତା ମିଳିପାରି ନାହିଁ। କିନ୍ତୁ ୟାମିଙ୍କ ଏକ ବୟାନ ଏବେ ଇଣ୍ଡଷ୍ଟ୍ରିରେ ଜୋର ଚର୍ଚ୍ଚା ହେବାରେ ଲାଗିଛି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ଫିଲ୍ମ ରିଲିଜ୍ ହେବା ପୂର୍ବରୁ ବକ୍ସ ଅଫିସରେ ଏହା ହିଟ୍ ହେବ କି ନାହିଁ ତାହା ଆଗରୁ ସେ ଜାଣିଯାନ୍ତି। ସେଥିପାଇଁ ଫିଲ୍ମ ଫ୍ଲପ୍ ହେବାପରେ ତାଙ୍କୁ ଆଶ୍ଚର୍ଯ୍ୟ ଲାଗେନାହିଁ। କିନ୍ତୁ ଜଣେ କଳାକାର ହିସାବରେ ଫିଲ୍ମ ପାଇଁ ସବୁବେଳେ ନିଜର ଶତ ପ୍ରତିଶତ ସମର୍ଥନ ଦେବା ଦରକାର।

ଫିଲ୍ମ ହିଟ୍ ହେଉ ଅବା ଫ୍ଲପ୍ କଳାକାରକୁ କାମରେ ହେଳା କରିବା ଉଚିତ୍ ନୁହେଁ। ସିନ୍‌ଗୁଡ଼ିକ ଅଧିକ ମନୋରଞ୍ଜନକ କରିବା ଲାଗି ଶୁଟିଂସେଟ୍‌ରେ ବହୁ ସମୟ ଦେବାକୁ ପଡ଼ିବା ସହ ନିର୍ଦ୍ଦେଶକଙ୍କ ସହିତ ଅନେକ ଆଲୋଚନା କରିବାକୁ ପଡ଼େ। ସେ ୨-୩ ଫିଲ୍ମରେ ଏଭଳି କରିଥିବାବେଳେ କିନ୍ତୁ ସେହି ଫିଲ୍ମ ବକ୍ସ ଅଫିସରେ ବିଫଳ ହୋଇଥିବା ସେ କହିଛନ୍ତି। ଚଳିତବର୍ଷ ଏପ୍ରିଲରେ ମୁକ୍ତିଲାଭ କରିଥିବା 'ଦଶବି'ରେ ୟାମିଙ୍କୁ ଶେଷଥର ପାଇଁ ବଡ଼ ପରଦାରେ ଦେଖିବାକୁ ମିଳିଥିଲା।

## ସବୁଠୁ ବୟସ୍କ କଇଁଛ



**ଲଣ୍ଡନ:** ବ୍ରିଟେନର ଏସ୍‌ଟି. ହେଲେନା ଦ୍ୱୀପରେ ବିଶ୍ୱର ସବୁଠାରୁ ବୟସ୍କ କଇଁଛ ଜୋନାଥାନର ଜନ୍ମ ଦିନ ପାଳନ କରାଯାଇଛି। ଜୋନାଥାନକୁ ଏବେ ୧୯୦ ବର୍ଷ। ଗଭର୍ନରଙ୍କ ଘରେ ଜୋନାଥାନ ଅଧିକାଂଶ ସମୟ ବିତାଇସାରିଛି। ତେବେ ଜନ୍ମଦିନ ଅବସରରେ ଜୋନାଥାନକୁ ଦେଖିବା ପାଇଁ ଗହଳି ଜମିଛି। ତେବେ ଖବର ମୁତାବକ ୩ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ, ଯେଉଁଥିରେ ବାହାର ଲୋକେ ବିଶ୍ୱର ସବୁଠାରୁ ବୟସ୍କ କଇଁଛକୁ ଦେଖିବାର ସୁଯୋଗ ପାଇବେ। ଗଭର୍ନର ସାର୍ ୱିଲିୟମ ଗ୍ରେ ୱିଲସନ୍‌ଙ୍କୁ ମିଳିଥିବା ଏହି କଇଁଛ ୧୮୮୨ରେ ସେଚେଲ୍ସରୁ ହେଲେନା ଅଣାଯାଇଥିଲା। ଗିନିଜ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଥିବା ଜୋନାଥନର ବୟସ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ବୋଲି କେହି କେହି କହୁଛନ୍ତି।

## ମାହୁନ୍ତଙ୍କୁ କଚାଡ଼ିଲା ହାତୀ

ଥିରୁଭାନନ୍ତପୁରମ:

ବିବାହରେ ଫଟୋଶୁଟ୍ ଏକ ଟ୍ରେଣ୍ଡ ପାଲଟିଛି। ବିବାହକୁ ଅବିସ୍ମରଣୀୟ କରିବା ସକାଶେ ଅନେକେ ଏପରି କରୁଛନ୍ତି। କେରଳରେ ଏମିତି ଏକ ବିବାହ ଫଟୋଶୁଟ୍ ଚାଲିଥିବାବେଳେ ଏକ ହାତୀ ରାଗିଯାଇ ମାହୁନ୍ତଙ୍କୁ ଟେକି କଚାଡ଼ି ଦେଇଥିବା ଖବର ସାମ୍ନାକୁ ଆସିଛି। କେରଳର ଗୁରୁଭାୟୁର ମନ୍ଦିରରେ ଏକ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ଏପ୍ରକାର ଅଜବ କାଣ୍ଡ ଦେଖିବାକୁ ମିଳିଛି। ନବଦମ୍ପତିଙ୍କ ବିବାହ ସାରି ଫଟୋଶୁଟ୍ କରିଥିଲେ। ଫଟୋଶୁଟ୍ କରାଯାଉଥିବା ସ୍ଥାନରେ ଏକ ହାତୀ ଛିଡ଼ା ହୋଇଥିବାବେଳେ ସେ ହଠାତ୍ ମାହୁନ୍ତଙ୍କୁ ଆକ୍ରମଣ କରିଥିଲା। ମାହୁନ୍ତ ପିନ୍ଧିଥିବା ଉତ୍ତରୀୟକୁ ହାତୀ ନିଜ ଶୁଣ୍ଢରେ ଧରି ମାହୁନ୍ତଙ୍କୁ ଟେକି କଚାଡ଼ି ଦେଇଥିବା ଦେଖାଯାଇଥିଲା। ତେବେ ମାହୁନ୍ତ ଜଣକ ସେଠାରୁ ସୁରକ୍ଷିତ ଭାବେ ଖସି ପଳାଇଥିଲେ। ହାତୀର ଏ ପ୍ରକାର ବ୍ୟବହାରକୁ ଦେଖି ନବଦମ୍ପତି ଜାଗା ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ମାହୁନ୍ତ ହାତୀକୁ ଶାନ୍ତ କରିଥିଲେ। ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି।



## ପ୍ରତିଟି କ୍ଷେତ୍ରରେ ଦିବ୍ୟାଙ୍ଗ ଆଗୁଆ

**ବିଶ୍ୱ ଦିବ୍ୟାଙ୍ଗ ଦିବସ**

ଦିବ୍ୟାଙ୍ଗ ସମ୍ପ୍ରତି ପ୍ରତିଟି କ୍ଷେତ୍ରରେ ଆଗୁଆ ରହିଛନ୍ତି। ସେମାନଙ୍କ ମଧ୍ୟରେ ଉତ୍ସାହ ଏବଂ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୩ରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଥାଏ। ୧୯୯୨ ମସିହାରୁ ମିଳିତ ଜାତିସଂଘ ଦ୍ୱାରା ପ୍ରୋତ୍ସାହିତ ହୋଇଥିବା ଏହା ଏକ ଅନ୍ତର୍ଜାତୀୟ ଦିବସ। ଏହା ପୃଥିବୀର ବିଭିନ୍ନ ସ୍ତରରେ ସଫଳତା ହାସଲ କରିଥିବା ଦିବ୍ୟାଙ୍ଗଙ୍କର ସଫଳତାର କାହାଣୀ ବଖାଣିବାର ଏକ ଉତ୍ସର୍ଗୀକୃତ ଦିବସ। ଏହିଦିନର ପାଳନ ଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗତା ସମସ୍ୟା ବିଷୟରେ ଏକ ସଚେତନତା ସୃଷ୍ଟିକରି ସେମାନଙ୍କୁ ସମ୍ମାନ, ସେମାନଙ୍କର ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ହାସଲ କରିବା। ୧୯୭୬ରେ ମିଳିତ ଜାତିସଂଘର ସାଧାରଣ ସଭା ୧୯୮୧କୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ବର୍ଷ ଭାବରେ ଘୋଷଣା କରାଯାଇଥିଲା। ସମାଜର ମୁଖ୍ୟଧାରାରେ ଦିବ୍ୟାଙ୍ଗମାନଙ୍କୁ ସାମିଲ କରାଇବା ଲାଗି ଏହି ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

## ସଂକ୍ଷେପରେ

### ୭ ମୃତ ବିଦେଶୀ ପକ୍ଷୀ ଜବତ: ଶିକାରୀ ଗିରଫ



**ଟାଙ୍ଗୀ(ଖୋର୍ଦ୍ଧା),୩।୧୨(ଡି.ଏନ୍.ଏ.):** ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ପକ୍ଷୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା ହୋଇଥିଲେ ମଧ କେତେଜଣ ଶିକାରୀ ସକ୍ରିୟ ହୋଇଉଠିଛନ୍ତି। ଶନିବାର ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ପୁରୀ ଜିଲା ଗଡ଼ିଶାଗଦା ଥାନା ଅଧୀନ ଆଳିପଡା ନାଳ ନିକଟରୁ ବିଭାଗୀୟ କର୍ମଚାରୀ ଚଢ଼ାଉ କରି ୭ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତ ହେଲେ ଆଳିପଡା ଗ୍ରାମର ବିଜୟ ସାହୁ (୫୨)। ତାଙ୍କ ନିକଟରୁ ୭ଟି ଲାର୍ଜ ହୁଇଷ୍ଟିଲଙ୍ଗ ଡକ୍ ଜବତ କରାଯାଇଛି। ଫରେଷ୍ଟର ଜିତେନ୍ଦ୍ର ଜେନା, ଫରେଷ୍ଟଗାର୍ଡ ଭାନୁମତୀ ବେହେରା ଏହି ଚଢ଼ାଉରେ ସାମିଲ ଥିଲେ। ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯାଇଛି ବୋଲି ରେଞ୍ଜର ଚୂଡ଼ାମଣି ମୁର୍ମୁ କହିଛନ୍ତି।

### ୩ ଅଭିଯୁକ୍ତଙ୍କୁ ୭ ବର୍ଷ କାରାଦଣ୍ଡାଦେଶ
#### ହତ୍ୟା ଉଦ୍ୟମ ମାମଲା

**ଭଞ୍ଜନଗର,୩।୧୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ କୋକଲବା ଗ୍ରାମରେ ଘଟିଥିବା ଏକ ହତ୍ୟା ଉଦ୍ୟମ ମାମଲାରେ ଶୁକ୍ରବାର ଭଞ୍ଜନଗର ସବଜଜ୍ ସୋମଲୀନା ମିଶ୍ର ୩ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ସହ ୩ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ଏକ ମାସ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ କୋକଲବାର ପ୍ରତାପ ନାୟକ, ସୁଶାନ୍ତ ନାୟକ ଏବଂ ନାରାୟଣ ନାୟକ। ୨୦୧୩ ଜାନୁୟାରୀ ୧ ତାରିଖରେ ଅଭିଯୁକ୍ତମାନେ ପୂର୍ବ ଶତ୍ରୁତାରୁ କୁମର ନାୟକଙ୍କ ପୁଅ ରଞ୍ଜିତଙ୍କୁ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ପୁଅ ରଞ୍ଜିତଙ୍କଠାରୁ ଶୁଣି ବାପା କୁମର କାହିଁକି ଆକ୍ରମଣ କଲ ବୋଲି ଅଭିଯୁକ୍ତମାନଙ୍କୁ ପଚାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ କୁମରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ପ୍ରକାରେ ସେ ସମୟରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରିବା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପରେ ସେମାନେ ଜାମିନରେ ଆସିଥିଲେ। ଶୁକ୍ରବାର ୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଦଣ୍ଡାଦେଶ ଶୁଣାଇବା ପରେ ଅଭିଯୁକ୍ତମାନଙ୍କୁ ପୁଣି ଜେଲ ହାଜତକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଉଷା କାନ୍ତ ପଟ୍ଟନାୟକ ଏବଂ ମୁଦାଲାଙ୍କ ପକ୍ଷରୁ ଲଡୁ କିଶୋର ଆଳତିଆ ମାମଲା ପରିଚାଳନା କରୁଥିଲେ।

# ଶ୍ରୀମନ୍ଦିରର ଡ୍ରୋନ୍ ଭିଡିଓ ଭାଇରାଲ

**ପୁରୀ ଅଫିସ,୩।୧୨**

ଶ୍ରୀମନ୍ଦିରର ଭିଡିଓ ପୁଣିଥରେ ଭାଇରାଲ ହୋଇଛି। ଏଥର କିନ୍ତୁ ଭିଡିଓଟି ମନ୍ଦିର ଭିତରର ହୋଇ ନ ଥିବାବେଳେ ସମ୍ପୂର୍ଣ୍ଣ ମନ୍ଦିରର ଚିତ୍ର ଆକାଶରୁ ଡ୍ରୋନ ଦ୍ୱାରା ଉଠାଯାଇ ଭାଇରାଲ କରାଯାଇଛି। ଯାହାକୁ ନେଇ ଅଗଣିତ ଜଗନ୍ନାଥ ପ୍ରେମୀ ଓ ଭକ୍ତଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଶ୍ରୀମନ୍ଦିର ଭିତର ତଥା ମହାପ୍ରଭୁଙ୍କ ଫଟୋ, ଭିଡିଓ ଭାଇରାଲ ହେଉଥିବାରୁ ପୋଲିସ ପ୍ରଶାସନର ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ଶ୍ରୀମନ୍ଦିର ପରିସର ନୋ ଫ୍ଲାଇଁ ଜୋନ୍ ଭାବେ କଟକଣା ଥିବା ସତ୍ତ୍ୱେ ଡ୍ରୋନ ଉଡ଼ାଇ ଶ୍ରୀମନ୍ଦିର ଭିଡିଓ ଭାଇରାଲ କରିବା ସହ ଭିଡଓ ଦେବା ପାଇଁ ଟଙ୍କା ମାଗିବା ଘଟଣା ସମସ୍ତଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଦୃଢୋକ୍ତି କରାଯାଉଥିଲେ ମଧ କିଛି ମାସ ବ୍ୟବଧାନରେ ଶ୍ରୀମନ୍ଦିର ଭିତର ବେଢା ଓ ଶ୍ରୀମନ୍ଦିର ଫଟୋ ଓ ଭିଡିଓ ଭାଇରାଲ ହେଉଛି। ଯାହାକୁ ନେଇ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରତି କରାଯାଉଥିବା ସୁରକ୍ଷା ବ୍ୟବସ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୦୧୯ରେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ସତର୍କ ସୂଚନା ଜାରି କରିଥିଲା କେନ୍ଦ୍ରୀୟ ଗୁଇନ୍ଦା ବିଭାଗ। ଆତଙ୍କବାଦୀଙ୍କ ଟାର୍ଗେଟରେ ଶ୍ରୀମନ୍ଦିର ରହୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଆଲୋଚନା ହେବା ସହ ବିଭିନ୍ନ ପଦକ୍ଷପ ଗ୍ରହଣ କରାଯାଇଥିଲା। ମାତ୍ର ଶ୍ରୀମନ୍ଦିରର ଢିଲା ସୁରକ୍ଷା ବ୍ୟବସ୍ଥା ପଦାରେ ପକାଇଛି।

ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳ ତଥା ନୋ ଫ୍ଲାଇଁ ଜୋନ୍‌ରେ ଜଣେ ବଙ୍ଗୀୟ ଯୁବକ ଡ୍ରୋନ ଉଡାଇ ଭିଡିଓ ଭାଇରାଲ କରିଥିବା ଜଣାପଡିଛି। ଉକ୍ତ ଯୁବକ ପତିତପାବନ ବାନା ପରିବର୍ତ୍ତନର ଦୁର୍ଲଭ ଦୃଶ୍ୟ ସାଙ୍ଗକୁ ଭିତର ବେଢାର ଦୃଶ୍ୟକୁ

### ପୁଣି ସୁରକ୍ଷା ଉପରେ ଉଠିଲା ପ୍ରଶ୍ନ



କଏଦ୍ କରି ୟୁନିଫାଏଡ୍ ନାମକ ୟୁଟ୍ୟୁବ୍ ଚ୍ୟାନେଲରେ ଅପଲୋଡ କରିଛନ୍ତି। ଯାହାକୁ ବର୍ତ୍ତମାନ ସୁଦ୍ଧା ପାଖାପାଖି ୫୦୦୦ରୁ ଊର୍ଦ୍ଧ୍ୱ ଲୋକ ଦେଖିଛନ୍ତି। ଉକ୍ତ ଚ୍ୟାନେଲରେ ଦିଆଯାଇଥିବା ଯୋଗାଯୋଗ ନମ୍ବରରେ ସମ୍ପର୍କ କରିବାରୁ ପ୍ରତି ଆଙ୍ଗେଲ୍ ପିଛା ଫୁଟେଜ୍ ନେବା ପାଇଁ ୨୦ ହଜାର ଟଙ୍କା ଦାବି କରାଯାଉଛି। ସେପଟେ ଭିଡିଓର ପ୍ରାରମ୍ଭରେ ଓଡ଼ିଶା ପୋଲିସକୁ ସ୍ୱତନ୍ତ୍ର ଧନ୍ୟବାଦ ଦେଇଛି ଏହି ୟୁଟ୍ୟୁବ୍ ଚ୍ୟାନେଲ। ତେଣୁ ଏପରି ଭିଡିଓ କରିବା ପାଇଁ ତାଙ୍କୁ କିଏ ଅନୁମତି ଦେଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଭିଡିଓଟି ୨ ସପ୍ତାହ ପୂର୍ବେ ଅପଲୋଡ ହୋଇଥିଲେ ମଧ ପ୍ରଶାସନ ପକ୍ଷରେ ଏନେଇ ଖବର ନାହିଁ। ଅପରପକ୍ଷେ ଶ୍ରୀମନ୍ଦିର ଭିତରେ ମାଳ ମାଳ ମୋବାଇଲ ପ୍ରବେଶ କରୁଥିବା ବେଳେ ଗୋପନୀୟ ତଥ୍ୟ ଲିକ୍ ହେବାର ଆଶଙ୍କା ରହୁଛି। ତେଣୁ ଭିଡିଓ ଉତ୍ତୋଳନ କରିଥିବା ଯୁବକଙ୍କ ସହ ତାଙ୍କୁ କିଏ ଏବଂ କାହିଁକି ଅନୁମତି ଦେଲା ତାହାର ତଦନ୍ତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ତେବେ ଏ ଘଟଣାରେ ଶ୍ରୀମନ୍ଦିର ସୁରକ୍ଷା ଅଧିକାରୀ ଭି. ଚନ୍ଦ୍ରଶେଖର ରାଓ କହିଛନ୍ତି, ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥଯାତ୍ରା ସମୟରେ ଶ୍ରୀମନ୍ଦିର ଉପରକୁ ନୋ ଫ୍ଲାଇଙ୍ଗ ଜୋନ ପାଇଁ ଶ୍ରୀମନ୍ଦିର ପ୍ରାଶସନ ପକ୍ଷରୁ ସରକାରଙ୍କୁ ଚିଠି ଲେଖାଯାଇଥାଏ। ଏବେ ଯିଏ ବି ଏପରି ଭିଡିଓ ଡ୍ରୋନରେ ଉତ୍ତୋଳନ କରଛନ୍ତି ତାହା ଭୁଲ ଅଟେ। ଯାହା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ଯେକୌଣସି ପଦକ୍ଷପ ନେବାକୁ ପଡିବ ନିଆଯିବ ବୋଲି ସେ କହିଛନ୍ତି। ଏ ନେଇ ଶ୍ରୀମନ୍ଦିର ବରିଷ୍ଠ ସେବାୟତ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନଙ୍କ କହିବା ଅନୁଯାୟୀ ଶ୍ରୀମନ୍ଦିରର ସରକ୍ଷା ଦୃଷ୍ଟିରୁ ରଥଯାତ୍ରା ନୁହେଁ ସବୁ ସମୟରେ ଶ୍ରୀମନ୍ଦିରକୁ ନୋ ଫ୍ଲାଇଙ୍ଗ ଜୋନ କରାଯିବା ଆବଶ୍ୟକ। ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ।

### ପିଇଓଙ୍କୁ ଆକ୍ରମଣ: ପୂର୍ବତନ ସରପଞ୍ଚ ଗିରଫ

**ବରୀ,୩।୧୨(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ଆକ୍ରମଣ ଅଭିଯୋଗରେ ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ପୋଲିସ ବରୀ ବ୍ଲକ୍ ଅଧୀନ ବାଲିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରବୀର ଜେନାଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧ ତାରିଖରେ ସେ ଉକ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ ଅଶୋକ କୁମାର ଦାସଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏନେଇ ବ୍ଲକ ପ୍ରଶାସନ ତରଫରୁ ଜେନାଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୩୬୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନ ପରଠାରୁ ସେ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି କରିଆସୁଥିଲେ। ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୈଠକ ବସିବା ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ଫଳରେ ସାଧାରଣ ଲୋକେ ଭୟଭିତ ଅବସ୍ଥାରେ ଥିଲେ ବୋଲି କହିଛନ୍ତି।

# ଚର୍ଚ୍ଚ ଅଫ୍ ଗଡ୍‌ରେ ଝରଣାଙ୍କ ଶେଷକୃତ୍ୟ ସମ୍ପନ୍ନ

### ଜିଲା ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର

**କଟକ ଅଫିସ,୩।୧୨**

ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଖ୍ୟାତ ଅଭିନେତ୍ରୀ ଝରଣା ଦାସଙ୍କ ଶେଷକୃତ୍ୟ କଟକ ଗୋରାକବର ନିକଟସ୍ଥ ଚର୍ଚ୍ଚ ଅଫ୍ ଗଡ୍ ପରିସରରେ ଶନିବାର ସମ୍ପନ୍ନ ହୋଇଛି। ଅପରାହ୍ନ ୨ଟାରେ କଟକ ଚଣ୍ଡୀଛକସ୍ଥିତ ବାସଭବନରୁ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ନିଆଯାଇଥିଲା। ପରେ ବକ୍ସି ବାଳିକା ବିଦ୍ୟାଳୟ, ଆକାଶବାଣୀ କେନ୍ଦ୍ର ପରିସରକୁ ନିଆଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେଠାରୁ ମରଶରୀରକୁ କବରସ୍ଥାନ ଅଭିମୁଖେ ନିଆଯାଇଥିଲା। କଟକ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ମାଧମରେ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଖ୍ରୀଷ୍ଟିଆନ ଧର୍ମଗୁରୁ ସାମ୍ ସୋମଲିଙ୍ଗମ୍ ଓ ନୀହାର ରଞ୍ଜନ ବର୍ଦ୍ଧନ ବାଇବେଲ ପାଠ ଓ ପ୍ରାର୍ଥନା କରିଥିଲେ। ପରେ ଖ୍ରୀଷ୍ଟିଆନ ରୀତିନୀତି ଅନୁସାରେ ଝରଣାଙ୍କ ମରଶରୀରକୁ କବର ଦିଆଯାଇଥିଲା। ଶେଷକୃତ୍ୟ ସମୟରେ ଝରଣାଙ୍କ ବଡ଼ପୁଅ ଚିରଞ୍ଜିତ, ସାନପୁଅ ସମ୍ବିତ, କନ୍ୟା ପ୍ରଜ୍ଞାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



ଜିଲାପାଳ ଭବାନୀ ଶଙ୍କର ଚୟନୀ ଚର୍ଚ୍ଚ ଅଫ୍ ଗଡ୍ ପରିସରରେ ଅଭିନେତ୍ରୀ ଝରଣା ଦାସଙ୍କ ମରଶରୀରରେ ମାଲ୍ୟାର୍ପଣ କରୁଛନ୍ତି।

ସୂଚନାଯୋଗ୍ୟ, ଆକାଶବାଣୀ, ଦୂରଦର୍ଶନ ତଥା ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଝରଣା ଦାସ ଗୁରୁବାର ରାତିରେ ଶୋଇଥିବାବେଳେ ଅସୁସ୍ଥ ଅନୁଭବ କରିଥିଲେ। ମେଡିକାଲ ନେବା ପୂର୍ବରୁ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କର ଦୁଇପୁଅ ବାହାରେ ରହୁଥିବା କାରଣରୁ ଶେଷକୃତ୍ୟ ପାଇଁ ପରିବାର ପକ୍ଷରୁ ଅପେକ୍ଷା କରାଯାଇଥିଲା। ତାଙ୍କ ମୃତ୍ୟୁରେ ଆକାଶବାଣୀ, ଦୂରଦର୍ଶନ ତଥା ଓଡ଼ିଆ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି। ପରଲୋକ ଖବରପାଇ ବହୁ କଳାକାର ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

### ଅଲ୍ ଇଣ୍ଡିଆ ଟ୍ରାଇଥଲନ୍ ରେସ୍‌ରେ ଓଡ଼ିଶାର ପ୍ରଣବ ପ୍ରଥମ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**



ଓଡ଼ିଶାର ପ୍ରଥମ ଟ୍ରାଇଥଲନ ବିଜେତା ଭାବେ ପ୍ରଣବ ଦାସ ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ପ୍ରଣବ ନିକଟରେ ଇଣ୍ଡିଆନ ଟ୍ରାଇଥଲନ୍ ଫେଡେରେଶନ ପକ୍ଷରୁ ଘୋଷଣା କରାଯାଇଥିବା ଅଲ୍ ଇଣ୍ଡିଆ ଟ୍ରାଇଥଲନ୍ ରେସ ରେକର୍ଡରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଚଳିତ ମାସରେ ପ୍ରକାଶିତ ତାଲିକାରେ ପ୍ରଣବ ୪୭୧.୦୫ ପଏଣ୍ଟ ପାଇ ପ୍ରଥମ ହୋଇଥିବାବେଳେ ତାଙ୍କ ପଛକୁ ଦିଲ୍ଲୀର ଛତ୍ରପତି ଆର୍ଯ୍ୟନ ଟଣ୍ଡନ (୩୩୦.୨୩) ଦ୍ୱିତୀୟ ଓ ମଣିପୁରର ବିଜେନ କୁମାର ଲାଇଖୁରାମ (୨୮୭.୭୮) ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରଣବ ବର୍ତ୍ତମାନ ପୁଣେରେ ମିନିଅରେଞ୍ଜୀ ସ୍ପୋର୍ଟସ ଏକାଡେମୀରେ ପ୍ରଶିକ୍ଷଣ ନେବା ସହ ଆଗାମୀ ଟ୍ରାଇଥଲନ୍ ନ୍ୟାଶନାଲ ଚାମ୍ପିୟନଶିପ ଏବଂ ଅନ୍ୟ ଜାତୀୟ ସ୍ତରୀୟ ଖେଳ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏହି ସଫଳତା ପାଇଁ ସେ ଓଡ଼ିଶା ସରକାର, କଟକ ସାଇକ୍ଲିଷ୍ଟ, ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡ୍‌ଭେଞ୍ଚର୍ସ କ୍ଲବ ଏବଂ ଆଇରନ ମଙ୍କ୍‌ର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଅନ୍ତର୍ଜାତୀୟ ଟ୍ରାଇଥଲନ୍‌ରେ ଭାରତ ଟିମ୍ ପାଇଁ ଖେଳି ଦେଶ ପାଇଁ ସୁନାମ ଆଣିପାରିବେ ବୋଲି ପ୍ରଣବ ଦୃଢ଼ ବିଶ୍ୱାସ ରଖିଛନ୍ତି।

# ୯ରୁ ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର'

### ୬୦୦ ଷ୍ଟଲ୍ ଖୋଲିବ, ଅନ୍‌ଲାଇନ୍‌ରେ ମେଳା ଦେଖିବାର ସୁଯୋଗ

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ରାଜ୍ୟ ପୁସ୍ତକ ମହୋତ୍ସବ 'ଅକ୍ଷର' ଆସନ୍ତା ୯ ତାରିଖରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଆରମ୍ଭ ହେବ। ୧୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ମୋଟ ୬୦୦ ଷ୍ଟଲ୍ ପଡ଼ିବ। ଓଡ଼ିଶା ସମେତ ଦିଲ୍ଲୀ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଛତିଶଗଡ଼, ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ରପ୍ରଦେଶ ଓ ନେପାଳର ପ୍ରକାଶକମାନେ ଯୋଗଦେବେ। ଏଥିସହ ରାଜ୍ୟର ପ୍ରମୁଖ ବିଶ୍ୱ ବିଦ୍ୟାଳୟ ଓ ଅନେକ ଶିକ୍ଷାନୁଷ୍ଠାନ ମଧ ଏହି ମେଳାରେ ଯୋଗଦେଉଛନ୍ତି। ୨ବର୍ଷ ବନ୍ଦ ରହିବା ପରେ ଏବର୍ଷ ମେଳା ଅନୁଷ୍ଠିତ ହେଉଥିବାରୁ ଲେଖକ, ପାଠକ ଓ ପ୍ରକାଶକଙ୍କ ମନରେ ଆଗ୍ରହ ପ୍ରକାଶ ପାଇଛି।

ରାଜ୍ୟ ପୁସ୍ତକ ମେଳାକୁ ନେଇ ଶନିବାର ଲୋକସେବା ଭବନରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାସ, ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ଚାଟାର୍ଜୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଓ ରାଜଧାନୀ ପୁସ୍ତକମେଳା ସଭାପତି ତଥା ଆୟୋଜକ କମିଟି ଅଧକ୍ଷ ଡ. ଉପେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ। ମେଳା ପରିସରରେ ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ଦମକଳ, ଅଗ୍ନିନିର୍ବାପକ ବ୍ୟବସ୍ଥା, ସିସିଟିଭି, ଡ୍ରୋନ୍ କ୍ୟାମେରା, ସୁରକ୍ଷା କର୍ମୀ ମୁତୟନ ଓ ପାନୀୟ ଜଳର ସୁବ୍ୟବସ୍ଥା କରିବାରୁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ପୁସ୍ତକ ମେଳାକୁ ଅନ୍‌ଲାଇନରେ ଦେଖିବାର ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଧାରଣାରେ ବସିଲେ ଆଶାକର୍ମୀ

**ଦଶମନ୍ତପୁର,୩।୧୨ (ଡି.ଏନ.ଏ. )**

ଦଶମନ୍ତପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ୭ଦଫା ଦାବି ନେଇ ଆଶାକର୍ମୀମାନେ ଧାରଣାରେ ବସିଛନ୍ତି। ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା, ମାସିକ ୧୮ ହଜାର ଟଙ୍କା ଦରମା, ମାସିକ ୫ ହଜାର ଭତ୍ତା, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ୫ ଲକ୍ଷ ଟଙ୍କା ସହାୟତା ରାଶିଭଳି ବିଭିନ୍ନ ଦାବି ପୂରଣ ଧାରଣାରେ ବସିଥିଲେ। ଜଣେ ସାଧାରଣ ଲୋକ ମଜୁରି ଲାଗି ଯାହା ମଜୁରି ପାଉଛନ୍ତି ଆମେ ଦିନରାତି ପରିଶ୍ରମ କରି ସେବା ଯୋଗାଇ ମଧ ପାଉନାହୁଁ। ସରକାର ଆମକୁ ସମାନ କାର୍ଯ୍ୟକୁ ସମାନ ଦରମା ଦେଉନାହାନ୍ତି ବୋଲି ସଂଘ ସଭାପତି ଗୀତାଞ୍ଜଳି ଜେନା କହିଛନ୍ତି। ସରକାର ଆଶାକର୍ମୀଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ସାମ୍ବାଦିକ ବୈଷ୍ଣବ ଜେନାଙ୍କ ପରଲୋକ

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**



ସାମ୍ବାଦିକ ତଥା ଗ୍ରନ୍ଥକାର ବୈଷ୍ଣବ ଚରଣ ଜେନାଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ସେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଚିକିତ୍ସା କରୁଥିବା ଡାକ୍ତର ସୂଚନା ଦେଇଛନ୍ତି। ୟୁନିଟ୍-୩ସ୍ଥିତ ସରକାରୀ ବାସଭବନରେ ଶେଷ ଦର୍ଶନ ପରେ ତାଙ୍କ ମରଶରୀରକୁ ଜନ୍ମସ୍ଥାନ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀର ବେଞ୍ଚାରାପୁର ଗ୍ରାମକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବୈଷ୍ଣବଙ୍କର ଉଭୟ ଇଂଲିଶ ଏବଂ ଓଡ଼ିଆ ଭାଷାରେ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଦକ୍ଷତା ଥିଲା। ବିଧାନସଭା ରିପୋର୍ଟିଂରେ ସେ ଏତେ ପାରଙ୍ଗମ ଥିଲେ ଯେ, ତାଙ୍କଠାରୁ ବହୁ ଯୁବ ସାମ୍ବାଦିକ ଶିକ୍ଷାଲାଭ କରିଛନ୍ତି। ସେ ସାମ୍ବାଦିକତାକୁ ଆସିବା ପୂର୍ବରୁ କୋରାପୁଟରେ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଥିଲେ। ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କ ସୂଚନା ଅଧିକାରୀ ଭାବେ କିଛିଦିନ କାର୍ଯ୍ୟ କରିଥିଲେ। ଦୈନିକ ଖବରକାଗଜ 'ମାତୃଭାଷା'ର ରାଜ୍ୟ ପ୍ରତିନିଧି ଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଖବରକାଗଜ ପାଇଁ ମୁକ୍ତବୃତ୍ତି ସାମ୍ବାଦିକତା କରୁଥିଲେ। ତାଙ୍କ ବିୟୋଗରେ ମେୟର ସୁଲୋଚନା ଦାସ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିରୋଧୀ ଦଳ ସଚେତକ ତାରାପ୍ରସାଦ ବାହିନୀପତି, ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଦେବାଶିଷ ନାୟକ, ପ୍ରଭାତ ରଞ୍ଜନ ବିଶ୍ୱାଳ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଓ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପଠାଣି ରାଉତ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ଆରମ୍ଭ ହେଲା ଭାସ୍କର୍ଯ୍ୟ କଳା ଶିବିର

**ଭୁବନେଶ୍ୱର, ୩।୧୨ (ବ୍ୟୁରୋ)**

ସହରର ସୌନ୍ଦର୍ଯ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଖଣି ନିଗମ ପକ୍ଷରୁ କଳାଭୂମିଠାରେ ଭାସ୍କର୍ଯ୍ୟ କଳା ଶିବିର ଆରମ୍ଭ ହୋଇଛି। ବିଏମ୍‌ସି ଓ ଲଳିତ କଳା ଏକାଡେମୀ ପକ୍ଷରୁ ଚାଲିଥିବା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଷ୍ଟାମ୍ପ୍-୩.୦ର ଏହା ହେଉଛି ଏକ ଅଂଶବିଶେଷ। ୧୦ ଦିନ ଚାଲିବାକୁ ଥିବା ଏହି ଶିବିରରେ ୩୫ଜଣ ପ୍ରସ୍ତର, ସ୍କ୍ରାପ୍ ଓ ଟେରାକୋଟା ଶିଳ୍ପୀ ଅଂଶ ଗ୍ରହଣ କରିଛନ୍ତି। ଶିଳ୍ପୀମାନେ ଓଡ଼ିଶାର କଳା ସଂସ୍କୃତି ଓ କ୍ରୀଡାକୁ ଭିତ୍ତିକରି ନିଜ ନିଜ ଶୈଳୀରେ ଭାସ୍କର୍ଯ୍ୟ ପ୍ରସ୍ତୁତ କରିବେ। ପରେ ଏହିସବୁ ଭାସ୍କର୍ଯ୍ୟକୁ ଭୁବନେଶ୍ୱରର ବିଭିନ୍ନ ପାର୍କ ଓ ଅନ୍ୟାନ୍ୟ ସ୍ଥାନରେ ସଂସ୍ଥାପନ କରାଯିବ। ଉତ୍ସବରେ ପ୍ରସ୍ତର ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ମେୟର ସୁଲୋଚନା ଦାସ, ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କୃଷି, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢୀ, ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଏକାଡେମୀ ସଚିବ ପଞ୍ଚାନନ ସାମଲ ପରିଚାଳନା କରିଥିଲେ।



ଭାସ୍କର୍ଯ୍ୟ କଳା ଶିବିରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ମଧାହ୍ନଭୋଜନ ବନ୍ଦକୁ ନେଇ ସ୍କୁଲରେ ତାଲା

### ରାସ୍ତାରେ ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ ଶିକ୍ଷକ

**ବଡ଼ସାହି,୩।୧୨(ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ଗ୍ରାମ ନୂଆସାହି ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ମଧାହ୍ନ ଭୋଜନ ବନ୍ଦକୁ ନେଇ ଅସନ୍ତୋଷ ଦେଖାଦେଇଛି। ଶନିବାର ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ପ୍ରକାଶ ଯେ, ଶୁକ୍ରବାର ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ମଧାହ୍ନ ଭୋଜନ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ଜାଣିବା ପରେ ଅଭିଭାବକମାନେ ଶନିବାର ପୂର୍ବାହ୍ନରେ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ପିଲାମାନେ ମଧାହ୍ନ ଭୋଜନରୁ ବଞ୍ଚିତ ହୋଇଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଫଳରେ ଶିକ୍ଷକ ପିଲାମାନଙ୍କୁ ରାସ୍ତା ଉପରେ ଖରାରେ ବସାଇ ଶିକ୍ଷାଦାନ କରିଥିଲେ।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଏବିଓ ପଦ୍ମଲୋଚନ ବେହେରାଙ୍କୁ ପଚାରିବାରୁ ଶିକ୍ଷକଙ୍କ ଆନ୍ତରିକତା ଅଭାବ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା କହିଛନ୍ତି। ଅନ୍ୟପକ୍ଷେ ଶିକ୍ଷକ ବିଭାକର ଲେଙ୍କା କହିଛନ୍ତି, ପ୍ରଧାନଶିକ୍ଷକଙ୍କ ଦାୟିତ୍ୱରେ ମଧାହ୍ନ ଭୋଜନ ଥିବାବେଳେ ସେ ଦୁଇମାସ ଧରି ଛୁଟିରେ ଅଛନ୍ତି। ଏଣୁ ଆର୍ଥିକ ଅକ୍ଷମତା ପାଇଁ ମଧାହ୍ନ ଭୋଜନ ରୋଷେଇ ହୋଇପାରି ନାହିଁ। ଶେଷରେ ଦିନ ଗୋଟାଏ ବେଳେ ବ୍ଲକ ଶିକ୍ଷାଧିକାରୀ ଝାଡେଶ୍ୱର ଭୁୟାଁ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଶୁଝା କରିବା ସହ ଶିକ୍ଷକଙ୍କୁ ଆର୍ଥିକ କ୍ଷମତା ଚିଠି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।



ନୂଆସାହି ପ୍ରାଥମିକ ବିଦ୍ୟାଳୟ ସାମ୍ନା ରାସ୍ତାରେ ଛାତ୍ରୀଛାତ୍ର ବସି ପଢୁଛନ୍ତି।





# ନିଜ ପାଇଁ କିଛି ସମୟ...

**ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ପ୍ରତ୍ୟେକଙ୍କ ପାଖରେ ସମୟ ଅଭାବ। ଏହା ଭିତରେ ଯେମିତି ଅନେକେ ନିଜଠୁ ଦୂରେଇ ଯାଉଛନ୍ତି। କହିବାର ତାତ୍ପର୍ଯ୍ୟ ପାଠପଢ଼ା, ଜବ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟର ଚାପ ଭିତରେ ସେମାନେ ନିଜ ସ୍ୱାସ୍ଥ୍ୟ, ନିଜ ରୁଚି ଆଦିକୁ ଅଣଦେଖା କରିବସୁଛନ୍ତି। ତେଣୁ ଏକ ଖୁସି ମନ ଆଉ ସୁସ୍ଥ ଜୀବନ ପାଇଁ ଲୋଡ଼ା କିଛି ସମୟ ନିଜ ପାଇଁ...**

ଆଜିକାଲି ଯାହାକୁ ପଚାରିଲେ ଗୋଟିଏ ଉତ୍ତର ପାଇବେ– 'ମୋ ପାଖେ ସମୟ ନାହିଁ'। ହେଲେ ଏତେ କାର୍ଯ୍ୟବ୍ୟସ୍ତତା ଭିତରେ ନିଜକୁ ଅଣଦେଖା କରିବା ଠିକ୍ ନୁହେଁ। କାରଣ ଦୈନିକ ୨୪ ଘଣ୍ଟାର ସମୟ କାହା ପାଇଁ ୨୫ ଘଣ୍ଟା ହେବା ଅସମ୍ଭବ। ତେଣୁ ସେହି ସମୟ ମଧ୍ୟରୁ ନିଜ ପାଇଁ କିଛି ସମୟ ଅର୍ଥାତ୍ ମି' ଟାଇମ୍ ବାହାର କରିବାକୁ ହେବ। ଆଉ ସେହି ସମୟରେ ଶରୀରର ଯତ୍ନ ନେବା ସହ ନିଜ ରୁଚି ପ୍ରତି ଧ୍ୟାନ ଦେଲେ ଜୀବନ ଆହୁରି ଖୁସିପୂର୍ଣ୍ଣ ହୋଇପାରିବ...

**ଲେଖାଲେଖି ଦେବ ଆନନ୍ଦ:** ଲେଖିବାକୁ ଅନେକେ ଭଲପାଆନ୍ତି। ହେଲେ କାର୍ଯ୍ୟବ୍ୟସ୍ତତା ଭିତରେ ନିଜର ଏହି ରୁଚିଠାରୁ ଅନେକେ ଦୂରେଇ ଯାଉଥିବା ଦେଖିବାକୁ ମିଳିଥାଏ। ହେଲେ ଆପଣ ଜାଣନ୍ତିକି, ବ୍ୟସ୍ତତା ଭିତରେ ବି କିଛି ସମୟ ବାହାର କରି ଯଦି ଆପଣ ଲେଖିବେ; ତେବେ ଏହା ଆପଣଙ୍କ କାର୍ଯ୍ୟବ୍ୟସ୍ତତାର ଚାପକୁ ହ୍ରାସ କରିବା ସହ ମନକୁ ସ୍ଥିର ଏବଂ ଶାନ୍ତ ରଖିବାରେ ସାହାଯ୍ୟ କରିବ। ତେଣୁ ଏଥିପ୍ରତି ଆଗ୍ରହ ଥିଲେ ମି' ଟାଇମ୍‌ରେ ଏହାକୁ ନିଶ୍ଚୟ ଆଡ୍ କରନ୍ତୁ।

**ଏକ୍ସରସାଇଜ୍ ରଖିବ ଫିଟ୍:** ଆଜିର ଦିନରେ ସୁସ୍ଥ ରହିବାଠାରୁ ବଡ଼ ବରଦାନ ଆଉ କିଛି ନାହିଁ। ତେଣୁ ଯେତେ କାମ ଥାଉନା କାହିଁକି କିଛି ସମୟ ନିଜ ପାଇଁ ବାହାର କରନ୍ତୁ। ଆଉ ଏହି ସମୟରେ ୱାକିଂ, ଏକ୍ସରସାଇଜ୍, ଯୋଗ, ପ୍ରାଣାୟାମ ଆଦି କରନ୍ତୁ। ଦେଖିବେ ଏହା ଆପଣଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରଖିବାରେ ସାହାଯ୍ୟ କରିବ।

**ଟ୍ରାଭେଲିଂ କରେ ମୁଡ୍ ଫ୍ରେଶ୍:** ଘର, କଲେଜ, ଟ୍ୟୁଶନ୍, ଅଫିସ୍ ଏସବୁ ଭିତରେ ପ୍ରତିଦିନ ସମୟ ବିତାଇବା ଦ୍ୱାରା କେବେକେବେ ମନ ଭାରାକ୍ରାନ୍ତ ହୋଇପଡ଼େ। ଏମିତିକି କିଛି ସମୟ ବାହାରେ ବୁଲାବୁଲି କରିବା ଦ୍ୱାରା ମୁଡ୍ ଫ୍ରେଶ୍ ହୋଇଯାଏ ବୋଲି ଅନେକ ଯୁବପିଢ଼ିଙ୍କ ମତ ରହିଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଯେଉଁଥିପାଇଁ ଚିକିତ୍ସା ବିଜ୍ଞାନରେ ଏହାକୁ ଏକ ଥେରାପି ଭଳି ମଧ୍ୟ ବ୍ୟବହାର କରାଯାଇଥାଏ। ତେଣୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ କିଛି ସମୟ ବାହାର କରି ପରିବାର କିମ୍ବା ସାଙ୍ଗସାଥୀଙ୍କ ସହ ବୁଲିବାକୁ ଯାଆନ୍ତୁ।

**ଗଛ ଲଗାଇଲେ ମିଳିବ ଖୁସି:** ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବାକୁ ବର୍ତ୍ତମାନ ସମସ୍ତଙ୍କୁ ଆହ୍ୱାନ ଦିଆଯାଉଛି। ତେଣୁ ଘରେ ହେଉ ବା ବାହାରେ ଅନେକେ ଗଛ ଲଗାଇଥିବା ଦେଖିବାକୁ ମିଳୁଛି। ତେବେ ଏଥିପ୍ରତି ଅନେକଙ୍କର ବିଶେଷ ରୁଚି ରହିଛି। ଆଉ ଯେଉଁମାନେ ପ୍ରତିଦିନ ନିଜ ଗଛରେ ପାଣିଦେବା, ଖତ ସାର ଆଦି ଦେବା, ଏହାର ଯତ୍ନ ନେବା ଆଦିରେ ସମୟ ଅତିବାହିତ କରନ୍ତି, ସେମାନେ ମାନସିକ ସ୍ତରରେ ବେଶ୍ ଖୁସି ରୁହନ୍ତି ଏବଂ ସେମାନଙ୍କଠାରେ ଷ୍ଟ୍ରେସ୍ ଏବଂ ଡିପ୍ରେସନ୍ ଭଳି ସମସ୍ୟା ଦେଖା ଦେଇ ନ ଥାଏ, ଯେଉଁଥିପାଇଁ ଏହାକୁ ମଧ୍ୟ ଏକ ଥେରାପି ଭାବେ ବ୍ୟବହାର କରାଯାଇଥାଏ।

**ରୁଚିକୁ ଦିଅନ୍ତୁ ସମ୍ମାନ:** ଯଦି ନାଚ, ଗୀତ, ପେଣ୍ଟିଂ, କୁକିଂ, ଆର୍ଟ ଆଣ୍ଡ କ୍ରାଫ୍ଟ ଆଦିରେ ରୁଚି ରହିଛି, ତେବେ କାର୍ଯ୍ୟବ୍ୟସ୍ତତା ଭିତରେ ଏହାକୁ ଚାପି ରଖନ୍ତୁ ନାହିଁ। କାରଣ ପ୍ରତ୍ୟେକ କାମ ଭିତରେ କିଛି ସମୟ ନିଜ ରୁଚିକୁ ଧ୍ୟାନ ଦେଲେ ଏହା ଆପଣଙ୍କୁ ଖୁସି ଦେବ। ତା'ଛଡା ଏହା ଆପଣଙ୍କ ଦକ୍ଷତା ବୃଦ୍ଧି କରିବାରେ ବି ସାହାଯ୍ୟ କରିବ।





**ପେଟ୍ ସହ ବିତାନ୍ତୁ ସମୟ:** ଅନେକେ ଘରେ ପୋଷା କୁକୁର, ବିଲେଇ, ମୂଷା, ଠେକୁଆ, ଚଢ଼େଇ, ଗିନି ପିଗ୍, ମାଛ ଆଦି ରଖିବା ପ୍ରତି ବେଶୀ ଆଗ୍ରହୀ। ଏମାନଙ୍କ ସହ କିଛି କ୍ୱାଲିଟି ଟାଇମ୍ ବିତେଇବା ଦ୍ୱାରା ଯେତେ ଟେନ୍‌ଶନ୍ କିମ୍ବା ମେଣ୍ଟାଲ୍ ଷ୍ଟ୍ରେସ୍ ଥିଲେ ସୁଦ୍ଧା ତାହା ହାଲୁକା ହୋଇଯାଏ। ଅନେକ ଯୁବପିଢ଼ି ଷ୍ଟ୍ରେସ୍ ଫ୍ରି ରହିବା ଲାଗି ଏହି ଫର୍ମୁଲାର ସାହାଯ୍ୟ ନେଉଥିବା ଦେଖିବାକୁ ମିଳୁଛି। ତେଣୁ ଆପଣ ବି ଚାହିଁଲେ ପେଟ୍ ରଖି ତାଙ୍କ ସହ କିଛି ସମୟ ବିତାଇ ପାରିବେ।

## ଏମାନେ କ'ଣ କୁହନ୍ତି


ଚନ୍ଦନ


ଶୁଭଶ୍ରୀ

**ଶୁଭଶ୍ରୀ ସାହୁ** (ଛାତ୍ରୀ, ଯାଜପୁର)– ଫ୍ରି ଟାଇମ୍ ପାଇଲେ ମୋତେ ଉଲ୍‌ରେ ବିଭିନ୍ନ ପ୍ରକାର ଫୁଲଦାନି, ପଶୁପକ୍ଷୀ ଏବଂ ଘର ଡେକୋରେଟ୍ ଜିନିଷ କରିବାକୁ ଭଲଲାଗେ। ଏଥିସହ ଟିକିଏ ଫାଙ୍କା ପାଇଲେ କାର୍ଟୁନର ଆର୍ଟ କରିବାକୁ ବସିଯାଏ। ଛୋଟବେଳୁ ମନର କଥାକୁ କାଗଜରେ ଉତାରିବା ମୋ ହବି। ପାଠପଢ଼ା ବ୍ୟସ୍ତତା ଭିତରେ ସମୟ କାଢ଼ି ପ୍ରତିଦିନ କିଛି ଲେଖାଲେଖି ଓ ଆର୍ଟ ଭିତରେ ହିଁ ହଜିଯାଏ।

**ଚନ୍ଦନ ମୀର୍କାପ୍** (ସଫଓ୍ୱେର ଡେଭେଲପର୍, ଭୁବନେଶ୍ୱର)– ଆଜିକାଲିର ବ୍ୟବସ୍ତବହୁଳ ଲାଇଫ୍‌ଷ୍ଟାଇଲ୍ ଭିତରେ ନିଜ ପାଇଁ ସମୟ ବାହାର କରିବା କଷ୍ଟ। ତଥାପି ସବୁ ଭିତରେ କିଛି ସମୟ ବାହାର କରି ଜିମ୍ ଯାଏ। କାରଣ ମୋ ମତରେ ସ୍ୱାସ୍ଥ୍ୟଠୁ ବଳି ଆଉ କିଛି ନାହିଁ। ଫିଜିକାଲି ଫିଟ୍ ରହିଲେ ହିଁ ଜଣେ ପ୍ରତ୍ୟେକ କାର୍ଯ୍ୟ ଲାଗି ମେଣ୍ଟାଲି ଆକ୍ଟିଭ୍ ରହିପାରିବ। ତେବେ ଏହା ବ୍ୟତୀତ କେବେକେବେ ମାଇଣ୍ଡ ଫ୍ରେସ୍ କରିବା ଲାଗି ସାଙ୍ଗମାନଙ୍କ ସହ ବୁଲାବୁଲି କରିବା କିମ୍ବା ଫିଲ୍ମ ଦେଖିବାକୁ ଯାଏ।

## ଏ ସପ୍ତାହର ପ୍ରଶ୍ନ

୧– ଗେଟିଂ ଇଣ୍ଡିଆ ବ୍ୟାକ୍ ଅନ୍ ଟ୍ରାକ୍ ପୁସ୍ତକର ଲେଖକ .......... ?
୨– ପୃଥିବୀର ବୃହତ୍ତମ ସୋଲାର ପାର୍କ ................. ?
୩– ପଦାର୍ଥ ବିଜ୍ଞାନରେ ନୋବେଲ ପାଇଥିବା ପ୍ରଥମ ଭାରତୀୟ ବୈଜ୍ଞାନିକ ...... ?
୪– ନାରୀ ସଶକ୍ତୀକରଣ ଲକ୍ଷ୍ୟରେ ........ ରାଜ୍ୟରେ କନ୍ୟାଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି ?
୫– ନ୍ୟାୟ ମିତ୍ର ବ୍ୟବସ୍ଥା ............. ମସିହାରୁ ଆରମ୍ଭ ହୋଇଛି ?

## ଗତ ଥରର ଉତ୍ତର

୧ କଲିକତା
୨ ଅରୁଣାଚଳ ପ୍ରଦେଶ
୩ ଗୁଜରାଟ
୪ ସାମୁଦ୍ରିକ ଗେଣ୍ଡା
୫ ତେଲଙ୍ଗାନା

## ଉତ୍ତରଦାତା


ଭୁବନ ଆନନ୍ଦ ରାଉତ
କଟକ


ମାମୁନି ବେହେରା
ସମ୍ବଲପୁର


ରଶ୍ମିତା ସେଠୀ
ଖୋର୍ଦ୍ଧା

## ଟପ୍ ୧୦

### ବଡ଼ ଖେଳନା କମ୍ପାନୀ–୨୦୨୨

୧. ଲିଗୋ................................ ଡେନ୍‌ମାର୍କ
୨. ବାଣ୍ଡାଇ ନାମ୍‌କୋ................................ ଆମେରିକା
୩. ଫିସର୍ ପ୍ରାଇସ୍................................ ଆମେରିକା
୪. ବାର୍ବି ................................ ଆମେରିକା
୫. ନେର୍ଫ ................................ ଆମେରିକା
୬. ଡ୍ରାଗନ୍ ବଲ୍ ................................ ଜାପାନ
୭. ହାସ୍‌ବ୍ରୋ................................ ରୋଡେ ଆଇସ୍‌ଲାଣ୍ଡ, ଆମେରିକା
୮. ହଟ୍ ହ୍ୱିଲ୍ସ ................................ ଆମେରିକା
୯. ପପ୍ ................................ ଆମେରିକା
୧୦. ମାଇଁ ଲିଟଲ୍ ପୋନୀ ................................ ଆମେରିକା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

# ଗିଙ୍ଗହମ୍ ଫ୍ୟାଶନ୍



**ଏବେ ଫ୍ୟାଶନ୍‌ପ୍ରେମୀ ଯୁବପିଢ଼ିଙ୍କ ପାଇଁ ଗିଙ୍ଗହମ୍ ଆଉଟ୍‌ଫିଟ୍ ପାଲଟିଛି ଲାଟେଷ୍ଟ ଟ୍ରେଣ୍ଡ। ଏହା ସବୁ ସିଜନ୍‌ରେ ପିନ୍ଧିଲେ ଭଲ ଲାଗିବା ସହ କ୍ଲାସି ଲୁକ୍ ମଧ୍ୟ ଦେଇଥାଏ। ହେଲେ ୱିଣ୍ଟର ୱିୟର ଭାବେ ଏହା ୟୁନିକ୍ ଲୁକ୍ ଦେଇଥାଏ। ତେବେ ଏହାର ବଢ଼ୁଥିବା ଡିମାଣ୍ଡକୁ ଆଖି ଆଗରେ ରଖି ବର୍ତ୍ତମାନ ମାର୍କେଟ୍‌ରେ ଗିଙ୍ଗହମ୍ ପ୍ରିଣ୍ଟର ଡ୍ରେସ୍‌ଠାରୁ ଆରମ୍ଭ କରି ୱାନ୍ ସାଇଡ୍ ବ୍ୟାଗ୍ ପର୍ଯ୍ୟନ୍ତ ସବୁର କଲେକ୍ସନ ପାଇପାରିବେ...**

* ଯଦି ଆପଣଙ୍କୁ ଚେକ୍ ଷ୍ଟାଇଲ୍‌ର ଡ୍ରେସ୍ ପିନ୍ଧିବାକୁ ବହୁତ ପସନ୍ଦ, ତେବେ ଗିଙ୍ଗହମ୍ ଫ୍ୟାଶନ୍ ଟ୍ରାଏ କରନ୍ତୁ। ଏମିତିକି ଆପଣ ଯଦି ଏହାକୁ ଅଫିସ୍ ପାଇଁ କ୍ୟାରି କରୁଛନ୍ତି, ଏଥିରେ ଆପଣ କ୍ଲାସି ଲୁକ୍ ପାଇବେ।
* ଡେଲି ୱିୟର କିମ୍ବା ଅଫିସ୍ ପାଇଁ ଯଦି କିଛି ସିମ୍ପଲ ଏବଂ କମ୍ଫର୍ଟ ଲୁକ୍ ଦେଉଥିବା ପ୍ୟାଣ୍ଟ କିମ୍ବା ଲେଗିନ୍ସ କ୍ୟାରି କରିବାକୁ ଚାହୁଁଛନ୍ତି, ତେବେ ଗିଙ୍ଗହମ୍ ପ୍ରିଣ୍ଟର ପ୍ୟାଣ୍ଟ ଟ୍ରାଏ କରନ୍ତୁ। କଟନ୍ କିମ୍ବା ଉଲେନ୍ ମ୍ୟାଟେରିଆଲରେ ମଧ୍ୟ ଏହି ପ୍ରିଣ୍ଟ ଉପଲବ୍ଧ। ତେବେ ସ୍ମାର୍ଟ ଦେଖାଯିବା ପାଇଁ ଏଥିରେ ଲଙ୍ଗ୍ ଜ୍ୟାକେଟ୍ କିମ୍ବା ଶ୍ରଗ୍ ପିନ୍ଧି ପାରିବେ।
* ଶୀତଦିନେ ଜ୍ୟାକେଟ୍ କ୍ୟାରି କରୁଥିଲେ ଥଣ୍ଡାରୁ ଉପଶମ ସହ ଷ୍ଟାଇଲିଶ୍ ଲୁକ୍ ପାଇଁ ଗିଙ୍ଗହମ୍ ପ୍ରିଣ୍ଟର ଜ୍ୟାକେଟ୍ ଟ୍ରାଏ କରନ୍ତୁ। ଏହାର ହାଇ ଏବଂ ମିଡିୟମ୍ ନେକ୍ ଜ୍ୟାକେଟଠାରୁ ଆରମ୍ଭ କରି ଲଙ୍ଗ୍ କୋର୍ଟ ମଧ୍ୟ ଉପଲବ୍ଧ। ଏହି ଲୁକ୍‌ରେ ଫୁଟ୍‌ୱେୟାର୍ ପାଇଁ ବୁଟ୍ ମ୍ୟାଚ୍ କରିପାରିବେ।
* ଶୀତଦିନେ ଆଉଟିଂ ଲାଗି ଫ୍ୟାଶନେବୁଲ୍ ସ୍ୱେଟର ଡ୍ରେସ୍ ବାଛୁଥିଲେ ଗିଙ୍ଗହମ୍ ପ୍ରିଣ୍ଟର ସ୍ୱେଟର୍ କ୍ୟାରି କରନ୍ତୁ। ଏହି ସ୍ୱେଟର୍ ସହ ଲଙ୍ଗ୍ ନି ହାଇ ବୁଟସ୍ ପେୟାର୍ କରିପାରିବେ।...
* ନିଜ ଆଉଟ୍‌ଫିଟ୍‌ରେ ଗିଙ୍ଗହମ୍ ପ୍ରିଣ୍ଟର ଆସେସରିଜ୍ କ୍ୟାରି କରିବାକୁ ଚାହୁଁଥିଲେ ଗିଙ୍ଗହମ୍ ସ୍କାର୍ଫକୁ ଟିମ୍‌ଅପ୍ କରିପାରିବେ। ଟି–ଶାର୍ଟଠାରୁ ଆରମ୍ଭ କରି ଜ୍ୟାକେଟ୍ ପର୍ଯ୍ୟନ୍ତ ଏହି ସ୍କାର୍ଫ ଆପଣଙ୍କୁ କ୍ଲାସି ଲୁକ୍ ଦେବ।
* ଆଉଟିଂ ହେଉ କି ଅଫିସ୍ ଅବା ପାର୍ଟିରେ ୟୁନିକ୍ ଲୁକ୍ ପାଇଁ ଗିଙ୍ଗହମ୍ ପ୍ରିଣ୍ଟର ହ୍ୟାଣ୍ଡ ବ୍ୟାଗ୍ କ୍ୟାରି କରିପାରିବେ। ଏହି ଷ୍ଟାଇଲ୍ ଛୋଟ ହ୍ୟାଣ୍ଡ ବ୍ୟାଗ୍‌ଠାରୁ ଆରମ୍ଭ କରି ଓଭର୍‌ସାଇଜ୍ ବ୍ୟାଗ୍ ଯାଏ ମାର୍କେଟରେ ଉପଲବ୍ଧ। ତେବେ ଧ୍ୟାନରଖନ୍ତୁ, ଏହି ଗିଙ୍ଗହମ୍ ଆସେସରିଜ୍ କ୍ୟାରି କରୁଥିଲେ ଏହି ପ୍ରିଣ୍ଟର ଆଉଟ୍‌ଫିଟ୍ ବଦଳରେ ସିଙ୍ଗଲ୍ କଲରର ଆଉଟ୍‌ଫିଟ୍ ବାଛନ୍ତୁ ଅଧିକ ଆଇକ୍ୟାଚି ଲାଗିବ।



## ୟୁଥ ଆଲର୍ଟ

# ଡେସ୍କ ଜବ୍ ଓ ବ୍ୟାକ୍ ପେନ୍

**ବର୍ତ୍ତମାନ ବ୍ୟାକ୍ ପେନ୍ ବା ପିଠି ଯନ୍ତ୍ରଣା ଅନେକଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ପାଲଟିଗଲାଣି। ବିଶେଷକରି ଡେସ୍କ ଜବ୍ କରୁଥିବା ଯୁବପିଢ଼ି ଅଳ୍ପ ବୟସରୁ ଏହି ସମସ୍ୟାର ଶିକାର ହେଉଛନ୍ତି। ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହି କମ୍ପ୍ୟୁଟର, ମୋବାଇଲ୍ ଆଦି ବ୍ୟବହାର କରିବା ଏହାର ଏକ ବଡ଼ କାରଣ। ଯଦି ଆପଣ ଏପରି ସମସ୍ୟା ଭୋଗୁଛନ୍ତି, ତେବେ ଜାଣିରଖନ୍ତୁ ଏହାକୁ ଦୂର କରିବାର କେତୋଟି ଉପାୟ...**

❖ ବ୍ୟାକ୍ ପେନ୍ ନ ହେବା ଲାଗି ଅଫିସ୍‌ରେ ହେଉ ବା ଘରେ, କମ୍ପ୍ୟୁଟର୍‌ରେ କାମ କରିବା ବେଳେ ନିଜର ବସିବା ଶୈଳୀ ଠିକ୍ ରଖନ୍ତୁ। ଆରାମ ଲାଗିବା ଆଳରେ ଜାକି ହୋଇ ବସନ୍ତୁ ନାହିଁ। ଡେସ୍କ ଜବ୍‌ରେ ଦୀର୍ଘ ସମୟ ଏପରି ବସିବା ଫଳରେ ବେକ, ପିଠି, ଅଣ୍ଟା ଜାକି ହୋଇ ରହିବା ଯୋଗୁ ମେରୁଦଣ୍ଡରେ ଚାପ ପଡ଼ିଥାଏ ଏବଂ ବିନ୍ଧା ହୋଇଥାଏ। ଏଥିପାଇଁ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ୟା ମଧ୍ୟ ଉପୁଜିଥାଏ।



❖ ଡେସ୍କଟପ୍ ହେଉ ଅବା ଲ୍ୟାପ୍‌ଟପ୍‌କୁ ଟେବୁଲ୍ ଉପରେ ଏପରି ରଖନ୍ତୁ, ଯେପରି ଏହାର ସ୍କ୍ରିନ୍ ଆପଣଙ୍କ ଆଖି ସହ ସମାନ୍ତରାଳ ଭାବେ ରହିବ। ନଚେତ୍ ମୁଣ୍ଡ ନୁଆଁଇବା ଅବା ଉଠାଇ ଦୀର୍ଘ ସମୟ କାମ କରିବା ଦ୍ୱାରା ବେକରେ ଚାପ ପଡ଼ି ଖୁବ୍ ଯନ୍ତ୍ରଣା ହୋଇଥାଏ।..

❖ ବ୍ୟାକ୍ ପେନ୍ ପାଇଁ ଚେୟାର ମଧ୍ୟ କେତେକାଂଶରେ ଦାୟୀ। ତେଣୁ ଏପରି ଚେୟାର ବାଛନ୍ତୁ, ଯେଉଁଥିରେ ବସିଲେ ନା କେବଳ ଆରାମ ଲାଗିବ ବରଂ ବେକ, ପିଠି, ଅଣ୍ଟା ଜାକି ନ ହୋଇ ସିଧା ରହୁଥିବ। ଯଦି ଅଫିସ୍‌ରେ ଏପରି ଚେୟାର ନାହିଁ, ତେବେ ଆପଣ ପିଠିକୁ ସପୋର୍ଟ ଦେବା ଲାଗି ଚେୟାର୍‌ରେ ଏକ ତକିଆ ରଖି ବସିପାରିବେ।

❖ ଯନ୍ତ୍ରଣା ଅଧିକ ହେଲେ ମନଇଚ୍ଛା ପେନ୍‌କିଲର ନ ଖାଇ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଆରମ୍ଭ କରନ୍ତୁ। ନଚେତ୍ ସାମାନ୍ୟ ଅବହେଳାରୁ ଆପଣ ଅଧିକ ଯନ୍ତ୍ରଣା ଭୋଗିପାରନ୍ତି।

❖ ମନେରଖନ୍ତୁ, ଡେସ୍କ ଜବ୍ କରୁଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ଅଳ୍ପ ଚାଲନ୍ତୁ। ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ। ଏହାଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ ହେବା ସହ ମାଂସପେଶୀ ମଧ୍ୟ ରିଲାକ୍ସ ହେବ ଏବଂ ଯନ୍ତ୍ରଣା ଦୂର ହେବ।

❖ ଡେସ୍କ ଜବ୍ କରୁଥିଲେ ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ ଆଦି କରିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାହିଁ ଆପଣଙ୍କୁ ଏକ ଯନ୍ତ୍ରଣାମୁକ୍ତ ଜୀବନ ଜିଇବାରେ ସାହାଯ୍ୟ କରିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବାହାର ନେତା ନିର୍ବାଚନମଣ୍ଡଳୀ ଛାଡ଼ନ୍ତୁ



ବରଗଡ ଜିଲାପାଳ ଓ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।



ପୋଲିଂ ପାର୍ଟି ବୁଥ୍ ଅଭିମୁଖେ ଯାଉଛନ୍ତି।

### ଜିଲାପାଳ ଓ ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ

- କଟକଣା କଡ଼ାକଡି କଲା ପ୍ରଶାସନ
- ସକାଳ ୭ରୁ ଅପରାହ୍ଣ ୪ ଯାଏ ଭୋଟ୍ ଗ୍ରହଣ
- ମାଓବାଦୀ ପ୍ରବଣ ୪୬ ବୁଥ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା

**ପଦ୍ମପୁର,୩।୧୨(ଡି.ଏନ୍.ଏ.)**

ପଦ୍ମପୁର ଉପନିର୍ବାଚନ ପାଇଁ ୫ ତାରିଖରେ ଭୋଟ୍‌ଗ୍ରହଣ ହେବ। ଏହାକୁ ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ମତଦାନର ୪୮ ଘଣ୍ଟା ପୂର୍ବରୁ ଅର୍ଥାତ୍ ଶନିବାର ଅପରାହ୍ଣ ୪ଟାରୁ ପ୍ରଚାର ଶେଷ ହୋଇଛି। ପଦ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଓ ଏସ୍‌ପି ପି. ସ୍ମିତ ପରମାର ଖବରଦାତାମାନଙ୍କୁ ଏ ନେଇ ସୂଚନା ଦେଇଛନ୍ତି। ରାଜନୈତିକ ଦଳ ଓ ନେତାଙ୍କ ପାଇଁ ବାହାରୁ ଆସିଥିବା କର୍ମୀ ଓ ନେତାମାନେ ତୁରନ୍ତ ନିର୍ବାଚନ ମଣ୍ଡଳୀ ଛାଡିବାକୁ ଜିଲାପାଳ ଅପିଲ କରିଛନ୍ତି। ସମସ୍ତ ହୋଟେଲ, ଗେଷ୍ଟ ହାଉସ ଓ କଲ୍ୟାଣ ମଣ୍ଡପକୁ ଯାଞ୍ଚ କରିବା ସହିତ ବାହାରୁ ଆସୁଥିବା ଗାଡ଼ି ଓ ଦଳବଦ୍ଧ ଲୋକଙ୍କୁ ଯାଞ୍ଚ କରାଯିବ। ମୋଟ୍ ୩୧୯ଟି ବୁଥ୍‌ରେ ୧୨୭୬ ପୋଲିଂ ଅଧିକାରୀ ଓ ୧୨୮ଜଣ ରିଜର୍ଭ ପୋଲିଂ ଅଧିକାରୀ ରହିବେ। ସେହିପରି ୫୧ଟି ସ୍ଥାନର ୭୯ଟି ବୁଥ୍ ସମ୍ବେଦନଶୀଳ ରହିଛି। ୪୬ଟି ବୁଥ୍ ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବାରୁ ରାତ୍ର ରହଣୀର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମତଦାନ ଦିନ ହିଁ ପୋଲିଂ ପାର୍ଟି ବୁଥ୍‌ରେ ଉପସ୍ଥିତ ରହିବେ ବୋଲି ଜିଲାପାଳ ସୂଚନା ଦେଇଥିଲେ। ନିର୍ବାଚନ ମଣ୍ଡଳୀ ଅଧୀନ ପ୍ରତ୍ୟେକ ବ୍ଲକର ୨ଟି ଲେଖାଏଁ ଏହିପରି ମୋଟ୍ ୬ଟି ପିଙ୍କ୍ ବୁଥ୍ ଓ ୧୫ଟି ଆଦର୍ଶ ଭୋଟ୍‌ଗ୍ରହଣ କେନ୍ଦ୍ର କରାଯାଇଛି। ଏହି ଉପନିର୍ବାଚନରେ ମୋଟ୍ ୬୬୭ଟି ଗାଡି ବ୍ୟବହାର ହେବ। ୩୮ ଜଣ ପୋଲିସ ଅଧିକାରୀ, ୩୪ ସେକ୍ସନ ସିଆର୍‌ପିଏଫ୍, ୩୧୯ ସୁରକ୍ଷା କର୍ମୀ,୧୨୩ ହୋମ୍‌ଗାର୍ଡଙ୍କୁ ନିୟୁକ୍ତ କରାଯାଇଛି। ଅବାଧ, ମୁକ୍ତ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳା ସହିତ ନିର୍ବାଚନ କରିବା ପାଇଁ ଜିଲାପାଳ ଓ ଏସ୍‌ପି ପଦ୍ମପୁରବାସୀଙ୍କୁ ନିବେଦନ କରିଛନ୍ତି।

# ଚାଷୀ ପ୍ରସଙ୍ଗରେ ଜିଲା, ବ୍ଲକ୍‌ସ୍ତରରେ ଆନ୍ଦୋଳନ କରିବ ଭାଜପା

**ଭୁବନେଶ୍ୱର, ୩।୧୨(ବ୍ୟୁରୋ)**

ବିଜେଡି ସରକାରରେ ଚାଷୀକୁଳ ହତାଶ ହୋଇଛି। ବିଧାନସଭା ଭିତରେ ଓ ବାହାରେ ଚାଷୀ ପ୍ରସଙ୍ଗରେ ଆଲୋଚନାକୁ ନ ଆସି ନିଜକୁ ଚାଷୀ ବିରୋଧୀ ସରକାର ବୋଲି ସେମାନେ ପ୍ରମାଣିତ କରିଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ବିଧାୟକ ମୋହନ ଚରଣ ମାଝି କହିଛନ୍ତି। ଆଗକୁ ରାଜଧାନୀରେ ଚାଲିଥିବା ସତ୍ୟାଗ୍ରହକୁ ଜିଲା, ବ୍ଲକ ସ୍ତରରେ ଜୋର୍‌ଦାର ଭାବେ କରାଯିବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି।

ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମୋହନ କହିଛନ୍ତି, ବିଧାନସଭାରେ ଶୀତ ଅଧିବେଶନ ୩୩ ଦିନ ଧରି ଚାଲିବ ବୋଲି ନିୟମ ଧାର୍ଯ୍ୟ ହୋଇଥିଲା। ଏହା ଭିତରେ ୨୯ ଦିନର ସରକାରୀ କାର୍ଯ୍ୟ କରାଯିବାକୁ ସ୍ଥିରୀକୃତ ହୋଇଛି। କିନ୍ତୁ ଶୁକ୍ରବାର ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ରାଜ୍ୟ ସରକାର ପଳାୟନପନ୍ଥୀ ସାଜି ବାଚସ୍ପତିଙ୍କ ମାଧ୍ୟମରେ ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ଚଳିତବର୍ଷର ଶୀତ ଅଧିବେଶନ ଗୁରୁତ୍ୱ ବହନ କରୁଥିଲା। ଅତିରିକ୍ତ ବଜେଟ ଉପସ୍ଥାପନା ସମେତ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୃହରେ ଆଲୋଚନା କରାଯାଇଥାନ୍ତା। ମୁଖ୍ୟ ବିରୋଧୀ ଭାଜପା ରାଜ୍ୟବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଗୃହ ଭିତରେ ଆଲୋଚନା ପାଇଁ ପ୍ରସ୍ତୁତ ଥିଲା। ହେଲେ ମୁଖ୍ୟମନ୍ତ୍ରୀ ବିଧାନସଭାକୁ ନ ଆସି ଚାଷୀଙ୍କ ସମସ୍ୟାର କୌଣସି ସମାଧାନର ରାସ୍ତା ବାହାର କରିବା ପରିବର୍ତ୍ତେ ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନକୁ ପ୍ରଚାର ପାଇଁ ଚାଲିଗଲେ ବୋଲି ସେ କହିଛନ୍ତି।

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE
For Booking Contact: 0674-2580385, 8637280816, 7894447167, 9338226625

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମୁଖ୍ୟମନ୍ତ୍ରୀଙ୍କ ରାଲିରେ ଲୋକଙ୍କ ଜୋସ୍ ଦେଖି କେନ୍ଦ୍ରମନ୍ତ୍ରୀ ବିଚଳିତ: ବିଜେଡି

**ଭୁବନେଶ୍ୱର,୩।୧୨(ବ୍ୟୁରୋ)**

ପଦ୍ମପୁର ଉପନିର୍ବାଚନ ପ୍ରଚାର ଶନିବାର ଶେଷ ହୋଇଛି। କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର ଶେଷ ଦିନରେ ବିଭିନ୍ନ ଜନସଭାକୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ ବିଜେଡି ପାଲଟା ଜବାବ ଦେଇଛି। ଧର୍ମେନ୍ଦ୍ର କହିଛନ୍ତି ଯେ ଭୋଟ୍ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ପଦ୍ମପୁରବାସୀଙ୍କୁ ଅସତ୍ୟ କଥା କହୁଛନ୍ତି। ପଦ୍ମପୁରକୁ ଜିଲା କରିବାର ମିଛ କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଯେଉଁମାନେ ଦୀର୍ଘ ୨୨ ବର୍ଷରେ ପଦ୍ମପୁରକୁ ଜିଲା କରିପାରିଲେ ନାହିଁ, ସେମାନେ ୨୦୨୩ରେ ଜିଲା ଗଠନ କରିବା କଥା କହି ପଦ୍ମପୁରବାସୀଙ୍କୁ ଠକୁଛନ୍ତି।

ଶନିବାର ପଦ୍ମପୁର ନିର୍ବାଚନମଣ୍ଡଳୀର ଝାରବନ୍ଧ ବ୍ଲକର ଜଗଦଲପୁର ଓ ପଦ୍ମପୁରଠାରେ ଅନୁଷ୍ଠିତ ଜନସଭା ଓ ରୋଡ ଶୋ'ରେ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଦୀର୍ଘ ୨୨ ବର୍ଷ ହେବ ରାଜ୍ୟର ଶାସନ ଦାୟିତ୍ୱରେ ରହିବା ପରେ ମଧ୍ୟ ଗତକାଲି ପଦ୍ମପୁରରେ ମିଛ ପ୍ରତିଶ୍ରୁତି ଦେଇଛନ୍ତି। ୨୦୧୯ରେ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ପଦ୍ମପୁରକୁ ଜିଲା କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଗତ ୧ ତାରିଖରେ ରାଜ୍ୟ ସରକାରଙ୍କ ରାଜସ୍ୱ ମନ୍ତ୍ରୀ ବର୍ତ୍ତମାନ ରାଜ୍ୟରେ ନୂତନ ଜିଲା ଗଠନ କରିବାର ଯୋଜନା ନାହିଁ ବୋଲି ବିଧାନସଭାରେ କହିଛନ୍ତି। ତେଣୁ ପଦ୍ମପୁରର ନିରୀହ ଲୋକଙ୍କ ଆଗରେ ମୁଖ୍ୟମନ୍ତ୍ରୀ ଅସତ୍ୟ କହିଲେ। ଭୋଟ ପାଇବା ପାଇଁ ମୁଖ୍ୟମନ୍ତ୍ରୀ ମିଛ କହିବାକୁ ପଛାଉନାହାନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ରଙ୍କ ମନ୍ତବ୍ୟର ପାଲଟା ଜବାବ ବିଜେଡି ଦେଇଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓଡ଼ିଶାର ସବୁଠାରୁ ଲୋକପ୍ରିୟ ନେତା। ଓଡ଼ିଶାର ଜନସାଧାରଣ ତାଙ୍କ ବିରୋଧରେ କୌଣସି ଅସମ୍ମାନସୂଚକ ଆକ୍ରମଣକୁ ପସନ୍ଦ କରିବେ ନାହିଁ କି ବରଦାସ୍ତ କରିବେ ନାହିଁ। ୨୦୧୮ରେ ବିଜେପୁର ଉପନିର୍ବାଚନରେ ଯେତେବେଳେ ଜଣେ ଭାଜପା କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଚପଲ ଫିଙ୍ଗିଥିଲା, ବିଜେପୁରବାସୀ ଏହାକୁ ପସନ୍ଦ କରି ନ ଥିଲେ। ଉପନିର୍ବାଚନରେ ବିଜେଡି ବିପୁଳ ବ୍ୟବଧାନରେ ବିଜୟୀ ହୋଇଥିଲା। ମାତ୍ର ଏଥିରୁ ଶିକ୍ଷାଲାଭ ନ କରି ପଦ୍ମପୁରରେ ନିର୍ବାଚନ ପ୍ରଚାର ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ କରିଛନ୍ତି। ପଦ୍ମପୁରବାସୀ ଏହାକୁ ବରଦାସ୍ତ କରିବେନି ବୋଲି ସେ କହିଛନ୍ତି। ପଦ୍ମପୁରଠାରେ କେନ୍ଦ୍ରମନ୍ତ୍ରୀ ଦେଇଥିବା ବିଭ୍ରାନ୍ତିକର ବୟାନର ଜବାବ ଦେଇ ପାତ୍ର କହିଛନ୍ତି ଯେ ଶୁକ୍ରବାର ପଦ୍ମପୁରରେ ମୁଖ୍ୟମନ୍ତ୍ରୀଙ୍କ ବିଶାଳ ରାଲିରେ ଲୋକଙ୍କ ଉତ୍ସାହ ଓ ଜୋସ୍ ଦେଖି କେନ୍ଦ୍ରମନ୍ତ୍ରୀ ବିଚଳିତ ଓ ଭୟଭୀତ ହୋଇ ପଡ଼ିଥିବା ଜଣାପଡୁଛି।



# Classified Everyday

**0674-2580101, 2549949**



MATRIMONIAL

### BRIDE WANTED

Required bride for Bengali Kayastha groom 33 years B.Com. working as Stock Exchange Trading. 7377497659, 8249950627. D-69077

SC (Gokha) boy-1992, 5'7", B.Tech Employed in a company job at BBSR Father Retired Central Govt. Employee settled in BBSR, wants any graduate girl for immediate marriage. 9938678229. D-2128

Divorce khandayat boy 46/ OAS/ (Caste no bar) 'SUHAG'. 9938199964, 9090486408. D-2122

Teli groom 30/ 5'8" B.Tech. Comp. Science, MNC Bangalore wanted general caste bride. Mobile: 9778072479. D-2118

### GROOM WANTED

Hindu govt. Teacher (70000) Koderma, Jharkhand. age 27, 5ft5in.SC(any caste) hometown Balasore. 8210502880. D-2150

"Groom wanted for 1991 B.Com, CA final aspirant, Gopala girl 5'3" serving at Hyderabad. Preferably 5'8 to 6'2, qualified B.tech or Masters. Contact: 9438114600". D-2158



REAL ESTATE

### SALE

Khurdha Govt. Hospitalରୁ 3km., ITBP, IRB, Oneness International School Frontରେ ଘରବାରି, Electricity, Boundary ସହିତ plot ମିଳୁଅଛି। Contact: 9437285016, 9800700664. D-2155

BDA approved Duplex project at Retang Medical, Station near CV Raman University, Tamando, Bhubaneswar @ 44,00,000/-, 7008459987. D-74153

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2132

**VUDA Plots for sale N/E/S & West 80 & 100 feet road facing, 1.5 Km to Bheemili Beach in Visakhapatnam. Contact: 9059040249.** D-2157

For sale 3 BHK Apartment well furnished. Interior Modular kitchen with 4 Ac . Tankapani Road, Near Rajarani Temple, BHUBANESWAR. Contact-7978445271/ 9861406716. D-2161

Commercial Cum residential gharabari plot for sale in Khurda Puri Road, just 2K.M. from Khurda Collector Office, Plot size-50'x112'. Contact Owner- 9439101373, 7750068828. D-2154

ଭୁବନେଶ୍ୱରର ନଖରା, ପଟିଆ ଓ ହଂସପାଳରେ Simplex, Duplex, Flat ସୁଲଭ ମୂଲ୍ୟରେ ମିଳୁଛି। 9861560117, 7381230964. D-74155

**NH side plot (gharabari, boundarywall). Nakhara to Niali road Cuttack. 8249851363.** D-74603

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-74606

ବରମୁଣ୍ଡାରୁ ୧୪କି.ମି. ଭିତରେ sqft.-130/-, 450/- 950/-, ପ୍ଲଟ୍ ଦିଆଯାଉଛି। 9938016295. D-74159

ଭୁବନେଶ୍ୱର-ପୁରୀ **NH**ରେ ଥିବା ସାଇ ଲାଇଫ୍ ଷ୍ଟାଇଲ୍ ପାଖରେ **4BHK**ର **Duplex** ଏବଂ ଘରବାରି ପାଚେରି ଥାଇ ସ୍ଥିତିବାନ ପ୍ଲଟ୍ **sqft.**କୁ **1600-Rs.** ରେ ବିକ୍ରି କରାଯାଉଛି। **Contact: 9439539146, 9777777525.** D-2075

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

4BHK Duplex near Nandankanan Square. Land-1300 Construction-1800, Price-85 Lakh. 8984071303. D-2112

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127



**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74160



BUSINESS

**M/S JAYDEEP MITRA Tax Consultant provides services like GST, EPF, ESI, I.TAX - maintenance & assessment work M- 9875315823 website - www.jaydeepmitra.com.** D-2045

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ଶୁଭ ବିବାହ



ଶ୍ରଦ୍ଧାଞ୍ଜଳି (ଗୁଡ଼ି) ସହିତ କେଦାରେଶ୍ୱର (ବାବୁ)
ସ୍ଥାନ: ବାଲିଅନ୍ତା, ନିକୁଞ୍ଜବିହାରୀ କଲ୍ୟାଣ ମଣ୍ଡପ
ତୁମ ଦୁହିଁଙ୍କ ଆଗାମୀ ଦିନ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ: ବନ୍ଧୁ ଓ ପରିବାର
ଧ-୭୧୨୧୯




Commercial space 800 sqft., 1st floor at Kharvel Nagar, behind Charlee Hotel. Contact: 9437033691. D-70296




Newly open health benefits SPA special Offer @ 999/-, Nayapalli. 7846814019. D-73665

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74604

Newly open Spa positively health benefit with expert. Contact: 7749976301. D-73899

"Only body massage & Steam-Bath. Contact at Trupti SPA-9861550765". D-2139

**Full body massage by smart I expert therapist @ 999 only. 9078484455.** D-73666

Newly open full body massage ladies and gents. 8327740003, 8093860513. D-74605

**Relax, Refresh your body, Mind at Saikrupa Spa with best therapies. 8984068077.** D-2048

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, I, Padmalaya Parida, W/o. Dillip Kumar Parida & D/o. Late Gagan Bihari Bhadra resident of Plot No.839, Gobind Prasad Road No.1, Near BDA Store, Jharapara, PS-Laxmisagar, Mahavir Nagar, Bhubaneswar-751006, hereby declare that Padmalaya Parida, Manjulata Bhadra and Manjulata Parida is one and same person. D-71046

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ହରିହର ଭ୍ରମରବର ରାୟ**

ଆପଣଙ୍କ ଆଶୀର୍ବାଦ ଓ ଶୁଭ ଦୃଷ୍ଟି ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ-ବୋହୂ: ବାବୁ-ରାନୁ, ମୁନା ଓ ରୁବି, ଝିଅ-ଜ୍ୱାଇଁ: ବେବିନା ଓ ବୁଦ୍ଧା, ଛବି ଓ ସୁବାସ, କବି ଓ ପ୍ରଭାତ, ନାତି ଓ ନାତୁଣୀମାନେ: ଚନ୍ଦନ, ଶୋଭନ, ସିଲ୍‌ଭା, ବାବୁନ୍, ଲକି, ଜୁବୁଲ, ଅତୁଲ, ପୁତୁଲ୍, ରାହୁଲ ଓ ଗୁନୁ।
ଧ-୭୩୪୨୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବିନୋଦିନୀ ଭ୍ରମରବର ରାୟ**

ଆପଣଙ୍କ ଆଶୀର୍ବାଦ ଓ ଶୁଭ ଦୃଷ୍ଟି ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ-ବୋହୂ: ବାବୁ-ରାନୁ, ମୁନା ଓ ରୁବି, ଝିଅ-ଜ୍ୱାଇଁ: ବେବିନା ଓ ବୁଦ୍ଧା, ଛବି ଓ ସୁବାସ, କବି ଓ ପ୍ରଭାତ, ନାତି ଓ ନାତୁଣୀମାନେ: ଚନ୍ଦନ, ଶୋଭନ, ସିଲ୍‌ଭା, ବାବୁନ୍, ଲକି, ଜୁବୁଲ, ଅତୁଲ, ପୁତୁଲ୍, ରାହୁଲ ଓ ଗୁନୁ।
ଧ-୭୩୪୨୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ନୀଳମଣି ସାହୁ**
(୦୧.୦୭.୧୯୪୦ - ୨୭.୧୧.୨୦୨୨)

ଆପଣ ଥିଲେ ଜ୍ଞାନର ଭଣ୍ଡାର, ଦିଗଦ୍ରଷ୍ଟା, ସର୍ବାଦୃତ ଓ ସର୍ବପ୍ରିୟ। ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା, କର୍ମଦକ୍ଷତା, ସାଧୁତା ଓ ପରୋପକାରିତା ଆମ ଚଲାପଥରେ ସହାୟକ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
**ଶୋକସନ୍ତପ୍ତ**
ପତ୍ନୀ-ବାସନ୍ତୀ,
ପାର୍ଥ ଓ ସୋନାଲୀ (ପୁତ୍ର-ପୁତ୍ରବଧୂ)
ଶ୍ରାବଣୀ ଓ ଶାସତୀ (ଝିଅ), କୃଷ୍ଣ ଓ ଅମର (ଜ୍ୱାଇଁ)
ସେନୋରା, ଯଥାର୍ଥ, କାଶ୍ମୀରା, ସାଇ (ନାତି,ନାତୁଣୀ)
SIMOR ENGG & TRADING CO
Dasaha : 05/12/2022 | Ekadasaha : 06/12/2022
ଧ-୭୩୪୩୦

**ଏକାଦଶାହ ଉପଲକ୍ଷେ**



**୰ପ୍ରମିଳା ପଟ୍ଟନାୟକ**
ଗ୍ରାମ: କେନ୍ଦୁପଲ୍ଲୀ, ପୋ: ମାଧପୁର କଣ୍ଟିଲୋ, ନୟାଗଡ଼
ଆବିର୍ଭାବ: ୧୦।୦୭।୧୯୪୨
ତିରୋଧାନ: ୨୪।୧୧।୨୦୨୨
ବୋଉ, ଦେଖୁ ଦେଖୁ ୧୧ଦିନ ବିତିଗଲା। ତୋର ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ପ୍ରତିଟି କୋହର ଉତ୍ତର ଆଜି ଅଲୋଡ଼ା ସତ, କିନ୍ତୁ ପ୍ରତିଟି ଦିନ ଏବେ ହେଉ ତୋ ସ୍ମୃତିର ଚିରନ୍ତନ ପଶ୍ଚାତ୍ତାପ। ତୋର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ଚିର ପାଥେୟ ହେଉ। ଏକାଦଶାହ ଅବସରରେ ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ହତଭାଗ୍ୟ ଟୁଲୁ, ମିଲୁ, ଲୁଲି, କନ, ଶୁଭ, ଶାରା ଓ ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୪୧୬୭

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୪ ଡିସେମ୍ବର, ୨୦୨୨ Bhubaneswar, Sunday, December 4/2022

# ସପ୍ତମ ଥର କ୍ୱାର୍ଟରରେ ନେଦରଲାଣ୍ଡସ

ଦୋହା,୩।୧୨(ପି.ଟି.)

ସପ୍ତମ ଥର ପାଇଁ ଫିଫା ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ନେଦରଲାଣ୍ଡସ୍। ଶନିବାର ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଆମେରିକାକୁ ୩-୧ରେ ପରାସ୍ତ କରିବା ସହିତ ପ୍ରଥମ ଦଳ ଭାବରେ

**କାତାର ଫିଫା ବିଶ୍ୱକପ୍**

କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି ନେଦରଲାଣ୍ଡସ୍। ୨୦୧୮ ବିଶ୍ୱକପ ବିଫଳତାକୁ ଭୁଲି ପୁଣି ଥରେ କ୍ୱାର୍ଟରରେ ପ୍ରବେଶ କରିଛି ଲୁଇସ୍ ଭାନ୍ ଗାଲଙ୍କ ଦଳ। ଏହା ପୂର୍ବରୁ ୧୯୭୪, ୧୯୭୮, ୧୯୯୪, ୧୯୯୮, ୨୦୧୦ ଓ ୨୦୧୪ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା ଦଳ। ଶନିବାର ଉଚ୍ଚ ମାନ୍ୟତାପ୍ରାପ୍ତ ନେଦରଲାଣ୍ଡସ୍ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ନେଦରଲାଣ୍ଡସ୍ ୩-୪-୧-୨ ଓ ଆମେରିକା ୪-୩-୩ କମ୍ବିନେଶନରେ ପଡିଆକୁ ଓହ୍ଲାଇଥିଲେ। ଏହି ମ୍ୟାଚରେ ଆମେରିକା ୫୯ %ପ୍ରତିଶତ ସମୟ ବଲକୁ ନିୟନ୍ତ୍ରଣରେ ରଖିଥିବା ବେଳେ ଗୋଲ ସ୍କୋର କରିବାକୁ ମଧ୍ୟ ୮ ଥର ପ୍ରୟାସ କରିଥିଲା। ୪୪୮୪୬ ଜଣ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହି ମ୍ୟାଚର ମଜା ନେଇଥିଲେ। ନେଦରଲାଣ୍ଡସ୍ ପକ୍ଷରୁ ମେମ୍ଫିସ୍ ଡିପେ(୧୦), ଡାଲେ ବ୍ଲିଣ୍ଡ(୪୫+୧) ଓ ଡେଞ୍ଜେଲ ଡମଫ୍ରାଇ(୮୧) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ଆମେରିକା ପକ୍ଷରୁ ହାଜି ରାଇଟ୍(୭୬) ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚର ୧୦ମ ମିନିଟରେ ଡେଞ୍ଜେଲ ଡମଫ୍ରାଇ ଆମେରିକା ବକ୍ସ ମଧ୍ୟକୁ ବଲ ନେଇଥିଲେ। ସେ ଡିପେଙ୍କୁ ବଲ୍ ପାସ୍ କରିଥିଲେ ଆଉ ନେଦରଲାଣ୍ଡସ୍ ସ୍କୋର କରିଥିଲା ପ୍ରଥମ ଗୋଲ। ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଡାଲେ ବ୍ଲିଣ୍ଡ ଦେଇଥିଲେ ଦ୍ୱିତୀୟ ଗୋଲ। ପ୍ରଥମ ଗୋଲ ପରି ଏଥିରେ ମଧ୍ୟ ଡମଫ୍ରାଇଙ୍କ ଭୂମିକା ରହିଥିଲା। ଡମଫ୍ରାଇ ବାମ ପାର୍ଶ୍ୱରୁ ଦେଇଥିବା ପାସ୍‌କୁ ଗୋଲ ପୋଷ୍ଟ ମଧ୍ୟକୁ ପଠାଇଥିଲେ ଡାଲେ ବ୍ଲିଣ୍ଡ। ୭୬ ତମ ମିନିଟରେ ଆମେରିକା ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ ହାଜି ରାଇଟ୍। ଆମେରିକାକୁ ମିଳିଥିବା କର୍ନରକୁ ଗୋଲରେ ପରିଣତ କରିବା ସହିତ ଦଳ ପକ୍ଷରୁ ସେ ଏକମାତ୍ର ଗୋଲଟି ଦେଇଥିଲେ। ଏହାର ୫ ମିନିଟ ମଧ୍ୟରେ ନେଦରଲାଣ୍ଡସ୍‌ର ଡେଞ୍ଜେଲ ଡମଫ୍ରାଇ ସ୍କୋର କରିଥିଲେ ନିର୍ଣ୍ଣାୟକ ଗୋଲ୍। ଦୁଇଟି ଆସିଷ୍ଟ ପରେ ନିଜର ପ୍ରଥମ ଗୋଲ ସ୍କୋର କରିଥିଲେ ଡମ୍‌ଫ୍ରାଇ।



ନେଦରଲାଣ୍ଡ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପରାଜୟ ସତ୍ତ୍ୱେ ନକଆଉଟରେ ବ୍ରାଜିଲ

ଦୋହା,୩।୧୨,(ପି.ଟି.)

ଆଉ ଏକ ବିପର୍ଯ୍ୟୟ ସହିତ ଶେଷ ହୋଇଛି ଫିଫା ବିଶ୍ୱକପ ୨୦୨୨ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍। ଏଥିସହିତ ଚୂଡାନ୍ତ ହୋଇଛି ରାଉଣ୍ଡ ଅଫ୍ ୧୬ର ଦଳ ତାଲିକା। ତେବେ ଚଳିତ ବିଶ୍ୱକପରେ ଆଉ ଏକ ଟପ୍ ଟିମ୍ ମାଟି କାମୁଡିଛି। ଗ୍ରୁପ୍ ଜିରେ ବ୍ରାଜିଲକୁ ୧-୦ରେ ହରାଇ ଚଳିତ ସଂସ୍କରଣର ଅଷ୍ଟମ ବିପର୍ଯ୍ୟୟ ସୃଷ୍ଟି କରିଛି କାମେରୁନ୍। ହାରିଥିଲେ ହେଁ ଗ୍ରୁପ୍ ଟପ୍ପର ଭାବରେ ବ୍ରାଜିଲ ନକ୍‌ଆଉଟରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ଦଳ ଭାବରେ ସ୍ୱିଜରଲାଣ୍ଡ ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ସୁରକ୍ଷିତ କରିଛି। ୩୨ ଦଳ ୮ ଗ୍ରୁପରେ ଲଢେଇ କରିବା ପରେ ପ୍ରଥମ ପର୍ଯ୍ୟାୟରେ ହିଁ ୧୬ ଦଳ ବିଦାୟ ନେଇଛନ୍ତି।

**ବିପର୍ଯ୍ୟୟ ସୃଷ୍ଟି କଲା କାମେରୁନ୍**

ଲୁସେଲ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଭିନସେଣ୍ଟ ଆବୁବକରଙ୍କ ଐତିହାସିକ ଗୋଲ ବଳରେ ବ୍ରାଜିଲକୁ ପରାସ୍ତ କରିଛି କାମେରୁନ୍। ଷ୍ଟପେଜ ଟାଇମରେ ୯୦+୨ ମିନିଟରେ ଆବୁବକର ଏହି ଗୋଲ ସ୍କୋର କରିଥିଲେ। ନିର୍ଦ୍ଧାରିତ ସମୟରେ ମ୍ୟାଚ ଗୋଲଶୂନ୍ୟ ରହିବା ପରେ ସେ ଏହି ଗୋଲଟି ଦେଇଥିଲେ।

**ଜିତିଲା ସୁଇଜରଲାଣ୍ଡ**

ଷ୍ଟାଡିୟମ ୯୭୪ରେ ଖେଳା ଯାଇଥିବା ମ୍ୟାଚଟି ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳକୁ ନକ୍ ଆଉଟ ପାଇଁ ନିଶ୍ଚିତ ବିଜୟ ଆବଶ୍ୟକ ଥିଲା। ପ୍ରଥମ ମିନିଟରେ ହିଁ ସୁଇଜରଲ୍ୟାଣ୍ଡ ପକ୍ଷରୁ ସର୍ବିୟା ଗୋଲପୋଷ୍ଟ ଉପରେ ଆକ୍ରମଣ ହୋଇଥିଲା। ଗୋଲରକ୍ଷକ ଭାଞ୍ଜା ମିଲାନୋଭିକ୍ ସାଭିକ ଦୁଇଟି ପ୍ରୟାସକୁ ରୋକି ଦେଇଥିଲେ। ୨୦ତମ ମିନିଟରେ ଜେର୍ଦାନ୍ ଶାକାରି ପ୍ରଥମ ଗୋଲ ସ୍କୋର କରିଥିଲେ। ସର୍ବିୟା ପକ୍ଷରୁ ୨୬ ତମ ମିନିଟରେ ଆଲେକଜାଣ୍ଡର ମିଟ୍ରୋଭିକ୍ ଗୋଲଟିକୁ ପରିଶୋଧ କରିଥିଲେ। ୩୫ ତମ ମିନିଟରେ ଦୁସାନ ଭ୍ଲାହୋଭିକ୍‌ଙ୍କ ଗୋଲ ବଳରେ ସର୍ବିୟା ୨-୧ରେ ଆଗୁଆ ରହିଥିଲା। ମାତ୍ର ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ ସ୍ୱିସ୍ ତାରକା ବ୍ରିଲ ଏମ୍ବୋଲୋ ଗୋଲ ସ୍କୋର କରି ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପ୍ରଥମାର୍ଦ୍ଧ ୨-୨ରେ ରହିବା ପରେ ମ୍ୟାଚର ୪୮ତମ ମିନିଟରେ ରେମୋ ଫ୍ରୁଏଲରଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା।

# କାତାର ବିଶ୍ୱକପର ପ୍ରଥମ ରେଡ୍‌କାର୍ଡ



ଭିନସେଣ୍ଟ ଅବୁବକରଙ୍କୁ ରେଡ୍‌କାର୍ଡ ଦେଖାଉଛନ୍ତି ରେଫରି।

ଲୁସେଲ୍,୩।୧୨(ପି.ଟି.)

ଚଳିତ ଫିଫା ବିଶ୍ୱକପରେ ପ୍ରଥମ ରେଡ୍‌କାର୍ଡ ପାଇଛନ୍ତି କାମେରୁନର ଭିନସେଣ୍ଟ ଅବୁବକର। ଲୁସେଲ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ ଭିନସେଣ୍ଟ ଅବୁବକରଙ୍କ ଗୋଲ ବଳରେ କାମେରୁନ୍ ଦଳ ବ୍ରାଜିଲ ବିପକ୍ଷରେ ଏତିହାସିକ ବିଜୟ ହାସଲ କରିଥିଲା। ଷ୍ଟପେଜ ଟାଇମର ଦ୍ୱିତୀୟ ମିନିଟରେ ଅବୁବକର ଏହି ଗୋଲ ସ୍କୋର କରିଥିଲେ। ଜେରୋମ୍ ଏମ୍‌ବେକେଇଙ୍କ କ୍ରସକୁ ହେଡର ଜରିଆରେ ବ୍ରାଜିଲ ପୋଷ୍ଟ ମଧ୍ୟକୁ ପଠାଇବା ସହିତ ସେ ଇତିହାସ ରଚିଥିଲେ। ମାତ୍ର ଗୋଲ ସ୍କୋର କରିବାର ଠିକ୍ ପରେ ହିଁ ଅବୁବକରଙ୍କୁ ମିଳିଥିଲା ଚଳିତ ବିଶ୍ୱକପର ପ୍ରଥମ ରେଡକାର୍ଡ। ଅବୁବକର ଗୋଲ ସ୍କୋର କରିବା ପରେ ଶାର୍ଟ ଖୋଲି ସେଲିବ୍ରେଶନ୍ କରିଥିଲେ। ଶାର୍ଟ ଖୋଲି ସେଲିବ୍ରେଶନ କରିବା ଦ୍ୱାରା ତାଙ୍କୁ ୟେଲୋ କାର୍ଡ ପ୍ରଦାନ କରିଥିଲେ ରେଫରି। ତେବେ ଏହା ପୂର୍ବରୁ ମଧ୍ୟ ଗୋଟିଏ ୟେଲୋ କାର୍ଡ ପାଇ ସାରିଥିବା ଅବୁବକରଙ୍କ ପାଇଁ ଏହା ରେଡ୍‌କାର୍ଡ ସାବ୍ୟସ୍ତ ହୋଇଥିଲା। ଏହା ସହିତ ତାଙ୍କୁ ପଡିଆ ଛାଡ଼ିବାକୁ ପଡିଥିଲା। ତେବେ ଅବୁବକରଙ୍କ ଏହି ଗୋଲ ବଳରେ କାମେରୁନ୍ ଦଳ ବିଶ୍ୱକପରେ ଐତିହାସିକ ବିଜୟ ହାସଲ କରିଥିଲା। ଏହା ସହିତ ତୃତୀୟ ଆଫ୍ରିକୀୟ ଖେଳାଳି ଭାବରେ ସେ ବ୍ରାଜିଲ ବିପକ୍ଷରେ ଗୋଲ ସ୍କୋର କରିବାର ସୌଭାଗ୍ୟ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଡିଡିଏର ଡ୍ରୋଗବା, ଜୋଏଲ ମାଟିପ ଯଥାକ୍ରମେ ୨୦୧୦ ଓ ୨୦୧୪ରେ ବ୍ରାଜିଲ ବିପକ୍ଷରେ ଗୋଲ ସ୍କୋର କରିଥିଲେ। ଏହା ସହିତ ଜିନେଡାଇନ୍ ଜିଡାନଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ ଗୋଲ ସ୍କୋର କରିବା ପରେ ରେଡ କାର୍ଡ ପାଇ ପଡ଼ିଆ ଛାଡ଼ିଛନ୍ତି।

# କ'ଣ ହେବ ମାର୍ଟିନେଜଙ୍କ ଭବିଷ୍ୟତ

ଦୋହା,୩।୧୨,(ପି.ଟି)

ଚଳିତ ଫିଫା ବିଶ୍ୱକପର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି ବେଲଜିୟମ। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଦଳ ଏଭଳି ଅପ୍ରତ୍ୟାଶିତ ଭାବରେ ବିଦାୟ ନେବା ପରେ ଦଳର କୋଚ ରବର୍ଟୋ ମାର୍ଟିନେଜଙ୍କ ଭବିଷ୍ୟତ ଉପରେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ୨୦୧୬ରେ ବେଲଜିୟମ ଦଳର କୋଚ ନିଯୁକ୍ତ ହୋଇଥିବା ମାର୍ଟିନେଜ୍‌ଙ୍କ ପ୍ରଶିକ୍ଷଣରେ ଦଳ ୨୦୧୮ ବିଶ୍ୱକପରେ ତୃତୀୟ ସ୍ଥାନ ହାସଲ କରିଥିଲା। ମାତ୍ର ଚଳିତ ବର୍ଷର ବିପର୍ଯ୍ୟୟ ପରେ ବେଲଜିୟମର ସ୍ୱର୍ଣ୍ଣିମ ଯୁଗର ଅବସାନ ଘଟିଥିବା କହିଛନ୍ତି ଅନେକ ଫୁଟବଲ ସମୀକ୍ଷକ। ଏହା ସହିତ ମାର୍ଟିନେଜ ମଧ୍ୟ ତାଙ୍କର ସମୟ ଶେଷ ହୋଇ ଆସିଥିବା ସମ୍ପର୍କରେ ପରୋକ୍ଷରେ ସୂଚନା ଦେଇଛନ୍ତି। ଅନେକ ଲୋକ ଟ୍ରଫି ବିଜୟୀ ହେବାକୁ ସଫଳତା ଭାବେ ଦେଖୁଥିବା ବେଳେ ମୋ ଦୃଷ୍ଟିଭଙ୍ଗୀରେ ସଫଳତାର ସଂଜ୍ଞା ଭିନ୍ନ ବୋଲି ସେ କହିଛନ୍ତି। ବିଗତ ବର୍ଷରେ ବେଲଜିୟମ ଦଳର ପ୍ରଦର୍ଶନକୁ ନେଇ ମଧ୍ୟ ସେ ଖୁସି ଜାହିର କରିଛନ୍ତି। ତେବେ ସେ ପୁନର୍ବାର କ୍ଲବ ଫୁଟବଲକୁ ଫେରିବା ନେଇ ମଧ୍ୟ କିଛି ସମୀକ୍ଷକ ଆକଳନ କରିଛନ୍ତି। ଇଂଲଣ୍ଡ ଦଳରେ ଡେଭିଡ୍ ବେକ୍‌ହାମ, ଷ୍ଟିଭେନ୍ ଜେରାର୍ଡ ଓ ୱେନ୍ ରୁନିଙ୍କ ପରି ଖେଳାଳି ରହିଥିଲେ ମଧ୍ୟ ଦଳ ବିଶ୍ୱକପ କିମ୍ବା ୟୁରୋ କପରେ ସଫଳ ହୋଇନଥିଲା। ୨୦୦୧ରୁ ୨୦୦୬ ମଧ୍ୟରେ ଦଳର ଏହି ବିଫଳତାକୁ କୋଚ୍ ସ୍ୱାନ ଗୋରାନ୍ ଏରିକସନଙ୍କ ମୁଣ୍ଡରେ ଲଦି ଦିଆଯାଇଥିଲା। ବେଲଜିୟମ ଦଳରେ ରୋମେଲୁ ଲୁକାକୁ, ଏଡେନ୍ ହାଜାର୍ଡଙ୍କ ପରି ଖେଳାଳି ରହିଥିବା ବେଳେ ସମାନ ଢଙ୍ଗରେ ବର୍ତ୍ତମାନ ବେଲଜିୟମ ବିଫଳତା ପାଇଁ ମାର୍ଟିନେଜଙ୍କୁ ଦାୟୀ କରାଯାଉଛି। ପୂର୍ବରୁ ସ୍ୱାଏନ୍ସା, ୱିଗାନ୍ ଓ ଏଭରଟନ୍ ଦଳର କୋଚ ରହିଥିବା ମାର୍ଟିନେଜ୍ ବର୍ତ୍ତମାନ ଆଷ୍ଟନ ଭିଲ୍ଲା, ଏଭରଟନ୍ କିମ୍ବା ଟଟେନହାମରେ ଯୋଗ ଦେଇ ପାରନ୍ତି।

# ଅଭ୍ୟାସ କଲେ ନେମାର

ଲୁସେଲ୍,୩।୧୨(ପି.ଟି.)

ଗୋଇଠି ଆଘାତ କାରଣରୁ ବାଦ୍ ପଡିଥିବା ବ୍ରାଜିଲ ଷ୍ଟ୍ରାଇକର ନେମାର ପୁନର୍ବାର ଅଭ୍ୟାସ ଆରମ୍ଭ କରିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ବ୍ରାଜିଲର ପ୍ରଥମ ମ୍ୟାଚ ସମୟରେ ହିଁ ନେମାର ଆହତ ହୋଇଥିଲେ। ନେମାରଙ୍କ ଗୋଇଠିରେ ଆଘାତ ଲାଗିଥିବା ବେଳେ ଲିଗାମେଣ୍ଟ ଛିଡି ଯାଇଥିଲା। ଏହା ପରେ ସେ ସ୍ୱିଜରଲାଣ୍ଡ ଓ କାମେରୁନ୍ ବିପକ୍ଷ ପରବର୍ତ୍ତୀ ଦୁଇ ମ୍ୟାଚରୁ ବାଦ୍ ପଡିଥିଲେ। ଶନିବାର ବ୍ରାଜିଲ ଦଳ ସହିତ ନେମାର ଅଭ୍ୟାସ କରିଥିବା ବେଳେ ସୋମବାର ବ୍ରାଜିଲ ବନାମ ଦକ୍ଷିଣ କୋରିଆ ମ୍ୟାଚ ଖେଳିପାରନ୍ତି। ଶୁକ୍ରବାର ନେମାର କାମେରୁନ୍ ବିପକ୍ଷ ମ୍ୟାଚ ଖେଳି ନ ଥିଲେ। ଭିନସେଣ୍ଟ ଆବୁବକରଙ୍କ ଐତିହାସିକ ଗୋଲ ବଳରେ ବ୍ରାଜିଲକୁ ୧-୦ରେ ପରାସ୍ତ କରିଥିଲା କାମେରୁନ୍। ଷ୍ଟପେଜ ଟାଇମରେ ୯୦+୨ ମିନିଟରେ ଆବୁବକର ଏହି ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ବ୍ରାଜିଲ ପରାଜିତ ହୋଇଥିବା ବେଳେ ନେମାର ସାଇଡଲାଇନରେ ବସି ମ୍ୟାଚ ଉପଭୋଗ କରିଥିଲେ। ନେମାର ଟିମ୍ ବସରୁ ଓହ୍ଲାଇ ଚାଲି ଚାଲି ଫିଲ୍ଡ ପର୍ଯ୍ୟନ୍ତ ଆସିଥିଲେ। ଏହା ପରେ ଶନିବାର ସେ ସାମାନ୍ୟ ଅଭ୍ୟାସ ମଧ୍ୟ କରିଛନ୍ତି।



ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ସମର୍ଥକ।



ନେଦରଲାଣ୍ଡ ସମର୍ଥକ।

# ଏସିଆନ୍ ଫୁଟ୍‌ବଲର ଉତ୍‌ଥାନ

ବିଶ୍ୱକପ୍ ଗ୍ରୁପ୍ ପର୍ଯ୍ୟାୟ ଫଳାଫଳ ରେକର୍ଡ ସଂଖ୍ୟାରେ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମେ ଆର୍ଜେଣ୍ଟିନା ଓ ଜର୍ମାନୀର ପରାଜୟ ପରେ ଟୁର୍ନାମେଣ୍ଟର ଗ୍ରୁପ୍ ଲିଗ୍‌ରୁ ଜର୍ମାନୀ, ଡେନ୍‌ମାର୍କ, ବେଲଜିୟମ ଓ ଉରୁଗୁଏର ବିଦାୟ ବିସ୍ମିତ କରିଥିଲା। ଅନ୍ୟପକ୍ଷେ ଏଥର ଏସିଆନ ଫୁଟ୍‌ଲର ଉତ୍‌ଥାନ ଦେଖିବାକୁ ମିଳିଛି। ଜାପାନ ଗ୍ରୁପ୍‌ର ଶୀର୍ଷ ସ୍ଥାନ ଅଧିକାର କରିଛି। ପର୍ତ୍ତୁଗାଲ ବିପକ୍ଷରେ ୨-୧ ଗୋଲ୍‌ରେ ବିଜୟ ଲାଭ କରି ଦକ୍ଷିଣ କୋରିଆ ଯୋଗ୍ୟତା ଅର୍ଜନ କରିଛି। ଅଷ୍ଟ୍ରେଲିଆ ମଧ୍ୟ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛି। ଶନିବାର ଏହି ଦଳ ଆର୍ଜେଣ୍ଟିନାକୁ ଭେଟିଛି। ବ୍ରାଜିଲ ଯଦିଓ ରାଉଣ୍ଡ ଅଫ୍ ୧୬ରେ ସ୍ଥାନ ପକ୍କା କରିଛି ଗ୍ରୁପ୍ ପର୍ଯ୍ୟାୟରେ ଅପରାଜେୟ ରହିପାରି ନାହିଁ। ଦଳ ଏହାର ଶେଷ ଗ୍ରୁପ୍ ମ୍ୟାଚରେ କାମେରୁନ୍‌ଠାରୁ ହାରିଯାଇଛି। ଆଫ୍ରିକାର ମରକ୍କୋ, ସେନେଗାଲ ଏବଂ ଆମେରିକା ସମେତ ଅନ୍ୟ କେତେକ ଦେଶ ଯୋଗ୍ୟତା ଅର୍ଜନ କରିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ହ୍ୟାଟ୍ରିକ୍ ନ ହେବା ଆଶ୍ଚର୍ଯ୍ୟଜନକ। ନକ୍‌ଆଉଟରେ ଏହା କ୍ୱଚିତ ଦେଖିବାକୁ ମିଳିଥାଏ। କୋଚ୍ ଟିଟେ ଉପଯୁକ୍ତ କମ୍ବିନେଶନ ତିଆରି କରିବା ଲାଗି ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତିରେ ରିଜର୍ଭ ବେଞ୍ଚରେ ରହିଥିବା ଖେଳାଳିଙ୍କୁ ପରୀକ୍ଷଣ ଚଳାଇଥିଲେ। କିନ୍ତୁ ଦଳ ଲୁସେଲ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ହାରିଯାଇଥିଲା। ରିଜର୍ଭ ଖେଳାଳିମାନେ ବଲ୍‌କୁ ବହୁ ସମୟ ଧରି ନିଜ ଅକ୍ତିଆରରେ ରଖିଥିଲେ ହେଁ ସ୍କୋର ପାଇଁ ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ବିଶ୍ୱକପ୍‌ରେ ପୂର୍ବରୁ ବ୍ରାଜିଲ ଯେତେବେଳେ ଟାଇଟଲ ଜିତିଥିଲା ଗ୍ରୁପ୍ ଲିଗ୍‌ରେ ସେମାନେ କୌଣସି ମ୍ୟାଚ ହାରି ନ ଥିଲେ। ବର୍ତ୍ତମାନ ଶାରୀରିକ ସମସ୍ୟା ଟିଟେଙ୍କ ଲାଗି ବଡ଼ ସମସ୍ୟା ହୋଇ ଦେଖା ଦେଇଛି। ନେମାରଙ୍କ ଇଞ୍ଜୁରି ବ୍ରାଜିଲ ଶିବିରକୁ ଶକ୍ତ ଧକ୍କା ଦେଇଛି। ନେମାର, ଡାନିଲୋ ଓ ଆଲେକ୍ସ ସାଣ୍ଡ୍ରୋଙ୍କୁ ହରାଇ ସାରିବା ପରେ ଟିଟେଙ୍କୁ ବର୍ତ୍ତମାନ ଫୁଲ୍‌ବ୍ୟାକ୍ ଆଲେକ୍ସ ଟେଲେସ୍‌ଙ୍କୁ ହରାଇଛନ୍ତି। ଗାବ୍ରିଏଲ ଜେସସ ମଧ୍ୟ ସନ୍ଦେହ ତାଲିକାରେ ରହିଛନ୍ତି। ଏମାନେ ସମସ୍ତେ ଗତ ମ୍ୟାଚରେ ସେମାନଙ୍କ ଆଣ୍ଠୁରେ ସମସ୍ୟା ଦେଖାଦେଇଥିବା ଜଣାଇଥିଲେ। ନେମାର ଓ ଡାନିଲୋ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। କାମେରୁନ ବିପକ୍ଷ ପରାଜୟ ଆଗାମୀ ରାଉଣ୍ଡରେ ବ୍ରାଜିଲର ପ୍ରଦର୍ଶନ ଉପରେ ପ୍ରଭାବ ନ ପକାଇଲେ ଭଲ। ନେମାର ଓ କାସେମିରୋଙ୍କ ଅନୁପସ୍ଥିତିରେ ପରବର୍ତ୍ତୀ ରାଉଣ୍ଡରେ ଦୃଢ ରକ୍ଷଣାତ୍ମକ ରଣନୀତିର ଆବଶ୍ୟକତା ରହିଛି। ବ୍ରାଜିଲ ଦୀର୍ଘ ୨୦ ବର୍ଷ ପ୍ରତୀକ୍ଷାରେ ଅନ୍ତ ଘଟାଇବା ଲାଗି ଚେଷ୍ଟା କରୁଛି। ଏଥର ଦଳର ଗୋଲ୍ ସ୍କୋର ସଂଖ୍ୟା କମ୍ ରହିଛି। ଯୋଗ୍ୟତା ପର୍ଯ୍ୟାୟରେ ଏହି ଦଳ ୫୦ଟି ଗେମ୍‌ରେ ୧୧୧ ଗୋଲ୍ ସ୍କୋର କରିଥିଲା। ବ୍ରାଜିଲ ଯଦି ଇଞ୍ଜୁରୀ ଓ ଅନ୍ୟାନ୍ୟ ସମସ୍ୟାରୁ ମୁକୁଳିଯାଏ ତେବେ ଦଳ ସନ୍ତୁଳିତ ହୋଇଯିବ। କାରଣ ଏହି ଦଳରେ ବହୁ କ୍ୱାଲିଟି ଖେଳାଳି ଏବଂ ଜଣେ ପ୍ରବୀଣ କୋଚ୍ ରହିଛନ୍ତି। ଦଳ ପୁଣି ଚାମ୍ପିୟନ ହୋଇ ପାରିବ ବୋଲି ମୋର ଆଶା ରହିଛି।

(ଟିଭାକ୍ ସ୍ପୋର୍ଟ୍ସ)



ଜର୍ଗିନୋ

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



**ଫାଇନାଲ ପ୍ରବେଶରେ ଉନ୍ନତି ପ୍ରଥମ ଭାରତୀୟ**

ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଉନ୍ନତି ହୁଡା ପ୍ରଥମ ଭାରତୀୟ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଛନ୍ତି।

୦୮

୦୫

**ନୌସେନାରେ ଅଧିକ ସଂଖ୍ୟାରେ ମହିଳାଙ୍କୁ ସୁଯୋଗ ଦିଆଯିବ**

ଅଗ୍ନିବୀର ଯୋଜନା ଜରିଆରେ ଭାରତୀୟ ନୌସେନାରେ ଏଣିକି ଅଧିକସଂଖ୍ୟାରେ ମହିଳାଙ୍କୁ ସୁଯୋଗ ଦିଆଯିବ ବୋଲି ନୌସେନା ମୁଖ୍ୟ ଆର୍. ହରି କୁମାର କହିଛନ୍ତି।



## ବାଲେଶ୍ୱରରେ ପାଗଳା କୁକୁର ଆତଙ୍କ

- ଆକ୍ରମଣରେ ୨୨ ଆହତ
- କୁକୁରକୁ ପିଟି ମାରିଦେଲେ



କୁକୁର କାମୁଡ଼ାରେ ଗୁରୁତରମାନେ।

**ବାଲେଶ୍ୱର ଅଫିସ, ୩।୧୨:** ବାଲେଶ୍ୱର ସହରରେ ଶନିବାର ସକାଳେ ଏକ ପାଗଳ କୁକୁର ଆତଙ୍କ ଖେଳାଇଥିଲା। ମର୍ଣ୍ଣିଂୱାକ କରୁଥିବା ଲୋକଙ୍କୁ ଗୋଡାଇ ଗୋଡାଇ କାମୁଡିଲା। ଆକ୍ରମଣରେ ୨୨ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ପାଗଳ କୁକୁରକୁ ପିଟି ପିଟି ମାରିଦେଇଥିବା ଜଣାପଡିଛି। ପୌରାଞ୍ଚଳ ଅଧୀନ ୪ନଂ ୱାର୍ଡର ପୁଲବଜାର, ଖୁଆଜାବାଗ୍, କସାବ ମହଲ୍ଲା, ବାଲୁବଜାର, ରେଜାଉଲ୍ଲା ଲେନ, ମୁନିପଦା ଆଦି ଅଞ୍ଚଳରେ ସକାଳ ସମୟରେ ଲୋକମାନେ ମର୍ଣ୍ଣିଂୱାକ କରୁଥିବା ବେଳେ ହଠାତ୍ ଉକ୍ତ ପାଗଳ କୁକୁର ଆସି ପ୍ରଥମେ ସେକ ଆକବରଙ୍କୁ କାମୁଡିଥିଲା। ପରେ ନସିମା ବିବି, ଗୋପାଳଚନ୍ଦ୍ର ସେଠୀ, ☞ପୃଷ୍ଠା-୪

# ଧର୍ମ ବଦଳାଇଲେ ସଂରକ୍ଷଣ ମନା

**ଚେନ୍ନାଇ,୩।୧୨**





ଜଣେ ହିନ୍ଦୁ ନିଜ ଧର୍ମ ପରିବର୍ତ୍ତନ କଲେ ପୂର୍ବ ବ୍ୟବସ୍ଥା ଅନୁସାରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଆଉ ସଂରକ୍ଷଣ ସୁବିଧା ପାଇବେ ନାହିଁ ବୋଲି ମାଡ୍ରାସ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତାମିଲନାଡୁର ସବୁଠୁ ପଛୁଆ ବର୍ଗ (ଏମ୍‌ବିସି)ରେ ଆସୁଥିବା ଜଣେ ହିନ୍ଦୁ ଧର୍ମାନ୍ତରିତ ହୋଇ ମୁସଲମାନ ହେବା ପରେ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦାବି କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଜି.ଆର୍. ସ୍ୱାମୀନାଥନଙ୍କ ଖଣ୍ଡପୀଠ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

ସମ୍ପୃକ୍ତ ବ୍ୟକ୍ତି ଜଣକ ପୂର୍ବରୁ ହିନ୍ଦୁ ଥିଲେ। ୨୦୧୮ ମେ'ରେ ସେ ଇସ୍‌ଲାମ୍‌କୁ ଧର୍ମାନ୍ତରିତ ହୋଇ ଆକବର ଅଲୀ ନାମରେ ପରିଚିତ ହେଲେ। ତାମିଲନାଡୁ କମ୍ବାଇଣ୍ଡ ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ନିଜକୁ ଏମ୍‌ବିସି ବର୍ଗର ଉଲ୍ଲେଖ କରି ସଂରକ୍ଷଣ ଦାବି କରିଥିଲେ। ରାଜ୍ୟ ସରକାର ତାଙ୍କୁ ସଂରକ୍ଷଣ ନ ଦେବାରୁ ସେ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଜଷ୍ଟିସ୍ ସ୍ୱାମୀନାଥନ୍‌ଙ୍କ ଖଣ୍ଡପୀଠ ଗତ ଗୁରୁବାର ଏହାର ଶୁଣାଣି ଶେଷକରି ରାୟ ଦେଇଛନ୍ତି। ଜଷ୍ଟିସ୍ ସ୍ୱାମୀନାଥନ କହିଛନ୍ତି, ହିନ୍ଦୁ ପରିବାରରେ ଜନ୍ମିତ ଜଣେ ବ୍ୟକ୍ତି ସରକାରୀ ବ୍ୟବସ୍ଥା ଅନୁସାରେ ମୂଳ ସମ୍ପ୍ରଦାୟ ଅନୁସାରେ ସଂରକ୍ଷଣ ସୁବିଧା ପାଇବାକୁ ଯୋଗ୍ୟ। କିନ୍ତୁ ସେ ଯଦି ଧର୍ମ ପରିବର୍ତ୍ତନ କରନ୍ତି ତେବେ ଏହି ସୁବିଧାରୁ ବଞ୍ଚିତ ହେବେ। ତାଙ୍କର ପୂର୍ବ ଜାତିଗତ ପ୍ରମାଣପତ୍ର ଅଚଳ ହୋଇଯିବ।

ଏହି ପରିପ୍ରେକ୍ଷୀରେ ଜଷ୍ଟିସ୍ ସ୍ୱାମୀନାଥନ ସୁପ୍ରିମକୋର୍ଟଙ୍କ କେତୋଟି ପୂର୍ବ ରାୟର ଅବତାରଣା କରିଥିଲେ, ଯହିଁରେ ହିନ୍ଦୁଧର୍ମରେ ଜନ୍ମିତ ବ୍ୟକ୍ତି ଜାତିପ୍ରଥାକୁ ସ୍ୱୀକୃତି ଦେଉ ନ ଥିବା ଧର୍ମ ଗ୍ରହଣ କଲେ ସଂରକ୍ଷଣ ସୁବିଧାରୁ ବଞ୍ଚିତ ହୋଇଥିବା ନଜିର ରହିଛି।

## ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ

### ୫ ବର୍ଷ ପରେ ପୁଣି ଦେଖିବାକୁ ମିଳିଛି



ଡେବ୍ରିଗଡ଼ ଅଭୟାରଣ୍ୟ ଭିତରେ ବୁଲୁଥିବା ମହାବଳ ବାଘ।

**ସମ୍ବଲପୁର,୩।୧୨(ବ୍ୟୁରୋ)**

ସମ୍ବଲପୁର ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘ ଦେଖିବାକୁ ମିଳିଛି। ଗତ ୧ତାରିଖରେ ପର୍ଯ୍ୟଟକ ଓ ବନ ବିଭାଗ କର୍ମଚାରୀ କରିଥିବା ଭିଡିଓ ଏବେ ଭାଇରାଲ ହୋଇଛି। ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ ଅଭୟାରଣ୍ୟରେ ମହାବଳ ବାଘ ଥିବା ନେଇ ସ୍ପଷ୍ଟ କରିଛନ୍ତି। ଦୀର୍ଘ ୫ ବର୍ଷ ପରେ ମହାବଳ ପୁଣି ଦେଖାଦେଇଛି। ଏହାକୁ ନେଇ ବନ ବିଭାଗ ଉତ୍ସାହିତ ଥିବା ବେଳେ ପରିବେଶବିତ୍‌ମାନେ ମଧ୍ୟ ଖୁସି ଜାହିର କରିଛନ୍ତି। ଏ ସମ୍ପର୍କରେ ଡିଏଫଓ ଦାଶ ସୂଚନା ଦେଇ କହିଛନ୍ତି ଯେ, ଡିସେମ୍ବର ୧ତାରିଖରେ କେତେଜଣ ପର୍ଯ୍ୟଟକଙ୍କୁ ନେଇ ବନବିଭାଗର ସଫାରି ଗାଡ଼ି ଅଭୟାରଣ୍ୟରେ ଯାଉଥିଲା। ଅପରାହ୍ନ ପ୍ରାୟ ୫ଟା ସମୟରେ ଏହି ମହାବଳ ବାଘ ରାସ୍ତା ଉପରକୁ ଚାଲି ଆସିଥିଲା। କିଛି ସମୟ ରାସ୍ତା ଉପରେ ଚାଲି ଜଙ୍ଗଲ ଭିତରକୁ ଚାଲି ଯାଇଥିଲା। ପର୍ଯ୍ୟଟକମାନେ ଭିଡିଓରେ ମହାବଳର ଗତିବିଧିକୁ କଏଦ କରି ନେଇଥିଲେ। ☞ପୃଷ୍ଠା-୪



## ପୋଷଣ ଅଭାବ ଦୂରକରିବ ଚୂନାମାଛ

**ୱାଶିଂଟନ୍,୩।୧୨**

ଉତ୍ତମ ଓ ସୁସ୍ଥ ଶରୀର ପାଇଁ ପୋଷଣର ଆବଶ୍ୟକତା ରହିଛି। ବଜାରରେ ଉପଲବ୍ଧ ଅପମିଶ୍ରିତ ଖାଦ୍ୟ ଓ ଜଙ୍କ୍‌ଫୁଡ୍ ଖାଇବା ଦ୍ୱାରା ନବଜାତ ଶିଶୁଠୁ ଆରମ୍ଭ କରି ବୟସ୍କଙ୍କଠାରେ ନ୍ୟୁଟ୍ରିଶନ୍ ବା ପୋଷଣର ଅଭାବ ଦେଖାଯାଉଛି। ଫଳରେ ଲୋକେ ବିଭିନ୍ନ ପ୍ରକାର ପୋଷଣ ଅଭାବଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଚୂନାମାଛ ମଣିଷ ଶରୀରର ପୋଷଣ ଅଭାବକୁ ଦୂରକରିବ ବୋଲି ନ୍ୟୁୟର୍କର ନେଚର ଫୁଡ୍ ମାଗାଜିନ୍‌ରେ ଏକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ୫ ବର୍ଷରୁ କମ୍ ବୟସର ଶିଶୁ ପୋଷଣ ଅଭାବଦ୍ୱାରା ବିଭିନ୍ନ ☞ପୃଷ୍ଠା-୪


## ଏଲୋପାଥି ଦ୍ୱାରା ବ୍ୟାପ୍ତ କରାଯାଉଥିବା ମିଛ

**ଆପଣ ଫାର୍ମା ଓ ମେଡିକାଲ ଇଣ୍ଡଷ୍ଟ୍ରୀ ଦ୍ୱାରା ପ୍ରଚାରିତ ମିଛରୁ ନିଜକୁ ତଥା ଦେଶକୁ ରକ୍ଷା କରନ୍ତୁ । ଆସନ୍ତୁ ରୋଗମୁକ୍ତ ଭାରତ ଗଢ଼ିବା ।**



PATANJALI® wellness Yoga, Ayurveda & Naturopathy

ରୋଗକୁ କଣ୍ଟ୍ରୋଲ କରିବା ନାଁରେ ବର୍ଷ ବର୍ଷ ଧରି ଲୋକମାନେ ବି.ପି., ସୁଗାର, ଥାଇରଏଡ୍, ଆଜ୍‌ମା, କୋଲେଷ୍ଟରଲ୍ ଆଦିର ଔଷଧ ଖାଉଛନ୍ତି କିନ୍ତୁ ଏହିସବୁ ଔଷଧଗୁଡ଼ିକର କୁପ୍ରଭାବ ଓ ଦୀର୍ଘକାଳୀନ ରୋଗଗୁଡ଼ିକ କାରଣରୁ ସେମାନଙ୍କ ଜୀବନ ନର୍କରେ ପରିଣତ ହୋଇଯାଇଛି । ଚରକ, ଶୁଶ୍ରୁତ, ଧନ୍ୱନ୍ତରୀ ଓ ପତଞ୍ଜଳିଙ୍କ ଭଳି ମହାଋଷିଙ୍କଠାରୁ ପ୍ରାପ୍ତ ଜ୍ଞାନ ଉପରେ ବୈଜ୍ଞାନିକ ଗବେଷଣା କରି ଆମେ କୋଟି କୋଟି ଲୋକଙ୍କ ରୋଗକୁ ମୂଳରୁ ଦୂର କରି ସେମାନଙ୍କୁ ସବୁ ରୋଗରୁ ସମ୍ପୂର୍ଣ୍ଣ ମୁକ୍ତ କରିଛୁ ।

**ବି.ପି.**

ବର୍ଷ ବର୍ଷ ଧରି ବି.ପି. ପାଇଁ ଏଲୋପାଥି ଔଷଧ ଖାଇବା ସତ୍ତ୍ୱେ ଲୋକେ ହାର୍ଟ, ବ୍ରେନ୍ ଷ୍ଟ୍ରୋକ୍ ଓ କିଡ୍‌ନୀ ଫେଲ୍ୟୁର, ଚିଡ଼ିଚିଡ଼ାପଣ, ଅନିଦ୍ରା ଆଦିରେ ପୀଡ଼ିତ ହେଉଛନ୍ତି ।

ହେଲେ, ନିୟମିତ ପ୍ରାଣାୟାମ ଓ ଯୋଗାଭ୍ୟାସ କରିବା, ଶିରୋଧାରା, ଲାଉ ଜୁସ୍, ବିପିଗ୍ରୀଟ୍ ଓ ମୁକ୍ତାବଟୀର ସେବନ କରି କୋଟି କୋଟି ଲୋକଙ୍କ ବି.ପି. ଓ ବି.ପି. ସହିତ ଜଡ଼ିତ ଜଟିଳତାର ସମସ୍ୟା ସମ୍ପୂର୍ଣ୍ଣ ଠିକ୍ ହୋଇଯାଇଛି ।

**ସୁଗାର୍**

ବର୍ଷ ବର୍ଷ ଧରି ସୁଗାର୍ ପାଇଁ ବିଦେଶୀ ଔଷଧ ଖାଇବା ସତ୍ତ୍ୱେ ଲୋକମାନଙ୍କର ଦୃଷ୍ଟିଶକ୍ତି ଦୁର୍ବଳ ହେଉଛି, କ୍ରିଏଟିନିନ୍ ବଢୁଛି, ଶିରା-ପ୍ରଶିରାର ଦୁର୍ବଳତା (ନ୍ୟୁରୋପାଥି) ବୃଦ୍ଧି ପାଉଛି ତଥା ଶରୀର ଦୁର୍ବଳ ଇମ୍ୟୁନିଟିର ଶିକାର ହେଉଛି ।

ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ, ମଧୁଗ୍ରୀଟ୍ ବସ୍ତି, ମଧୁନାଶିନି, ମଧୁଗ୍ରୀଟ୍, କାକୁଡ଼ି, କଲରା, ବିଲାତି ବାଇଗଣ ଓ ଅଁଳା, ଏଲୋଭେରା, ଗିଲୟ ଜୁସ୍, ସନ୍ତୁଳିତ ଆହାର ଦ୍ୱାରା ଆମେ ସୁଗାର୍ ଓ ସୁଗାର୍‌ର ଜଟିଳତାରୁ ଲୋକମାନଙ୍କୁ ରକ୍ଷା କରିଛୁ ଏବଂ ବିଶ୍ୱରେ ପ୍ରଥମ ଥର ପାଇଁ ଟାଇପ୍ ୱାନ୍ ଡାଇବେଟିସ୍ ରୋଗୀଙ୍କୁ ନନ୍ ଡାଇବେଟିକ୍ କରିଛୁ।

**ଥାଇରଏଡ୍**

ଏହାର ଔଷଧ ଖାଇ ଖାଇ ରୋଗୀ ଓଭରୱେଟ୍ ଓ ଅଣ୍ଡରୱେଟ୍ ହେଉଛନ୍ତି ତଥା ମୁଣ୍ଡବୁଲା ଓ ଡିପ୍ରେଶନ ଆଦିର ଶିକାର ହେଉଛନ୍ତି ।

ଆମେ କପାଳଭାତି, ଉଜ୍ଜାୟି ଆଦି ଯୋଗାଭ୍ୟାସ, ଧନିଆ ପାଣି ସହିତ ଥାଇରୋଗ୍ରୀଟ୍ ଖୁଆଇ ଲୋକଙ୍କୁ ଥାଇରଏଡ୍ ଓ ତାହାର ଜଟିଳତାଗୁଡ଼ିକରୁ ମୁକ୍ତ କରିଛୁ ।

**ନେତ୍ର ଓ କର୍ଣ୍ଣ ରୋଗ**

ଏଲୋପାଥିରେ ଦୃଷ୍ଟି ଦୁର୍ବଳତା, ଗ୍ଲୁକୋମା, ଅନ୍ଧାରକଣା ଆଦିର ଚିକିତ୍ସା ହିଁ ନାହିଁ ତଥା ଶ୍ରବଣ ରୋଗ ଓ ଟିନିଟସ୍ ପାଇଁ ତ କୌଣସି ଔଷଧ ମଧ୍ୟ ନାହିଁ ।

ଯୋଗାଭ୍ୟାସ ସହିତ ଆଖି ପାଇଁ ଆଇଗ୍ରୀଟ୍, ଅକ୍ଷି ତର୍ପଣ ତଥା କାନ ପାଇଁ ଇୟରଗ୍ରୀଟ୍, କର୍ଣ୍ଣପୂରଣ ପ୍ରୟୋଗ କରି ଆମେ ଲୋକମାନଙ୍କୁ ନେତ୍ର ଓ କର୍ଣ୍ଣ ରୋଗରୁ ମୁକ୍ତି ଦେଇଛୁ ।

**ଲିଭର୍**

ଫ୍ୟାଟି ଲିଭର୍, ଲିଭର୍ ସିରୋସିସ୍ ଓ ହେପାଟାଇଟିସ୍ (A, B, C, D) ପାଇଁ କୌଣସି ସ୍ଥାୟୀ ଏଲୋପାଥି ଚିକିତ୍ସା ନାହିଁ ।

ଆମେ ନିୟମିତ ଯୋଗାଭ୍ୟାସ କରି ସର୍ବକଳ୍ପ କ୍ୱାଥ, ପୁନର୍ନଭା ଆଦିର ରସ ଏବଂ ଲିଭୋଗ୍ରୀଟ୍ ଓ ଲିଭାମୃତ ତଥା ବସ୍ତି କରାଇ ରୋଗୀଙ୍କୁ ଫ୍ୟାଟି ଲିଭର୍, ଲିଭର୍ ସିରୋସିସ୍, ହେପାଟାଇଟିସ୍‌ରୁ ମୁକ୍ତି ଦେଇଛୁ ଏବଂ ପାଚନତନ୍ତ୍ରକୁ ସମ୍ପୂର୍ଣ୍ଣ ସୁସ୍ଥ କରିଛୁ ।

**ଚର୍ମ ରୋଗ**

ଡର୍ମାଟୋଲୋଜିଷ୍ଟଙ୍କ ପାଖରେ ଲ୍ୟୁକୋଡର୍ମା, ଏକ୍‌ଜିମା, ସୋରିଆସିସ୍ ଭଳି ଚର୍ମ ରୋଗର କୌଣସି ସ୍ଥାୟୀ ସମାଧାନ ନାହିଁ, ଅନ୍ୟପକ୍ଷରେ ଷ୍ଟେରଏଡ୍ ଓ ନାନା ପ୍ରକାର କେମିକାଲ୍‌ର ପ୍ରୟୋଗ କାରଣରୁ ଅନେକ କ୍ଷତି ସହିବାକୁ ପଡ଼ିଥାଏ ।

ଯୋଗ, ଆୟୁର୍ବେଦ, ନାଚୁରୋପାଥି, ପଞ୍ଚକର୍ମ, ଷଟ୍‌କର୍ମ, ଗୋଧନ ଅର୍କ + ନିମ ଘନବଟି ଓ ପଞ୍ଚ ମହାଭୂତ ଚିକିତ୍ସା ଦ୍ୱାରା ଶରୀରର ଶୁଦ୍ଧୀକରଣ କରି ତଥା କାୟାକଳ୍ପ ବଟି, ଡର୍ମାଗ୍ରୀଟ୍, ସୋରୋଗ୍ରୀଟ୍‌ର ପ୍ରୟୋଗ ଦ୍ୱାରା ଆମେ ଲୋକମାନଙ୍କୁ ଚର୍ମରୋଗରୁ ସ୍ଥାୟୀ ରୂପେ ମୁକ୍ତି ଦେଇଛୁ ।

**ଆର୍ଥ୍ରାଇଟିସ୍**

ଏଲୋପାଥିରେ ଆର୍ଥ୍ରାଇଟିସ୍ ପାଇଁ ପେନ୍ କିଲର୍, ଷ୍ଟେରଏଡ୍ ଏବଂ ବାୟୋଲଜିକାଲ୍ ଡ୍ରଗ୍‌ସ ଦିଆଯାଇ ଲୋକଙ୍କ ଜୀବନକୁ ନର୍କ ସମାନ କରିଦିଆଯାଉଛି । ଏହାଦ୍ୱାରା ହାଡ଼ ଓ ପାଚନତନ୍ତ୍ର ଦୁର୍ବଳ ହେଉଛି ଏବଂ ଡାଇବେଟିସ୍ ଭଳି ରୋଗ ଦେଖାଦେଉଛି ।

ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍, ପୀଡ଼ାନିଲ ପେୟ ସହିତ ପୀଡ଼ାନିଲ ଗୋଲ୍ଡ, ଅର୍ଥୋଗ୍ରୀଟ୍, ଅର୍ଥୋକେୟାର୍ ଏବଂ ବାତମୋକ୍ଷଣ, ରକ୍ତମୋକ୍ଷଣ, ଆକ୍ୟୁପ୍ରେଶର୍, ଆକ୍ୟୁପଙ୍କଚର୍, ଲିଚ୍ ଥେରାପି, କାଇରୋପ୍ରାକ୍ଟିକ୍, ଔଷଧୀୟ ଲେପ ଲଗାଇବା, ବୈତରଣା ବସ୍ତିରୁ ଆର୍ଥ୍ରାଇଟିସ୍ ତଥା ଆର୍ଥ୍ରାଇଟିସ୍‌ର ଜଟିଳତାଗୁଡ଼ିକ ପାଇ ନ୍ୟୁଟ୍ରେଲା ନ୍ୟୁଟ୍ରିଶନ୍ ଆଦି ଦ୍ୱାରା ଆମେ ଆର୍ଥ୍ରାଇଟିସ୍ (ଗଣ୍ଠିବାତ), ସର୍ଭାଇକଲ୍, ଏଙ୍କିଲୋଜିଙ୍ଗ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ତ ରୋଗରୁ ଲୋକଙ୍କୁ ମୁକ୍ତ କରିଛୁ ।

**ଆଜ୍‌ମା**

ଇନ୍‌ହେଲର୍ ଏବଂ ଷ୍ଟେରଏଡ୍ ଦ୍ୱାରା ଲୋକଙ୍କୁ ସାମୟିକ ଉପଶମ ମିଳିଥାଏ ଏବଂ ଆଜ୍‌ମା କିଛି ସମୟ ପାଇଁ ଦବିଯାଇଥାଏ । କିନ୍ତୁ ଲୋକଙ୍କ ଫୁସ୍‌ଫୁସ୍ ଆଜୀବନ ଖରାପ ହୋଇଯାଏ ଏବଂ ଏହାକୁ ଠିକ୍ କରିବା ପାଇଁ ଏଲୋପାଥିରେ କୌଣସି ଔଷଧ ନାହିଁ ।

ଭସ୍ତ୍ରିକା, କପାଳଭାତି, ଅନୁଲୋମ ବିଲୋମ, ପ୍ରାଣାୟାମ ଏବଂ ଭୁଜଙ୍ଗାସନ ଆଦି ଯୋଗ, ଲଙ୍ଗବସ୍ତି, ଶ୍ୱସାରୀ ପ୍ରବାହୀ ବଟୀ, ଶ୍ୱସାରୀ ଗୋଲ୍ଡ ଏବଂ କରକ୍ୟୁମିନ୍ ଗୋଲ୍ଡ ଆଦି ଦ୍ୱାରା ଆମେ ଆଜ୍‌ମା ଓ ଲଙ୍ଗ୍ ଫାଇବ୍ରୋସିସ୍ ଆଦିକୁ ମୂଳରୁ ଦୂର କରିଛୁ ଏବଂ ଖରାପ ହୋଇଥିବା ଫୁସ୍‌ଫୁସ୍‌କୁ ଭଲ କରିଛୁ ।

**ଦୁଃସାଧ୍ୟ ରୋଗ**

ହାର୍ଟ ବ୍ଲକେଜ୍, SLE, MS, ANA, AVN, HLAB27 ଆଦି ଅଟୋ ଇମ୍ୟୁନ୍ ରୋଗ, ଇନ୍‌ଫର୍ଟିଲିଟି, ୟୁଟିଆଇ ଏବଂ ଷ୍ଟ୍ରେସ୍ ଆଦି ଏହି ଧରଣ ରୋଗର ଏଲୋପାଥିରେ କୌଣସି ସ୍ଥାୟୀ ଏବଂ ପ୍ରାମାଣିକ ଚିକିତ୍ସା ନାହିଁ।

**ଏହିସବୁ ଦୁଃସାଧ୍ୟ ଏବଂ ପ୍ରାଣଘାତୀ ରୋଗରେ ପୀଡ଼ିତ ହଜାର ହଜାର ରୋଗୀଙ୍କୁ ଆମେ ଭଲ କରିଛୁ । ଏହାର ବୈଜ୍ଞାନିକ ପ୍ରମାଣ ଆମ ନିକଟରେ ଅଛି । କେହି ବି ଆମର ୱେବ୍‌ସାଇଟ୍ www.patanjaliwellness.com ପରିଦର୍ଶନ କରି ଦେଖିପାରିବେ ।**

**ପତଞ୍ଜଳି ଚିକିତ୍ସାଳୟ, ମେଗା ଷ୍ଟୋର୍**

ନିଜ ଜିଲ୍ଲାରେ ନିଃଶୁଳ୍କ ବୈଦ୍ୟକୀୟ ଚିକିତ୍ସା ପରାମର୍ଶ ତଥା ପତଞ୍ଜଳିର ସମସ୍ତ ଔଷଧି ଓ ହଜାରରୁ ଅଧିକ ଉତ୍ପାଦ କିଣିବା ପାଇଁ ଥରେ ନିଶ୍ଚୟ ପରିଦର୍ଶନ କରନ୍ତୁ । ଆମର ସମସ୍ତ ଔଷଧ ପତଞ୍ଜଳି ଷ୍ଟୋର୍ସ ସହିତ ପ୍ରମୁଖ ମେଡିକାଲ, ଆୟୁର୍ବେଦିକ ଏବଂ ପ୍ରମୁଖ ଷ୍ଟୋରଗୁଡ଼ିକରେ ଉପଲବ୍ଧ ।

PATANJALI® wellness Yoga, Ayurveda & Naturopathy

**ସମସ୍ତ ଦୁଃସାଧ୍ୟ ରୋଗରୁ ସ୍ଥାୟୀ ମୁକ୍ତି ପାଇବା ପାଇଁ ପତଞ୍ଜଳି ୱେଲନେସ୍, ଯୋଗଗ୍ରାମ ଓ ନିରାମୟମ୍‌ରେ ଅତି କମ୍‌ରେ 1 ସପ୍ତାହର ଆବାସିକ ଚିକିତ୍ସା ଲାଗି ଯୋଗାଯୋଗ କରନ୍ତୁ**

8954666111, 8954666222, 8954666333

booking@patanjaliwellness.com
www.patanjaliwellness.com

Scan For Booking:-

आस्था LIVE — ଦୈନିକ ପ୍ରାତଃ 5.00ରୁ 7.30 ଘଣ୍ଟିକା ଓ ରାତି 8.00ରୁ 9.30 ଘଣ୍ଟିକା

INDIA TV LIVE — ଦୈନିକ ପ୍ରାତଃ 7.56 ଘଣ୍ଟିକା

ବିଶ୍ୱର ସବୁଠାରୁ ବଡ଼ ଯୋଗ ଗୁରୁଙ୍କ ସହିତ ଇଣ୍ଟିଗ୍ରେଟେଡ୍ ଯୋଗ ପ୍ରାକ୍ଟିସ୍ ଏବଂ ଇଣ୍ଟିଗ୍ରେଟେଡ୍ ସହସ୍ର ପ୍ରକାର ଥେରାପି ଦ୍ୱାରା ରୋଗର ଉପଚାର ବିଷୟରେ ଲାଇଭ୍ ଦେଖନ୍ତୁ ଓ ଶିଖନ୍ତୁ

ଉପରବର୍ଣ୍ଣିତ ଔଷଧର ଉପଯୋଗ ପ୍ରସ୍ତାବ ମାତ୍ର ଅଟେ । ଉପଯୁକ୍ତ ରୋଗଗୁଡ଼ିକର ପ୍ରବନ୍ଧନ ପାଇଁ ଉପଚାରରେ ମୁଖ୍ୟତଃ ଏହାକୁ ପ୍ରୟୋଗ କରାଯାଇଥାଏ । ନିଜ ଇଚ୍ଛାରେ ଔଷଧ ସେବନ କରନ୍ତୁ ନାହିଁ । ଔଷଧର ବ୍ୟବହାର ସର୍ବଦା ଚିକିତ୍ସକୀୟ ନିରୀକ୍ଷଣ ଅଧୀନରେ କରନ୍ତୁ ।

# ସ୍ୱପ୍ନରେ ସୀମିତ ୮୭୫ ଏକରରେ ବିଦ୍ୟୁତ୍ ପ୍ଲାଣ୍ଟ

- ମେକ୍ ଇନ ଓଡ଼ିଶା କନ୍‌କ୍ଲେଭରୁ ମିଳିଲାନି ଫାଇଦା
- ପଡିଆ ପଡିଛି ଏସ୍‌ପିଆଇପିଲ ସହ ଏମ୍‌ଓୟୁ ଜମି
- ୫୦ ଏକର ଜମି ଉପରେ ହୋଇଥାନ୍ତା ସହରାଞ୍ଚଳ

କେନ୍ଦ୍ରାପଡ଼ା ଅଫିସ, ୩।୧୨

ଭୁବନେଶ୍ୱରସ୍ଥ ଜନତା ମଇଦାନରେ ମେକ୍‌ଇନ ଓଡ଼ିଶା କନକ୍ଲେଭ ୨୦୨୨ ନଭେମ୍ବର ୩୦ରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ଚାଲିଛି। ଏହି କନ୍‌କେଲଭରେ ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲାର ଆର୍ଥିକ ଭିତ୍ତିଭୂମି ସୁଦୃଢ଼ ପାଇଁ କୌଣସି ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇନାହିଁ। ଯାହା ଜିଲାବାସୀ କୌଣସି ଫାଇଦା ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ଏ ସମ୍ପର୍କରେ ଜିଲା ଜନ ଅଧିକାର ଅଭିଯାନର ସଭାପତି ଭୁବନମୋହନ ଜେନା, ପୂର୍ବତନ ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ, ଯୁବ ନେତା ରାକେଶ ମହାନ୍ତି, ସାମଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ, ଆଳୟ ସାମନ୍ତରାୟ ପ୍ରମୁଖ କହିଛନ୍ତି, ଗତ ୨ ତାରିଖରେ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୱାରି ଗ୍ରୁପ ପକ୍ଷରୁ ଢେଙ୍କାନାଳ ଜିଲାରେ ଏକ ମେଗା ସୌର ପ୍ୟାନେଲ ପ୍ରକଳ୍ପ ନିର୍ମାଣ ହେବ ବୋଲି ଘୋଷଣା ହୋଇଛି। ଏଥିପାଇଁ ରାଜ୍ୟ ସରକାର ଏହି ଗ୍ରୁପ ସିଇଓଙ୍କ ସହିତ ବୁଝାମଣା ପତ୍ର (ଏମ୍‌ଓୟୁ)ରେ ସ୍ୱାକ୍ଷର କରିଛନ୍ତି। ଏଠାରେ ଗ୍ରୁପର ସିଇଓ ବିବେକ ଶ୍ରୀବାସ୍ତବ କହିଛନ୍ତି ଯେ, ବିଶ୍ୱର ବୃହତ୍ ସମନ୍ୱିତ ସୌର ପ୍ୟାନେଲ କାରଖାନା ଏଠାରେ ନିର୍ମିତ ହେବ। ଯାହାର ୧୦ ହଜାର ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ରହିବ। ୯୦୦ ହେକ୍ଟର ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ପ୍ରାୟ ୧୪ ହଜାର ପ୍ରତ୍ୟକ୍ଷ ଓ ୨୫ ହଜାର ଲୋକଙ୍କୁ ପରୋକ୍ଷ ନିଯୁକ୍ତି ମିଳିବ। ରାଜ୍ୟ ସରକାରଙ୍କ ଏହି ଏମ୍‌ଓୟୁ କେନ୍ଦ୍ରାପଡ଼ା ଜିଲାର ୧୧ ବର୍ଷ ତଳର ସ୍ୱପ୍ନକୁ ଧୂଳିସାତ କରିଦେଇଛି। ଥର୍ମାଲ ପାୱାର ପ୍ଲାଣ୍ଟ ନିର୍ମାଣ ପାଇଁ ମହାକାଳପଡ଼ା ବ୍ଲକ ଅଞ୍ଚଳର ଅଧିଗ୍ରହଣ ହୋଇଥିବା ୮୭୫ ଏକର ଜମି ଏବେ ସୁଦ୍ଧା ପଡିଆ ପଡିଛି। ୫୦ ଏକର ଜମି ଉପରେ ସହରାଞ୍ଚଳ ଗଢ଼ି ଉଠୁଥିବା ସ୍ୱପ୍ନରେ ଭଙ୍ଗା ପଡିଛି। ୨୦୧୧ ମସିହାରେ ଜିଲାର ମହାକାଳପଡ଼ା ତହସିଲ ଅଞ୍ଚଳରେ ଦୁଇଟି ୬୬୦ ମେଗାୱାଟ ବିଶିଷ୍ଟ ଥର୍ମାଲ ପାୱାର ପ୍ଲାଣ୍ଟ ନିର୍ମାଣ ହେବ ବୋଲି ରାଜ୍ୟ ସରକାର ଜିଲାବାସୀଙ୍କୁ ସ୍ୱପ୍ନ ଦେଖାଇଥିଲେ। ସେହିବର୍ଷ ଜାନୁୟାରୀ ୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶକ୍ତି ସଚିବ ଓ ଚେନ୍ନାଇସ୍ଥିତ ମେସର୍ସ ଏସପିଆଇ ପୋର୍ଟ ପ୍ରାଇଭେଟ ଲିମିଟେଡ (ଏସ୍‌ପିଆଇପିଏଲ)ର ନିର୍ଦ୍ଦେଶକଙ୍କ ମଧ୍ୟରେ କମ୍ପାନୀ ଧାରା ୧୯୫୬ ଅନୁଯାୟୀ ଏକ ଏମ୍‌ଓୟୁ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ, ମହାକାଳପଡ଼ା ତହସିଲ ଅନ୍ତର୍ଗତ ଅଳାଇଲୋ, ବିଳିପଡା, ନଛିପଡା ଓ ନିୟାମତପୁର ରାଜସ୍ୱ ଗ୍ରାମର ୮୭୫ ଏକର ଜମି ଜିଲା ପ୍ରଶାସନ ଅଧିଗ୍ରହଣ କରିଛନ୍ତି। ଏଥିମଧ୍ୟରୁ ୮୪୦ ଏକରୁ ଊର୍ଦ୍ଧ୍ୱ ଜମିରେ ଚାଷ ହେଉଥିଲା। ଜମି ଅଧିଗ୍ରହଣ ପରେ ଏହା ପଡିଆ ପଡିଛି। ପାୱାର ପ୍ଲାଣ୍ଟ ପ୍ରକଳ୍ପ ଅନୁଯାୟୀ, ଅଧିଗ୍ରହଣ ଜମିରେ ୫୬୫ ଏକର ଜମି ପ୍ଲାଣ୍ଟ ପାଇଁ ଉପଯୋଗ କରିବାକୁ ଥିବା ବେଳେ ୧୨୫ ଏକର ଜମି ରେଳପଥ, ପାଣି ପାଇପ ଲାଇନ ବିଛାଇବାରେ ବିନିଯୋଗ ହୋଇଥାନ୍ତା। ଅବଶିଷ୍ଟ ଜମିରୁ ୫୦ ଏକର ଜମି ଉପରେ ସହରାଞ୍ଚଳ ଓ ୨୬୦ ଏକର ଜମିରେ ସବୁଜ ବଳୟ ସୃଷ୍ଟି କରାଯାଇଥାନ୍ତା। ତେବେ ୨୦୧୬ ଜାନୁୟାରୀ ୩ରୁ ଏମ୍‌ଓୟୁ ଅବଧି ସରି ଯାଇଥିବାବେଳେ ଜିଲାବାସୀଙ୍କ ଶିଳ୍ପ ସ୍ୱପ୍ନ ଅଧୁରା ରହିଛି। ଅପରପକ୍ଷରେ ଢେଙ୍କାନାଳରେ ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ କେନ୍ଦ୍ରପଡ଼ାରେ ୮୭୫ ଏକର ଜମି ଅଧିଗ୍ରହଣ ସରିଛି। ସେହିପରି ଗତ ୨ବର୍ଷ ଧରି ହରିଦାସପୁର-ପାରାଦୀପ ବ୍ରଡଗେଜ ଲାଇନରେ ପଣ୍ୟବାହୀ ରେଳ ଚଳାଚଳ କରୁଛି। ଭିତ୍ତିଭୂମୀ ପ୍ରସ୍ତୁତି ସତ୍ତ୍ୱେ କେନ୍ଦ୍ରାପଡ଼ା ଜିଲାକୁ ଅଣଦେଖା କରିବା ରାଜ୍ୟ ସରକାରଙ୍କ ପାଇଁ ଆଗାମୀଦିନରେ ଜିଲାବାସୀ ନିଶ୍ଚିତ ପ୍ରଶ୍ନ କରିବେ ବୋଲି ସେମାନେ ମତ ଦେଇଛନ୍ତି।


ପ୍ରସ୍ତାବିତ ବିଦ୍ୟୁତ୍ ପ୍ଲାଣ୍ଟ ପାର୍କ ପାଇଁ ଚିହ୍ନିତ ଜମି।

# ଛତୁଆ କେନ୍ଦ୍ର ସମ୍ମୁଖରେ ଅଙ୍ଗନୱାଡି କର୍ମୀଙ୍କ ଧାରଣା


ଛତୁଆ ପ୍ରସ୍ତୁତି କେନ୍ଦ୍ର ସମ୍ମୁଖରେ ଅଙ୍ଗନୱାଡି କର୍ମୀ,ସହାୟିକାମାନେ ଧାରଣା ଦେଇଛନ୍ତି।

## ପହଞ୍ଚୁପାରିଲାନି ଶିଶୁ ଖାଦ୍ୟ

ରଘୁନାଥପୁର, ୩।୧୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଅଧୀନ ୧୪୭ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ସହାୟିକାମାନେ ଶନିବାର ସକାଳୁ ଜଗନ୍ନାଥପୁରସ୍ଥିତ ନିଳିମା ମହାସଂଘ ଛତୁଆ ପ୍ରସ୍ତୁତକାରୀ କେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ଉକ୍ତ କେନ୍ଦ୍ରରୁ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହେବାକୁ ଥିବା ଛତୁଆ ଓ ଅନ୍ୟାନ୍ୟ ଶିଶୁ ଖାଦ୍ୟ ବୋଝେଇ ଗାଡ଼ିକୁ ସେମାନେ ଯିବାକୁ ଦେଇ ନ ଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅଲ୍ ଓଡିଶା ଅଙ୍ଗନୱାଡି ୟୁନିୟନ ଡାକରାରେ ଏହି ବ୍ଲକ ଅନ୍ତର୍ଗତ ସମସ୍ତ କର୍ମୀ ଓ ସହାୟିକାମାନେ ଆଠଦଫା ଦାବି ନେଇ ଗତ ନଭେମ୍ବର ୨୧ରୁ ଆନ୍ଦୋଳନରେ କରୁଛନ୍ତି। କର୍ମୀମାନଙ୍କ ଅନୁପସ୍ଥିତିରେ ସମ୍ପୃକ୍ତ ଛତୁଆ ପ୍ରସ୍ତୁତକାରୀ ସଂସ୍ଥା ବିଭିନ୍ନ ଗ୍ରାମର ମହିଳାଗୋଷ୍ଠୀଙ୍କ ଜରିଆରେ ଛତୁଆ ବଣ୍ଟନ କରିବା ପାଇଁ ଉଦ୍ୟମ କରୁଛନ୍ତି। ପିଲାଙ୍କୁ ଶିଶୁଖାଦ୍ୟ ଦେଇ ଅଙ୍ଗନୱାଡି କର୍ମୀଙ୍କ ଆନ୍ଦୋଳନ ତଥା ଧାରଣାକୁ ସରକାର ଭଣ୍ଡୁର କରିବାକୁ ଚକ୍ରାନ୍ତ କରୁଛନ୍ତି। ଏହାକୁ ସଫଳ କରାଇ ଦିଆଯିବ ନାହିଁ ବୋଲି ଧାରଣାକାରୀ ପ୍ରକାଶ କରିଛନ୍ତି। ଖବରପାଇ ସିଡିପିଓ ଜ୍ୟୋତିରାଣୀ ମଲ୍ଲିକ, ସୁପରଭାଇଜର ସଂଯୁକ୍ତା ଦାସ, ସୁବାସମୋହିନୀ ସାହୁ ଓ ବିଜୟଲକ୍ଷ୍ମୀ ପଣ୍ଡା ଧାରଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରି ଧାରଣାରୁ ଉଠିଯିବା ପାଇଁ କହିଥିଲେ। ମାତ୍ର ଧାରଣାକାରୀ କର୍ମୀ ଓ ସହାୟିକାମାନେ ଏହାକୁ ପ୍ରତ୍ୟାଖ୍ୟାନ କରିଦେବାରୁ ଶିଶୁ ଖାଦ୍ୟ ପଠାଯାଇ ପାରି ନଥିବା ସୂଚନା ମିଳିଛି।

# ସଚେତନ ପାଇଁ ରାଜକନିକାରୁ କେନ୍ଦ୍ରାପଡ଼ା ହେବ ପଦଯାତ୍ରା

## କେନ୍ଦ୍ରାପଡ଼ା ଜିଲାରେ ମେଡ଼ିକାଲ୍ କଲେଜ ପ୍ରତିଷ୍ଠା ଦାବି ଜୋର ଧରିଲା

ଡେରାବିଶ ୩।୧୨(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାରେ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ବ୍ୟାପକ ହୋଇଛି। ମେଡ଼ିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ସେପ୍ଟେମ୍ବର ୨୮ରେ ରାଜଭବନ ଘେରାଉ ହୋଇଥିଲା। ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ଶନିବାର ପୂର୍ଣ୍ଣାଙ୍ଗ ରଣନୀତି ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ସଭାଗୃହରେ ସମାଜିକ କର୍ମୀ ହଳଧର ଦାଶଙ୍କ ସଭାପତିତ୍ୱରେ କେନ୍ଦ୍ରାପଡ଼ା ଜିଲା ମେଡ଼ାକାଲ କଲେଜ ଆଣ୍ଡ ହସ୍ପିଟାଲ ପ୍ରତିଷ୍ଠା ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଆବାହକ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ଅଧ୍ୟାପକ ପ୍ରଭାକର ସାମଲ ବୈଠକର ଆଭିମୁଖ୍ୟ ଓ ବିଗତ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। କମିଟିର ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରାଧ୍ୟାପକ ଅଜୟ ସାମଲ, କମିଟିର ସଭ୍ୟ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଆଲୋଚନା କରି ଆଗାମୀଦିନରେ ଏକ ପଦଯାତ୍ରା ଶହୀଦ ପୀଠ ରାଜକନିକାଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିଠାରେ ଶେଷ ହେବା ଉପରେ ଆଲୋଚନା କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ସରପଞ୍ଚ ମମତା ରାଉତ, ଜିଲା ଚାଷୀ ଶ୍ରମିକ ସଂଘର ସଭାପତି ଶରତ ଚନ୍ଦ୍ର ମିଶ୍ର, ସମିତିସଭ୍ୟ ନିରଞ୍ଜନ କର, ଜିଲା ବିଜେଡି ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ, ଦାମୋଦର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଡେରାବିଶ ବ୍ଲକର ୩ଟି ଜିଲା ପରିଷଦ ଜୋନ୍‌ରେ ୩ଟି ବୈଠକ ହେବ। ଆସନ୍ତା ୧୧ ତାରିଖରେ ୧୨ ନଂ. ଜୋନ୍‌ରେ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା।



କମିଟି ବୈଠକରେ ଉପସ୍ଥିତ ସଦସ୍ୟମାନେ।

ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଚିତ୍ତରଞ୍ଜନ


@ ଗୁଡ଼ି


@ କାର୍ତ୍ତିଶ୍ରୀ


@ ପ୍ରିୟାଲି ପ୍ରିୟଦର୍ଶିନୀ


@ ସବିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭିନ୍ନକ୍ଷମ ଅକ୍ଷମ ନୁହନ୍ତି, ଲକ୍ଷ୍ୟ ଦୃଢ଼ ହେବା ଦରକାର


ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ସାମିଲ ହୋଇଥିବା ଦିବ୍ୟାଙ୍ଗମାନେ।

## ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

ଜଗତ୍‌ସିଂହପୁର ଅଫିସ୍, ୩।୧୨

ଭିନ୍ନକ୍ଷମମାନେ ଅକ୍ଷମ ନୁହନ୍ତି। ସେମାନେ ଭିନ୍ନ ଭାବେ ସକ୍ଷମ । କେବଳ ସେମାନେ ମାନସିକ ଭାବରେ ଦୃଢ ରହିବା ଦରକାର। ଏହା ହୋଇପାରିଲେ ସେମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ । ଶନିବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଏହା କହିଛନ୍ତି। ସେ କହିଥିଲେ, ସରକାର ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବାଣିଶ୍ରୀ ଛାତ୍ର ବୃତ୍ତି ପ୍ରଦାନ କରୁଛନ୍ତି। ପ୍ରତ୍ୟେକ ବ୍ଲକରେ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ ପୌରୋହିତ୍ୟ କରି ଭିନ୍ନକ୍ଷମମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ମୁଖ୍ୟଅତିଥି ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ନିମାଇଁ ଚରଣ ନାୟକ, ଡିଆଇପିଆର୍‌ଓ, ଜିଲା ସଂସ୍କୃତି ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ତିର୍ତ୍ତୋଲର ଭିନ୍ନକ୍ଷମ ଦମ୍ପତି ଡଲି ସ୍ୱାଇଁ ଓ ଦେବେନ୍ଦ୍ର ଦାସଙ୍କୁ ଅତିରିକ୍ତ ଜିଲାପାଳ ୨ ଲକ୍ଷ୍ୟ ୫୦ ହଜାର ଟଙ୍କାର ବିବାହ ପ୍ରୋତ୍ସାହନ ରାଶି ଦେଇଥିଲେ । ପରେ ୧୦ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା ।

# ହାଣ୍ଡି,ଡେକ୍‌ଚି ଥୋଇ ୨ ଗାଁ ଲୋକଙ୍କ ସତ୍ୟାଗ୍ରହ

- ଚାଷ ସୁରକ୍ଷା,ବନ୍ୟଜନ୍ତୁଙ୍କ ସଂରକ୍ଷଣ ଦାବି
- ଦିନିକିଆ ଚୁଲାବନ୍ଦ ଆନ୍ଦୋଳନ
- ଡିସେମ୍ବର ୭ରୁ ଗଣଧାରଣା ପାଇଁ ଚେତାବନୀ

ରଘୁନାଥପୁର,୩।୧୨(ଡି.ଏନ୍.ଏ.)

ଚାଷ ସୁରକ୍ଷା ଏବଂ ବନ୍ୟଜନ୍ତୁ ସଂରକ୍ଷଣ ଦାବିରେ ଧଳତଙ୍ଗଗଡ଼ ଜଙ୍ଗଲର ଚତୁଃପାର୍ଶ୍ୱକୁ ଲାଗି ରହିଥିବା ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁର ଓ ଏରଡଙ୍ଗା ପଞ୍ଚାୟତ ଗୋପାଳପୁର ଗାଁର ଲୋକେ ଶନିବାର ଦିନିକିଆ ଚୁଲା ବନ୍ଦ କରି ପ୍ରତିକାତ୍ମକ ସତ୍ୟାଗ୍ରହ କରିଛନ୍ତି। ଏହାର ପ୍ରତିକାର ପାଇଁ ବ୍ୟବସ୍ଥା କରା ନ ଗଲେ ଡିସେମ୍ବର ୭ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଗଣ ସତ୍ୟାଗହ ଆରମ୍ଭ ହେବ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ ଓ ଦେବୀପ୍ରସାଦ ମହାରଣା ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଧଳତଙ୍ଗଗଡ ଜଙ୍ଗଲକୁ ଲାଗି ରହିଥିବା ଗ୍ରାମର ଚାଷଜମି ଗୁଡିକରେ ହୋଇଥିବା ରବି ତଥା ଖରିଫ ଫସଲକୁ ହରିଣପଲ ଉଜାଡ଼ି ଦେଉଛନ୍ତି। ଜଙ୍ଗଲୀ ମାଙ୍କଡ଼ମାନେ ବାଡ଼ିବଗିଚାରେ ପଶି ପନିପରିବା ଖାଇ ନଷ୍ଟ କରିଦେଉଛନ୍ତି। ସେହିପରି ଷଣ୍ଢଙ୍କ ଉପଦ୍ରବରେ ଫସଲ ନଷ୍ଟ ହୋଇଯାଉଛି। ବନ୍ୟଜନ୍ତୁଙ୍କ ଭୟରେ ଚାଷୀମାନେ ଚାଷଜମି ପଡ଼ିଆ ପକେଇବାକୁ ବାଧ ହେଉଛନ୍ତି। ଏନେଇ ସ୍ଥାନୀୟ ଚାଷୀଙ୍କ ଆର୍ଥିକ କ୍ଷତି ଘଟୁଥିବା ବେଳେ ନିଜ ପରିବାର ପ୍ରତିପୋଷଣ ପାଇଁ ସମ୍ବଳର ଅଭାବ ରହୁଛି ବୋଲି ଅଟଳ ବିହାରୀ ଜେନା ଓ ବସନ୍ତ କୁମାର ସ୍ୱାଇଁ ଅଭିଯୋଗ କରିଛନ୍ତି। ଜଙ୍ଗଲରେ ଥିବା ହରିଣ ପଲ ଖାଦ୍ୟ ଅନ୍ୱେଷଣରେ ବାହାରକୁ ଆସି ନିକଟରେ ଯାଇଥିବା ଟ୍ରେନ ଲାଇନ ପାର ହୋଇ ବିଲବାଡିକୁ ଯିବା ସମୟରେ ଦୁର୍ଘଟଣାରେ ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। ଆଉ କିଛି ହରିଣ ନିଜ ବାସସ୍ଥାନକୁ ଫେରି ନ ପାରି କୁକୁରଙ୍କ ହାବୁଡ଼ରେ ପଡି ଜୀବନ ହାରୁଛନ୍ତି।

ଦୀର୍ଘବର୍ଷ ତଳୁ ଚାଷୀଙ୍କ ଫସଲ ସୁରକ୍ଷା ଓ ହରିଣଙ୍କ ସୁରକ୍ଷା ପାଇଁ ଜଙ୍ଗଲ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରିବାକୁ ଦାବି ହୋଇ ଆସୁଛି। ଏଥିସହ ହରିଣଙ୍କ ପାଇଁ ଖାଦ୍ୟ ଓ ଜଳ ବ୍ୟବସ୍ଥା, ମାଙ୍କଡ଼ଙ୍କ ବନ୍ଧ୍ୟାକରଣ କରାଯାଇ ଘଞ୍ଚ ଜଙ୍ଗଲରେ ଛଡ଼ାଯିବା ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସ୍ଥାୟୀ ସୁରକ୍ଷା ସମ୍ପର୍କରେ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତଭାବେ ଅଭିଯୋଗ କରାଯାଇଥିଲା।ଏଥିପ୍ରତି ଦୃଷ୍ଟି ଦିଆଯିବା ପରିବର୍ତ୍ତେ ଫସଲ ଉଜୁଡିଯିବା ବାବଦରେ କିଛି ଚାଷୀଙ୍କୁ ମାମୁଲି କ୍ଷତିପୂରଣ ଦିଆଯାଇ ସରକାର ଭଣ୍ଡେଇ ଚାଲିଛନ୍ତି ବୋଲି କୃଷକ ନେତା ବାସୁଦେବ ଦାସ, ଅଭୟ ସେଣ, ନିଗମାନନ୍ଦ ଦାସ ଓ ମିନତୀ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଆୟୋଜିତ ପ୍ରତିକାତ୍ମକ ସତ୍ୟାଗ୍ରହରେ ନାରାୟଣ ପରିଡା, ସୁରେଶ ସାହୁ, ଶରତ ଚନ୍ଦ୍ର ମହାପାତ୍ର, କୈଳାସ ସେଣ, ସନ୍ତୋଷ ପ୍ରଧାନ, ପିତାମ୍ବର ନାୟକ, କଳ୍ପନା ସେଣ, ପ୍ରତିମା ନାୟକ, ସରିତା ଜେନା, ସୁପ୍ରଭା ଜେନା ପ୍ରମୁଖ ସାମିଲ ହୋଇଥିଲେ।



ପ୍ରତୀକାତ୍ମକ ସତ୍ୟାଗ୍ରହରେ ସାମିଲ ହୋଇଥିବା ଗ୍ରାମବାସୀ।

# ହାଇଦ୍ରାବାଦରେ ଶ୍ରମିକ ନିର୍ଯାତିତ

**ନୟାଗଡ ଅଫିସ,୩।୧୨**

■ସ୍ୱାମୀଙ୍କୁ ଫେରାଇ ଆଣିବାକୁ ସ୍ତ୍ରୀଙ୍କ ନିବେଦନ

■ସହାୟତା ଓ ସ୍ୱାସ୍ଥ୍ୟସେବା ପାଇଁ ଜିଲାପାଳଙ୍କୁ ଫେରାଦ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଥରଦ୍ୱାର ଗାଁର ପ୍ରତାପ ଜାନୀ ହାଇଦ୍ରାବାଦର ଏକ କମ୍ପାନୀରେ କାର୍ଯ୍ୟରତ ଥିବାବେଳେ ଖସି ପଡି ଗୁରୁତର ହୋଇଥିଲେ। ସ୍ୱାମୀଙ୍କୁ ହାଇଦ୍ରାବାଦରୁ ଫେରାଇ ଆଣିବା, କମ୍ପାନୀଠାରୁ କ୍ଷତିପୂରଣ ରାଶି ପାଇବାର ବନ୍ଦୋବସ୍ତ କରାଇବା ଓ ସ୍ୱାସ୍ଥ୍ୟସେବା ଯୋଗାଇବାର ବ୍ୟବସ୍ଥା କରିବାକୁ ପତ୍ନୀ ତୋଫାନୀ ରଣପୁରଠାରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗ ଶୁଣି ତ୍ୱରିତ ପଦକ୍ଷେପ ନେବାକୁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଅଭିଯୋଗକୁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ପାଖକୁ ପଠାଇ ଦେଇଛନ୍ତି। ଅଭିଯୋଗ ଅନୁସାରେ, ପଥରଦ୍ୱାର ଗାଁର ପ୍ରତାପ ହାଇଦ୍ରାବାଦର ଏକ କମ୍ପାନୀରେ କାମ କରୁଥିବାବେଳେ ଗତ ଜୁନ ୨୪ ରାତିରେ ଖସି ପଡି ହାତ ଗୋଡ ଭାଙ୍ଗି ଯାଇଥିଲା। କମ୍ପାନୀ ପକ୍ଷରୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରତାପଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଏବେ ବି ପ୍ରତାପ ସେଠାରେ ଚିକିତ୍ସିତ ହେଉଛନ୍ତି। ହେଲେ ତାଙ୍କର ହାତ ଗୋଡ ଠିକରେ ଚଳୁ ନାହିଁ। ଏଭଳିସ୍ଥଳେ ପରିବାରର ରୋଜଗାରକ୍ଷମ ବ୍ୟକ୍ତି ଅକ୍ରମଣ୍ୟ ହୋଇଯିବା ପରେ ଘରେ ଆଉ ଚୁଲି ଜଳୁନି। ଏ ନେଇ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି କୁହନ୍ତି, ଶ୍ରମିକ କ୍ଷତିପୂରଣ ଆଇନ ୧୯୨୩ ଅନୁସାରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନୋଟିସ୍ କରାଯିବ। ଅନ୍ୟପକ୍ଷେ ଶ୍ରମିକଙ୍କ ପରିବାର ଯେପରି ତୁରନ୍ତ କ୍ଷତିପୂରଣ ରାଶି ପାଇ ପାରିବେ ସେଥିପ୍ରତି ପ୍ରଧାନ୍ୟ ଦିଆଯାଇଛି।

## ସହାୟତା ପାଇଁ ନିବେଦନ

ଓଡ଼ଗାଁ ଥାନା ରୋହିବାଙ୍କ ନିକଟସ୍ଥ ମହେଶ୍ୱରପୁର ଗାଁର ଶ୍ରୀନିବାସ ଗୌଡ ଗତ ଅକ୍ଟୋବର ୩ରେ ବାରଣାସୀର ସାରନାଥ ରେଳ ଷ୍ଟେଶନରେ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିଲେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ପରିବାର ଲୋକ ମୃତଦେହ ଆଣି ପାରି ନ ଥିଲେ। ମୃତଦେହ ଆଣିବାକୁ ଜିଲା ପ୍ରଶାସନ ଓ ଜିଲା ଶ୍ରମ କାର୍ଯ୍ୟାଳୟକୁ ଅନୁରୋଧ କରିଥିଲେ। ହେଲେ ମୃତଦେହ ପଚି ଯାଇଥିବାରୁ ଆଣିବା ସମ୍ଭବ ହୋଇ ନ ଥିଲା। ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ସେଠାରେ ମୃତଦେହ ଦାହ ହୋଇଥିଲା। ଘରର ମୁରବୀ ପ୍ରାଣ ହରାଇବା ପରେ ପରିବାରର ସଦସ୍ୟମାନେ ଚଳିବା କାଠିକାର ହୋଇପଡିଛି। ଦୁଇ ଛୋଟ ପିଲାଙ୍କୁ ପାଠ ପଢାଇ କିପରି ମଣିଷ କରିବେ ପତ୍ନୀ ସ୍ୱପ୍ନାଙ୍କ ଚିନ୍ତା ଘାରିଛି। ଏଭଳିସ୍ଥଳେ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ୱପ୍ନା ଜିଲା ଶ୍ରମ କାର୍ଯ୍ୟାଳୟ ମାଧ୍ୟମରେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ବିରୁଡା ଓ ମହେଶ୍ୱରପୁର ଗାଁର ୨ଜଣ ଶ୍ରମିକ ରାଜ୍ୟ ବାହାରେ ମୃତ୍ୟୁ ହୋଇଛି। ବିରୁଡା ଶ୍ରମିକଙ୍କ ମୃତ୍ୟୁ କାଳୀନ ପ୍ରମାଣପତ୍ର ଶୀଘ୍ର କରାଇବାକୁ ଚେଷ୍ଟା ଜାରି ରହିଛି। ମହେଶ୍ୱରପୁର ଶ୍ରମିକ ମୃତ୍ୟୁ ଘଟଣାରେ ରେଡକ୍ରସରୁ ସହାୟତା ଦେବାକୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି। ମୃତ ଶ୍ରୀନିବାସଙ୍କ ପତ୍ନୀ ସ୍ୱପ୍ନା ଗୌଡଙ୍କୁ ନିର୍ମାଣ ଶ୍ରମିକ ଭାବେ ପ୍ରମାଣ ପତ୍ର ଦେବାପାଇଁ ଆବେଦନ କରିଛନ୍ତି। ସ୍ୱପ୍ନାଙ୍କ ଆବଦେନ ପତ୍ର ବିଚାରରଧୀନ ରହିଛି। ଅନ୍ୟପକ୍ଷେ ପ୍ରତ୍ୟେକ ଶ୍ରମିକ ଯେଉଁମାନେ କାମ ଧନ୍ଦା ଅନ୍ୱେଷଣରେ ବାହାର ରାଜ୍ୟ/ ଦେଶକୁ ଯାଉଛନ୍ତି ସେମାନେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନରେ ଥିବା ସୁବିଧା ସୁଯୋଗ ଓ ଅଧିକାର ବିଷୟରେ ସଚେତନ ହେବା ନିହାତୀ ଜରୁରୀ। ଶ୍ରମିକ ସଚେତନ ହେଲେ ନିଜର ନ୍ୟାର୍ଯ୍ୟ ଅଧିକାର ପାଇବା ସହ ଶୋଷଣରୁ ମୁକ୍ତି ପାଇପାରିବେ। ଯଦି କେହି ଶ୍ରମିକ ବାହାରେ ନିର୍ଯାତିତ ହେଉଛନ୍ତି ସଙ୍ଗେ ସଙ୍ଗେ କାମ କରୁଥିବା ଅଞ୍ଚଳର ଶ୍ରମ କାର୍ଯ୍ୟାଳୟ କିମ୍ବା ନିଜ ରାଜ୍ୟର ଜିଲା ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ ତୁରନ୍ତ କରାଇବା ଦରକାର ବୋଲି କହିଛନ୍ତି।

### ଡେଥ୍ ସାର୍ଟିଫିକେଟ ମିଳିବାରେ ବିଳମ୍ବ

ଚେନ୍ନାଇରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ଇଟାମାଟି ଥାନା ବିରୁଡା ଗାଁର ବିପିନ ନାୟକଙ୍କ ଗତ ଅଗଷ୍ଟ ୨ରେ ମୃତ୍ୟୁ ହୋଇଥିଲା। ସେ ବିଶ୍ରାମ ନେଉଥିବାବେଳେ ଛାତି ଯନ୍ତ୍ରଣା ହୋଇ ପ୍ରାଣ ହରାଇଥିଲେ। ତେବେ ଚେନ୍ନାଇରୁ ମୃତଦେହ ଆଣିବାରରେ ପରିବାର ଲୋକ ଅସମର୍ଥ ହୋଇଥିଲେ। ଦାରିଦ୍ର୍ୟ ବାଧକ ସାଜିଥିଲା। ତତ୍କାଳୀନ ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କ ହସ୍ତକ୍ଷେପ ପରେ ଗାଁକୁ ମୃତଦେହ ଫେରିଥିଲା। ବିପିନଙ୍କ ୩ଟି ପିଲା ରହିଥିବାବେଳେ ପରିବାର ଚଳିବାକୁ ହଇରାଣ ହରକତ ହୋଇ ଆସୁଛନ୍ତି। ଏଭଳିସ୍ଥଳେ ତାଙ୍କ ମୃତ୍ୟୁ ସାର୍ଟିଫିକେଟ୍ ଚେନ୍ନାଇରୁ ଆସିପାରୁନାହିଁ। ଏଣୁ ଲିଗାଲ ହେୟାର ସାର୍ଟିଫିକେଟ ହୋଇପାରୁନାହିଁ। ଫଳରେ ବିପନଙ୍କ ସ୍ତ୍ରୀ ବୀମା ସହାୟତା ରାଶି ଓ ଅନ୍ୟାନ୍ୟ ପାଇ ପାରୁନାହାନ୍ତି। ଏଭଳିସ୍ଥଳେ ମୃତ୍ୟୁ ସାର୍ଟିଫିକେଟ୍ ଚେନ୍ନାଇରୁ ଶୀଘ୍ର ଆଣିବାର ବ୍ୟବସ୍ଥା କରିବାକୁ ସ୍ତ୍ରୀ ଅତିରିକ୍ତ ଜିଲାପାଳ ଓ ଜିଲା ଶ୍ରମ ଅଧିକାରୀଙ୍କୁ କହିଛନ୍ତି।

# ଜିଲାପାଳଙ୍କୁ ଫେରାଦ ହେଲେ ବାସନ୍ଦ ପରିବାର

**ନୟାଗଡ଼ ଅଫିସ,୩।୧୨**



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ରଙ୍କନିଧି ନାୟକ ଓ ପୁଅ।

ନୟାଗଡ଼ ଜିଲା ଶରଣକୁଳ ଥାନା ବଡକୁଟୁଣୀ ଗାଁରେ କଙ୍ଗାରୁ କୋର୍ଟ କରାଯାଇ ରଙ୍କନିଧି ନାୟକଙ୍କ ପରିବାରକୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବାସନ୍ଦ ପରିବାରର ସଦସ୍ୟ ଜିଲାପାଳଙ୍କୁ ଶୁକ୍ରବାର ଭେଟି ନ୍ୟାୟ ଯୋଗାଇ ଦେବାକୁ ନିବଦେନ କରିଛନ୍ତି। ବଡକୁଟୁଣୀର ରଙ୍କନିଧିଙ୍କ ଅଭିଯୋଗ ଅନୁସାରେ, ମୋ ଝିଅକୁ ଜୋରଜବରଦସ୍ତ ବିବାହ କରିବାକୁ ଗାଁର ଜଣେ ଯୁବକ ରାତିରେ କବାଟ ବାଡେଇ ଧମକଚମକ ଦେଇଥିଲେ। ଘଟଣା ସମ୍ପର୍କରେ ଗାଁରେ ଜଣାଇବା ପରେ ଅଭିଯୁକ୍ତ ଭୁଲ ମାଗି ଘଟଣାର ସମାଧାନ କରାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ବିବାହ କରିବାକୁ ଜୋର ଜବରଦସ୍ତ ଘରକୁ ଆସି ସୁନା ଅଳଙ୍କାର ପକାଇ ଚାଲି ଯାଇଥିଲେ। ଝିଅ ବିବାହ କରିବାକୁ ମନା କରି ଅନ୍ୟ ଜଣେ ଯୁବକଙ୍କ ସହ ପଳାଇ ଯାଇଥିଲେ। ପରେ ସମ୍ପୃକ୍ତ ଯୁବକଙ୍କ ପରିବାର ଗାଁରେ ଅଭିଯୋଗ କରି କଙ୍ଗାରୁ କୋର୍ଟ କଲେ। କଙ୍ଗାରୁ କୋର୍ଟରେ ୮୬ ହଜାର ଜରିମାନା କରି ୪୦ ହଜାର ଜମା ନେଲେ। ତେବେ ନ୍ୟାୟ ନ ମିଳିବାରୁ ବାସନ୍ଦ କରାଯାଇଛି। ଏ ନେଇ ଗତ ଜୁଲାଇରେ ଶରଣକୁଳ ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷେ ଗତ ନଭେମ୍ବର ୩୦ରେ ଶାନ୍ତି କମିଟି ନ୍ୟାୟ କରିବାକୁ ସ୍ଥିର ହେଲା। ହେଲେ ଶାନ୍ତି କମିଟିର ବୈଠକକୁ ହଁ କରି ସହଯୋଗ ମିଳିଲା ନାହିଁ। ରଙ୍କନିଧିଙ୍କୁ ପୁଣି ଏକ ଲକ୍ଷ ଟଙ୍କା ଦେବାକୁ କୁହାଯାଇଛି। ନଚେତ ଘରୁ ବାହାରକୁ ବାହାର କରି ଦେବେ ନାହିଁ ବୋଲି ଧମକ ଦିଆଯାଇଛି ବୋଲି ଅଭିଯୋଗରେ ରହିଛି। ଏ ନେଇ ଶରଣକୁଳ ଥାନା ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି, ବଡକୁଟୁଣୀରେ ଯେଉଁ କନ୍ଦଳ ଦେଖାଦେଇଛି ତାକୁ ସମାଧାନ କରାଯିବାକୁ ପୋଲିସ ଚେଷ୍ଟା କରି ଶାନ୍ତି ପ୍ରତିଷ୍ଠା କରିଛି। ତେବେ ଅଭିଯୋଗକାରୀଙ୍କ ଝିଅକୁ ବିବାହ କରିବାକୁ ଧମକଚମକ ଦେବା ସମୟରେ ଅଭିଯୋଗ କରିବାର ଥିଲା। ସେ ସମୟରେ ଅଭିଯୋଗ କରିଲେ ନାହିଁ। ବର୍ତ୍ତମାନ ବି ଅଭିଯୋଗ ନାହିଁ। ପୋଲିସ ଗାଁ ଲୋକଙ୍କ ସହ ଆଲୋଚନା କରି ଘଟଣାକୁ ଆଗକୁ ନ ବଢ଼ାଇବାକୁ ପରାମର୍ଶ ଦେଇଛି। ଏପରି ଘଟଣାର ସମାଧାନ ଶାନ୍ତିପୂର୍ଣ୍ଣ ଉପାୟରେ କରିବାକୁ ପରାମର୍ଶ ଦେଇଥିବା କହିଛନ୍ତି।

### ବଡକୁଟୁଣୀରେ କଙ୍ଗାରୁ କୋର୍ଟ

**ଜରିମାନା କଲେ ୮୬ ହଜାର, ଜମା ନେଲେ ୪୦ ହଜାର**

# ନୂଆଗାଁ ଥାନା ଅଞ୍ଚଳରେ ବଢୁଛି ଦୁର୍ଘଟଣା

**ନୂଆଗାଁ ୩।୧୨ (ଡି.ଏନ.ଏ)**

■ନିଶା ସେବନ, ଦ୍ରୁତ ଗାଡି ଚାଳନା ଦୁର୍ଘଟଣାର ମୁଖ୍ୟ କାରଣ

■ନୀରବଦ୍ରଷ୍ଟା ସାଜିଛି ପୋଲିସ ପ୍ରଶାସନ

ନୟାଗଡ ଜିଲା ନୂଆଗାଁ ଥାନା ଅଞ୍ଚଳରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଥିବା ଖବର ସାମନାକୁ ଆସୁଛି। ଦୁର୍ଘଟଣା ଫଳରେ ଅନେକ ଅକର୍ମଣ୍ୟ ହେଉଥିବା ବେଳେ ଆଉ କେତେଜଣ ଦୁର୍ଘଟଣା ସ୍ଥଳରେ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ତେବେ ଦୁର୍ଘଟଣାର ମୁଖ୍ୟ କାରଣ ନିଶା ସେବନ ଓ ଦ୍ରୁତଗତିରେ ଗାଡି ଚାଳନା ଯୋଗୁ ହେଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ନୀରବ ରହୁଥିବା ଅଭିଯୋଗ ହେଉଛି।

ଖୋର୍ଦ୍ଧା-ବଲାଙ୍ଗିର ୫୭ ନଂ. ଜାତୀୟ ରାଜପଥ କଡକୁ ଲାଗି ରହିଛି ନୂଆଗାଁ ଥାନା। ସେହି ରାସ୍ତା ଦେଇ ପ୍ରତିଦିନ ସ୍କୁଲ କଲେଜରେ ପଢୁଥିବା ଛାତ୍ରମାନେ ବିନା ଡ୍ରାଇଭିଂ ଲାଇସେନ୍ସରେ ଦ୍ରୁତଗତିରେ ବାଇକ୍ ଚଲାଇ ଯାଉଥିବା ଦେଖିବାକୁ ମିଳୁଛି। ଦୁର୍ଘଟଣାର ତଥ୍ୟ ଅନୁସାରେ, ବାଇକ ଦୁ୨ର୍ଘଟଣାରେ ଆହତ ହେଉଥିବା ଅନେକ ଚାଳକ ହେଉଛନ୍ତି ନାବାଳକ। ବିନା ଡ୍ରାଇଭିଂ ଲାଇସେନ୍ସରେ ସେମାନେ ଦ୍ରୁତଗତିରେ ବାଇକ୍ ଚଲାଇ ଥାନା ସାମ୍ନାରେ ଯାତାୟତ କରୁଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ହେଉନି ପୋଲିସ ପ୍ରଶାସନ। ସେହିଭଳି ନୂଆଗାଁ ଥାନା ଅଞ୍ଚଳରେ ଅନେକ ସ୍ଥାନରେ ସୁବିଧାରେ ନିଶା ଦ୍ରବ୍ୟ ମିଳୁ ଥିବାରୁ ତାହାକୁ ସେବନ କରି ଅନେକ ବାଇକ୍ ଚାଳକ ଦୁର୍ଘଟଣା ଘଟାଉଛନ୍ତି। ଅବାଧ ନିଶା କାରବାର ପ୍ରତି ରୋକ୍ ଲଗାଇବାରେ ଅସମର୍ଥ ହୋଇଛି ପୋଲିସ ଓ ଅବକାରୀ ବିଭାଗ। ନୂଆଗାଁ ଅଗ୍ନିଶମ ବାହିନୀ କାର୍ଯ୍ୟାଳୟର ତଥ୍ୟ ଅନୁସାରେ, ଚଳିତବର୍ଷ ଜାନୁୟାରୀଠାରୁ ଶନିବାର ସୁଦ୍ଧା ମୋଟ ୮୬ ଟି କେସ୍ ସେମାନଙ୍କ ନିକଟରେ ପହଞ୍ଚିଥିବା ବେଳେ ସେଥି ମଧ୍ୟରୁ ସର୍ବାଧିକ ୭୩ ଟି ରାସ୍ତା ଦୁର୍ଘଟଣା। ତେବେ ଅନଭିଜ୍ଞ ନାବାଳକଙ୍କ ଦ୍ରୁତ ବାଇକ ଚାଳନା ଓ ନିଶା ସେବନ କରି ଗାଡି ଚାଳନାକୁ ଯୋଗୁଁ ଦୁର୍ଘଟଣା ଘଟୁଛି। ସେସବୁକୁ ରୋକା ଯାଇ ପାରିଲେ ଦୁର୍ଘଟଣା କମିଯିବାର ସମ୍ଭାବନା ଅଛି ବୋଲି କହିଛନ୍ତି, ନୂଆଗାଁ ଅଗ୍ନିଶମ ବାହିନୀ ଅଧିକାରୀ ଅପୂର୍ବ ରଞ୍ଜନ ସାହୁ। ରାସ୍ତା ଦୁର୍ଘଟଣାକୁ ନେଇ ଆଇନଜୀବୀ ସୁଶାନ୍ତ କୁମାର ପ୍ରଧାନ ଦୁଃଖ ପ୍ରକାଶ କରିବା ସହ ପୋଲିସ ପ୍ରଶାସନ ଚାହିଁଲେ ଦୁର୍ଘଟଣାର ମାତ୍ରା କମି ପାରନ୍ତା ବୋଲି କହିଛନ୍ତି। ଏ ସମପର୍କରେ ନୂଆଗାଁ ଥାନାଧିକାରୀ ପୁଷ୍ପଲତା ବେହେରାଙ୍କୁ ପଚାରିବାରେ ନିଶା ସେବନ ଓ ଦ୍ରୁତ ଗାଡି ଚାଳନା ଯୋଗୁଁ ଅନେକ ଦୁର୍ଘଟଣା ଘଟୁଥିବା କଥାକୁ ସ୍ୱୀକାର କରିବା ସହ, ଅଭିଭାବକମାନେ ସଚେତନ ହେଲେ ପିଲା ସବୁ ଦ୍ରୁତ ବାଇକ୍ ଚାଳନାରୁ ନିବୃତ୍ତ ରହିବେ। ଏ ଦିଗରେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ସେ କହିଛନ୍ତ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିତ୍ତରଞ୍ଜନ



@ ଗୁଡ଼ି



@ କୀର୍ତ୍ତିଶ୍ରୀ



@ ପ୍ରିୟାଲି ପ୍ରିୟଦର୍ଶିନୀ



@ ସବିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଦୀ ମହିଳା ସଂକୀର୍ତ୍ତନ ପ୍ରତିଯୋଗିତାରେ କଣ୍ଟିଲୋ ପ୍ରଥମ

**ଖଣ୍ଡପଡ଼ା,୩।୧୨(ସ୍ୱ.ପ୍ର.)**

### କୁରାଳ ପଞ୍ଚମୀ ଉତ୍ସବ

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତ କୁମ୍ଭାରସାହିରେ କୁରାଳ ପଞ୍ଚମୀ ଅବସରରେ ସୋମବାରଠାରୁ ୪ଦିନ ବ୍ୟାପୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ଦିନ ବ୍ୟାପୀ ଆୟୋଜିତ ବାଦି ମହିଳା ସଙ୍କୀର୍ତ୍ତନ କାର୍ଯ୍ୟକ୍ରମରେ କଣ୍ଟିଲୋ କଂସାରୀସାହିପାଟଣାର ଜଗନ୍ନାଥ ମାତୃମଣ୍ଡଳୀ, ପାଣ୍ଡୁସାହୁପାଟଣା ତିଅରସାହି ମାତୃମଣ୍ଡଳୀ, ଗୋଛାବାରୀ, ପିତାମହୁଲ ଓ କିଆଝର ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଆଦି ୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତାରେ କଣ୍ଟିଲୋ ଜଗନ୍ନାଥ ମାତୃମଣ୍ଡଳୀର ସାଗରିକା ମହାରରଣାଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିବା ଦଳର ଯୁବ ମୃଦଙ୍ଗ ବାଦକ ସୀତାରାମ ମହାରଣା, ଗାୟିକା ପ୍ରତିମା ସାହୁ, ମନୋରମା ମହାରଣା, ମମତା ମହାରଣା ପ୍ରମୁଖଙ୍କ ବିଭିନ୍ନ ଶୈଳୀରେ ଲୋକକଳା ସଙ୍କୀର୍ତ୍ତନ ମାଧ୍ୟମରେ ଉନ୍ନତମାନର ଭଜନ ଓ ଜଣାଣ ପରିବେଷଣ କରି ପ୍ରଶଂସିତ ହେବା ସହ ଚୟନ କମିଟି ଦ୍ୱାରା ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ହରିଚନ୍ଦନପୁର ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଉଭୟ ଦଳକୁ ଉତ୍ସବ କମିଟି ପକ୍ଷରୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।



ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଏକ୍ସ କ୍ୟାଡର ଉଚ୍ଛେଦ ଦାବିରେ ଶିକ୍ଷକଙ୍କ ବିକ୍ଷୋଭ

### ନିଯୁକ୍ତି ପରେ ନୁହେଁ ପୂର୍ବରୁ ଲାଗୁ ହେଉ ଓଟିଇଟି

**ନୟାଗଡ ଅଫିସ,୩।୧୨**




ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ନୟାଗଡ଼ ବ୍ଲକ ଏକ୍ସ କ୍ୟାଡର ଶିକ୍ଷକମାନଙ୍କ ଶୋଭାଯାତ୍ରା ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି) କାର୍ଯ୍ୟାଳୟ ନିକଟରୁ ଶନିବାର ଅପରାହ୍ନରେ ବାହାରି ବିଇଓଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ସରକାରଙ୍କ ଶିକ୍ଷକ ମାରଣ ନୀତି ବିରୋଧରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଶିକ୍ଷକ ନେତାମାନେ ସେମାନଙ୍କର ୮ ଦଫା ଦାବି ଉପସ୍ଥାପନ କରି ସରକାରଙ୍କୁ ଦାବି ମାନି ନେବାକୁ ସମୟ ଦେଇଛନ୍ତି। ନ ହେଲେ ଡିସେମ୍ବର ୨୭ରେ ରାଜ୍ୟସ୍ତରୀୟ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ରକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି।

ରାଜ୍ୟ ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନରେ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଆରମ୍ଭ ହୋଇଛି। ନୟାଗଡ଼ ବ୍ଲକ ଏକ୍ସ କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ ଏବଂ ଶୋଭାଯାତ୍ରା ଆରମ୍ଭ କରାଯାଇଛି। ଏକ୍ସ କ୍ୟାଡର ଶିକ୍ଷକ ସଂଘର ଦାବି ଅନୁସାରେ ଗଣଶିକ୍ଷକମାନଙ୍କୁ ସରକାର ୨୦୧୭ରୁ ଲେଭେଲ-୫ ସହକାରୀ ଶିକ୍ଷକ ଏକ୍ସ କ୍ୟାଡର ଭାବେ ନିୟମିତ କରିଥିଲେ । ସରକାର ନିୟମିତ କରିବା ସମୟରେ ଗଣ ଶିକ୍ଷକଙ୍କ ନିଯୁକ୍ତି ବର୍ଷ ୨୦୦୮ ରୁ ୮ ବର୍ଷ ଗଣନା କରି ନିୟମିତ କରିଥିଲେ। ୨୦୧୨ ମସିହାରୁ କାର୍ଯ୍ୟକାରୀ ହେଉଥିବା ଓଟିଇଟି ଗଣଶିକ୍ଷକଙ୍କ ପାଇଁ ପ୍ରଯୁଜ୍ୟ ନ ଥିଲା। ଅଥଚ ନିଯୁକ୍ତି ପରେ ସେମାନଙ୍କୁ ଓଟିଇଟି ପାସ୍ କରିବାକୁ ବାଧ କରାଯାଇଛି। ଯାହାକି ନିୟମ ବିରୋଧୀ ଅଟେ। ଏଣୁ ଓଟିଇଟିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ସମସ୍ତ ଯୋଗ୍ୟ ଗଣଶିକ୍ଷକଙ୍କୁ ୨୦୧୭ ମସିହାରୁ ନିୟମିତ କରିବା ସହିତ ଅବଶିଷ୍ଟ ଗଣଶିକ୍ଷକ ମାନଙ୍କ ଦରମା ବୃଦ୍ଧି କରାଯିବା ପାଇଁ ଦାବି କରାଯାଇଛି। ସେହିପରି ଯେଉଁ ଏକ୍ସ କ୍ୟାଡର ଶିକ୍ଷକମାନେ ୨୦୧୯ ମଧ୍ୟରେ ଓଟିଇଟି ପାସ କରିପାରିବେ ନାହିଁ ସେମାନେ ପରବର୍ତ୍ତୀ ଇନ୍‌କ୍ରିମେଣ୍ଟ ପାଇବେ ନାହିଁ। ମାତ୍ର ଓଟିଇଟି ପରୀକ୍ଷା କେବଳ ଶିକ୍ଷକ ନିଯୁକ୍ତି ପାଇଁ ପ୍ରଯୁଜ୍ୟ ଥିବା ବେଳେ ଇନ୍‌କ୍ରିମେଣ୍ଟ ପାଉନଥିବା ଶିକ୍ଷକମାନଙ୍କୁ ତୁରନ୍ତ ଇନକ୍ରିମେଣ୍ଟ ଦେବା ପାଇଁ ସଂଘ ଦାବି କରିଛି। ଅନ୍ୟପକ୍ଷେ ଏକ୍ସ କ୍ୟାଡର ବ୍ୟବସ୍ଥା ଉଚ୍ଛେଦ ସହ ୨୦୧୭ ମସିହାରୁ କ୍ୟାଡରଭୁକ୍ତ କରିବା,ଏକ୍ସ କ୍ୟାଡର ଶିକ୍ଷକମାନଙ୍କ ଡେପୁଟେସନ ବାତିଲ କରିବା, ଟ୍ରେଜେରୀ ମାଧ୍ୟମରେ ଦରମା ପ୍ରଦାନ କରିବା,ଅବସର ଗ୍ରହଣ କରୁଥିବା ଶିକ୍ଷକମାନଙ୍କୁ ଗ୍ରାଚୁଇଟି ପ୍ରଦାନ,ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକ ଭାବେ ବିବେଚନା କରି ସିଆରସିସି ପଦବୀରେ ନିଯୁକ୍ତ ଦେବା ସହିତ ଅନ୍ୟାନ୍ୟ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରିବାର ଦାବି ରହିଛି। ଆନ୍ଦୋଳନରେ ନୟାଗଡ଼ ଜିଲା ସଭାପତି ଉମେଶ ସ୍ୱାଇଁ, ବ୍ଲକ ସଭାପତି ଭଗବାନ ପଣ୍ଡା, ସମ୍ପାଦକ ରବୀନ୍ଦ୍ର ସାହୁ, ଉପସଭାପତି ବୈଷ୍ଣବ ମହାନ୍ତି, ଶିବ ନାୟକ, ବିଜୟ ପଟ୍ଟନାୟକ, ସାଗର ନାହାକ, ହାଡ଼ିବନ୍ଧୁ ବେହେରା, ସରୋଜ ବିଶ୍ୱାଳ, କୁମୁଦିନୀ ଦେଈ ଏବଂ ବିମଳା ପ୍ରଧାନଙ୍କ ସମେତ କାର୍ଯ୍ୟରତ ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୭ ଦଫା ଦାବିରେ ଆଶାକର୍ମୀଙ୍କ ଧାରଣା

**କୋରେଇ,୩।୧୨(ସ୍ୱ.ପ୍ର.):** ଓଡ଼ିଶା ଆଶା କର୍ମୀ ସଂଘ ଡାକରାରେ ୭ ଦଫା ଦାବି ନେଇ ସମଗ୍ର ରାଜ୍ୟରେ ଆଶାକର୍ମୀଙ୍କ ଆନ୍ଦୋଳନ ଜାରି ରହିଛି। ଗତ ମାସ ୨୯ ତାରିଖରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ଶନିବାର କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସେମାନେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ଜିଲା ସଭାପତି ପୁଷ୍ପଲତା ରାଉତ, ବ୍ଲକ୍ ସଭାପତି ସତ୍ୟଭାମା ସାହୁ ଓ ସମ୍ପାଦିକା ବବିତା ମଲ୍ଲିକଙ୍କ ନେତୃତ୍ୱରେ କର୍ମୀମାନେ ଧାରଣାରେ ବସିଥିଲେ।

### ଚଣ୍ଡିଖୋଲ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ଏଡ୍‌ସ ସଚେତନତା

**ଚଣ୍ଡିଖୋଲ,୩।୧୨(ଡି.ଏନ.ଏ.):** ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆଇନ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ତାଲୁକ ଆଇନ ସେବା କେନ୍ଦ୍ର ଅଧକ୍ଷା ତଥା ବିଚାରପତି ପରବିନ୍ ମଣ୍ଡଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସବଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ମୁଖ୍ୟ ଅତିଥି, ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ରାଜେଶ ଷଡ଼ଙ୍ଗୀ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା, ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସତର୍କତା ଓ ସଚେତନତା ଦ୍ୱାରା ଏଡ୍‌ସର ନିରାକରଣ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଚିନ୍ମୟ କୁମାର ପ୍ରତାପ, ଜ୍ୟୋତିଶଙ୍କର ମହାପାତ୍ର, ଲୋମରଣୀ ନାୟକ, ମନୋରମା ସ୍ୱାଇଁ ଓ ବିଶ୍ୱଜିତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ବିଜୟ ରାଉଳ ଧନ୍ୟବାଦ ଦେଇଥିଲେ। ସମସ୍ତ ଆଶାକର୍ମୀ ଯୋଗଦେଇ ଗ୍ରାମାଞ୍ଚଳରେ ସଚେତନତାର ବାର୍ତ୍ତା ବାଣ୍ଟିବାକୁ କହିଥିଲେ।

### ଖରସ୍ରୋତା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ସିଂହପୁର,୩।୧୨(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ବିଭାଗୀୟ ମୁଖ୍ୟ ଅଧାପକ ଗଗନ ବିହାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ସତ୍ୟବ୍ରତ ପାଢ଼ୀ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ପ୍ରାଧାପକ ସୁବୋଧ କୁମାର ନାୟକ, ଘନଶ୍ୟାମ ଜେନା, ମିହିର ରାଉତ, ଉପେନ୍ଦ୍ର ସାମଲ, ମୀନକେତନ ତ୍ରିପାଠୀ, ଦୀପ୍ତିରଞ୍ଜନ ସେନାପତି, ଉମେଶ ଚନ୍ଦ୍ର ଜେନା ଓ ଅରୁଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଯୁକ୍ତ ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଅଧାପିକା ରୂପାଲୀ ମହାରଣା ନୂତନ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେବା ସହ ଧନ୍ୟବାଦ ଦେଇଥିଲେ।

# ଲୋକଙ୍କ କାମରେ ଲାଗୁନି ବିଜୁ ସେତୁ

**ଯାଜପୁର ଅଫିସ,୩।୧୨**

■ ଆପ୍ରୋଚ୍ ରୋଡ୍ ପାଇଁ ୪ ପ୍ରକଳ୍ପ ଅସମ୍ପୂର୍ଣ୍ଣ

■ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ନୂତନ ୨ ବ୍ରିଜ୍ ପ୍ରକଳ୍ପ ପ୍ରସ୍ତାବ

ଲୋକଙ୍କ ଯାତାୟାତକୁ ସୁଗମ କରିବା ପାଇଁ ରାଜ୍ୟ ସରକାର ଜନକଲ୍ୟାଣକାରୀ 'ବିଜୁ ସେତୁ' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ କେତେକ ସ୍ଥାନରେ ବିଜୁ ସେତୁ ନିର୍ମାଣ ହୋଇସାରିଛି। କିନ୍ତୁ ସେତୁ ପାଇଁ ଆପ୍ରୋଚ୍ ରୋଡ୍ ହୋଇପାରୁ ନ ଥିବାରୁ ତାହା ଲୋକଙ୍କ କାମରେ ଲାଗି ପାରୁନାହିଁ। ଏହାର ଉଦାହରଣ ହେଉଛି ଯାଜପୁର ଜିଲା ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନରେ ନିର୍ମାଣ ହେଉଥିବା ୪ଟି ସେତୁ। ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନରେ କରାଯାଉଥିବା ୯ଟି ସେତୁ ମଧ୍ୟରୁ ୫ଟି ସମ୍ପୂର୍ଣ୍ଣ ହୋଇପାରିଛି। ବାକି ୪ଟି ସେତୁ ଆପ୍ରୋଚ୍ ରୋଡ୍ ନ ଥିବା ଯୋଗୁ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ୨୦୧୭ରୁ କାମ ଆରମ୍ଭ ହୋଇ ଏଯାଏ ତାହା ସମ୍ପୂର୍ଣ୍ଣ ନ ହେବା ବିଭାଗୀୟ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଇତିମଧ୍ୟରେ ନୂତନ ୨ ବ୍ରିଜ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଓ ଆନ୍ତରିକତାର ଅଭାବ ଯୋଗୁ ପ୍ରକଳ୍ପଗୁଡ଼ିକ ଠିକ୍ ସମୟରେ ସମ୍ପୂର୍ଣ୍ଣ ହେଉ ନଥିବା ଅଭିଯୋଗ ହେଉଛି।


ବିରୂପା ନଦୀରେ ନିର୍ମିତ ଚାରିନଙ୍ଗଳ ସେତୁ।

ଗମନାଗମନରେ ଯେଉଁ ଅଞ୍ଚଳ ଯେତେ ସୁଦୃଢ଼ ସେହି ଅନୁପାତରେ ସେତେ ବିକାଶିତ। ଏହାକୁ ହୃଦୟଙ୍ଗମ କରି ରାଜ୍ୟ ସରକାର ବିଜୁ ସେତୁ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରିଛନ୍ତି। ଏହି କ୍ରମରେ ଜାରକ ଡିଭିଜନରେ ପ୍ରାୟ ୪୦ କୋଟି ଟଙ୍କା ବିନିଯୋଗ ହୋଇ ସାରିଛି। ହେଲେ ବିନିଯୋଗ ତୁଳନାରେ ଅଞ୍ଚଳବାସୀ ସେତେଟା ଲାଭବାନ ହୋଇ ପାରିନାହାନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନରସିଂହପୁରଠାରୁ ପିପଲଡ଼ିହ ସଗଡ଼ିଆ ନାଳ ଉପରେ ନିର୍ମିତ ବିଜୁ ସେତୁ ୨୦୧୭ରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ୧୨।୯।୨୦୧୯ରେ ସମ୍ପୂର୍ଣ୍ଣ ହେବା କଥା। ଏଥିରେ ଏଯାଏ ୯୧.୩୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। କିନ୍ତୁ ଜମି ବିବାଦ ଯୋଗୁ ଆପ୍ରୋଚ୍ ରୋଡ୍ ଆରମ୍ଭ ହୋଇପାରିନାହିଁ। ସେହିପରି ଭୁବନପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ରାସ୍ତାଠାରୁ ଜଗନ୍ନାଥପୁର ମୁଖ୍ୟମନ୍ତ୍ରୀ ସଡକ ଯୋଜନା (ଏମ୍‌ଏମ୍‌ଏସ୍‌ୱାଇ) ରାସ୍ତାର ସାନଗେଙ୍ଗୁଟି ନଦୀ ଉପରେ ୨୦୧୯ରୁ ଆରମ୍ଭ ହୋଇଥିବା ସେତୁ ଏଯାଏ ଲୋକଙ୍କ ସେବାରେ ଲାଗି ପାରିନାହିଁ। ଏହି ପ୍ରକଳ୍ପରେ ୩୫୫.୬୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଆପ୍ରୋଚ୍ ରାସ୍ତା କାର୍ଯ୍ୟ ଚାଲିଛି ବୋଲି ବିଭାଗ ସୂତ୍ରରୁ କୁହାଯାଇଛି। ଅନୁରୂପ ଭାବେ ପଟୁଣିଆ ଗ୍ରାମ ପଞ୍ଚାୟତର ଶଙ୍କା ଗ୍ରାମ ନିକଟରେ ସଗଡିଆ ନାଳା ଉପରେ ୨୦୧୮ରୁ ନିର୍ମିତ ସେତୁ ଆପ୍ରୋଚ୍ ରାସ୍ତାରେ ଅଟକିଛି। ଏହି ପ୍ରକଳ୍ପ ପାଇଁ ୩୦୫.୯୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ରାଉତରାପୁର-କୁଣ୍ଡପାଟଣା ରାସ୍ତାର ବ୍ରାହ୍ମଣୀ ନଦୀ ଉପରେ ୨୦୧୯ରୁ ନିର୍ମିତ ସେତୁ ମଧ୍ୟ ଆପ୍ରୋଚ ରୋଡ୍ ପାଇଁ କାର୍ଯ୍ୟକାରୀ ହୋଇ ପାରିନାହିଁ। ଜମି ଅଧିଗ୍ରହଣରେ ବିଳମ୍ବ ଏହାର କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ପ୍ରକଳ୍ପ ପାଇଁ ୧୬୬୦.୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ଏଭଳି ସ୍ଥିତିରେ ପୁଣି ୨ଟି ବ୍ରିଜ ପ୍ରକଳ୍ପ ନିର୍ମାଣ ପ୍ରସ୍ତାବ ରହିଛି। ବଡଚଣା ନିର୍ବାଚନ ମଣ୍ଡଳି ଅଧୀନ କୃଷ୍ଣଦାସପୁରଠାରୁ ରତ୍ନଗିରି ରାସ୍ତାର କେଲୁଅ ନାଳା ଉପରେ ୪୫ ମିଟର ଲମ୍ବର ବ୍ରିଜ ନିର୍ମାଣ ହେବ। ଏଥିପାଇଁ ୪୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏଥିରେ ବଡଚଣା ବ୍ଲକର ପର୍ବତ, ପଣାସିଆ, ପଣସୁଆପାଳ, କୋହ୍ନଣଗିରି, ମୂଷାଟିକିରା, ରାମଦାସପୁର, ସାନବାଲିକୁଦା, ବେଙ୍ଗପୁର ଏବଂ ବରୀ ବ୍ଲକର ସୁକୁଳ, ମହାକାଳପଡା, ରତ୍ନଗିରି ପ୍ରଭୃତି ଗ୍ରାମର ପ୍ରାୟ ୧୦ ହଜାର ଲୋକ ଉପକୃତ ହେବେ। ସେହିପରି ବଡଚଣା ନିର୍ବାଚନମଣ୍ଡଳୀ ଅଧୀନ ସାନଗେଙ୍ଗୁଟି ନଦୀର ଉଦୟନଗର ଗ୍ରାମ ନିକଟରେ ୯୦ ମିଟର ଲମ୍ବର ଏକ ନୂତନ ବ୍ରିଜ ନିର୍ମାଣ ପ୍ରସ୍ତାବ ରହିଛି। ଏଥିପାଇଁ ୭୫୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ବ୍ରିଜ ନିର୍ମାଣ ହେଲେ ରାଧାଦେଈପୁର, ବିଦ୍ୟାଧରପୁର, ଅରଖପୁର, ଉଲୁରୀ, ଜଗନ୍ନାଥପୁର, ଶକୁନ୍ତଳାପୁର, ଉଦୟନଗର, ବଡଘୁମୁରି, ପାଇକରାପୁର ପ୍ରଭୃତି ଗ୍ରାମର ପ୍ରାୟ ୯୩୦୦ ଲୋକ ଉପକୃତ ହୋଇ ପାରିବେ। ତେବେ ଉପରୋକ୍ତ ଅର୍ଦ୍ଧନିର୍ମିତ ସେତୁଗୁଡ଼ିକ ଉପରେ ଉପକୃତ ହେବାକୁ ଆଶା ରଖିଥିବା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ୨୦୨୦ରୁ କୌଣସି ବିଜୁ ସେତୁ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି।

## ବେଆଇନ ବାଲିଘାଟ, ପଥର ଖାଦାନରେ ୧୪୪ ଧାରା

**ଚଣ୍ଡିଖୋଲ,୩।୧୨(ଡି.ଏନ.ଏ.)**

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ବାଲିକୁଦାସ୍ଥିତ ବେଆଇନ ବାଲିଘାଟ ଓ ଧାଉଡ଼ିଆ ପଦାସ୍ଥିତ ବେଆଇନ ପଥର ଖାଦାନରେ ତହସିଲ ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯାଇଛି। ଏହି ଦୁଇଟି ସ୍ଥାନରୁ ମାଫିଆ ବାଲି ଓ ପଥର ଚାଲାଣ କରୁଥିଲେ। ତହସିଲ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଉଥିଲେ ମଧ୍ୟ ମାଫିଆ ପୂର୍ବରୁ ଖବର ପାଇ ଯାଉଥିଲେ। ତେଣୁ ସେମାନଙ୍କୁ ଧରିବା ସମ୍ଭବ ହେଉ ନ ଥିଲା। ଶେଷରେ ପ୍ରଶାସନ ୧୪୪ ଧାରା ଜାରି କରିବାକୁ ବାଧ୍ୟ ହୋଇଛି ବୋଲି ତହସିଲଦାର ସୂଚନା ଦେଇଛନ୍ତି।

ଦର୍ପଣ ତହସିଲ ଅନ୍ତର୍ଗତ କେଲୁଅ ନଦୀର ବାଲିକୁଦାଠାରେ ବେଆଇନ ବାଲିଘାଟ ଚାଲୁଥିଲା। ପୋଲିସ କିମ୍ବା ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରିବାକୁ ଯିବା ପୂର୍ବରୁ ସେଠାରେ ବାଲି ପରିବହନ କରୁଥିବା ମାଫିଆ ପଳାଇ ଯାଉଥିଲେ। ତହସିଲର କେତେଜଣ କର୍ମଚାରୀ ଏଥିରେ ସଂପୃକ୍ତ ଥିବା ନେଇ ସାଧାରଣରେ ଅଭିଯୋଗ ହୋଇ ଆସୁଥିଲା। ସେହିପରି ଧଉଡ଼ିଆପଦା ପାହାଡ଼ରେ ବେଆଇନ ପଥର ଖାଦାନ ଚାଲି ଆସୁଥିଲା। ସେମାନଙ୍କ ଉପରେ ପ୍ରଶାସନ ଅଙ୍କୁଶ ଲଗାଇ ପାରୁ ନ ଥିଲା। ଏନେଇ ନଂ.୨୪୯/୨୨ରେ ଏକ ମାମଲା ରୁଜୁ କରି ବାଲିଚନ୍ଦ୍ରପୁର ଥାନା ପୋଲିସ, ମୂଷାଟିକିରି ରାଜସ୍ୱ ନିରୀକ୍ଷକ ଓ ବାଲିଚନ୍ଦ୍ରପୁର ରାଜସ୍ୱ ନିରୀକ୍ଷକଙ୍କୁ ତହସିଲଦାର ଶୁଭଦର୍ଶୀ ମିଶ୍ର ଚିଠି ଲେଖି ଜଣାଇଛନ୍ତି।

## ରମାଦେବୀ ଜୟନ୍ତୀ

**ବରୀ,୩।୧୨(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ ଗୋପବନ୍ଧୁ ରମାଦେବୀ ଆଶ୍ରମ ଆୟୋଜନରେ ନବଭାରତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମା' ରମାଦେବୀଙ୍କ ୧୨୩ତମ ଜୟନ୍ତୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ସନ୍ଧ୍ୟାରାଣୀ ଜେନାଙ୍କ ସଭାପତିତ୍ୱରେ ଏନେଇ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ରମାଦେବୀଙ୍କ ବହୁବିଧ ପ୍ରତିଭା ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। ରମାଦେବୀ ଏକ ଉଚ୍ଚ ବଂଶରେ ଜନ୍ମ ହୋଇ ମଧ୍ୟ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅତି ସାଧାରଣସ୍ତରରେ ଲୋକଙ୍କ ସହ ମିଶି କାମ କରିଥିଲେ। ସେ ଇଂରେଜ ବିରୋଧୀ ଲଢ଼େଇରେ ଭାଗ ନେଇ ଜେଲ ଯାଇଥିଲେ।

ତାଙ୍କର ମାତୃ ସୁଲଭ ଗୁଣ ଯଥେଷ୍ଟ ଥିଲା। ସମସ୍ତଙ୍କୁ ଭଲ ପାଇବା ତଥା ଅନ୍ୟମାନଙ୍କୁ ତାଙ୍କ ସ୍ନେହ ସୁଲଭ ଗୁଣରେ ବାନ୍ଧି ପାରୁଥିଲେ। ତେଣୁ ତାଙ୍କର ତ୍ୟାଗ, ନିଷ୍ଠା ଯୁବ ମାନସକୁ ପ୍ରେରଣା ଦେଉ ବୋଲି ବକ୍ତାମାନେ କହିଥିଲେ। ପରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଶ୍ରମ ସମ୍ପାଦକ ନିମାଇଁ ରାୟ, ସତ୍ୟରଞ୍ଜନ କର, ସୁଜାତା ଦାସ, ପ୍ରଜ୍ଞାପରମିତା ସାହୁ, ନର୍ମଦା ତ୍ରିପାଠୀ, ସସ୍ମିତା ସାହୁ, ରଶ୍ମିତା ପାଣି, ରମାକାନ୍ତ ମଣ୍ଡଳ ଓ ପ୍ରଣତୀ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଇନ୍ଦୁମତି ସାହୁ ଧନ୍ୟବାଦ ଦେଇଥିଲେ।

## ଶ୍ରୀ ତ୍ରିନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା ଦିବସ



**କାଳିଆପାଣି,୩।୧୨(ଡି.ଏନ.ଏ.)**

ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଓଡ଼ିଶା ଖଣି ନିଗମର ଓଆଇଏସ୍‌ଏଫ୍ ନିରାପତ୍ତା ରକ୍ଷୀଙ୍କ ଦ୍ୱାରା ନିର୍ମିତ ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ଦ୍ୱିତୀୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଖଣି ନିଗମ ଟାଉନଶିପ୍‌ର ଓଆଇଏସ୍‌ଏଫ୍ ବାରାକରେ ପ୍ରତିଷ୍ଠିତ ଏହି ମନ୍ଦିରକୁ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଏହାର ପୂର୍ଣ୍ଣାହୂତି ହୋଇଛି। ୫୦ରୁ ଊର୍ଦ୍ଧ୍ୱ ମହିଳା ନିରାପତ୍ତାରକ୍ଷୀଙ୍କୁ ନେଇ ଏକ କଳସ ଶୋଭାଯାତ୍ରା କରାଯାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସ୍ୱଦେଶ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ୩ୟ ଆଇଆର୍‌ବି କମାଣ୍ଡାଣ୍ଟ ଲୋଚନ ପଶାୟତ, ଖଣି ନିଗମ ଆଞ୍ଚଳିକ ପରିଚାଳକ ଆଶିଷ କୁମାର ସାମନ୍ତରାୟ, ଖଣି ପରିଚାଳକ ଗଣେଶ୍ୱର ଭୂୟାଁ, ବଡ଼ବିଲ ଗୁଆଳି ଖଣିର ଇନ୍ସପେକ୍ଟର ବାହାଦୁର ହେମ୍ବ୍ରମ, ତାଳଚେର ଏମ୍‌ସିଏଲ୍ ଖଣିର ଏସ୍‌ଆଇ ଏମ୍.କେ. କଲୁ, ଲାଞ୍ଜିଗଡ଼ ବେଦାନ୍ତ ଖଣିର ସୁରଥ ଦାସ, କମଳ ଦାସ, ଛତ୍ରପୁର ଆଇଆର୍‌ବି ଖଣିର ପ୍ରଭାତ ବେହେରା ଓ ରଞ୍ଜନ ଡାକୁଆ ପ୍ରମୁଖଙ୍କ ସହ ଖଣି ନିଗମର ବହୁ ବରିଷ୍ଠ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ କଲୋନୀ ଅନ୍ତେବାସୀ ଏଠାରେ ପ୍ରସାଦ ସେବନ କରିଥିଲେ। କାଳିଆପାଣି ଓଆଇଏସ୍‌ଏଫ୍ ପକ୍ଷରୁ ଜଗବନ୍ଧୁ ଜେନା, ଲକ୍ଷ୍ମଣ ରୋହିଦାସ, ନଟବର ଦାସ, ଅଲେଖ ମନ୍ତ୍ରୀ, ସରୋଜ ଦାଶ, ଅଭିଲାଷ ପଣ୍ଡା, ସହଦେବ ସାହୁ, ହିମାଂଶୁ ପଣ୍ଡା ଓ ଅରୁଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ବଡ଼ଚଣା,୩।୧୨(ଡି.ଏନ.ଏ.)**

ବଡ଼ଚଣା ବ୍ଲକ୍ ଅଧୀନ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସ୍ୱାଧୀନତାର ୭୬ବର୍ଷ ପରେ ବି ଭାରତରେ ଦରିଦ୍ରତା କାହିଁକି' ଶୀର୍ଷକ ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ପବିତ୍ର ମୋହନ ମାହାଲା ସଭାପତିତ୍ୱ କରିଥିଲେ। ଏଥିରେ ଓଡ଼ିଶାର ଖ୍ୟାତନାମା ଅର୍ଥନୀତିଜ୍ଞ, ସ୍ତମ୍ଭକାର ଓ ସମାଲୋଚକ ଡ. ସନ୍ତୋଷ ମହାପାତ୍ର ଯୋଗଦେଇ ଦାରିଦ୍ର୍ୟର କାରଣ ଓ ଏହାର ଦୂରୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସମାଜର ଶେଷ ବର୍ଗର ଲୋକଟି ତା'ର ଆଧାରରେ ନିଯୁକ୍ତି ପାଇଲେ ଅର୍ଥନୀତି ବିକଶିତ ହେବ ବୋଲି ସେ ପ୍ରକାଶ କହିଥିଲେ।

ବିଭାଗୀୟ ମୁଖ୍ୟ ତାଙ୍କର ପ୍ରାରମ୍ଭିକ ଅଭିଭାଷଣରେ ସମ୍ମାନର ମୁଖବନ୍ଧ ପରିପ୍ରକାଶ କରିବାକୁ ଯାଇ ଜିଡିପି ଏବଂ ଜାତୀୟ ଆୟର ସୁବଣ୍ଟନ, ଅର୍ଥନୀତିରେ ଥିବା ଆୟର ଅସମାନତା ଦୂର କରାଯାଇପାରିଲେ ଭାରତ ବିକଶିତ ଅର୍ଥନୀତିରେ ପରିଣତ ହୋଇପାରିବ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବ୍ରଜକିଶୋର ସ୍ୱାଇଁ, ମୁଖ୍ୟଅତିଥି ମହାବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ପ୍ରାଧାପକ ତ୍ରିଲୋଚନ ରାଉତ, ସମ୍ମାନିତ ଅତିଥି ତଥା ସମାଜଶାସ୍ତ୍ର ବିଭାଗର ବରିଷ୍ଠ ପ୍ରାଧାପକ ପ୍ରମୋଦ କୁମାର ଖଣ୍ଡାଇ ଯୋଗଦେଇ ଦାରିଦ୍ର୍ୟର ବିଭିନ୍ନ ଦିଗ ଓ ଏହାର ଦୂରୀକରଣ ଉପରେ ଆଲୋଚନା କରିଥିଲେ। ଅଧାପକ ଶମ୍ଭୁନାଥ ହେମ୍ବ୍ରମ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁକ୍ତ ୩ ଅର୍ଥନୀତି ବିଭାଗର ଛାତ୍ରୀ ସୁନନ୍ଦା ନାୟକ ପାଠଚକ୍ରର ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ପ୍ରଦୀପ୍ତ କୁମାର ବରାଳ, ନାରାୟଣ ଚନ୍ଦ୍ର ମୁଦୁଲି, ଶାନ୍ତନୁ କୁମାର ରାଉତରାୟ, ଅଧାପିକା ଅମ୍ବିକା ତ୍ରିପାଠୀ, ରଞ୍ଜିତା ସ୍ୱାଇଁ, ନିରୁପମା ସ୍ୱାଇଁ, ଅଧାପକ ଦୀପକ କୁମାର ମିଶ୍ର ଓ ଭାଗ୍ୟଧର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଧାପିକା ସସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

## ଚାଷ ଆରମ୍ଭରୁ ଆଳୁ ବିହନ ସଙ୍କଟ

**ଧର୍ମଶାଳା,୩।୧୨ (ଡି.ଏନ.ଏ.)**

ଆଳୁ ଏକ ଲାଭଦାୟକ ଫସଲ। ମାତ୍ର ଏବେ ଆଳୁଚାଷ ସମୟରେ ବିହନ ସଙ୍କଟ ଦେଖାଦେଇଛି। ଫଳରେ ଚାଷୀମାନେ ଖୋଲାବାଜରରୁ ଅଧିକ ମୂଲ୍ୟ ଦେଇ ବିହନ କିଣୁଛନ୍ତି। ଏହାକୁ ନେଇ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଦ୍ୟାନ ବିଭାଗ ପକ୍ଷରୁ ଚଳିତ ବର୍ଷ ଧର୍ମଶାଳା ବ୍ଲକରେ ୩୩.୫ ହେକ୍ଟର ଜମିରେ ଆଳୁ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିଲାଗି ୫୦୦ କୁଇଣ୍ଟାଲ ବିହନର ଆବଶ୍ୟକତା ରହିଥିବା ବେଳେ ଅଦ୍ୟାବଧି ବିଭାଗ ତରଫରୁ ଚାଷୀଙ୍କୁ ଅଧାରୁ କମ ପରିମାଣର ବିହନ ଯୋଗାଇ ଦିଆଯାଇଛି। ସରକାରୀ ଆଳୁ ବିହନ ମୂଲ୍ୟ କୁଇଣ୍ଟାଲ ପିଛା ୧ ହଜାର ଟଙ୍କା ରହିଛି। ମାତ୍ର ଚାଷୀମାନେ ରିହାତି ମୂଲ୍ୟରେ ସରକାରୀ ବିହନ ନ ପାଇ ଖୋଲା ବଜାରରୁ ଦେଢ଼ଗୁଣ ଅଧିକ ମୂଲ୍ୟରେ ବିହନ କିଣିବାକୁ ବାଧ୍ୟ ହେଉଛନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ଆବଶ୍ୟକ ବିହନ ଯୋଗାଇ ଦେବାକୁ ଦାବି ହୋଇଛି।

## ବିଦ୍ୟାର୍ଥୀ ବର୍ଜ୍ୟବସ୍ତୁ ସୁପରିଚାଳନା ବାର୍ତ୍ତାବହ ହୁଅନ୍ତୁ

**ରସୁଲପୁର, ୩।୧୨ (ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ମିଶନ-୨ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏ ଦିଗରେ ବିଦ୍ୟାର୍ଥୀଙ୍କ ପ୍ରମୁଖ ଭୂମିକା ରହିବା ସହ ସେମାନେ ବର୍ଜ୍ୟବସ୍ତୁ ସୁପରିଚାଳନାର ବାର୍ତ୍ତାବହକ ସାଜନ୍ତୁ ବୋଲି ସମ୍ବଳ ଅଧିକାରୀମାନେ ମତ ରଖିଛନ୍ତି। ପିଲାମାନେ ଚାହିଁଲେ ପରିବେଶ ସୁରକ୍ଷା ହୋଇପାରିବ। ଆଗାମୀ ପିଢ଼ି ଏକ ସୁସ୍ଥ ବାତାବରଣରେ ବଞ୍ଚିବାର ସ୍ୱପ୍ନ ଦେଖିପାରିବ। ଏହାକୁ ପିଲାମାନେ ବ୍ରତ ଭାବରେ ଗ୍ରହଣ କରିବା ସହ ପରିବେଶ ସୁରକ୍ଷା କାର୍ଯ୍ୟ ପ୍ରତ୍ୟେକ ଘରୁ ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି।

ହିଙ୍ଗୁଳା ବିଦ୍ୟାପୀଠ ପରିସରରେ ଆୟୋଜିତ ଏକ ସଚେତନତା ସଭାରେ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଖୁଣ୍ଟିଆ ଅଧକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବଳ ଅଧିକାରୀ ଭାବେ ତୁଷାରକାନ୍ତି ଦତ୍ତ, ପରିବେଶ ପୁରସ୍କାରପ୍ରାପ୍ତ ସୁଶ୍ରୀ ଗାୟତ୍ରୀ ନାୟକ ପ୍ରମୁଖ ଯୋଗଦେଇ ବର୍ଜ୍ୟବସ୍ତୁର ସୁପରିଚାଳନାର ବିଭିନ୍ନ ଦିଗ ସମ୍ପର୍କରେ ମତ ରଖିଥିଲେ। ବର୍ଜ୍ୟବସ୍ତୁର ସୁପରିଚାଳନା ନ ଘଟିଲେ ପରିବେଶ ଓ ମାନବଜାତି ପ୍ରତି କ'ଣ ସବୁ କ୍ଷତି ପହଞ୍ଚାଇବ, ବର୍ଜ୍ୟବସ୍ତୁର ସଦ୍‌ବ୍ୟବହାର କଲେ ମାନବଜାତିକୁ କ'ଣ ଲାଭ ମିଳିବ ସେ ସମ୍ପର୍କରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ।

ସମ୍ମାନିତ ଅତିଥି ଭାବେ ଶିକ୍ଷକ ଅନନ୍ତ ନାରାୟଣ ମିଶ୍ର, ରଞ୍ଜନ କୁମାର ମିଶ୍ର ପ୍ରମୁଖ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ସମ୍ପର୍କରେ ମତ ରଖିଥିଲେ। ବିଦ୍ୟାର୍ଥୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ଓ ବର୍ଜ୍ୟବସ୍ତୁ ସୁପରିଚାଳନା ଉପରେ ସଂଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଞ୍ଚାୟତ ପକ୍ଷରୁ ବିଲିପଡ଼ା ଉଚ୍ଚ ବିଦ୍ୟାଳୟ, ବୁଢ଼ୀଭାଲୁଖୁଣୀ ଉ.ପ୍ରା. ବିଦ୍ୟାଳୟ, ଅରଡ଼ା ପ୍ରାଥମିକ ବିଦ୍ୟାଳୟ, ନାରାୟଣଚନ୍ଦ୍ର ଉ.ପ୍ରା. ବିଦ୍ୟାଳୟ, ଜୟଦୁର୍ଗା ଉ.ପ୍ରା. ବିଦ୍ୟାଳୟ, ଇଚ୍ଛାପୁର ୟୁଜିଏମ୍‌ଇ ବିଦ୍ୟାଳୟରେ ସଚେତନତା ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମରେ ଉପସ୍ଥିତ ଜନ ପ୍ରତିନିଧି, ଅତିଥି ଓ ଛାତ୍ରୀମାନେ।

### ସ୍ୱଚ୍ଛ ଭାରତ ମିଶନ-୨

### ବୈରାଗୀ ବିଶ୍ୱାଳଙ୍କ ଶ୍ରାଦ୍ଧ ଉତ୍ସବ ପ୍ରସ୍ତୁତି ବୈଠକ

**ଧର୍ମଶାଳା,୩।୧୨ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳିଙ୍ଗ କ୍ଲବ୍ ପରିସରରେ ଶନିବାର ବୈରାଗୀ ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସାମାଜିକ କର୍ମୀ, ଧର୍ମଶାଳା ବ୍ଲକର ପୂର୍ବତନ ଅଧକ୍ଷ, ବହୁ କଲେଜ ଓ ହାଇସ୍କୁଲର ପ୍ରତିଷ୍ଠାତା ବୈରାଗୀ ବିଶ୍ୱାଳଙ୍କ ୧୪ତମ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ କିଷାନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ମୃତି ସଂସଦ ସମ୍ପାଦକ କାହ୍ନୁଚରଣ ଦାଶ ଆୟବ୍ୟୟ ଉପସ୍ଥାପନ ସହ ଶ୍ରାଦ୍ଧୋତ୍ସବ ପାଳନ ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ଜାନୁୟାରୀ ୧୫ରେ ପାଳନ କରାଯିବ। ବୈଠକରେ ଶିକ୍ଷାବିତ ପ୍ରଶାନ୍ତ ସ୍ୱାଇଁ, କୃଷକ ନେତା ବସନ୍ତ ପରିଡ଼ା, ଖବରଦାତା ପୂର୍ଣ୍ଣଚନ୍ଦ୍ର ଶତପଥୀ, କପିଳେନ୍ଦ୍ର ରାଉତ, ଗୋଲକ ଚନ୍ଦ୍ର ପଲେଇ, ସଂଗ୍ରାମକେଶରୀ ରାୟ ଓ ପୂର୍ଣ୍ଣଚନ୍ଦ୍ର ମଲିକ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଖବରଦାତା ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ତାକରଡ଼ା ସ୍କୁଲରେ ପୋଷାକ ବିତରଣ ମେଳା

ବୁଗୁଡ଼ା,୩।୧୨(ଡି.ଏନ୍.ଏ.)- ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ପୋଷାକ ଓ ବୁଟ୍ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଦିଲୀପ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଜିତାଶ୍ରୀ ନାୟକ, ସକ୍ରିୟ ସଭ୍ୟ ସଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇ ୨୪୨ ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ଜୋତା ସହ ମୋଜା ବିତରଣ କରିଥିଲେ। ଶିକ୍ଷକ ଦେବହରି ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଏଥିରେ ପରିଚାଳନା କମିଟି ସଭ୍ୟ ଏବଂ ଅଭିଭାବକମାନେ ମଧ ଉପସ୍ଥିତ ଥିଲେ।

### ନିରଞ୍ଜନ ସରକାରୀ ମହିଳା କଲେଜରେ ତର୍କ, ଦର୍ଶନଶାସ୍ତ୍ର ପାଠ୍ୟକ୍ରମ ଖୋଲିବ

ଆସିକା,୩।୧୨(ଡି.ଏନ୍.ଏ.)- ଆସିକା ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଯୁକ୍ତ ୩ ଶ୍ରେଣୀରେ ତର୍କ ଓ ଦର୍ଶନଶାସ୍ତ୍ର ବିଷୟ ଶିକ୍ଷାଦାନ ହେବ । ଏହାଛଡା ପୂର୍ବରୁ ରହିଥିବା ବିଭିନ୍ନ ବିଷୟର ସମ୍ମାନ ଶ୍ରେଣୀରେ ମଧ ସିଟ୍ ବୃଦ୍ଧି ଲାଗି ମଞ୍ଜୁରୀ ମିଳିଛି । ଉଚ୍ଚ ଶିକ୍ଷାବିଭାଗ ପକ୍ଷରୁ ଶୁକ୍ରବାର ଏ ସଂକ୍ରାନ୍ତ ପତ୍ର କଲେଜ ଅଧକ୍ଷଙ୍କ ନିକଟକୁ ଆସିଛି। ନୂତନ ବିଷୟ ଓ ବର୍ଦ୍ଧିତ ସମ୍ମାନ ଶ୍ରେଣୀରେ ଛାତ୍ରୀମାନେ ଆସନ୍ତା ଶିକ୍ଷାବର୍ଷ ଠାରୁ ଏହି ସୁଯୋଗ ପାଇପାରିବେ ବୋଲି କଲେଜ ଅଧକ୍ଷ ଗଣେଶ୍ୱର ମାଝି ସୂଚନା ଦେଇଛନ୍ତି। ନୂତନ ଖୋଲୁଥିବା ତର୍କ ଓ ଦର୍ଶନ ଶାସ୍ତ୍ର ବିଷୟରେ ୩୨ଟି ସ୍ଥାନ ଲାଗି ମଞ୍ଜୁରୀ ମିଳିଥିଲା ବେଳେ ପୂର୍ବରୁ ରହିଥିବା ଅର୍ଥନୀତିରେ ୨୪ଟି, ଶିକ୍ଷା ବିଷୟରେ ୧୬ଟି, ଇଂଲିଶରେ ୮ଟି, ହୋମ ସାଇନ୍ସ, ଇତିହାସ ଓ ରାଜନୀତି ବିଜ୍ଞାନରେ ୧୬ଟି ଲେଖାଏ ସ୍ଥାନ ବୃଦ୍ଧି ହୋଇଥିବା ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ମୁଞ୍ଜରୀ ପତ୍ରରେ ଉଲ୍ଲେଖ ରହିଛି ।

### ବ୍ଲକସ୍ତରୀୟ ବିଜ୍ଞାନ ମେଳା ୫୦ ପ୍ରକଳ୍ପ ପ୍ରଦର୍ଶିତ

କବିସୂର୍ଯ୍ୟନଗର,୩।୧୨(ଡି.ଏନ.ଏ.)- ସରକାରୀ ବାଳିକା ହାଇସ୍କୁଲରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଶନିବାର ଉଦ୍‌ଯାପିତ ହୋଇଛି। ୫୦ ପ୍ରତିଯୋଗୀ ପ୍ରକଳ୍ପ ପ୍ରଦର୍ଶନ ମଧରୁ ଶ୍ରେଷ୍ଠ ୪ଜଣକୁ ଜିଲାସ୍ତରୀୟ ପାଇଁ ମନୋନୀତ କରାଯାଇଛି। ପ୍ରଧାନ ଶିକ୍ଷକ କୁମୁଦାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ବିଷ୍ଣୁପ୍ରିୟା ନାୟକ, ମୁଖ୍ୟବକ୍ତା ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ସମେତ ବିଆର୍‌ସିସି ପୁନିଆ ବେହେରା, ବିଦ୍ୟାଳୟ ସଭାପତି ବସନ୍ତ କୁମାର ମହାନ୍ତି, ଏବିଇଓ ପ୍ରଶାନ୍ତ କୁମର ପାଣିଗ୍ରାହୀ ଅତିଥି ଥିଲେ। ନିର୍ଣ୍ଣାୟକ ଦାୟିତ୍ୱରେ ଆସିକା ବିଜ୍ଞାନ କଲେଜ ଅଧାପକ ଡ. ବସନ୍ତ କୁମାର ଆଚାରୀ, ଡ. ସୁରଜ କୁମାର ପାଣିଗ୍ରାହୀ ରହିଥିଲେ। ସିଆର୍‌ସିସି, ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସହଯୋଗ କରିଥିଲେ ।

### ଅମରେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

ବେଗୁନିଆପଡ଼ା,୩।୧୨-ବେଗୁନିଆପଡ଼ା ବ୍ଲକ କେ ବରିଡ଼ା ଅମରେଶ୍ୱର ମହାଦେବ ମନ୍ଦିରର ୨୦ ତମ ବାର୍ଷିକ ଉତ୍ସବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୋଦଳା ଏନଏସି ପୂର୍ବତନ ଅଧକ୍ଷ ତଥା କବିସର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ଚର୍ଚ୍ଚିତ ନେତା ହରପ୍ରସାଦ ସାହୁ ଯୋଗଦେଇ ମନ୍ଦିର ପରିଚାଳନା କମିଟି, ସମସ୍ତ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ସ୍ଥାନୀୟ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ମନ୍ଦିରର ଆୟ ବ୍ୟୟ ସମ୍ପର୍କରେ ଆଲୋଚନା ହୋଇଥିଲା। ମନ୍ଦିର ପରିସରରେ ପି ନୂଆଁ ଗାଁର ବସନ୍ତ କୁମାର ରଥଙ୍କ ଦାନ ଅର୍ଥରେ ନିର୍ମିତ ହୋଇଥିବା ନୂତନ ବିବାହ ମଣ୍ଡପକୁ ପୁରୋହିତ ଆଦିତ୍ୟ କୁମାର ରଥଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି। ସଭା ଶେଷରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବନ୍ଦବୋସ୍ତ ମଧ କରାଯାଇଥିଲା। ମନ୍ଦିର କମିଟିର ସଭାପତି କାଶିନାଥ ବେହେରା, ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, ଅମରେଶ୍ୱର ଯୁବକ ସଂଘ ସଭାପତି ଅତୁଳ କୁମାର ରଥ, ସରପଞ୍ଚ ପ୍ରତିନିଧି ଭଗବାନ ପ୍ରଧାନ ଓ ସମିତି ସଭ୍ୟ ପ୍ରତିନିଧି କୃଷ୍ଣ ଚନ୍ଦ୍ର ଗୌଡ଼ ପ୍ରମୁଖ ଉପସ୍ଥିତଥିଲେ।

# ପ୍ରଶାସନକୁ ତାଗିଦ, ଲୋକଙ୍କୁ ମୌଳିକ ସୁବିଧା ଦିଅ

**ଫୁଲବାଣୀ ଅଫିସ, ୩।୧୨**

ଅବହେଳିତ ଗାଁ ଲାଣ୍ଡାପାଜୁରେ ଶନିବାର ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍ଏସ୍ଏ)ର ପ୍ରତିନିଧି ଦଳ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଛନ୍ତି । ଲୋକଙ୍କୁ ତୁରନ୍ତ ମୌଳିକ ସୁବିଧା ଯୋଗାଇ ଦେବାକୁ ପ୍ରଶାସନକୁ ସେମାନେ ପରାମର୍ଶ ଦେଇଛନ୍ତି । ଏ ସଂକ୍ରାନ୍ତରେ ରିପୋର୍ଟ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣକୁ ଜଣାଇ ଦିଆଯିବ ବୋଲି ପ୍ରତିନିଧି ଦଳ ପ୍ରକାଶ କରିଛନ୍ତି ।

ଏବେ ଜିଲା ଆଇନସେବା ପ୍ରାଧିକରଣ ଲୋକଙ୍କ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦେଉଛି । ଲୋକେ କିପରି ସେମାନଙ୍କ ହକ୍ ପାଇପାରିବେ, ମାଗଣା ଆଇନ ସେବା ଏବଂ ବିଭିନ୍ନ ସମସ୍ୟା ଉପରେ କ୍ୟାମ୍ପ କରାଯାଉଛି। ଗତ ସେପ୍ଟମ୍ବର ୨୯ରେ ଧରିତ୍ରୀରେ ''ଅବହେଳିତ ଗାଁ ଲାଣ୍ଡାପାଜୁ' ଖବର ପ୍ରକାଶ ପାଇଥିଲା । ଏହାକୁ ଡିଏଲ୍ଏସ୍ଏ ଗୁରୁତ୍ୱ ସହ ନେଇଥିଲା । ଜିଲା ଜଜ୍ ଶୀତକଣ୍ଠ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ଅନୁଶୀଳା ରଥ, ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ଅନ୍ୟ ସଦସ୍ୟମାନେ ଗାଁକୁ ବୁଲି ଯାଇଥିଲେ । ସେମାନେ ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ । ଗ୍ରାମକୁ ଆଜି ପର୍ଯ୍ୟନ୍ତ ରାସ୍ତା ନ ଥିବା, ସ୍କୁଲ ବନ୍ଦ ରହିବା, ଗରିବ ଲୋକଙ୍କୁ ଆବାସ ଗୃହ ନ ମିଳିବା, ପାନୀୟ ଜଳର ବନ୍ଦୋବସ୍ତ ଆଦି ନ ଥିବା ଦେଖି ବ୍ଲକ ପ୍ରଶାସନ ଉପରେ ବିରକ୍ତି ପ୍ରକାଶ କରିଥିଲେ । ଲୋକଙ୍କୁ ତୁରନ୍ତ ମୌଳିକ ସୁବିଧା ଯୋଗାଇ ଦେବାକୁ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ୍ କରିଥିଲେ । ଗସ୍ତ ସମୟରେ ଚକାପାଦ ବିଡିଓ ଅନୀଲ କୁମାର ପଟ୍ଟନାୟକ, ଥାନାଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଏବଂ ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଚକାପାଦ ବ୍ଲକ ବେହେରାଗାଁ ପଞ୍ଚାୟତ ଲାଣ୍ଡାପାଜୁ ଗାଁରେ ପାଖାପାଖି ୬୦ ଘର ଅଛି । ଲୋକସଂଖ୍ୟା ୪୦୦ରୁ ଊର୍ଦ୍ଧ୍ୱ ହେବ । ଆଜି ପର୍ଯ୍ୟନ୍ତ ଏହି ଗାଁ କୁ ରାସ୍ତାଟିଏ ନାହିଁ। ଗାଁକୁ ଯିବାକୁ ହେଲେ ପାହାଡ ଏବଂ ନଦୀ ଅତିକ୍ରମ କରିବାକୁ ପଡୁଛି । କିଛି ଦିନ ହେବ ଗ୍ରାମକୁ ଯିବା ଲାଗି ପାହାଡ କାଟି ରାସ୍ତା ହେଉଥିଲା । ମାତ୍ର ଲଗାଣ ବର୍ଷା ଯୋଗୁଁ ପାହାଡ କଟା ଯାଇଥିବା ଅନେକ ସ୍ଥାନରେ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି । ସେଠାରେ ବଡ ବଡ ଖାଲ ସହ ପଥୁରିଆ ହୋଇଯାଇଛି । ଏହା ଛଡା ଗାଁ କୁ ୭ ରୁ ୮ କିଲୋମିଟର ଲମ୍ବି ରହିଥିବା ଚଲାରାସ୍ତାରେ ମଧ ଅନେକ ସ୍ଥାନରେ ବଡ ବଡ ଗାତ ସୃଷ୍ଟି ହୋଇଛି। ଯାହାକୁ ପାର ହୋଇ ଯିବା ସମ୍ଭବ ନୁହେଁ । ଅଧିକ ବର୍ଷା ହେଲେ ପାହାଡ଼ି ନଦୀର ସ୍ରୋତ ପ୍ରଖର ହୁଏ । ନଦୀ ପାର ହୋଇ ଲୋକେ ଯାତାୟତ କରି ପାରନ୍ତି ନାହିଁ । ପାଣି କମିବା ଯାଏ ଏହି ଗ୍ରାମ ବାହ୍ୟ ଜଗତରୁ ବିଛିନ୍ନ ହୋଇ ରୁହେ । ଖାଦ୍ୟ ସାମଗ୍ରୀ ମିଳେ ନାହିଁ। ରାସନ ସାମଗ୍ରୀ ଆଣିବାକୁ ହେଲେ ଗାଁରୁ ୧୮ କିଲୋମିଟର ଦୂର ଟିକାବାଲି ସହର ଉପରେ ଗ୍ରାମବାସୀଙ୍କୁ ନିର୍ଭର କରିବାକୁ ପଡେ । ଗର୍ଭବତୀ ମହିଳାମାନେ ମେଡିକାଲ ଯାଇ ନ ପାରି ଗ୍ରାମରେ ପ୍ରସବ କରିବାକୁ ବାଧ୍ୟ ହୁଅନ୍ତି। ଅନେକ ସମୟରେ ପ୍ରସୂତି ଏବଂ ନବଜାତକଙ୍କ ମୃତ୍ୟୁ ମଧ ଘଟିଥାଏ ।

**ଧରିତ୍ରୀ ପ୍ରଭାବ**

**ଲାଣ୍ଡାପାଜୁରେ ଡିଏଲଏସ୍ଏ ପ୍ରତିନିଧି ଦଳ**



ଗ୍ରାମବାସୀଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ଶିକ୍ଷକ ସଂଘର ଦାବିପତ୍ର

**ନୂଆଗାଁ ୩।୧୨ (ଡି.ଏନ.ଏ)**

ନୟାଗଡ ଜିଲା ନୂଆଗାଁ ବ୍ଲକ ପ୍ରାଥମିକ ଶିକ୍ଷକ (ଏକ୍ସକ୍ୟାଡର) ସଂଘ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆଗାଁ ବ୍ଲକର ୧୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ନୂଆଗାଁ କଲେଜ ପଡିଆଠାରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ସହ ବଜାର ଦେଇ ବିଇଓଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲେ। ସରକାର ଏକ୍ସ-କ୍ୟାଡର ସହ ଓଟିଇଟି ଉଚ୍ଛେଦ କରି ସମସ୍ତ ଯୋଗ୍ୟ ଗଣଶିକ୍ଷକଙ୍କୁ ନିୟମିତ କରିବା ସହ ଅବଶିଷ୍ଟ ଗଣ ଶିକ୍ଷକଙ୍କ ଦରମା ବୃଦ୍ଧି କରାନ୍ତୁ, ସମସ୍ତ ଏକ୍ସ କ୍ୟାଡର ଶିକ୍ଷକଙ୍କୁ ବନ୍ଦ ଥିବା ଇନକ୍ରିମେଣ୍ଟ ପ୍ରଦାନ କରାଯାଉ, ଅର୍ଥ ବିଭାଗର ସରକୁଲାର ଅନୁଯାୟୀ ଏକ୍ସ କ୍ୟାଡର ଶିକ୍ଷକମାନଙ୍କ ଦରମା ଟ୍ରେଜେରୀ ମାଧମରେ ପ୍ରଦାନ କରାଯିବା, ବକେୟା ଥିବା ବଶିଷ୍ଟ ଅବଧିର ମ୍ୟାଚିଙ୍ଗ ଗ୍ରାଣ୍ଟ ପ୍ରଦାନ କରାଯାଉ। ସିଆରସିସି ଚୟନ ପ୍ରକ୍ରିୟାରେ ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ ସାମିଲ କରିବାର ସୁଯୋଗ ପ୍ରଦାନ କରାଯାଉ। ତତ୍‌ସହିତ ଏକ୍ସ କ୍ୟାଡର ଶିକ୍ଷକମାନଙ୍କୁ ପୂଜା ପାର୍ବଣ ଅଗ୍ରିମ, ଚିକିତ୍ସା ଖର୍ଚ୍ଚ ଆଦି ପ୍ରଦାନ କରିବାକୁ ଦାବି ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରକାଶ କୁମାର ବେହେରା , ସଂପାଦକ ସୁଧୀରଞ୍ଜନ ପରିଡାଙ୍କ ସମେତ ଅନ୍ୟ ଶିକ୍ଷକମାନେ ସାମିଲ ହୋଇ ବ୍ଲକ ଶିକ୍ଷାଧିକାରୀଙ୍କ ଦାୟିତ୍ୱରେ ଥିବା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର କରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରିଥିଲେ ।



ଶିକ୍ଷକ ସଂଘ ଦାବିପତ୍ର ପ୍ରଦାନ କରୁଛନ୍ତି।

# ବ୍ଲକ ନିର୍ବାଚିତ ପ୍ରତିନିଧି ସଂଘର ଆଲୋଚନା ସଭା

**ଦିଗପହଣ୍ଡି,୩।୧୨(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ନିର୍ବାଚିତ ପ୍ରତିନିଧି ସଂଘର ଆଲୋଚନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଙ୍କୋରଡା ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସଭାରେ କଇଁଠଖଣ୍ଡି ସରପଞ୍ଚ ତଥା ସଂଘ ସଭାପତି ମନୋରଞ୍ଜନ ଗୌଡ ସଭାପତିତ୍ୱ କରିଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। ହିତାଧିକାରୀଙ୍କ ଭତ୍ତା ମଞ୍ଜୁର ପାଇଁ ଦାୟିତ୍ୱରେ ଥିବା କର୍ମଚାରୀମାନେ ଭତ୍ତା ପିଛା ୫ ପ୍ରତିଶତ ଅର୍ଥ ସ୍ଥାନୀୟ ସରପଞ୍ଚମାନଙ୍କୁ ହାତଗୁଞ୍ଜା ମାଗୁଥିବା ନେଇ ସବିଶେଷ ଆଲୋଚନା କରାଯିବା ସହ ଏନେଇ ସଭାରେ ଉଦବେଗ ପ୍ରକାଶ ପାଇଥିଲା। ସଂଘର ଉପଦେଷ୍ଟା ତଥା ଜକର ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, ପଞ୍ଚାୟତ ନିର୍ବାଚନରେ ସାଧାରଣ ଜନତା ନିର୍ବାଚିତ ପ୍ରତିନିଧିମାନଙ୍କ ଉପରେ ଆସ୍ଥା ପ୍ରକଟ କରି ନିର୍ବାଚିତ କରିଛନ୍ତି। ତେଣୁ ସେମାନଙ୍କ ବିଭିନ୍ନ କାର୍ଯ୍ୟରେ ପ୍ରାଧାନ୍ୟ ଦେବା ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ପ୍ରଥମ କର୍ତ୍ତବ୍ୟ। ଅନ୍ୟପକ୍ଷରେ ବ୍ଲକ ଅନ୍ତର୍ଗତ ଯେକୌଣସି କାର୍ଯ୍ୟକ୍ରମରେ ସମିତି ସଭ୍ୟମାନଙ୍କୁ ସାମିଲ କରିବାକୁ ଅବଗତ କରାଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ତଥା ଏମ୍. ନିରଞ୍ଜନ ରେଡ୍ଡୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ, ସଂଘର ସମ୍ପାଦକ ସନ୍ତୋଷ କୁମାର ଦୋରା, ଶିଶିର ପ୍ରଧାନ, ସଂଘର ଉପଦେଷ୍ଟା ବି.କ୍ରିଷ୍ଣାରାଓ ସୁବୁଦ୍ଧି, ସରପଞ୍ଚ ବିଜୟ କୁମାର ପ୍ରଧାନ, ରଞ୍ଜନ କୁମାର ସାହୁ, ବି . ଲିଙ୍ଗରାଜ ଦୋରା, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ଚିତ୍ରସେନ ଗୌଡ଼, ସୀମାଞ୍ଚଳ ଗୌଡ, ପ୍ରଦୀପ କୁମାର ସେଠୀ, ଏମ୍ .ସନ୍ତୋଷ କୁମାର ସମେତ ବହୁ ସଂଖ୍ୟକ ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟମେଳାରେ ୩ ଶହ ରୋଗୀଙ୍କ ଚିକିତ୍ସା

**ଭାପୁର, ୩।୧୨(ଡି.ଏନ.ଏ)**

ଭାପୁର ବ୍ଲକ ଅନ୍ତର୍ଗତ ଧାନଚାଙ୍ଗଡା ପଞ୍ଚାୟତ ଅଧିନ ମହୁଲବେରଣା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ସହଯୋଗରେ ଏକ ସ୍ୱାସ୍ଥ୍ୟ ମେଳା ଧାନଚାଙ୍ଗଡ଼ା ଗ୍ରାମ ବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଭାପୁର ଗୋଷ୍ଠୀ କେନ୍ଦ୍ର ଡା. ପ୍ରଦୀପ କୁମାର ପାଇକରାୟ, ସରପଞ୍ଚଙ୍କ ପ୍ରତିନିଧି ମୁନା ବିଶ୍ୱାଳ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ଡା. ଅଶୋକ କୁମାର ମଲ୍ଲିକ, ଅଶୋକ କୁମାର ସାହୁ ଉପସ୍ଥିତ ଥିଲେ। ଏହି ମେଳାରେ ୩ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ମାଗଣାରେ ଔଷଧ ନେଇଥିଲେ। ନିଜେ ଉପାଧକ୍ଷ ନିଜର ସ୍ୱାସ୍ଥ୍ୟ କାର୍ଡ ଗ୍ରହଣ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହାକୁ ପରିଚାଳନା କରିଥଲେ, ମହୁଲବେରଣା ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପଶ୍ରୀ ସାହୁ। ମହୁଲବେରଣା ବହୁମୁଖି ସ୍ୱାସ୍ଥ୍ୟକର୍ମୀ ଲକ୍ଷ୍ମୀ ସାହୁ, ସୁନୀତା ସାହୁଙ୍କ ସମେତ ସମସ୍ତ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟ ଓ ଆଶା କର୍ମୀମାନେ ସହଯୋଗ କରିଥିଲେ।

## ନୀଳମାଧବ ପୀଠରେ ଗୀତାଯଜ୍ଞ

**ଖଣ୍ଡପଡା,୩।୧୨(ସ୍ୱ.ପ୍ର.)**

ଆମର ପାରମ୍ପରିକ ହିନ୍ଦୁ ପଞ୍ଜିକା ଅନୁଯାୟୀ ମାର୍ଗଶୀର ଶୁକ୍ଳପକ୍ଷ ଏକାଦଶୀରେ ପାଳିତ ହୁଏ ଗୀତା ଜୟନ୍ତୀ। ଏହି ଅବସରରେ ଶନିବାର ମାର୍ଗଶୀର ଏକାଦଶୀ ତିଥିରେ କଣ୍ଟିଲୋ ନୀଳମାଧବ ପୀଠ ଭୋଗ ମଣ୍ଡପଠାରେ ପୂଜକ ସମାଜ ପକ୍ଷରୁ ପାରମ୍ପରିକ ରୀତିରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଭୋଗ ମଣ୍ଡପକୁ ବିଜେ କରାଯାଇଥିଲା। ବିଶ୍ୱ କଲ୍ୟାଣ ନିମନ୍ତେ ସମ୍ପନ୍ନ ହେଉଥିବା ଏହି ଉତ୍ସବରେ ଗୀତାଯଜ୍ଞ କରାଯାଇଥିଲା। କର୍ତ୍ତା ଭାବେ ପ୍ରଦୀପ୍ତ କୁମାର କର, ଶ୍ରୀକାନ୍ତ ମିଶ୍ର, ବୈଦିକ ପୁରୋହିତ ପ୍ରଦୀପ୍ତ କୁମାର କର, ଆଚାର୍ଯ୍ୟ ରାଶେଶ୍ୱର ମିଶ୍ର, ରବିନ୍ଦ୍ର ନାଥ ମିଶ୍ର ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସୂଚନାଯୋଗ୍ୟ, କୁରୁକ୍ଷେତ୍ର ଯୁଦ୍ଧ ବେଳେ ଆଜିର ଦିନରେ ଭଗବାନ ଶ୍ରୀକୃଷ୍ଣ, ସଖା ଅର୍ଜୁନଙ୍କୁ ଗୀତା ଶୁଣାଇଥିବା ବିଶ୍ୱାସ କରାଯାଏ। ଗୀତା ହେଉଛି ଭଗବାନଙ୍କ ମୁଖ ନିଃସୃତ ଓ ଏହା ପୃଥିବୀର ସର୍ବଶ୍ରେଷ୍ଠ ଧର୍ମଗ୍ରନ୍ଥ, ଯାହାକୁ ଅନ୍ୟ ଧର୍ମାବଲମ୍ବୀମାନେ ମଧ ଶ୍ରଦ୍ଧାର ସହିତ ପାଠ କରିଥାନ୍ତି। ଏହି ତତ୍ତ୍ୱପୂର୍ଣ୍ଣ ଗ୍ରନ୍ଥରେ ଯାହା କୁହାଯାଇଛି, ତାହାକୁ ଗ୍ରହଣ କରି ମନୁଷ୍ୟ ଜୀବନ ସାର୍ଥକ ହୋଇଥାଏ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**ଛତ୍ରପୁର,୩।୧୨(ଡି.ଏନ.ଏ )**

ଗଞ୍ଜାମ ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାସଂଘର ଗୋଟିଏ ରାଲି ବିଭିନ୍ନ ପ୍ରକାରର ଭିନ୍ନକ୍ଷମ ସଚେତନତା ସ୍ଲୋଗାନ ଦେଇ ଭିକାରି ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାମୀୟାପଲ୍ଲୀ ଗ୍ରାମ ପରିକ୍ରମା କରିଥିଲା। ଏହି ରାଲିକୁ ଗଞ୍ଜାମ ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ ଡଃ. କେ. ଆନନ୍ଦ ରାଓ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସମର୍ଥ ଆବାସିକ ବିଦ୍ୟାଳୟର ସମ୍ମିଳନୀ ପ୍ରକୋଷ୍ଠ ଗୃହରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ-୨୦୨୨ ଉପଲକ୍ଷେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଭିନ୍ନକ୍ଷମ ଲୋକମାନେ ଯୋଗଦାନ କରିଥିଲେ। ଜିଲା ଶାରୀରିକ ଭିନ୍ନକ୍ଷମ କଲ୍ୟାଣ ମହାସଂଘର ସାଧାରଣ ସମ୍ପାଦକ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋପାଳପୁର ସ୍ଥିତ ଅଖିଳ ଭାରତୀୟ ମାରୱାଡି ମହିଳା ସମ୍ମିଳନୀର ଅଧକ୍ଷା ତଥା ଇନେରଭୀଲ କ୍ଲବ ଅଫ ବ୍ରହ୍ମପୁର ବ୍ରାଇଟ୍ସର ସଭାନେତ୍ରୀ ସୀମା ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାସଂଘର ଏହିଭଳି କାର୍ଯ୍ୟକୁ ପ୍ରଶଂସା କରିବା ସହ ଭିନ୍ନକ୍ଷମମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରାଯାଏ ତେବେ ସେମାନେ ମଧ ଭାରତର ଅର୍ଥନୀତିରେ ଅଂଶୀଦାର ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସରପଞ୍ଚ ମଥୁରା ସୁବୁଦ୍ଧି ଯୋଗଦେଇ ଭିନ୍ନକ୍ଷମତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସମର୍ଥ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗିତ ପରିବେଷଣ କରିଥିଲେ। ଶେଷରେ ମହାସଂଘର ସାଧାରଣ ସମ୍ପାଦକ ଡଃ. ରାଓ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ଶିକ୍ଷକ ସଂଘର ଦାବିପତ୍ର

**ପାତ୍ରପୁର,୩।୧୨(ଡି.ଏନ୍.ଏ.)**

ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ (ଏକ୍ସ-କ୍ୟାଡର) ଡାକରାକ୍ରମେ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଶନିବାର ୮ଦଫା ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷକ ସଂଘ ସଭାପତି ରାମ ଗୋପାଳ ପାଢ଼ୀଙ୍କ ନେତୃତ୍ୱରେ ପଦଯାତ୍ରା କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ ମିଳିତ ସଙ୍ଘ ସମ୍ପାଦକ ଶଶାଙ୍କ କୁମାର ପ୍ରଧାନ, ଏଲିମେଣ୍ଟେରୀ ଶିକ୍ଷକ ସଂଘ ସଭାପତି ଏମ.ରାମାରାଓ, ଜିଲାସ୍ତରୀୟ ଶିକ୍ଷକ ସଂଘ ନେତା ନିଶାମଣି ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଧାନ କରିଥିଲେ।

## ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ



**ଭାପୁର , ୩।୧୨ (ଡି.ଏନ.ଏ.)**

ଭାପୁର ବ୍ଲକ ବଜାର ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଏବିଡିଓ ସରୋଜ କୁମାର ନାୟକ, ଅତିରିକ୍ତ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ୬ଟି ହୁଇଲ ଚେୟାର, ଗୋଟିଏ ଟ୍ରାଇ ସାଇକେଲ ସମେତ କିଟ୍ ବ୍ୟାଗ ଏବଂ ରୋଲେଟର ଆଦିପ୍ରଦାନ କରାଯାଇଥିଲା। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଉତ୍ତମ ବ୍ୟବହାର, ଠିକ୍ ଶିକ୍ଷା ଏବଂ ବିଭିନ୍ନ ଉପାୟ ଅବଲମ୍ବନ କରି କିଭଳି ସକ୍ଷମ କରାଯାଇପାରିବ ସେ ଦିଗରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ୮୦ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସମେତ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

# ମହିଳା କବାଡ଼ି ଟୁର୍ନାମେଣ୍ଟ, ବୁଗୁଡ଼ା ପିପୁଲ୍ସ କଲେଜ ଚାମ୍ପିୟନ

**ବୁଗୁଡ଼ା,୩।୧୨(ଡି.ଏନ୍.ଏ.)**

ବାଲିପଦର ଆଞ୍ଚଳିକ ବିଜ୍ଞାନ ଡିଗ୍ରୀ କଲେଜ ପକ୍ଷରୁ ଆୟୋଜିତ ଚତୁର୍ଦ୍ଦଶ ଆନ୍ତଃ-ମହାବିଦ୍ୟାଳୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଦ୍ୱିଦିବସୀୟ ଟୁର୍ନାମେଣ୍ଟରେ ୧୩ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ବୁଗୁଡା ପିପୁଲ୍ସ କଲେଜ ଓ ଦିଗପହଣ୍ଡି ଖେମୁଣ୍ଡି କଲେଜ ଦଳ ଫାଇନାଲକୁ ଯାଇଥିଲେ। ଫାଇନାଲ୍ ମ୍ୟାଚରେ ବୁଗୁଡ଼ା ଦଳ ୬୪-୧୩ ପଏଣ୍ଟରେ ଦିଗପହଣ୍ଡିକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ରେଫରୀ ଭାବେ କ୍ରୀଡା ଶିକ୍ଷକ କ୍ରିଷ୍ଣାରାଓ ପାତ୍ର, ଏମ୍. ଶ୍ରୀନିବାସ ଦୋରା, ଶ୍ରୀକର ମାଝୀ, ହରିହର ବିଶ୍ୱାଳ ପ୍ରମୁଖ ନିୟୋଜିତ ଥିଲେ। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧକ୍ଷ ଡ. ବିବେକାନନ୍ଦ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ବ୍ଲକ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ବାଲିପଦର ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ, ତହସିଲଦାର ସଂଗ୍ରାମ କେଶରୀ ଜେନା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିନିଧି ରବି ମିଶ୍ର ଓ କାମେଶ୍ୱର ରାଓ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଟୁର୍ନାମେଣ୍ଟର ବିଜେତା ପିପୁଲ୍ସ କଲେଜ ଦଳକୁ ଚାମ୍ପିୟନ ଟ୍ରଫି ଏବଂ ଉପବିଜେତା ଖେମୁଣ୍ଡି କଲେଜ ଦଳକୁ ରନର୍ ଟ୍ରଫି ପ୍ରଦାନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ଉକ୍ତ ଟୁର୍ନାମେଣ୍ଟର ସୁପରିଚାଳନାରେ କଲେଜର କ୍ରୀଡା ସଂସ୍ଥା ଉପସଭାପତି ଏ.ଜିତେସ୍ ରାଓ ଦୋରା, କ୍ରୀଡ଼ା ଶିକ୍ଷକ ଭଞ୍ଜ କିଶୋର ଗୌଡ଼, ଟିମ୍ ମ୍ୟାନେଜର ମିନତି ଆଚାରୀ ଓ କର୍ମଚାରୀ ନବଘନ ପ୍ରଧାନ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।




ଚାମ୍ପିୟନ ଟିମ୍ ଗହଣରେ ଅତିଥି ।



ପ୍ରଥମ ପୃଷ୍ଠାରୁ...

## ଡେବ୍ରିଗଡ଼ ଅଭୟାରଣ୍ୟରେ...

ଘଟଣା ସମ୍ପର୍କରେ ବନ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ଯାଞ୍ଚ କରିବା ପରେ ଶନିବାର ଘଟଣା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ମହାବଳର ପାଦଚିହ୍ନ ଓ ଖଞ୍ଜାଯାଇଥିବା ସିସିଟିଭିକୁ ମଧ୍ୟ ଯାଞ୍ଚ କରାଯାଇଥିଲା। ବାଘର ବୟସ ଜଣାପଡି ନ ଥିବା ବେଳେ ପ୍ରାପ୍ତ ବୟସର ଓ ଏହା ଅଣ୍ଡିରା ବାଘ ବୋଲି ଜଣାପଡ଼ିଥିବା ଦାଶ କହିଛନ୍ତି। ଏହି ବାଘ ପୂର୍ବରୁ ଅଭୟାରଣ୍ୟରେ ନ ଥିଲା। ତେଣୁ ପଡ଼ୋଶୀ ରାଜ୍ୟ କିମ୍ବା ରାଜ୍ୟର କୌଣସି ଅଭୟାରଣ୍ୟରୁ ଆସିଥିବା ସନ୍ଦେହ କରାଯାଉଛି।

ସୂଚନାଯୋଗ୍ୟ, ସାତକୋଶିଆ, ଶିମିଳିପାଳ ଭଳି ସମ୍ବଲପୁରରେ ରହିଛି ଡେବ୍ରିଗଡ଼ ଅଭୟାରଣ୍ୟ। ହୀରାକୁଦ ଜଳଭଣ୍ଡାର ପାର୍ଶ୍ୱରେ ରହିଛି ଘଞ୍ଚ ଜଙ୍ଗଲ। ଯାହାକି ବନ୍ୟ ପ୍ରାଣୀ ଓ ପକ୍ଷୀମାନଙ୍କ ରହିବା ପାଇଁ ଉପଯୁକ୍ତ ସ୍ଥାନ। ଏହାସହ ଡେବ୍ରିଗଡ଼ ଅଭୟାରଣ୍ୟ ପର୍ଯ୍ୟଟନସ୍ଥଳୀର ସ୍ୱତନ୍ତ୍ର ମାନ୍ୟତା ପାଇଛି। ଓଟିଡିସି ପକ୍ଷରୁ ଏହା ପରିଚାଳନା କରାଯାଉଛି। ପର୍ଯ୍ୟଟକଙ୍କ ରହିବା ପାଇଁ ପ୍ରାକୃତିକ ପରିବେଶ ଭିତରେ କଟେଜଗୁଡିକ ନିର୍ମାଣ କରାଯାଇଛି। ଏହାସହ ସାଇକ୍ଲିଂ, ବୋଟିଂ, ଟ୍ରାକିଙ୍ଗ ଭଳି ସୁବିଧା ରହିଛି। ଏହି ପର୍ଯ୍ୟଟନସ୍ଥଳୀକୁ ବର୍ଷ ତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଆସନ୍ତି। ଏପରି କି ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଶମ୍ବର, ହରିଣ, ମୟୂର, ଗଣ୍ଡା, ଗୟଳ, ବାର୍ହା, କୋକିଶିଆଳି, ହେଟାବାଘ, ହାତୀ ଭଳି ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀ ଦେଖିବାକୁ ମିଳିଥାଏ। ୫ ବର୍ଷ ପୂର୍ବରୁ ଏଠାରେ ଏକ ମହାବଳ ବାଘ ଦେଖିବାକୁ ମିଳିଥିଲା। ବାର୍ହା ଶିକାର କରିବା ପାଇଁ ଶିକାରୀମାନେ ବିଛାଇଥିବା ବିସ୍ଫୋରକ ଦ୍ୱାରା ମୁହଁରେ ଆଘାତ ଲାଗି ମହାବଳର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ଅଭୟାରଣ୍ୟ ମହାବଳ ବାଘଶୂନ୍ୟ ହୋଇଯାଇଥିଲା। ପୁଣି ମହାବଳ ବାଘ ଦେଖା ଦେବା ପରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଡେବ୍ରିଗଡ଼ ଅଭୟାରଣ୍ୟରେ ବନ ବିଭାଗ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ସୁଯୋଗ ସୃଷ୍ଟି କରିଛି। ୪ଟି ଗ୍ରାମବାସୀଙ୍କୁ ନେଇ କମିଟି ଗଠନ କରାଯାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସଫାରି ଗାଡ଼ି ଚଳାଇବା, ଟିକେଟ କାଉଣ୍ଟରରେ କାମ କରିବା ଓ ଗାଇଡ ଭାବେ ମଧ୍ୟ ନିଯୁକ୍ତି କରାଯାଇଛି। ସ୍ଥାନୀୟ ଏସ୍ଏଚ୍‌ଜି ମହିଳାମାନେ ହସ୍ତତନ୍ତ, ହସ୍ତଶିଳ୍ପ ତିଆରି ସାମଗ୍ରୀଗୁଡ଼ିକ ବିକ୍ରୀ କରୁଛନ୍ତି। ଯାହାକି ପର୍ଯ୍ୟଟକଙ୍କ ମନ ମୋହୁଛି।

## ପୋଷଣ ଅଭାବ...

ରୋଗରେ ଆକ୍ରାନ୍ତ ହେଉଥିବାବେଳେ ସେମାନଙ୍କୁ ଚୂନାମାଛ ଉପଯୁକ୍ତ ନ୍ୟୁଟ୍ରିଶନ୍ ଯୋଗାଇବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଅନ୍ୟ ମାଛ ତୁଳନାରେ ସମୁଦ୍ର ଓ ହ୍ରଦଗୁଡ଼ିକରେ ଉପଲବ୍ଧ ପେଲିଜିକ୍ ଫିସ୍‌ରେ ଦୁଇଗୁଣା ସେଲେନିଅମ୍, ଓମେଗା-୩ ଏସିଡ୍, ଜିଙ୍କ୍, ଆଇରନ୍ ଓ କ୍ୟାଲ୍‌ସିୟମ ରହିଛି। ହେରିଙ୍ଗ୍, ସାରଡିନ୍ ଏବଂ ଆଙ୍କୋଭିଜ୍ ଫିସ୍‌ସବୁ ପେଲିଜିକ୍ ଫିସ୍‌ରେ ଅନ୍ତର୍ଭୁକ୍ତ। ସମୁଦ୍ରର ଉପରିଭାଗରେ ବହୁଳ ଭାବେ ଏହି ବିଶେଷ ପ୍ରକାର ମାଛ ମିଳୁଥିବାବେଳେ ଏଠାରେ ୭୨% କମ୍ ପୋଷକ ତତ୍ତ୍ୱ ଥିବା ମାଛ ମିଳିଥାନ୍ତି। ଆଫ୍ରିକାର ଉପ-ସାହାରୀୟ ଶିଶୁଙ୍କଠାରେ ପୋଷଣର ଘୋର ଅଭାବ ଦେଖାଯାଉଥିବାବେଳେ ଚୂନାମାଛ ଏହି ଅସୁବିଧାକୁ ଦୂର କରିପାରିବ। ଅନ୍ୟପକ୍ଷେ ଛୋଟ ପିଲାଙ୍କ କ୍ଷେତ୍ରରେ ଚୂନାମାଛ ଖାଇବା ସହଜ ହୋଇଥାଏ। ଏଭଳି ମାଛ ମାଇକ୍ରୋନ୍ୟୁଟ୍ରିଶନ୍ ଡେଫିସିଏନ୍ସିକୁ ପୂରଣ କରିପାରିବ ବୋଲି ଲାନକାଷ୍ଟର ୟୁନିଭର୍ସିଟିର ବରିଷ୍ଠ ପ୍ରଫେସର ଜେମ୍ସ ରବିନସନ ସୂଚନା ଦେଇଛନ୍ତି।

ନ୍ୟୁୟର୍କ ଭେଟେରିନାରି ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର କ୍ୟାଥରିନ୍ ଫିଓରେଲାଙ୍କ ମତରେ ଲଘୁ ତଥା ମଧ୍ୟମ ଆୟକାରୀ ଦେଶଗୁଡ଼ିକ ଚୂନାମାଛ କିଣିବା ପାଇଁ ସକ୍ଷମ। ୩୯ ଦେଶରେ ଉପଲବ୍ଧ ୨,୩୪୮ ପ୍ରଜାତିର ମାଛକୁ ନେଇ ଅର୍ଥନୀତି ଏବଂ ପୋଷଣଭିତ୍ତିରେ ବିଶେଷଜ୍ଞ ଏହି ଅଧ୍ୟୟନ କରିଛନ୍ତି। ଛୋଟମାଛ ପାଇଁ ଆବଶ୍ୟକତାଠାରୁ ଅଧିକ ମାଛ ଧରିବାକୁ ପଡ଼ିବ (ଓଭର୍ ଫିସିଙ୍ଗ୍), ଯାହା ଫଳରେ ଅନ୍ୟ ଜୀବଙ୍କ ଖାଦ୍ୟ, ମାଛ ତେଲ ପ୍ରସ୍ତୁତକାରୀ ସଂସ୍ଥା ପ୍ରଭାବିତ ହେବା ଆଶଙ୍କା ରହିଛି।

## ବାଲେଶ୍ୱରରେ ପାଗଳା...

ସେକ ଅନାଦୁଲ୍ଲା, ସେକ ଅବଦୁଲ୍ଲା, ସେକ୍ କାଦିର, ତୁମରୁନ ବିବି, ସେକ ପିଆଉଦ୍ଦିନ, ସେକ୍ ଇଦ୍ରିସ ଓ ସୃଷ୍ଟିଧର ଦେଙ୍କ ଭଳି ମୋଟ ୨୨ଜଣଙ୍କୁ ଆକ୍ରମଣ କରିଥିଲା। ଏଥିରେ ଲୋକମାନେ ଭୟଭୀତ ହୋଇ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। କୁକୁରର ଏମିତି ଉତ୍ପାତ ଦେଖି ଲୋକମାନେ ଛାନିଆ ହୋଇଯାଇଥିଲେ। ଆହତ ବ୍ୟକ୍ତି ଓ ପିଲାମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକମାନେ କୁକୁରକୁ ପିଟି ପିଟି ମାରିଦେଇଛନ୍ତି। କୁକୁର କାମୁଡ଼ାରେ ଆହତ ସେଖ କାଦର କହିଛନ୍ତି, କୁକୁରଙ୍କ ଏଭଳି ଉତ୍ପାତ ପାଇଁ ପ୍ରଶାସନ ଦାୟୀ। ବୁଲା କୁକୁରଙ୍କ ପାଇଁ କିଛି ବ୍ୟବସ୍ଥା କରାଯାଉ ନ ଥିବାରୁ ବିଭିନ୍ନ ସମୟରେ ଲୋକେ ଆକ୍ରମଣର ଶିକାର ହେଉଛନ୍ତି।

# ଗଛକୁ ପିଟିଲା କାର୍, ଚାଲିଗଲା ୪ ଜଣଙ୍କ ଜୀବନ: ଜଣେ ଗୁରୁତର

**ଡାବୁଗାଁ, ୩।୧୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ସରାଗୁଡା ଛକ ନିକଟ ୩୯ନଂ. ରାଜ୍ୟ ରାଜପଥରେ ଶୁକ୍ରବାର ମଧ୍ୟରାତ୍ରିରେ ଏକ ଦୁର୍ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ମୃତକମାନେ ହେଲେ ଗାଦବାଗୁଡା ଗ୍ରାମର ଶେଖ୍ ସଦ୍ଦାମ(୨୮), ରବୀନ ସେନ ହିଆଲ (୨୮), ସେନାପତି ସାହିର ସାଇଦାନ ବେନିଆ (୨୮), ପାପଡ଼ାହାଣ୍ଡି ବ୍ଲକ ପ୍ରଧାନିଗୁଡା ଗ୍ରାମର ଅନଶ୍ୱର ଖାନ (୨୭)। ଦୁର୍ଘଟଣାରେ ପାପଡ଼ାହାଣ୍ଡିର ଶକ୍ତି ଖାନ (୨୫) ଗୁରୁତର ଥିବାରୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ତାଙ୍କ ଚିକିତ୍ସା ଚାଲିଛି।

କୌଣସି କାର୍ଯ୍ୟ ଲାଗି ଏକ କାର୍ (ଓଡି-୧୦କେ-୭୮୬) ଯୋଗେ ନବରଙ୍ଗପୁରରୁ ଉମରକୋଟ ଅଭିମୁଖେ ଯାଉଥିଲେ। ଡାବୁଗାଁ ଥାନା ଅଧୀନ ସରାଗୁଡା ଛକ ନିକଟରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ସଦ୍ଦାମ, ରବୀନ ଓ ସାଇଦାନଙ୍କ ମୃତ୍ୟୁ ହାଇଯାଇଥିଲା। ଅନଶ୍ୱର ଓ ଶକ୍ତିଙ୍କୁ ଗୁରୁତର ଅବସ୍ଥାରେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅନ୍‌ଶରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏନେଇ ଡାବୁଗାଁ ଥାନା ପୋଲିସ କେସ୍ ନଂ. ୧୮୮/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ଡାବୁଗାଁ ଥାନାଧିକାରୀ ପ୍ରମୋଦ କୁମାର ନାୟକ ସୂଚନା ଦେଇଛନ୍ତି।

# ଦୋଷୀଙ୍କୁ ଆଜୀବନ ଜେଲ

**ରାଇରଙ୍ଗପୁର, ୩।୧୨(ଡି.ଏନ୍.ଏ.)**

ଜମିବାଡ଼ି ବିବାଦରୁ ହତ୍ୟା

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟରେ ଏକ ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ବିଚାରପତି ଦିପକ କୁମାର ମାମଲାର ବିଚାର କରି ଅଭିଯୁକ୍ତ ସୁନାରାମ ଟୁଡୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଜରିମାନା କରିଛନ୍ତି ଓ ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ବିଶୋଇ ଥାନା ଅଧୀନ ଅନ୍ଧାରଝେରୀ ଗ୍ରାମର ଛୋଟରାୟ ଟୁଡୁ ଓ ସୁନାରାମ ଟୁଡୁଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ୨୦୨୦ ମେ’ ୧୫ ରାତିରେ ଛୋଟରାୟ ଘରେ ଶୋଇଥିବା ବେଳେ ସୁନାରାମ ତାଙ୍କ ଘରେ ପଶି ଏକ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ. ୪୦/୨୦୨୦) ରୁଜୁ କରି ସୁନାରାମଙ୍କୁ କୋର୍ଟଚାଲାଣ କରିଥିଲା। ୧୭ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାର କରି ଜଜ୍ ଉକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନ୍‌ଜୀବୀ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।


GOVERNMENT OF ODISHA — No. A-811

**DEPARTMENT OF WATER RESOURCES**

**OFFICE OF THE ADDITIONAL CHIEF ENGINEER, EASTERN CIRCLE-II, CHANDIKHOLE**

email ID: seec2chandikhole@gmail.com

**"e" Procurement Notice No. ACE, EC-II 04 of 2022-23 (Online)**

| | | | |
|---|---|---|---|
| 1 | Name of the works | 1 | Improvement & Renovation of existing canal system of Mahanadi Delta (Major & Medium Project) for stabilization of Lost Ayacut under Kendrapara Irrigation Division (Improvement to Disty. No. 16 and 18 with its system of Kendrapara Canal Package No. 22) |
| | | 2 | Improvement & Renovation of existing canal system of Mahanadi Delta Stage - 1 (Major & Medium Project) for stabilization of Lost Ayacut under Kendrapara Irrigation Division, Kadua Minor, Simalda Minor, Tarapur Minor, Dist. No. 1 & 2 of G. Canal, Jagnnathpur Minor, Tunupur Minor & 15 (A) Minor Gahaga C/R of Kendrapara Canal (Package No. 24) |
| | | 3 | Protection & Improvement to Kharasuan right flood bank of village Argal Cut |
| | | 4 | Protection to scoured bank on Balikuda Niali TRE of river Kelua left from RD 727 mtr. to 1787 mtr. |
| | | 5 | Scoured bank Protection and restoration to Kelua left Embankment from Village Chandamohini to Nalakula |
| 2 | Total No. of Packages | : | 05 Nos. individual packages |
| 3 | Tender Cost | 1 | Rs.172.63 Lakh (Approximately) |
| | | 2 | Rs.233.70 Lakh (Approximately) |
| | | 3 | Rs.232.51 Lakh (Approximately) |
| | | 4 | Rs.401.26 Lakh (Approximately) |
| | | 5 | Rs.461.62 Lakh (Approximately) |
| 4 | Cost of Bid Document (Non refundable) | : | Rs.10,000.00 (Online payment) for each Package |
| 5 | Bid Security | : | "Bid Security Declaration" is to be furnished as per Finance Department Office Memorandum No. 8484/F dated 05.04.2022. The bids without "Bid Security Declaration" will be summarily rejected. |
| 6 | Class of Contractor | 1 | "B" & "A" for Pacakge No. 1, 2 & 3 |
| | | 2 | "A" for Package No. 4 & 5 |
| 7 | Period of Completion | 1 | 06 (Six) Calendar Months for All Packages |

8. Other details are as follows:

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Additional Chief Engineer, Eastern Circle-II, Chandikhole | ACE, EC-II KID 04 of 2022-2<br>ACE, EC-II KID 05 of 2022-23<br>ACE, EC-II JPD 02 of 2022-23<br>ACE, EC-II JKID 01 of 2022-23<br>ACE, EC-II JKID 02 of 2022-23 | 05.12.2022 at 10.00 hrs. | 24.12.2022 upto 17.00 hrs. | 26.12.2022 at 11.30 hrs. |

9. e-mail id: **seec2chandikhole@gmail.com**

Further detailed conditions can be seen from the Govt. website **www.tendersorissa.gov.in.**

OIPR-32322/11/0006/2223 — **Sd./- Additional Chief Engineer, Eastern Circle-II, Chandikhole**



**ODISHA POLICE**

**DG & IG of Police, Odisha, Cuttack**

**E-AUCTION SALE**

No.D-233:- Bids from interested vendors are invited for the auction of Condemned Police Vehicles of Odisha Police department through MSTC as per the following details:

| Sl. No. | Name of Item | E-Auction No. | Date & time of Auction | Location of the Material |
|---|---|---|---|---|
| 1 | Condemned Police Vehicle | 28145 | 09.12.2022/ 13.00 to 16.00 | Different Location of District Police/ Unit Headquarters and Battalion Headquarter in Odisha |
| 2 | Tyre, Tube, Flaps, Misc. Scrap Items and unserviceable Batteries | 29783 | 12.12.2022/ 13.00 to 16.00 | |

Interested Bidder may log on to the Website of MSTC LIMITED i.e. **www.mstcindia.co.in** & **www.mstcecommerce.com** after registration with MSTC Portal.

**Sd./- A.I.G. of Police (Provisioning), Odisha, Cuttack**

OIPR-12029/11/0044/2223



**GOVERNMENT OF ODISHA**

**OFFICE OF THE EXECUTIVE ENGINEER N.H. DIVISION, KESINGA**

e-mail ID: eenh.ksng@gmail.com

**Bid Identification No. 07/EENH/KSNG/2022-2023**

No. b-31: The Executive Engineer, NH Division, Kesinga on behalf of Governor of Odisha invites percentage rate bids in **Single Cover System** to be received in online mode for Drain Work.

1. No. of work : 01 No.
2. Nature of work : Drain Work
3. Class of Contractor : B
4. Approximate value of work (Excluding GST) : Rs.47,24,363.00
5. Tender Cost : Rs.6,000/-
6. Available of Bid documents in Online : From 11.00 hours of 05.12.2022 to 17.00 hours of 14.12.2022
7. Date of Opening of Bid in Online : 11.00 hours on Dt.15.12.2022
8. Other details can be seen in the bidding documents from the e-procurement portal **"https://tendersodisha.gov.in"**.
9. Any Corrigendum/Addendum will be displayed in the above e-procurement portal.

**Sd./- Executive Engineer, NH Division, Kesinga**

**OIPR-34018/11/0005/2223**



**ODISHA HYDRO POWER CORPORATION LTD.**

(A Government of Odisha Undertaking)

OHPC **OFFICE OF THE SENIOR GENERAL MANAGER (ELECTRICAL)**

**UPPER KOLAB HYDRO ELECTRIC PROJECT**

**AT/P.O. : BARINIPUT; DIST. : KORAPUT - 764006**

PHONE : (06854) 242001, FAX: - (06854) 242038, e-mail: sgmel_ukhep@ohpcltd.com

**NOTICE INVITING TENDER No. 40/2022-23 date: 01.12.2022**

**No. CAD-3973:-** Sealed tenders in duplicate are invited from Reputed Registered Firms having minimum 5 (five) years of experience in the field of diving works in large Hydro Power Stations for Under Water Diving & Salvage Works for Upper Kolab Power House.

The firm should have at least 5 Nos of competent divers having at least 05 (five) years of diving experience in Hydro Power Stations. The firm should have valid GST Registration Certificate, IT PAN & requisite certificate from recognize diving institute etc.

| Sl. No. | Description of Work | Estimated Cost | Cost of Tender Specification (Non-Refundable) | EMD in shape of Bid Security Declaration Form |
|---|---|---|---|---|
| 1 | Under water diving & Salvage Works of Upper Kolab Power House | Rs.2,44,800/- | Rs.2360/- (Rs.2000/- + 18% GST) | Bid security declaration form duly filled and signed |

Sale of tender Paper : From **08.12.2022** to **11.00 Hrs.** of **22.12.2022**.

Last date of submission of tender : **12.00 Hrs.** of **22.12.2022.**

Date & Time of opening of tender : **12.30 Hrs.** of **22.12.2022.**

For details of the tender documents, Terms & Conditions, corrigendum etc. please visit our website **www.ohpcltd.com**.

OIPR-04002/11/0069/2223 — **Sd./- C&P Head, UKHEP, Bariniput**



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୩୭୯ — **ବିଜ୍ଞାପନ** — ତା:୨୨।୧୧।୨୨

No. CAD-3983: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର, ଷଷ୍ଠ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଭି.ଆଇ.ଏମ୍.-୬୮୫ (VIM-685) ଟିକୁ ଗାୟତ୍ରୀ ମିଶ୍ର, ପି.: ୰ବରଦାକାନ୍ତ ମିଶ୍ର, ପ୍ଲଟ ନଂ. ଏନ୍-୩/୩୩୩, ପୋ.: ଆଇ.ଆର୍.ସି. ଭିଲେଜ୍, ଥା: ନୟାପଲ୍ଲୀ ଭୁବନେଶ୍ୱରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଗାୟତ୍ରୀ ମିଶ୍ର ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଶ୍ରାବଣୀ ସ୍ୱାଗତିକା, ସ୍ୱା.: ସତ୍ୟବ୍ରତ ମିଶ୍ର, ଗ୍ରା.: ପୁରୁଣା ମକଦମସାହି, ପୋ.: ବାଲକାଟି, ଥା: ବାଲିଅନ୍ତା ଜି.: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା’ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

**OIPR-13030/11/0426/2223**



**Office of the Superintending Engineer, Khurda Irrigation Division, Khurda**

Dist.- Khurda, Odisha, Pin-752056

Email-eekhurdairrigationdivision@gmail.com

Tel/ Fax -06755-296075

**QUOTATION CALL NOTICE No. 04/2022-23**

No. A-806:- Sealed quotations are invited in the prescribed format from the interested reputed Travel Agents / Tour Operators having valid Registration under GST Act for providing vehicles with driver, which shall confirm to the following terms and conditions for O/o Superintending Engineer, Khurda Irrigation Division, Khurda for official use on Monthly Basis.

| | |
|---|---|
| Name of the Work | Hiring of Private Vehicle for official use of Asst. Executive Engineer, Salia Irrigation Project, for the period of 15.12.2022 to 31.03.2023. |
| Purpose | For use of Asst. Executive Engineer, Salia Irrigation Project. |
| Paper Cost (Non-Refundable) | Rs. 100/- (Rupees One Hundred) only. |
| Security Deposit (Refundable) | Rs. 5,000.00/- (Rupees Five Thousand) only in shape of N.S.C./Postal Deposit / K.V.P./ TDR duly pledged in favour of **Superintending Engineer, Khurda Irrigation Division, Khurda** |
| Date & Time for availability of quotation format | 05.12.2022 to 14.12.2022 up to 03.30 PM (O/o the Superintending Engineer, Khurda Irrigation Division, Khurda) |
| Last Date & Time for submission | 14.12.2022 up to 03.30 PM. (O/o the Superintending Engineer, Khurda Irrigation Division, Khurda) |
| Date & Time of Opening | 14.12.2022 at 04.00 PM. (in the O/o the Superintending Engineer, Khurda Irrigation Division, Khurda) |

**Sd./- Superintending Engineer, Khurda Irrigation Division, Khurda**

OIPR-32078/11/0011/2223



**OFFICE OF THE DIVISIONAL FOREST OFFICER, BRAHMAPUR FOREST DIVISION**

At/P.O.: Courtpeta Square, Brahmapur, Dist.: Ganjam (Odisha) - 760004

Phone/Fax Number: 0680 2281354

E-mail id: dfo.berhampur@odisha.gov.in

No. 399/01F-120/2022, Dated, Brahmapur the 30th November, 2022

**NOTIFICATION**

No. MM-319: This is for information of all concerned that, the following Forest Roads of Brahmapur Forest Division in the District of Ganjam will remain closed to traffic on 30th December, 2022 from Zero hour to 24 hours in accordance with the Rules, 284 of the Odisha Forest Department Code, 2020. The movement of traffic on the date and time as specified above will be in violation of Section, 26 of Odisha Forest Act, 1972 and hence will be liable for prosecution.

| Sl. No. | Name of the Forest Road | Name of the Range | Length (in Kms.) |
|---|---|---|---|
| 1 | Khandalabandha to Bhaliaguda | Brahmapur | 3.2 |
| 2 | Ramaguda to Baradhangidi | Brahmapur | 2.0 |
| 3 | Kamarada to Haripur | Digapahandi | 2.0 |
| 4 | Burubandha to Mahulapada | Digapahandi | 5.0 |
| 5 | PWD Road to Central Nursery, Digapahandi | Digapahandi | 1.0 |
| 6 | PWD Road to Central Nursery, K. Nuagaon | Digapahandi | 0.6 |
| 7 | Narayani to Panikhol | Khalikote | 1.0 |
| 8 | Jarada to Hukuma | Samantiapalli | 7.4 |
| 9 | Turubudi to Jhagadapalli | Samantiapalli | 2.5 |
| TOTAL | | | 24.7 |

**Sd./- (Amlan Nayak)**

**Divisional Forest Officer, Brahmapur Division**

**OIPR-08038/11/0033/2223**



**OFFICE OF THE MUNICIPAL COUNCIL, SONEPUR**

**"e" Procurement Notice**

BID Identification No.: SNP-MUN-09/2022-23

**TENDER ID: 2022_ORULB_83812**

Tender Call Notice No. 3485 / Date: 01.12.2022

No. C-1685: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in Govt. website i.e. **www.tendersodisha.gov.in**.

1. Name of the work — As per DTCN
2. No. of Works — 07 Nos.
3. Amount put to Tender — As per DTCN
4. Period of Completion — As per DTCN
5. Starting Date & Time of Bidding — From Dt.02.12.2022 from 11.00 A.M.
6. Last date & time for receipt of tenders through online — On or before Dt.12.12.2022 upto 05.00 P.M.
7. Bids received online shall be opened on — On Dt.13.12.2022 at 11.00 A.M.
8. Name and address of the Officer Inviting Bid — Executive Officer, Sonepur Municipality

Further details can be seen from the procurement portal i.e. **www.tendersodisha.gov.in**.

**Sd./- Executive Officer, Sonepur Municipality**

OIPR-13098/11/0041/2223



**OFFICE OF THE ROURKELA MUNICIPAL CORPORATION, ROURKELA**

**INVITATION FOR BID**

**No. 15823** — **Dated: 30.11.2022**

**Bid Identification No. MC/RMC/96/2022**

No. C-1690: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Single Cover on online mode. Bid Identification No. MC/RMC/96/2022 for 03 Nos. Civil work with value of Rs.7.68 lakh to Rs.20.99 lakh.

1. Bid documents will be available in website **www.tendersorissa.gov.in** from 01.12.2022.
2. Bids must be submitted on "Online" on or before 06.12.2022 by 17.00 hours.
3. Bids shall be opened at 11.00 hours on 07.12.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner, Rourkela Municipal Corporation**

OIPR-13131/11/0140/2223



**ORISSA STATE AIDS CONTROL SOCIETY (OSACS)**

(Department of Health & Family Welfare), Government of Odisha

**No. 3869/OSACS** — **Date: 02.12.2022**

**EXPRESSION OF INTEREST FOR CHARTERED ACCOUNTANT FIRMS**

No. E-695: Expression of Interest (EoI) is invited from different CAG empanelled Chartered Accountant Firms to conduct the Statutory audit of **Orissa State AIDS Control Society (OSACS)** & Internal Audit of NGOs & Peripheral Units functioning under OSACS for the **Financial Years 2022-23, 2023-24 & 2024-25** respectively.

The details are available in the website **www.osacs.nic.in** & **www.odisha.gov.in** which can be downloaded for use. Interested parties may submit their EoI super scribing **"EoI for Statutory Audit of OSACS"** and **"EoI for Internal Audit of NGOs & Peripheral Units of OSACS"** separately to the undersigned through Speed Post/Registered Post/Courier Services only which should reach on or before 3.00 P.M. of 26.12.2022 positively. The undersigned reserves the right to reject any or all the tender without assigning any reason thereof.

**Sd./- Project Director, Orissa State AIDS Control Society**

(Department of Health & Family Welfare), Govt. of Odisha 2nd Floor, Oil Orissa Building, F-Nayapalli, Bhubaneswar-12

OIPR-10009/11/0012/2223



**OFFICE OF THE DIVISIONAL FOREST OFFICER BOUDH FOREST DIVISION, BOUDH**

Phone/Fax No. 06841-222073, e-mail: dfo.boudh@odisha.gov.in

**NOTIFICATION**

No. MM-314: This is for the information of all concerned that the following Forest Roads of Boudh Forest Division in the District of Boudh will remain closed to traffic on 31.12.2022 from Zero hour to 24 hours in accordance with the Rule - 284 of the Odisha Forest Department Code, 1979. The movement of traffic on the above date as specified will be violation of Section 26 of Odisha Forest Act 1972 hence will be liable for prosecution.

| Sl. No. | Name of Forest Road | Length in Kms |
|---|---|---|
| 1. | Narayana Prasad - Baragochha | 13.0 |
| 2. | Chancher - Palasagora | 32.0 |
| 3. | Malikud - Sindhugora | 35.0 |
| 4. | Tilpanga - Lumberjuna | 10.00 |
| 5. | Tendapadar - Udamunda | 10.00 |
| 6. | Udamunda - Padam | 5.00 |
| 7. | Padam - Denken | 7.0 |
| 8. | Udamunda - Padam (Ext.) | 4.0 |
| 9. | Tilpanga - Kuakunda | 6.0 |
| 10. | Kuakunda - Maltigochapada | 3.0 |
| 11. | Debagarh - Samapaju | 5.0 |
| 12. | Biragarh - Madikula | 6.0 |
| 13. | Kusanga - Gandapaju | 22.40 |
| 14. | Adenigarh - Baisapada | 15.60 |
| 15. | Talagaon - Kantisara | 3.30 |
| 16. | Talagaon - Damkutch | 2.80 |
| 17. | Bhapur - Satakhanda | 5.10 |
| 18. | Ranisahi - Satakhanda | 10.00 |
| 19. | Adenigarh - Khuntapada | 16.00 |
| 20. | Katchapaju - Chhatrang | 5.0 |
| 21. | Adenigarh - Katchpaju | 3.0 |
| 22. | Talagaon - Ranisahi | 2.00 |
| 23. | Sankulai - Palasakutuni | 4.00 |
| | Total | 225.2 K.M. |

**Sd./- Divisional Forest Officer, Boudh Division**

**OIPR-08090/11/0008/2223**



**NATIONAL HEALTH MISSION, Deogarh ZILLA SWASTHYA SAMITI, Deogarh**

**Advt. No. 4966/2022-23/Deogarh** — **Date- 28.11.2022**

**Request for Proposal (RFP) for Operation of Mechanized Laundry Services With Supply of Bed sheets on outsourcing under Nirmal**

No.E-694:- Sealed proposals as per the prescribed RFP document are invited from interested eligible bidders for operation of the Mechanized Laundry services at the designated health institutions (FRUs) of the districts. The eligibility criteria, the detail requirement for operation of Mechanized Laundry services and the formats for submission of proposals are set forth in the following RFP documents which can be downloaded from the district website **www.Deogarh.nic.in**

Interested bidders fulfilling the eligibility criteria may submit their proposal **separately** (with **EMD & documents** as set forth in this RFP) to the office of the Chief District Medical & Public Health Officer, Deogarh. The detail address for submission of proposal is mentioned in the RFP document. The Proposal should reach to the office of the CDM&PHO (by Speed post/ Registered post only) on or before 17.12.2022 till 12 Noon. The technical proposal shall be opened on 19.12.22 at 11.30 AM. The date of opening of the financial proposals will be intimated by the CDM & PHO to the bidders only found successful in the technical bid evaluation.

The Authority reserves the right to reject any or all the proposals without assigning any reason thereof.

**Sd./- CDM&PHO-cum-DMD, Deogarh**

OIPR-10113/11/0017/2223



**DEPARTMENT OF WATER RESOURCES**

**EXECUTIVE ENGINEER, MINOR IRRIGATION DIVISION, GANJAM - II, BERHAMPUR**

Engineering School Road, Berhampur - 760010

**No. A-807** — **E-mail: mi2_exe.engr@yahoo.co.in**

**REQUEST FOR BIDS (RFB) E-Procurement Notice**

**ABSTRACT OF E-PROCUREMENT NOTICE**

**RFB No. OIIPCRA-W2-GM-II-2/2022-23** — **Date: 29.11.2022**

| | |
|---|---|
| Name of the Work | Civil Construction Works (Rehabilitation of Minor Irrigation Projects under OIIPCRA). |
| Total No. of Work | 21 Minor Irrigation Projects. |
| Estimate Cost of Work(s) | Varies approximately from Rs.3.27 lakhs to Rs.81.74 lakh (Total estimated cost of the 21 Nos. of works Rs.596.87 lakh) |
| Cost of Bid Document | Free of Cost |
| Time for Completion | Refer to DTCN |
| Availability of Bid Documents | From 03.12.2022 at 10.00 hrs. to 03.01.2023 upto 15.00 hrs. in the e-procurement website |
| Date of Pre Bid Meeting | 14.12.2022 from 11.30 hrs. to 14.00 hrs. as per Para - 7 of DTCN |
| Period of receipt of Bid(s) | From 03.12.2022 at 10.00 hrs. to 03.01.2023 upto 15.00 hrs. |
| Payment of Bid Cost/Bid Security | Shall be paid online through the e-procurement portal of Govt. of Odisha |
| Date of opening of the Technical Bid | On dated 03.01.2023 at 15.30 hrs. |
| Date of opening of Financial Bid | To be intimated online after offline evaluation of Technical Bid |
| Details about the tender | Available in website **www.dowrodisha.gov.in** and **www.tendersodisha.gov.in** |
| Name/Address of the OIT | Executive Engineer, M.I. Division, Ganjam II, Berhampur, in front of Depaul School, Engineering School Road, Berhampur, PIN - 760010 |

**N.B.:** Due to unavoidable circumstances and error in BOQ the tender invited vide this office Bid Id No. OIIPCRA-W2-GM-II-1/2022-23 Dtd.10.11.2022 is hereby cancelled.

**Sd./- 29.11.2022, Executive Engineer M.I. Division, Ganjam-II, Berhampur**

**OIPR-32043/11/0005/2223**

# ଆନ୍ଧ୍ର ପକ୍ଷରୁ ନିର୍ମିତ ସ୍କୁଲ ଗୃହ ଭୁଶୁଡ଼ିଲା



ଭୁଶୁଡ଼ି ପଡ଼ିଥିବା ସ୍କୁଲଗୃହ।

ପଟ୍ଟାଙ୍ଗି,୩।୧୨(ଡି.ଏନ.ଏ.)

ସୀମାନ୍ତ ଗ୍ରାମରେ କିପରି ଉନ୍ନତ ଶିକ୍ଷାଦାନ କରି ଓଡ଼ିଶା ଶିକ୍ଷା ବ୍ୟବସ୍ଥାକୁ ବାଟମଣା କରିହେବ ସେହି ଲକ୍ଷ୍ୟରେ ଆନ୍ଧ୍ର ସୀମାନ୍ତ ଗ୍ରାମରେ ନିର୍ମାଣ କରିଥିବା ସ୍କୁଲଗୃହ ହଠାତ୍ ଭୁଶୁଡ଼ିପଡ଼ିଛି। ତେବେ ଦୁର୍ଘଟଣାରୁ ଛାତ୍ରୀଛାତ୍ରମାନେ ବର୍ତ୍ତିଯାଇଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ତଥା ପଡ଼ୋଶୀ ଆନ୍ଧ୍ର ସୀମାକୁ ରହିଥିବା କୋଟିଆ ପଞ୍ଚାୟତର ୨୧ଖଣ୍ଡ ଗ୍ରାମକୁ ଆନ୍ଧ୍ର ସରକାର ଅକ୍ତିଆର କରି ରଖି ସମ୍ପୃକ୍ତ ଗ୍ରାମଗୁଡ଼ିକରେ ଶିକ୍ଷା,ରାସ୍ତାଘାଟ, ପାନୀୟଜଳ, ବାର୍ଦ୍ଧକ୍ୟ ଭତ୍ତା, ଯୋଗାଣ ସାମଗ୍ରୀ ବଣ୍ଟନକରି ନିଜ ସପକ୍ଷରେ ଲୋକଙ୍କୁ ନେବାକୁ ଅଦ୍ୟାବଧି ଉଦ୍ୟମ ଜାରି ରଖିଛି। ତେବେ ଫାଟୁସିନେରି ଗ୍ରାମରେ ଆନ୍ଧ୍ର ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ବାଟବଣା କରିବାକୁ ନିର୍ମାଣ କରିଥିବା ସ୍କୁଲଗୃହ ହଠାତ୍ ଭୁଶୁଡ଼ିପଡ଼ିଛି। ଉକ୍ତ ଗ୍ରାମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏକ ସ୍ଥାୟୀ ସ୍କୁଲଗୃହ ରହିଥିବା ବେଳେ ଉକ୍ତ ସ୍କୁଲ ଗୃହ ସମ୍ମୁଖରେ ଆନ୍ଧ୍ର ର ମାନ୍ୟମ ପାର୍ବତୀପୁରମ ଜିଲା ପ୍ରଶାସନ ସହାୟତାରେ ସାଲୁର ବ୍ଲକ ପ୍ରଶାସନ ପକ୍ଷରୁ ଏକ ସ୍କୁଲଗୃହ ନିର୍ମାଣ କରିଥିଲା। ଏହା ଶନିବାର ହଠାତ୍ ଭୁଶୁଡ଼ିପଡ଼ିଛି। ଏହି ସମୟରେ ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ କିଛି କ୍ଷତି ହୋଇନାହିଁ। ଏ ସମ୍ପର୍କରେ ଫାଟୁସିନେରି ସରପଞ୍ଚ ଏବଂ ସେତେବେଳେ ସ୍କୁଲଗୃହ ନିର୍ମାଣ ଦାୟିତ୍ୱ ନେଇଥିବା ଉକ୍ତ ଗ୍ରାମର ଲୋକେ ସାଲୁର ବ୍ଲକ ଶିକ୍ଷା ଅଧିକାରୀ ଭି.ମାଲେଶ୍ୱର ରାଓଙ୍କୁ ଜଣାଇଛନ୍ତି।

# ସନ୍ଦେହ ଘେରରେ ସମିତିସଭ୍ୟାଙ୍କ ମୃତ୍ୟୁ

ମାର୍ଶାଘାଇ, ୩।୧୨ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଞ୍ଚଳର ପଞ୍ଚାୟତ ମାଟିଆସାହିରେ ଦୁମୁକା ପଞ୍ଚାୟତ ସମିତିସଭ୍ୟା ଗୀତା ପ୍ରଧାନଙ୍କ ମୃତଦେହ ଶୁକ୍ରବାର ବିଳମ୍ବିତ ରାତିରେ ଜବତ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଏହା ସନ୍ଦେହଜନକ ମୃତ୍ୟୁ ବୋଲି ଗୀତାଙ୍କ ଭାଇ ଭଦ୍ରକ ଜିଲା ଉତ୍କିଡି ଗାଁର ଜଗା ପ୍ରଧାନ କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ମାଟିଆସାହିର ବାବୁଲି ପ୍ରଧାନ ତାଙ୍କ ଭଉଣୀଙ୍କୁ ୭ ବର୍ଷ ପୂର୍ବେ ଦ୍ୱିତୀୟ ବିବାହ କରିଥିଲେ। ସେମାନଙ୍କର ୬ ବର୍ଷର ଝିଅ ଅଛି। ବିବାହ ପରଠାରୁ ପରିବାରରେ ସର୍ବଦା କଳିଗୋଳ ଲାଗୁଥିଲା। ଗତ ରାତିରେ ଗୀତା ଘରେ ଦଉଡି ମାଧ୍ୟମରେ ଝୁଲି ମରିଥିବା ଖବର ମିଳିବା ପରେ ମାଟିଆସାହି ଆସିଥିଲି। ପାରିପାର୍ଶ୍ୱିକ ସ୍ଥିତି ଅନୁଯାୟୀ, ଗୀତାଙ୍କ ମୃତ୍ୟୁ ଘଟଣାରେ ସନ୍ଦେହ ଥିବା ସେ ଗଣମାଧ୍ୟମକୁ ବୟାନ ଦେଇଛନ୍ତି। ଏ ସମ୍ପର୍କରେ ତଦନ୍ତ ଅଧିକାରୀ ଲୋଭାବତୀ ସାହୁ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଅପମୃତ୍ୟୁ ମାମଲା (ନଂ. ୩୦/୨୨) ରୁଜୁ ହୋଇଛି। ଏବେ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ।

# ନୌସେନାରେ ଅଧିକ ସଂଖ୍ୟାରେ ମହିଳାଙ୍କୁ ସୁଯୋଗ ଦିଆଯିବ

ନୂଆଦିଲ୍ଲୀ,୩।୧୨



ଆଡମିରାଲ ଆର୍. ହରି କୁମାର

ଭାରତୀୟ ନୌସେନାରେ ଏଣିକି ଅଧିକ ସଂଖ୍ୟାରେ ମହିଳାଙ୍କୁ ସୁଯୋଗ ଦିଆଯିବ ବୋଲି ଶନିବାର ବାର୍ଷିକ ଖବରଦାତା ସମ୍ମିଳନୀରେ ଯୋଗଦେଇ ନୌସେନା ମୁଖ୍ୟ ଆଡମିରାଲ ଆର୍. ହରି କୁମାର କହିଛନ୍ତି। ଅଗ୍ନିବୀର ଯୋଜନା ଅନ୍ତର୍ଗତ ନୌସେନାରେ ମୋଟ ୩,୦୦୦ ଯବାନ ସାମିଲ ହେବାକୁ ଥିବାବେଳେ ସେଥିମଧ୍ୟରୁ ୩୪୧ ଜଣ ମହିଳା ରହିବେ। ପୁରୁଷ ସେଲରମାନଙ୍କୁ ଯେଉଁଭଳି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ସମାନ ପ୍ରକାର ଟ୍ରେନିଂ ମହିଳାମାନଙ୍କୁ ମଧ୍ୟ ଦିଆଯିବ। ଏଥିସହ ମହିଳା ଅଧିକାରୀଙ୍କ ଡ୍ୟୁଟି ନୌସେନା ବେସ୍ ଛଡ଼ା ଜାହାଜ ଓ ଏୟାରକ୍ରାଫ୍ଟରେ କରିବାକୁ ପଡ଼ିବ। ଖାଲି ସେଲର ନୁହେଁ ମହିଳାଙ୍କୁ କେତେଟି ଅଫିସର ପଦର ଦାୟିତ୍ୱ ପ୍ରଦାନ କରାଯିବାର ଯୋଜନା ରହିଛି। ୨୦୪୭ ସୁଦ୍ଧା ଭାରତୀୟ ନୌସେନା ସମ୍ପୂର୍ଣ୍ଣଭାବେ ଆତ୍ମନିର୍ଭର ହୋଇଯିବ। ଯୁଦ୍ଧାସ୍ତ୍ର ପାଇଁ ଅନ୍ୟ ଦେଶ ଉପରେ ଭାରତକୁ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ। ଅନ୍ୟପକ୍ଷେ ଭାରତ ମହାସାଗରୀୟ କ୍ଷେତ୍ର (ଆଇଓଆର୍)ରେ ଚାଇନାର ଗତିବିଧି ଉପରେ ନୌସେନା ଯବାନଙ୍କ କଡ଼ା ନଜର ରହିଥିବା ନାଭି ଚିଫ୍ ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ନୌସେନାରେ ପ୍ରଚଳିତ ହେଉଥିବା ପୁରୁଣା ନିୟମ, ଯାହା ହାତକଡ଼ି ଭଳି ଯବାନଙ୍କ ହାତକୁ ବାନ୍ଧି ରଖିଥିଲା ସେସବୁ ଖୁବ୍ ଶୀଘ୍ର ବଦଳାଯିବ ବୋଲି ଆର୍. ହରି କୁମାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଚାନ୍ଦା ଆଦାୟକୁ ନେଇ ଜୁନିୟର ଛାତ୍ରଙ୍କୁ ରାଗିଂ ଅଭିଯୋଗ

## କଲେଜରେ ପୋଲିସର ତଦନ୍ତ, ଶୃଙ୍ଖଳା କମିଟିରେ ହେଲାନି ସମାଧାନ

## ସୋମବାର ପୁଣି ବସିବ ବୈଠକ

ଖଲ୍ଲିକୋଟ,୩।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଆର୍‌ସିଏମ୍ (ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟ) କଲେଜର ବାର୍ଷିକ ଉତ୍ସବ ଚାନ୍ଦା ଆଦାୟକୁ ନେଇ ଜଣେ ସିନିୟର ଛାତ୍ର ଅଣ ଛାତ୍ରଙ୍କ ସହ ମିଶି ଜୁନିୟର ଛାତ୍ରଙ୍କୁ ରାଗିଂ କରିଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ କଲେଜରେ ଶୃଙ୍ଖଳା କମିଟି ବୈଠକ ବସିଥିଲା। ଏଥିରେ କୌଣସି ସମାଧାନ ନ ହେବାରୁ ପୁଣି ସୋମବାର ବୈଠକ ଅନୁଷ୍ଠିତ ହେବ ବୋଲି କଲେଜ ଅଧକ୍ଷ ବିମଳ ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଆର୍‌ସିଏମ୍ କଲେଜରେ ହେବାକୁ ଥିବା ବାର୍ଷିକ ଉତ୍ସବ ପାଇଁ ଜଣେ ସିନିୟର ଛାତ୍ର ଜୁନିୟର ଛାତ୍ରଙ୍କୁ ବିଧାୟିକାଙ୍କଠାରୁ ୨୦ ହଜାର ଟଙ୍କା ଆଣିବାକୁ କହୁଥିଲେ। ଜୁନିୟର ଛାତ୍ର ଜଣକ ବିଜୁ ଛାତ୍ର ଜନତା ଦଳର କନ୍‌ଭେନର ଥିବାରୁ ତାଙ୍କୁ ଚାନ୍ଦା ଆଣିବାକୁ ସିନିୟର ଛାତ୍ର ଚାପ ପ୍ରୟୋଗ କରୁଥିଲେ। କିନ୍ତୁ ସରକାରୀ କଲେଜରେ ବାର୍ଷିକ ଉତ୍ସବ ପାଇଁ ବିଧାୟିକା କାହିଁକି ଚାନ୍ଦା ଦେବେ ବୋଲି ଜୁନିୟର ଛାତ୍ର ପ୍ରଶ୍ନ କରିଥିଲେ। ଏହାକୁ ନେଇ କଲେଜ ପରିସରରେ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପରେ ସିନିୟର ଛାତ୍ର ଜଣକ ଜୁନିୟର ଛାତ୍ରଙ୍କୁ ରାଗିଂ କରିଥିଲେ। ଏ ନେଇ ଜୁନିୟର ଛାତ୍ର ଏକ ଅଭିଯୋଗପତ୍ର କଲେଜର ଗ୍ରୀଭାନ୍ସ ବକ୍ସରେ ପକାଇଥିଲେ। ଶନିବାର ପୂର୍ବାହ୍ନରେ ପୀଡ଼ିତ ଛାତ୍ର ଅନ୍ୟ କେତେଜଣ ଛାତ୍ରଙ୍କ ସହ ଖଲ୍ଲିକୋଟ ଥାନାକୁ ଯାଇ ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କୁ ଏତଲା ପ୍ରଦାନ କରି ଆକ୍ରମଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଥିଲେ। ଅନ୍ୟପଟେ ଏତଲା ପାଇବା ପରେ ଆଇଆଇସିଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଦେବାଶିଷ ମିଶ୍ର କଲେଜରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ।

# ସାତପଡ଼ାରୁ ପାରାଦୀପ ସାଇକେଲ ଶୋଭାଯାତ୍ରା

- ୨୫ ଜଣିଆ ଟିମ୍‌କୁ ବାଲିକୁଦାରେ ସ୍ୱାଗତ
- ପରିବେଶ ସୁରକ୍ଷା ପାଇଁ ବାଣ୍ଟୁଛନ୍ତି ସଚେତନତା ବାର୍ତ୍ତା

ବାଲିକୁଦା,୩।୧୨(ସ୍ୱ.ପ୍ର.)

ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏକ ସାଇକେଲ ଶୋଭାଯାତ୍ରା ନଭେମ୍ବର ୨୫ରେ ପୁରୀ ଜିଲା ସାତପଡ଼ାଠାରୁ ବାହାରି ପାରାଦୀପ ପର୍ଯ୍ୟନ୍ତ ଯାତ୍ରା କରୁଛି। ଡିସେମ୍ବର ୫ରେ ଶେଷ ହେବାକୁ ଥିବା ଏହି ଶୋଭଯାତ୍ରାରେ ଆନ୍ଧ୍ର, କର୍ଣ୍ଣାଟକ, କେରଳ, ଓଡ଼ିଶା ଓ ଚେନ୍ନାଇରୁ ୨୫ ଜଣ ପରିବେଶବିତ୍ ସାମିଲ ହୋଇଛନ୍ତି। ବାଲିକୁଦା ବ୍ଲକରେ ଶନିବାର ଏହି ଶୋଭଯାତ୍ରା ଦଳ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଛି। ଅଳକା ସୁରକ୍ଷା ଅଭିଯାନ 'ସନ', ଅଳାଭର ସାମାଜିକ ଯୁବ ସଂଗଠନ ଓ ଦିବ୍ୟଜ୍ୟୋତି ମହିଳା ମହାସଂଘ ଏବଂ ବଡ଼ଗାଁ ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସଂଯୁକ୍ତା ପରିଡ଼ା, ସୁନୀତା ସେଠୀ, ଚୁନିଲତା ବେହେରା, ମାନସ ପରିଡ଼ା, କୃଷ୍ଣଚନ୍ଦ୍ର ଲେଙ୍କା, ରତ୍ନାକର ନାୟକ, ପ୍ରକାଶ ରାୟ, ହରିଶ୍ଚନ୍ଦ୍ର ଶତପଥୀ, ମହିଳା ସମାଜର କୃଷ୍ଣପ୍ରିୟା ମହାପାତ୍ର ,କେଲୁଚରଣ ସାହୁ ପ୍ରମୁଖ ଏହି ଶୋଭଯାତ୍ରୀ ଦଳକୁ କନିକା ଛକଠାରୁ ନାରଦିଆ ଛକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ଥିବା ବଜ୍ରରଙ୍ଗବାଲି ମିଠା ଦୋକାନ ନିକଟରେ ସନ୍‌ର ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇ ପରିବେଶ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସାମାଜିକ ଯୁବ ସଂଗଠନର ୪୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏଥିରେ ସାମିଲ ହୋଇ ସାଇକେଲ ଶୋଭାଯାତ୍ରାକାରୀ ଦଳକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶୋଭଯାତ୍ରୀ ଦଳ କହିଛନ୍ତି, ପୃଥିବୀକୁ ଧ୍ୱଂସ କବଳରୁ ରକ୍ଷା କରିବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଅସନ୍ତୁଳିତ ପରିବେଶ ଯୋଗୁ ବନ୍ୟା, ବାତ୍ୟା ମରୁଡ଼ି ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ମାଡ଼ି ଆସୁଛି। ଏହାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଦେବା ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି ସେମାନେ କହିଛନ୍ତି।


SPECIAL HANDLOOM EXPO - 2022
ସ୍ୱତନ୍ତ୍ର ହସ୍ତତନ୍ତ ମେଳା - ୨୦୨୨
Ekamra Haat, Unit -III, Bhubaneswar
Upto 14.12.2022, Time : 11.00 AM to 9.00 PM
AVAIL SPECIAL GOVT. DISCOUNT
Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.
Sponsored by
Handlooms, Textiles & Handicrafts Department
Government of Odisha



## NOTIFICATION

No. MM-322: This is for information of all concerned that the following Forest Roads of Nabarangpur Forest Division will remain closed on 30th December, 2022 from Zero hours to 24 hours in accordance with Rule 284 of Orissa Forest Department Code, 1979. The movement of traffic of the date and time specified above will be in violation of Section 26 of Orissa Forest Act, 1972 and hence will be liable for prosecution.

| Sl. No. | Name of the Forest Road | Name of the Range | Length in KM |
|---|---|---|---|
| 1 | Beheda - Banipadar | Umerkote | 30.30 |
| 2 | Ganjapara - Hatigam | Raighar | 14.00 |
| 3 | Khalibeda - Badakumuli | Kodinga | 10.00 |
| 4 | Maidalpur - Gudupanipadar | Dabugaon | 15.80 |
| 5 | Papadahandi - Naktiguda | Nabarangpur | 1.20 |
| 6 | Jharigaon - Sanatemera | Jharigaon | 27.20 |
| 7 | Tarabeda - Chandahandi | Jharigaon | 14.00 |
| | TOTAL | | 112.50 |

Sd./- Divisional Forest Officer
Nabarangpur Forest Division
OIPR-08018/11/0003/2223

GOVERNMENT OF ODISHA No. O-1378

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

NATIONAL COMPETITIVE BIDDING THROUGH e-Procurement
Bid Identification No. Online Tender / 59-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 59-2022-23/BPR | Building Works | 01 No. | Rs.94.45 lakhs | "B" Class as applicable | 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 59-2022-23/BPR | 06.12.2022 at 10.00 A.M. | 20.12.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha, But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: www.tendersodisha.gov.in.
OIPR-25071/11/0095/2223 Sd./- P.K. Jena, Chief Construction Engineer, R.W. Circle, Berhampur

## OFFICE OF THE MUNICIPAL COUNCIL, BHAWANIPATNA

No. 4769/BPM Date: 29.11.2022

### Expression of Interest (EOI) to Lease out the Shop Room of Smart Park at Bhawanipatna Municipality

No. C-1691: Bhawanipatna Municipality invites Expression of Interest (EOI) in the Prescribed Format (Annexure - I) in sealed cover from the intending Person/**Mission Shakti Group (MSG)**/Agency to lease out the shop room of **Smart Part at Bhawanipatna** on monthly rental basis. The detail of shop rooms as given below.

| Shop Room | Area (Sq.ft.) | Upset Price Fixed in Rupees | Reservation Status |
|---|---|---|---|
| Shop Room No. - 5 | 200 | 75000 | Open to All Individual/ MSG/Agency |
| Shop Room No. - 6 | 200 | 75000 | Open to All Individual/ MSG/Agency |
| Shop Room No. - 7 | 200 | 75000 | Open to All Individual/ MSG/Agency |
| Shop Room No. - 8 | 200 | 75000 | Open to All Individual/ MSG/Agency |

Sealed offers are therefore invited from the interested person/**Mission Shakti Group (MSG)**/Agency who are required to quote the detials of the shop room number and rate in the format given in the **Annexure - I**. Application form required for the applicant can be downloaded from the website **http://www.kalahandi.nic.in**. **The Application form must be submitted with the cost of Application for an amount of Rs.2000/- (Rupees Two Thousand) only and EMD for an amount of Rs.10,000/- (Rupees ten thousand) only through Demand Draft in favour of Executive Officer, Bhawanipatna Municipality payable at Bhawanipatna. The EMD is exempted for the Mission Shakti Group irrespective of all Shop Rooms. One intending person/Mission Shakti Group/Agency can be allotted Maximum one number of shops. If the Applicant is applying for more than one Shop, he/she shall submit separate application form for each shop with application cost and EMD. In case any applicant gets selected in more than one shop he/she shall be allotted the shop where the applicants have quoted the highest price. The monthly rent of the shop is 1500/- (One thousand five hundred) only per month.** The applications should reach to Executive Officer, Bhawanipatna Municipality by Registered Post/Speed Post only on or before 08.12.2022 at 12.00 Noon. The application received beyond the date and time mentioned above shall not be taken into consideration. The application form must be accompanied with relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.
The sealed application will be opened on 08.12.2022 at 4 P.M. in the Office of the undersigned in presence of the applicants or their authorized agents and members of the tender committee.

Sd./- Executive Officer
Bhawanipatna Municipality
OIPR-13100/11/0027/2223

## OFFICE OF THE EXECUITVE ENGINEER, P.H. DIVISION, ANGUL

No. C-1699
Ph. (06764) 230431, Email: eephangul@yahoo.in
GOVERNMENT OF ODISHA

### e-Procurement Notice for PH Work
Bid Identification No. EE PH Division Angul - 13/2022-23 Dt.28.11.2022

| | | |
|---|---|---|
| 1. | Name of the work | P.H. Work |
| 2. | Nos. of Work | 01 (One) No. Single Bid System |
| 3. | Estiamted Cost | Rs.9.39 lakhs |
| 4. | Period of Completion | 3 (Three) Calendar Months |
| 5. | Date & time of availability of Bid document | From 11.00 A.M. of 06.12.2022 to 5.00 P.M. of 19.12.2022 |
| 6. | Last date/time of receipt of bids in the portal | 5.00 P.M. of 19.12.2022 |
| 7. | Date & time of Opening of Bid | 11.00 A.M. of 20.12.2022 |
| 8. | Name & address of the Officer Inviting Bid | Executive Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website. | |

Sd./- (Er. Bilash Kumar Behera)
Executive Engineer, P.H. Division, Angul
OIPR-13056/11/0007/2223

## OFFICE OF THE EXECUTIVE ENGINEER KENDRAPARA (RandB) DIVISION-I, KENDRAPARA

E-Mail ID: eernbkdp@gmail.com
No. B-919 Tel.: (06727) 220268, Fax No.: (06727) 220862

GOVERNMENT OF ODISHA "e" Procurement Notice
### e-Procurement Notice for Building Works
Bid Identification No. E.E., R n B KDP-I 15/2022-23

1. No. of work : 1 No. of Building and 1 No. of Road work
2. Estimated Cost : Rs.62.03 lakhs (Approximately) for Building work
 : Rs.53.31 lakhs (Approxmiately) for Road work
3. Period of Completion : 04 (Four) Calendar Months for Building Work
 : 02 (Two) Calendar Months for Road Work
4. Date and time of sale and receipt of bid document : From 10.00 A.M. of 07/12/2022 to 5 P.M. of 27.12.2022
5. Last date/time of receipt of bids : 5 P.M. of 27.12.2022
6. Date and time of Opening of Bids: 11.00 A.M. of 28.12.2022
7. Name and address of the Officer Inviting Bid : Executive Engineer, Kendrapara (RandB) Division-I, Kendrapara

Further details with any addendum, corrigendum, cancellation can be seen from the State Govt. portal "**https://tendersorissa.gov.in**.

Sd./- (Er. K.C. Behera)
Executive Engineer
Kendrapara (RandB) Division-I
OIPR-34097/11/0008/2223

## SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH

(Ministry of Social Justice & Empowerment)
Department of Empowerment of Persons with Disabilities (Divyangjan), Govt. of India)
Olatpur, P.O.: Bairoi, Dist.: Cuttack (Odisha), PIN - 754010
Tel. No.: 0671-2805552, Fax: 0671-2805862
Website: www.svnirtar.nic.in
E-mail: nirtar@ori.nic.in & svnirtar@gmail.com
Notice No. DPO/ALIMCO-EC/2022 Date: 02.12.2022

### ADVERTISEMENT
EXPRESSION OF INTEREST FOR ESTABLISHMENT OF SALE CENTRE OF ALIMCO AT SVNIRTAR, CUTTACK

SVNIRTAR invites EOI from interested individual Prosthetic and Orthotic Professionals possessing valid registration of Rehabilitation Council of India for establishment of Sale Centre of ALIMCO at SVNIRTAR, Cuttack. Interested individuals are requested to go through the detailed terms & conditions along with the EOI available in our website **http://www.svnirtar.nic.in**.

Sd./- Director - Offg.

## Government of Odisha, e-Procurement Notice
### INVITATION FOR BIDS (IFB)

Bid Identification No. C.C.E.DKL (R&B) 16/2022-23
E-mail Id: sedklpwd@gmail.com
Letter No. 3053 Dt.25.11.2022

No. B-916: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of Road & Bridge works as detailed below:

1. Name of the work : Road & Building works
2. No. of works : 04 (Four) Nos.
3. Estimated Cost : Rs.2,52,94,433/- to Rs.7,24,04,448/- (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'B', 'A', & 'Special' Class (as given in Column No. 06 of table)
6. Period of Completion of work : 07 (Seven) to 11 (Eleven) Calendar Months (as given in Column No. 07 of table)
7. Date and time of availability of bid document in the website : From Dt.06.12.2022 to 5.30 P.M. of Dt.20.12.2022
8. Date of opening of bid : Dt.21.12.2022 at 11.30 hours.

The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal
OIPR-34132/11/0024/2223

## DISTRICT MINERAL FOUNDATION TRUST

At: Redcross Bhawan, Collectorate Campus, Angul, Odisha, PIN - 759122
Tele: 0674-230745/E-mail: dmfangul@gmail.com

### SHORT QUOTATION CALL NOTICE

Notice No. 733/DMFT Dated: 02.12.2022

No. CAD-3992: Short quotation call notice has been invited from the authorized dealer/vendors of computer and peripherals for supply of required Nos. of Laptops and Printers to DMFT, Angul. Interested dealers/vendors are requested to download the documents from the website: **www.angul.nic.in**. Last date for receipt of response to the short quotation call notice is 17.12.2022 upto 5.00 P.M. Bid documents are to be submitted by Speed Post/Registered Post (India Post)/Courier only.

Sd./- CDO, ZP-cum-Chief Executive
DMFT, Angul
OIPR-30027/11/0007/2223

## OFFICE OF THE MUNICIPAL COUNCIL, KEONJHARGARH

No. C-1695
At/P.O.: Keonjhargarh, Dist.: Keonjhar, Odisha, PIN - 758001
Phone/Fax: (06766) 255413, E-mail: keonjharm.hud@rediffmail.com
Letter No. 8915/KGM Date: 30.11.2022

### LETTER INVITING EOI

Name of the Work: Preparation of Comprehensive Drainage Master Plan and Detail Project Report for Storm Water Drainage System Keonjhargarh Municipality Area.

1. EOI may be downloaded from websites **www.keonjharmc.nic.in** / **www.keonjhar.nic.in** from 02.12.2022 to 18.12.2022.
2. Date of submission of sealed envelope containing there is upto 20.12.2022.
3. The EOI will be opened on Dt.21.12.2022 at 11.00 A.M. in the Office of the Executive Officer, Keonjahrgarh Municipality in presence of the bidders or their authorized representatives, who wish to attend.
4. The bids received after due date shall not be considered for evaluation.

All other details are available in the above mentioned websites.

Sd./- Executive Officer
Keonjahrgarh Municipality
OIPR-13115/11/0009/2223

## ୩ ବେଆଇନ ବାଲି ବୋଝେଇ ହାଇୱା ଜବତ

ତିର୍ତ୍ତୋଲ,(ଡି.ଏନ.ଏ.): ତିର୍ତ୍ତୋଲ ଥାନା ଅଧୀନ କଟକ-ପାରାଦୀପ ରାସ୍ତାର ମଣିଜଙ୍ଗା ନିକଟରୁ ଶନିବାର ବେଆଇନ ବାଲି ଚାଲାଣ କରୁଥିବା ୩ ହାଇୱାକୁ ତହସିଲଦାର ଅମୂଲ୍ୟ ସାହୁ ଜବତ କରିଛନ୍ତି। କୌଣସି ସୂତ୍ରରୁ ଏସମ୍ପର୍କରେ ଖବରପାଇ ତହସିଲଦାର ସେଠାରେ ଚଢ଼ାଉ କରିଥିଲେ। ଜବତ ଗାଡ଼ି ମାଲିକଙ୍କ ପାଖରେ ବାଲି ଉଠାଣ ନିମନ୍ତେ ଆବଶ୍ୟକ କେ ଫର୍ମ ନ ଥିବାରୁ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଦେସାହିରେ ଅଗ୍ନିକାଣ୍ଡ

ଆଳି,୩।୧୨(ଡି.ଏନ.ଏ.):ଆଳି ତହସିଲ ଅନ୍ତର୍ଗତ ଦେସାହି ହରିଜନ ସାହିର ଦିନ ମଜୁରିଆ ରଞ୍ଜନ ମଳିକଙ୍କ ଚାଳ ଘରେ ନିଆଁ ଲାଗି ସମସ୍ତ ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗ୍ରାମବାସୀ ନିଆଁ ଲିଭାଇବାକୁ ଉଦ୍ୟମ ଚଳାଇଥିବାବେଳେ ଆଳି ଦମକଳ ବିଭାଗ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ମାତ୍ର ଦେସାହିରୁ ଆଳି ୩୦ କି.ମି. ଦୂର ହୋଇଥିବାରୁ ଅଗ୍ନିଶମ ବାହିନୀ ପହଞ୍ଚିବାକୁ ଯେତିକି ସମୟ ଲାଗିଲା ଏହି ସମୟରେ ସବୁ କିଛି ଶେଷ ହୋଇ ଯାଇଥିଲା। ଘରେ ଥିବା ଧାନ, ଚାଉଳ, ବିରି, ଲୁଗାପଟା ଓ ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଗୁରୁବାର ତହସିଲ ପକ୍ଷରୁ ତଦନ୍ତ କରାଯାଇ ପାଲ ଓ ଲୁଗାପଟା ଯୋଗାଇ ଦିଆଯାଇଛି।

### ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା ସଙ୍ଗଠକ

ଆଳି,୩।୧୨(ଡି.ଏନ.ଏ.): ଆଳି ବ୍ଲକ ଦେସାହି ପଞ୍ଚାୟତର କଂଗ୍ରେସ ଦଳର ୧୩ ନଂ. ୱାର୍ଡସଭ୍ୟ ରବୀନ୍ଦ୍ର ପରିଡା, ପଞ୍ଚାୟତର ଭାଜପା ସଭାପତି ଧୃଶାସନ ମହାନ୍ତି ଓ ବରିଷ୍ଠ ସଙ୍ଗଠକ କ୍ଷେତ୍ରବାସୀ ପରିଡା ଦଳ ପରିତ୍ୟାଗ କରି ସରପଞ୍ଚ ମୋନାଲିସା ଦାସ ଓ ସମିତିସଭ୍ୟ ସନ୍ତୋଷ ବେହୁରିଆ ବିଜେଡିରେ ଯୋଗଦାନ କରିଛନ୍ତି। ଶନିବାର ପୂର୍ବାହ୍ନରେ ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ସେମାନଙ୍କୁ ଦଳୀୟ ଗାମୁଛା ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ଆଳି ବ୍ଲକ ସଭାପତି ସନାତନ ମିଶ୍ର, ଆଳି ୨ ନଂ. ଜୋନ ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି ,୧ ନଂ. ଜୋନ ଜିଲା ପରିଷଦ କନକଲତା ବେହେରାଙ୍କ ସମେତ କୃଷ୍ଣଚନ୍ଦ୍ର ପରିଡା, ହିମାଂଶୁ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମନୋଜ ଦାସ ପରିଚାଳନା କରିଥିଲେ।

### ୩ ଦଫା ଦାବିରେ ଏକ୍ସକ୍ୟାଡର ଶିକ୍ଷକ ସଂଘର ବିଇଓଙ୍କୁ ଦାବିପତ୍ର

ରଘୁନାଥପୁର, ୩।୧୨(ଡି.ଏନ୍.ଏ.): ରାଜ୍ୟ ଏକ୍ସକ୍ୟାଡର ମହାସଂଘ ଆହ୍ୱାନ କ୍ରମେ ୩ ଦଫା ଦାବି ନେଇ ରଘୁନାଥପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ୩୦ରୁ ଉର୍ଦ୍ଧ୍ୱ ଏକ୍ସକ୍ୟାଡର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଡିସେମ୍ବର ୨୭ରେ ଭୁବନେଶ୍ୱରରେ ହେବାକୁ ଥିବା ସମାବେଶରେ ଯୋଗଦେବେ। ଏ ସମ୍ପର୍କରେ ବ୍ଲକ ଏକ୍ସକ୍ୟାଡର ଶିକ୍ଷକ ସଂଘର ସଭାପତି ଦେବାଶିଷ ବେହେରା ଓ ସମ୍ପାଦକ ଚିନ୍ମୟ ରଥଙ୍କ ନେତୃତ୍ୱରେ ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ଏକ୍ସକ୍ୟାଡର ଉଚ୍ଛେଦ କରି ନିୟମିତ ଶିକ୍ଷକ ମାନ୍ୟତା, ଟ୍ରେଜେରୀ ମାଧମରେ ଦରମା ଓ ପୁରୁଣା ପେନ୍ସନ ଆଦି ଅନ୍ତର୍ଭୁକ୍ତ। ସଭାପତି ବେହେରାଙ୍କ କହିବା ଅନୁଯାୟୀ, ରାଜ୍ୟରେ ଏକ୍ସକ୍ୟାଡର ସଂଘର ବହୁ ଶିକ୍ଷୟିତ୍ରୀ, ଶିକ୍ଷକ ଦୀର୍ଘବର୍ଷ ଧରି ପିଲାଙ୍କୁ ପାଠ ପଢ଼ାଇ ଆସୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଅବସର ନେଇ ସାରିଥିବା ବେଳେ ଅଧିକାଂଶ ନିକଟ ଭବିଷ୍ୟତରେ ଅବସର ନେବେ। ମାତ୍ର ସରକାରଙ୍କ ପାତରଅନ୍ତର ନୀତି ଯୋଗୁ ଅନେକ ଶିକ୍ଷକ ଅସୁବିଧାରେ କାଳତିପାତ କରୁଛନ୍ତି।

# ଖୋଲା ଆକାଶ ତଳେ ୯ ପରିବାର

- ଜବରଦଖଲ ଗୋଚର ଜମିରୁ ଗୃହ ଉଚ୍ଛେଦ କଲା ପ୍ରଶାସନ
- ସୁରକ୍ଷା ଦୃଷ୍ଟିରୁ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ

**ମହାକାଳପଡ଼ା,୩।୧୨ (ଡି.ଏନ.ଏ.)**





ଜେସିବି ସାହାଯ୍ୟରେ ଗୋଚର ଜମିରେ ହୋଇଥିବା ଗୃହ ଭଙ୍ଗାଯାଉଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବିଜୟନଗର (ଶାସନପଡ଼ା) ଠାରେ ୯ ପରିବାର ଦୀର୍ଘବର୍ଷ ହେବ ଗୋଚର ଜମିକୁ ଜବରଦଖଲ କରି ସ୍ଥାୟୀ ବାସଗୃହ ନିର୍ମାଣ କରି ବସବାସ କରୁଥିଲେ। ଏ ନେଇ ଶାସନପଡ଼ାର କେତେଜଣ ଲୋକ ହାଇକୋର୍ଟରେ ଗୋଚର ଜମିରେ ଗୃହ ନିର୍ମାଣକୁ ବିରୋଧ କରି ୨୦୧୯ ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୯ ପରିବାରର ମୋଟ ୧୫ ଡିସିମିଲ ଜମିକୁ ଉଚ୍ଛେଦ କରିବାକୁ ମହାକାଳପଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତହସିଲଦାର ଜବରଦଖଲରେ ଥିବା ପରିବାରମାନଙ୍କୁ ଏକ ମାସ ପୂର୍ବେ ଉଚ୍ଛେଦ କରିବାକୁ ନୋଟିସ ଦେଇଥିଲେ। ଆଇନ ଅନୁଯାୟୀ, ନୋଟିସ ପାଇଥିବା ପରିବାରକୁ ସମସ୍ତ ଆସବାବପତ୍ର ଖାଲି କରିବାକୁ କୁହାଯାଇଥିଲା। ଶନିବାର ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଉକ୍ତ ସ୍ଥାନରେ ପହଞ୍ଚି ଡାକବାଜି ଯନ୍ତ୍ର ମାଧ୍ୟମରେ ହାଇକୋର୍ଟଙ୍କ ଆଦେଶନାମା ଘୋଷଣା କରିଥିଲେ। ପରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ୨ପ୍ଲାଟୁନ୍ ଫୋର୍ସ ସହ ମହାକାଳପଡ଼ା ଥାନା ଅଧିକାରୀ ମହେଶ୍ୱର ସେଠୀ ଓ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ଉଚ୍ଛେଦ ସ୍ଥଳରେ ମୁତୟନ ରହିଥିଲେ। ଜେସିବି ଲଗାଇ ପ୍ରଥମେ ପକ୍କା ଗୃହକୁ ଭଙ୍ଗାଯିବା ପରେ ଚାଳ ଘରକୁ ଉଚ୍ଛେଦ କରାଯାଇଥିଲା।

ସୂଚନାଯୋଗ୍ୟ, ୧୯୮୨ ବାତ୍ୟାରେ ୯ ପରିବାର ନିକଟ ଗୋବରୀ ନଦୀ କୂଳରେ ନିଜସ୍ୱ ଜମିରେ ବସବାସ କରୁଥିଲେ। ବାତ୍ୟାରେ ଘରଦ୍ୱାର ସମ୍ପୂର୍ଣ୍ଣ ନଦୀ ଗର୍ଭକୁ ଚାଲିଯିବା ପରେ ଉକ୍ତ ପରିବାର ସବୁ ନିକଟରେ ଥିବା ଗୋଚର ଜମିରେ ଘର କରି ରହି ଆସୁଥିଲେ। ଏହି ପରିବାର ଦୀର୍ଘବର୍ଷ ହେବ ବସବାସ କରି ଆସୁଥିବାବେଳେ ଉକ୍ତ ଗୋଚର ଜମିକୁ ନେଇ ପଡ଼ାରେ ବିବାଦ ଆରମ୍ଭ ହୋଇଥିଲା। ଶନିବାର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଗୋଚର ଜମିରେ ନିର୍ମାଣ ହୋଇଥିବା ଘର ଦ୍ୱାରକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଅପରପକ୍ଷରେ ବାସ ହରାଇ ଥିବା ପରିବାର ସବୁକୁ ସ୍ଥାନୀୟ ପ୍ରଶାସନ ଥଇଥାନ ଗୁରୁତ୍ୱ ନ ଦେଇ ଗୃହ ଭାଙ୍ଗି ଦେଇଛି। ବାସଚ୍ୟୁତ ପରିବାର ସବୁ ଖୋଲା ଆକାଶ ତଳେ ଶୀତ ରାତିରେ କେଉଁଠି ମୁଣ୍ଡ ଗୁଞ୍ଜିବେ ରାହା ଖୋଜୁଛନ୍ତି। ଉଚ୍ଛେଦରେ ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ରୀ ପ୍ରତୀକ୍ଷା ଦାସ କୁହନ୍ତି, ପ୍ରଶାସନ ଆମ ଘର ଭାଙ୍ଗି ଦେଲା। ଆମେ କାଲିଠାରୁ ଉପବାସରେ ଅଛୁ। ମୋର ପରୀକ୍ଷା ସାହିତ୍ୟ ଥିଲା। ଘର ଭଙ୍ଗା ଯିବାରୁ ପରୀକ୍ଷା ଦେଇ ପାରିଲିନାହିଁ। ବହିପତ୍ର ସବୁ ମାଟି ତଳେ ଚାପି ହୋଇରହିଛି। କେମିତି ମୁଁ ପଢିବି ବୋଲି ସେ କହିଛନ୍ତି। ଭିନ୍ନକ୍ଷମ ସରସ୍ୱତୀ ଜେନା (୮୦) କହିଛନ୍ତି, ଶନିବାର ବିଶ୍ୱ ପାଳନ କରୁଛି ଭିନ୍ନକ୍ଷମ ଦିବସ। ଭିନ୍ନକ୍ଷମଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରାଯାଉଛି, ସେତେବେଳେ ପ୍ରଶାସନ ଘର ଭାଙ୍ଗି ଦେଇଛି। ଛୋଟିଆ ପଲା ମାରି ମୁଣ୍ଡ ଗୁଞ୍ଜୁ ଥିଲି। ଆଣ୍ଠେଇ ଆଣ୍ଠେଇ ବଡ଼ବାବୁଙ୍କୁ ନେହୁରା ହେଲି, ଗୋଡ ତଳେ ପଡ଼ିଲି, ମୋ ଦୁଃଖ କେହି ବୁଝିଲେ ନାହିଁ। କେମିତି ଚଳିବି ସେହି ଚିନ୍ତା ଏବେ ଘାରିଛି। ତେବେ ବାସ ହରାଇ ଥିବା ପରିବାର ହେଲେ ରମାକାନ୍ତ ତ୍ରିପାଠୀ, ମନ୍ମଥ କୁମାର ତ୍ରିପାଠୀ, ସୁଶାନ୍ତ କୁମାର ତ୍ରିପାଠୀ, ସୋମନାଥ ତ୍ରିପାଠୀ, ସୁଧାଂଶୁ ଭୂଷଣ ନନ୍ଦ, ସରସ୍ୱତୀ ଜେନା, ଓମ୍ ପ୍ରକାଶ ଦାସ, ପ୍ରଶାନ୍ତ କୁମାର ଦାସ, ସୁମିତ୍ରା ଜେନା।

# ସେମିରେ ପପୁଲାର କ୍ଲବ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ରାଜକନିକା, ୩।୧୨(ଡି.ଏନ୍.ଏ.)**

ରାଜକନିକା ଆଥଲେଟିକ୍ ଆସୋସିଏଶନ୍ ଆନୁକୂଲ୍ୟରେ ଶନିବାର ଆୟୋଜିତ ରାଜ୍ୟସ୍ତରୀୟ ରାଜକନିକା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ-୨୦୨୨ର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ପପୁଲାର କ୍ଲବ, ଢେଙ୍କାନାଳ ଟ୍ରାଇବ୍ରେକର ଜରିଆରେ ୫-୩ ଗୋଲ ବ୍ୟବଧାନରେ ୟୁନାଇଟେଡ୍ କ୍ଲବ, ଭଦ୍ରକକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଆର.ଏନ. ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଆୟୋଜିତ ଖେଳର ପ୍ରଥମାର୍ଦ୍ଧରେ ୟୁନାଇଟେଡ୍ କ୍ଲବ, ଭଦ୍ରକ ସହ ପପୁଲାର କ୍ଲବ, ଢେଙ୍କାନାଳକୁ ପ୍ରଥମ ଗୋଲ ଦେବାରେ ସକ୍ଷମ ହୋଇଥିଲା। ପପୁଲାର କ୍ଲବ, ଢେଙ୍କାନାଳର ବୁବୁ ମାଝିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମ୍ୟାଚକୁ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

**ରାଜ୍ୟସ୍ତରୀୟ ରାଜକନିକା ଫୁଟବଲ କପ୍-୨୦୨୨ ଉଦ୍‌ଘାଟିତ**

ସମ୍ମାନିତ ଅତିଥି ଭାବେ କେନ୍ଦ୍ରପଡ଼ା ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ପ୍ରଭାକର ପଲାଇ, ମନୋଜ ସାହୁ, ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ରାଜକନିକା ୨୭ ନଂ. ଜୋନ ଜିଲା ପରିଷଦ ସଭ୍ୟା ଅମିତା ସାହୁ, ୨୯ ନଂ. ଜୋନ ଜିଲା ପରିଷଦ ସଭ୍ୟା ପ୍ରବୀଣା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଖେଳକୁ ଚିତ୍ତରଞ୍ଜନ ଓଝା ପରିଚାଳନା କରିଥିବାବେଳେ, ଏସ୍. କେ. ରିୟାଜ୍, ସୁଶାନ୍ତ ବିଶ୍ୱାଳ ଓ ଅରୁଣ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୋଳ ଗୋବିନ୍ଦ ନାୟକ, ସଞ୍ଜୟ ଚନ୍ଦ୍ର ଦାସ, କପିଳେନ୍ଦ୍ର ମଲ୍ଲିକ, ପ୍ରାଣବନ୍ଧୁ ରାଉତ, ଡା. ଫକୀର ଚନ୍ଦ୍ର ପ୍ରଧାନ ଓ ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୬୧୫ ଭିନ୍ନକ୍ଷମଙ୍କୁ ୧୦୬୫ ଉପକରଣ ବଣ୍ଟନ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମଞ୍ଚାସୀନ ଅତିଥିବୃନ୍ଦ।

**ପଟ୍ଟାମୁଣ୍ଡାଇ, ୩।୧୨ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକସ୍ଥିତ ଏମ୍‌ଏନ୍ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ବିଶ୍ୱ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଶନିବାର ପାଳିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମାଜିକ ନ୍ୟାୟ, ସଶକ୍ତିକରଣ ବିଭାଗ ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଅନୁଷ୍ଠିତ ସଭାରେ ଅତିଥିମାନେ ୬୧୫ଜଣ ଭିନ୍ନକ୍ଷମଙ୍କୁ ୧ କୋଟି ୨୦ ଲକ୍ଷ ଟଙ୍କାର ୧୦୬୫ଟି ଉପକରଣ ବଣ୍ଟନ କରିଥିଲେ। ଏଡିଏମ୍ ପୀତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଭଜୁଆଲ ମୋଡରେ ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଏ. ନାରାୟଣସ୍ୱାମୀ ମୁଖ୍ୟ ଅତିଥି ଓ କେନ୍ଦ୍ରାପଡା ଏମ୍ପି ଅନୁଭବ ମହାନ୍ତି, ସମ୍ମାନୀତ ଅତିଥି ଭାବେ ସଭାରେ ପିଡି ରାଜେନ୍ଦ୍ର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ତହସିଲଦାର ଦିଲୀପ ସେଠୀ, ବିଡିଓ ଭରତ ଚନ୍ଦ୍ର ପରିଡା, ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ, ପୌରାଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଭିନ୍ନକ୍ଷମଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଅତିଥିମାନେ ଭିନ୍ନକ୍ଷମଙ୍କୁ ଉପକରଣ ଓ ପ୍ରୋତ୍ସାହନ ରାଶି ବଣ୍ଟନ କରିଥିଲେ। ପ୍ରାରମ୍ଭରେ ଜିଲା ସାମାଜିକ ଅଧିକାରୀ ପ୍ରଭାସ ଦାସ ସମ୍ୟକ ସୂଚନା ଦେଇଥିଲେ। ଏହାକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲି ପ୍ରିୟଦର୍ଶିନୀଙ୍କ ସମେତ ବିଭାଗୀୟ କର୍ମଚାରୀ ପରିଚାଳନା କରିଥିଲେ। ଅପରପକ୍ଷରେ ଶିବିର ଆୟୋଜନରେ ତ୍ରୁଟିକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିବିରରେ ଭିନ୍ନକ୍ଷମଙ୍କ ପାଇଁ ଆବଶ୍ୟକକୁ ଆୟୋଜକ ଅଣଦେଖା କରିଛନ୍ତି। ପାନୀୟ ଜଳ ଓ ମଞ୍ଚ ପର୍ଯ୍ୟନ୍ତ ରାସ୍ତାକୁ ନେଇ ଭିନ୍ନକ୍ଷମଙ୍କୁ ଅସୁବିଧା ସୃଷ୍ଟି ହୋଇଥିଲା। ସେହିପରି ଜିଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାର ବିଧାୟକ, ରାଜ୍ୟର ଦୁଇମନ୍ତ୍ରୀଙ୍କ ନାମ ନିମନ୍ତ୍ରଣ ପତ୍ରରେ ଛପା ହୋଇଥିଲେ ମଧ୍ୟ ଜଣେ ହେଲେ କେହି କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ସେହିପରି ଜିଲାପାଳ ଅମୃତ ଋତୁରାଜ ବହୁ ବିଳମ୍ବରେ ଶିବିରରେ ପହଞ୍ଚିଥିବା ସ୍ଥାନୀୟ ଲୋକ ଆଲୋଚନା କରିଛନ୍ତି।

# ରାଜକନିକା ବ୍ଲକ ଯାଦବ ମହାସଭାର କର୍ମକର୍ତ୍ତା ନିର୍ବାଚନ

**ରାଜକନିକା, ୩।୧୨(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକର ଯାଦବ ସମ୍ମିଳନୀ ଓ କର୍ମକର୍ତ୍ତା ନିର୍ବାଚନ ଶ୍ରୀନିବାସ ପ୍ରଧାନଙ୍କ ସଭାପତିତ୍ୱରେ ଓଳାଭର ଯାଦବ ଭବନର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଉପଦେଷ୍ଟା ଚୌଧୁରୀ ରମାକାନ୍ତ ଦାସ, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପଲାଇ, ଉପସଭାପତି ମନୋଜ ପରିଡା, ଚିନ୍ମୟ ଦାସ, କାର୍ଯ୍ୟକାରୀ ସଭାପତି ବିଜୟ ପରିଡା, ଜିଲା ଯାଦବ ମହାସଭା କୋଷାଧ୍ୟକ୍ଷ ଛବି ପ୍ରସାଦ ମହାକୁଲ, ମହିଳା ସଭାନେତ୍ରୀ ସୁଜାତା ବାରିକ ପ୍ରମୁଖ ଦେଇଥିଲେ। ଅତିଥିମାନେ ପଞ୍ଚାୟତ ଓ ବ୍ଲକସ୍ତରରେ ସଙ୍ଗଠନ ମଜବୁତ କରିବା ସହ ଯାଦବ ସର୍ଭେ କାର୍ଯ୍ୟରେ ସହଯୋଗ କରିବାକୁ ଉପସ୍ଥିତ ଯାଦବ ଭାଇମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ରାଜକନିକା ବ୍ଲକର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ନୃସିଂହ ପରିଡା, ଅବସରପ୍ରାପ୍ତ ଆଇଏଏସ୍ ନାରାୟଣ ଦାସ, ଉପଦେଷ୍ଟା ବିସିକେଶନ ଦାସ, ଶ୍ରୀନିବାସ ପ୍ରଧାନ, ଗିରିଶ ଚନ୍ଦ୍ର ଦାସ, ବଳରାମ ବେହେରା, ସଭାପତି ଇଂ. ପଞ୍ଚାନନ ଦାସ, କାର୍ଯ୍ୟକାରୀ ସଭାପତି ରମାକାନ୍ତ ସାହୁ, ସାଧାରଣ ସମ୍ପାଦକ ମନୋଜ ପରିଡା, ସଙ୍ଗଠନ ସମ୍ପାଦକ ରମେଶ ଚନ୍ଦ୍ର ବାରିକ, ଉପସଭାପତି କିଶୋର ବାରିକ, ନିମାଇଁ ଚରଣ ଦାସ, ମହେଶ୍ୱର ଦାସ, ଅଭୟ ପ୍ରସାଦ ବାରିକ, ବ୍ରହ୍ମାନନ୍ଦ ବାରିକ, ସହସମ୍ପାଦକ ଗଙ୍ଗାଧର ଦାସ, ସୌଭାଗ୍ୟ ପ୍ରଧାନ, ଶୁଶାନ୍ତ ଦାସ, ନରେନ୍ଦ୍ର ବେହେରା, ଅଶୋକ ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ପରିଡା, ମହିଳା ସଭାନେତ୍ରୀ ଗାୟତ୍ରୀ ଦାସ, ସମ୍ପାଦିକା ସୀତାରାଣୀ ଦାସ, ପ୍ରବିଣକ୍ଷ ଦାସ, ଯୁବ ଯାଦବ ସଭାପତି ଗଙ୍ଗାଧର ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି।

# ଦିବ୍ୟାଙ୍ଗମାନଙ୍କୁ ଅଣଦେଖା କରିବା ଭୁଲ୍





ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସରେ ଯୋଗଦେଇଥିବା ଅତିଥିମାନେ।

**ପାରାଦୀପ,୩।୧୨(ସ୍ୱ.ପ୍ର.):**

ପାରାଦୀପ ନୂଆବଜାରସ୍ଥ ଜାଗୃତି ସ୍କୁଲରେ ଶନିବାର ଆନ୍ତର୍ଜାତିକ ଭିନ୍ନକ୍ଷମ (ଦିବ୍ୟାଙ୍ଗ)ଦିବସ ପାଳିତ ହୋଇଯାଇଛି। ସ୍କୁଲ ଅଧକ୍ଷା ଲୀତା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବନ୍ଦର ସଚିବ ପି.ଏନ. ବେହେରା ଯୋଗ ଦେଇଥିଲେ। ପ୍ରତ୍ୟେକ ଭିନ୍ନକ୍ଷମ ସକ୍ଷମ ଭଳି ସବୁ କରିପାରୁଛନ୍ତି। ସେମାନଙ୍କୁ ନ୍ୟୂନ ବୋଲି ଭାବି ଅଣଦେଖା କରିବା ଭୁଲ। ସେମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ ସମସ୍ତେ ଚେଷ୍ଟା କରିବା ଜରୁରୀ ବୋଲି ଦର୍ଶାଇଥିଲେ। ଏ କ୍ଷେତ୍ରରେ ପାରାଦୀପ ବନ୍ଦର ସମଗ୍ର ଦେଶରେ ଦୃଷ୍ଟାନ୍ତ ସୃଷ୍ଟି କରିଛି ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ଟ୍ରାଫିକ ମ୍ୟାନେଜର ଶ୍ରୀମନ ମିଶ୍ର, ହିନ୍ଦୀ ଅଧିକାରୀ ନୀରୋଜ କୁମାର ପଟ୍ଟନାୟକ, ଉପସଂରକ୍ଷକ ଅଲେଖ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ।

# ଆଳି ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟିତ

**ଆଳି, ୩।୧୨(ଡି.ଏନ.ଏ.):**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶାରେ ନିର୍ମାଣାଧୀନ ଥିବା ଆଦର୍ଶ ବିଦ୍ୟାଳୟଗୁଡିକ ଶନିବାର ଭିସି ମାଧ୍ୟମରେ ଉଦ୍‌ଘାଟିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆଳିର ଆଦର୍ଶ ବିଦ୍ୟାଳୟ ମଧ୍ୟ ଉଦ୍‌ଘାଟିତ ହୋଇଛି। ଆଳିଠାରେ ଅତିଥି ଭାବେ ଯୋଗଦେଇ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ଶ୍ରୀଫଳ ବାଡେଇ ବିଦ୍ୟାଳୟ ରଶୁଭ ଫଳକର ଶୁଭ ଉନ୍ମୋଚନ କରିଥିଲେ। ଏହି ସମୟରେ ଅତିଥିମାନଙ୍କ ନିକଟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଜ୍ଞା ପାରମିତା, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତ, ଠିକାଦାର ସୁକାନ୍ତ କୁମାର ରାଉତ, ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପ୍ରତାପ ସାହୁ, ନିଆଳ ସରପଞ୍ଚ ଅଶୋକ ମଲ୍ଲିକ, ସମିତିସଭ୍ୟ ସନ୍ତୋଷ ପଢିଆରୀ, ସାମାଜିକ କର୍ମୀ ସୁବ୍ରତ ଦାଶ ଓ କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ୨୮ ହଜାର ବର୍ଗ ଫୁଟ ପରିସୀମା ମଧ୍ୟରେ ୪ କୋଟି ବ୍ୟୟ ବରାଦରେ ଗତ ୨୧।୧୦।୨୦୧୯ ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟର ବ୍ୟୟ ବରାଦ ୮କୋଟି ୧୦ ଲକ୍ଷରେ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଇଛି।

# ଗୀତା ମାନବବାଦର ଶାସ୍ତ୍ର

**ତିର୍ତ୍ତୋଲ, ୩।୧୨( ଡି.ଏନ୍.ଏ.)**

ଗୀତା ମାନବବାଦର ଶାସ୍ତ୍ର। ଏହି ଗ୍ରନ୍ଥରୁ ମାନବ ସମାଜ ବଞ୍ଚିବାର ପ୍ରକୃତ ବାଟ ପାଇଥାଏ ବୋଲି ପଦ୍ମଶ୍ରୀ ବାବା ବଳିଆ ପ୍ରକାଶ କରିଛନ୍ତି। ତିର୍ତ୍ତୋଲ ବ୍ଲକ ଆମ୍ବରୀ ପଞ୍ଚାୟତ ଅରିଲୋଷ୍ଠିତ ଶିଶୁ ଅନନ୍ତ ଆଶ୍ରମ ପରିସରରେ ଅନ୍ତର୍ଜାତୀୟ ଗୀତା ମିଶନ ତରଫରୁ ୪ର୍ଥ ବାର୍ଷିକ ଗୀତା ଜୟନ୍ତୀ ଉତ୍ସବରେ ବାବା ବଳିଆ ଏହା ପ୍ରକାଶ କରିଛନ୍ତି। ଏହି ଉପଲକ୍ଷେ ଆଶ୍ରମ ପରିସରରେ ଗୀତାଯଜ୍ଞ, ଗୀତା ପାଠ କରାଯିବା ସହ ଗରିବଙ୍କୁ ଶୀତବସ୍ତ୍ର, ଶିକ୍ଷାର୍ଥୀଙ୍କୁ ପାଠ୍ୟ ଉପକରଣ ଏବଂ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଗୀତା ପୁସ୍ତକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରି, ଶ୍ରୀବାସ ଦାସ, ବିଦ୍ୟାଧର ଦାସ, ପଣ୍ଡିତ ଅଭୟ ଦାଶ, ଡ. ସୁରେନ୍ଦ୍ର ତ୍ରିପାଠୀ, ଦେବେନ୍ଦ୍ର କର, ପ୍ରକାଶ ଦାସ, ଲିଳାଧର କାଲୋ ପ୍ରମୁଖ ପରିଚାଳନା କରିଥିଲେ ।

# ଭିନ୍ନକ୍ଷମ ଦିବସରେ ସଚେତନତା ଶୋଭାଯାତ୍ରା



ସଚେତନତା ଶୋଭଯାତ୍ରାରେ ସାମିଲ ହୋଇଥିବା ଦିବ୍ୟାଙ୍ଗମାନେ।

**କେନ୍ଦ୍ରାପଡ଼ା ଅଫିସ, ୩।୧୨**

କେନ୍ଦ୍ରାପନା ସହର ମାଧପୁରସ୍ଥ ପୁନର୍ବାସ ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଶନିବାର ପାଳନ କରାଯାଇଛି। ଏହି ଅବସରରେ ସହର ମଧ୍ୟରେ ରାଲି ସହ ଲିଫଲେଟ ବାଣ୍ଟି ଭିନ୍ନକ୍ଷମଙ୍କ ପ୍ରତି ସଚେତନ ରହିବାକୁ ନିବେଦନ କରାଯାଇଛି। ପୂର୍ବାହ୍ନରେ ଅନୁଷ୍ଠାନ ସମ୍ମୁଖରେ ସମ୍ମାନୀତ ଅତିଥି ସିଡବ୍ଲ୍ୟୁସି ଅଧ୍ୟକ୍ଷ ଭଗବତୀ ପ୍ରସାଦ ଦାସ, ବରିଷ୍ଠ ଶଲ୍ୟ ଚିକିତ୍ସକ ଡା. ବୀରେନ୍ଦ୍ର କୁମାର ଦାସ, କାଉନସିଲର ରଶ୍ମିତା ସେଠୀ ଏହି ରାଲିକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ, ଭିନ୍ନକ୍ଷମ ଅର୍ଥ ଅକ୍ଷମ ନୁହନ୍ତି। ଉପଯୁକ୍ତ ପରିବେଶ, ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ମିଳିଥିବା ଭିନ୍ନକ୍ଷମମାନେ ନିଜର ପ୍ରତିଭା ଦେଖାଇ ଆସିଛନ୍ତି। ସେ ଖେଳ ହେଉ ଅଥବା ପାଠପଢ଼ାରେ ଅଗ୍ରଣୀ ଅଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟ ବିଭିନ୍ନ ଯୋଜନା ମାଧ୍ୟମରେ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ସାମାଜିକ ପ୍ରତିଷ୍ଠା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ ମତ ଦେଇଥିଲେ। ସଚେତନତା ରାଲିରେ ସାମାଜିକ କର୍ମୀ ଧନଞ୍ଜୟ ସାହୁ, ଅମୀୟ ବିଶ୍ୱାଳ, ଉଦୟ ରାଉତ ଅନୁଷ୍ଠାନର ଉପଦେଷ୍ଟା ଡ. ବିରଜା ରାଉତରାୟଙ୍କ ସହ ନେତାଜୀ ମଡେଲ ସ୍କୁଲର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହାକୁ ଶେଷଦେବ ଦାସ, ମହମ୍ମଦ ଜାହିଦ ଖାନ, କମଳାକାନ୍ତ ବେହେରା, ଲଳିତେନ୍ଦୁ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ମାଲ୍ୟାର୍ପଣରେ ସୀମିତ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଜୟନ୍ତୀ

**ଜଗତ୍‌ସିଂହପୁର ଅଫିସ୍, ୩।୧୨**

ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଯେଉଁମାନେ ସ୍ୱାଧୀନତା ଆଣିଥିଲେ ସେମାନଙ୍କୁ ଏବେ ଆମେ ଭୁଲିଯାଇଛନ୍ତି। ସରକାରୀସ୍ତରରେ କେବଳ ଔପଚାରିକତା ପୂରଣ ପାଇଁ ହାତ ଗଣତି କେତେଜଣରେ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି । ଏହାର ଦୃଷ୍ଟାନ୍ତ ଶନିବାର ଦେଖିବାକୁ ମିଳିଛି । ଜିଲା ପ୍ରଶାସନ ଓ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଜଗତ୍‌ସିଂହପୁରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରମାଦେବୀଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ପାରୁଲ ପଟୱାରୀ, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲା ସଂସ୍କୃତି ଅଧିକାରୀ ଦୀଳିପ କୁମାର ଜେନା, ପୌର ନିର୍ବାହୀ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । କିନ୍ତୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେଭଳି କିଛି କାର୍ଯ୍ୟକ୍ରମ ହୋଇ ନ ଥିଲା ।



ରମାଦେବୀଙ୍କ ଜୟନ୍ତୀ ପାଳନ ଅବସରରେ ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟମାନେ ।

ରମାଦେବୀ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ସ୍ତ୍ରୀ । ସେ ମଧ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଭାଉଜ। ସେ ସମାଜରେ ସଂସ୍କାର ଆଣିବା ସହ ଦେଶ ସ୍ୱାଧୀନତା ପାଇଁ ସଂଗ୍ରାମ କରି ବହୁବାର କାରାବରଣ କରିଥିଲେ। ଦଳିତମାନଙ୍କ ସେବା ପାଇଁ ଅସ୍ପୃଶ୍ୟତା ନିବାରଣ ସମିତି ଗଠନ କରିଥିଲେ। ୧୯୩୪ରେ ହରିଜନ ପଦଯାତ୍ରାରେ ଗାନ୍ଧିଜୀଙ୍କ ସହ ଯୋଗଦେଇଥିଲେ । ୧୯୪୨ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ଜେଲ ଯାଇଥିଲେ । ଭୂଦାନ ଆନ୍ଦୋଳନ ସମୟରେ ବିନୋବାଙ୍କ ସହ ଚାଲିଚାଲି ଓଡ଼ିଶା ବୁଲିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଦେଶର ବିଭିନ୍ନ ସ୍ଥାନରେ ଭୋଜନ କେନ୍ଦ୍ରମାନ କରିଥିଲେ। ୧୯୭୫ରେ ଜରୁରୀ ପରିସ୍ଥିତିକୁ ବିରୋଧ କରି ଜେଲ ଯାଇଥିଲେ । ୧୯୬୨ରେ ଚୀନ-ଭାରତ ଯୁଦ୍ଧ ସମୟରେ ରମାଦେବୀ ଅଖିଳ ଭାରତ ଶାନ୍ତି ସେନା ତରଫରୁ ଆସାମ ଯାଇ ସୈନ୍ୟମାନଙ୍କ ସେବା କାର୍ଯ୍ୟରେ ନିୟୋଜିତ କରିଥିଲେ। ୧୯୬୫ ଅକ୍ଟୋବର ୭ରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାପତି ହୋଇଥିଲେ। ରମାଦେବୀଙ୍କ ଜୟନ୍ତୀ ପୂର୍ବରୁ ୨୩।୧୧।୨୨ରେ ନବକୃଷ୍ଣଙ୍କ ଜୟନ୍ତୀ ମଧ୍ୟ ଅନୁରୂପ ଭାବେ ପାଳନ କରାଯାଇଥିଲା। ଦୁଃଖର କଥା ହେଲା ନବକୃଷ୍ଣଙ୍କ ଜନ୍ମ ତାରିଖକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୩।୧୧।୧୯୦୧ରେ ସେ ଜନ୍ମ ଗ୍ରହଣ କରିଥିଲେ । କିନ୍ତୁ ଜଗତ୍‌ସିଂହପୁର ସଂସ୍କୃତି ପରିଷଦ ଦ୍ୱାରା ପ୍ରକାଶିତ ଜଗତ୍‌ସିଂହପୁର ଅତୀତ ଓ ବର୍ତ୍ତମାନର ତୃତୀୟ ସଂସ୍କରଣରେ ଏହି ତାରିଖ ଭିନ୍ନ ଅର୍ଥାତ୍ ୧୧।୧୧।୧୯୦୧ ବୋଲି ଉଲ୍ଲେଖ ଅଛି । ପରିଷଦର ଅଧ୍ୟକ୍ଷ ହେଉଛନ୍ତି ଜିଲାପାଳ । ତେଣୁ ଜିଲା ପ୍ରଶାସନ ପକ୍ଷରୁ କିପରି ଏଭଳି ପୃଥକ ତାରିଖ ଦର୍ଶାଯାଇଛି ତାହା ଆଲୋଚନାର ବିଷୟ ହୋଇଛି ।

**ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ତାରିଖକୁ ନେଇ ଦ୍ୱନ୍ଦ୍ୱ**

## ସଂକ୍ଷେପରେ

### ରଘୁନାଥ ମଠରେ ସନ୍ଥ ସମ୍ମିଳନୀ

ଶେରଗଡ଼,୩।୧୨(ଡି.ଏନ.ଏ.)- ଶେରଗଡ଼ ବ୍ଲକ ଡେଙ୍ଗାପଦର ଗ୍ରାମରେ ଥିବା ରଘୁନାଥ ମଠରେ ସନ୍ଥ ମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାର କୋଣ ଅନୁକୋଣରେ ଥିବା ମଠରୁ ମହନ୍ତ ଓ ସନ୍ଥ ୪୦ ଯୋଗ ଦେଇଥିଲେ। ସକାଳ ସୁନ୍ଦରକାଣ୍ଡ ପାଠ ସହ ବ୍ୟାପକ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରାକ୍ତନ ମହନ୍ତ ରାମକିଶୋର ଦାସଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ମହନ୍ତମାନଙ୍କ ସମ୍ମିଳନୀ କରି ସେମାନଙ୍କୁ ଉତରିୟ ଦେଇ ସମ୍ମାନିତ କରିଥିଲେ ମହନ୍ତ ପରମାନନ୍ଦ ଦାସ ଗୋସାମୀ। ଏହାପରେ ମଠ ପକ୍ଷରୁ ଆଖପାଖ ଶତାଧିକ ବ୍ରାହ୍ମଣମାନଙ୍କୁ ଦାନ କରିଥିଲେ। ସନ୍ଥମାନେ ରଘୁନାଥଙ୍କୁ ପୂଜାର୍ଚ୍ଚନା ସହ ଭଜନ କୀର୍ତ୍ତନ କରିବା ସହ ସାଧୁବାଣୀ ପ୍ରଦାନ କରିଥିଲେ।

### ଗଣିତ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା

ଚିକିଟି,୩।୧୨(ଡି.ଏନ୍.ଏ.): ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟ ପରିସରରେ ଶନିବାର ଗଣିତ ବିଭାଗ ତରଫରୁ ସ୍ନାତକ ସମ୍ମାନ ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ପ୍ରଦାନ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟ ଅଧକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ରସାୟନ ବିଭାଗ ମୁଖ୍ୟ ଡ. ପ୍ରଭାତ କୁମାର ବେହେରା ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ। ଗଣିତ ବିଭାଗର ମୁଖ୍ୟ ପ୍ରାଧାପକ ଡ. ସନ୍ତୋଷ କୁମାର ବକ୍ସି ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିଭାଗର ସୁନାମକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅଧାପକ ସୁନିଲ କୁମାର ପାଢ଼ୀ ଓ ଅଧାପିକା ଡ. ପଦ୍ମିନୀ ରାଉଳ ମଞ୍ଚାସୀନ ଥିଲେ। ଛାତ୍ର ଲିଙ୍କନ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶ୍ୱେତାଲିନ୍ ପଣ୍ଡା, ସିପାଲି ଦାସ, ମି. ଶଙ୍କର ପ୍ରମୁଖ ବିଦ୍ୟାର୍ଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପାରମ୍ପରିକ ରୀତିରେ ଦ୍ୱିତୀୟ ଓ ଶେଷବର୍ଷ ସ୍ନାତକ ସମ୍ମାନ ବିଦ୍ୟାର୍ଥୀ ପ୍ରଥମ ବର୍ଷର ବିଦ୍ୟାର୍ଥୀଙ୍କୁ ସ୍ୱାଗତ କରିଥିଲେ। ଯୁଗ୍ମ ସମ୍ପାଦକ ମୁକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଚିକା, ସହାୟିକା ସଂଘର ଦାବିପତ୍ର ପ୍ରଦାନ

ଛତ୍ରପୁର,୩।୧୨(ଡି.ଏନ୍.ଏ.): ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡିଶା ଏମ୍‌ଡିଏମ୍ ପାଚିକା, ସହାୟିକା ସଂଘ ଛତ୍ରପୁର ବ୍ଲକ ଶାଖା ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀ ସୀତାରାମ ପାତ୍ରଙ୍କ ଜରିଆରେ ପ୍ରଦାନ କରିଛନ୍ତି। ପାଚିକା, ସହାୟିକାଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ, ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ଭତ୍ତା ମିଳିବା ବ୍ୟବସ୍ଥା କରିବା, କାର୍ଯ୍ୟରତ ସମୟରେ ଦୁର୍ଘଟଣା ଘଟିଲେ କ୍ଷତିପୂରଣ ଦେବା, ବର୍ଷକୁ ୧୦ମାସ ବଦଳରେ ୧୨ମାସର ଭତ୍ତା, ସାମାଜିକ ସୁରକ୍ଷା ପ୍ରଦାନ ଓ ପରିଚୟ ପତ୍ର ପ୍ରଦାନ କରିବା ଆଦି ଦାବି ଉଲ୍ଲେଖ କରାଯାଇଛି। ପ୍ରଥମେ ସ୍ଥାନୀୟ ଅପରବସଷ୍ଟାଣ୍ଡ ଠାରୁ ସଂଘର ଶତାଧିକ ସଦସ୍ୟା ଏଆଇଟିୟୁସି ପତାକା ଧରି ଶୋଭାଯାତ୍ରାରେ ଛତ୍ରପୁର ସହର ପରିକ୍ରମା କରି ସ୍ଥାନୀୟ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ସେମାନଙ୍କ ଅଧିକାର ନିମନ୍ତେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ସଂଘର ଜିଲାସଭାପତି ରାଜେନ୍ଦ୍ର ଦାଶ, ଏଆଇଟିୟୁସି ନେତା ଦୁର୍ଯ୍ୟୋଧନ ନାହାକ, ଛତ୍ରପୁର ବ୍ଲକ ସଭାନେତ୍ରୀ ଗୀତାଞ୍ଜଳି ତରାଇ, ସମ୍ପାଦିକା ବାସନ୍ତୀ ପଣ୍ଡା, କୋଷାଧକ୍ଷ ନିଳାଦ୍ରୀ ରାଉଳଙ୍କ ସମେତ ଶହ ଶହ ପାଚିକା ଓ ସହାୟିକା ଉପସ୍ଥିତ ଥିଲେ ।

### ଗଣେଶ, ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା

ଆର.ଉଦୟଗିରି,୩।୧୨(ଡି.ଏନ୍.ଏ.)- ମୋହନା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ଶୁକ୍ରବାର ଶ୍ରୀ ଗଣେଷ ଓ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଖୁବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ସକାଳ ୭ରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ୬ଟା ଯାଏ ଚାଲିଥିଲା। ଉକ୍ତ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଉପସ୍ଥିତ ଥିଲେ। ବ୍ରହ୍ମପୁରରୁ ଆସିଥିବା ନନ୍ଦ ଓ ତାଙ୍କ ସହଯୋଗୀ ମିଶ୍ର ମିଶି ଠାକୁରଙ୍କ ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏହି ଉତ୍ସବରେ ସାମିଲ ହୋଇଥିଲେ। ପୂଜା ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ। କର୍ତ୍ତା ହିସାବରେ ବିଦ୍ୟାଳୟର ସମ୍ପାଦକ ଦଣ୍ଡାସୀ ସାହୁ ଉପସ୍ଥିତ ରହି ଥିଲେ। ପରିଚାଳନା କମିଟି ସଦସ୍ୟ ରବି ସାମନ୍ତରା, କୋଷାଧକ୍ଷ ସୁରେନ୍ଦ୍ର ଜେନା ଉପସ୍ଥିତ ଥିଲେ।

# ତଦନ୍ତ ପାଇଁ ଅତିରିକ୍ତ ଏସପିଙ୍କୁ ଦାୟିତ୍ୱ

- ବ୍ୟବସାୟୀଙ୍କୁ ଥାନାଧିକାରୀ ମାଡ ମାରିବା ଘଟଣା
- ରିପୋର୍ଟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ-ଏସପି

ଗୋପାଳପୁର, ୩।୧୨(ଡିଏନଏ)

କନ୍ଧମାଳ ଜିଲା ରାଇକିଆ ଅଞ୍ଚଳର ଯୁବ ବ୍ୟବସାୟୀଙ୍କୁ ତତ୍କାଳୀନ ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀ ପିଟିବା ଘଟଣାରେ ବ୍ରହ୍ମପୁର ଏସ୍‌ପି ତଦନ୍ତ ପାଇଁ ଅତିରିକ୍ତ ଏସ୍‌ପିଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ରାଇକିଆର ସୁମନ କୁମାର ସାହୁଙ୍କ ଏକ କପଡା ଦୋକାନ ବଜାରରେ ଅଛି। ସେ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳର ମହିଳା ସ୍ମୃତିରେଖା ସାହୁଙ୍କ ନିକଟରୁ ପାଖାପାଖି ୪ ଲକ୍ଷ ଟଙ୍କା ଉଧାର ନେଇଥିଲେ। ସମୟ କ୍ରମେ ସୁଧ ସହ ମୂଳ ଟଙ୍କା ଅନ୍‌ଲାଇନ ଜରିଆରେ ସେ ଫେରାଇ ଦେଇଥିଲେ। ହେଲେ ଉଭୟଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା କପିକୁ ସୁମନ ନେଇ ନ ଥିଲେ। ଏହାର ସୁଯୋଗ ନେଇ ସ୍ମୃତିରେଖା ପୁଣି ସୁମନଙ୍କୁ ଟଙ୍କା ଶୁଝିବା ଲାଗି ଚାପ ପକାଇ ଆସୁଥିଲେ। କୌଣସି ଟଙ୍କା ମୋତେ ଦେଇନ କହି ବାରମ୍ବାର ମାନସିକ ନିର୍ଯ୍ୟାତନା ଦେଉଥିଲେ। ପରେ ସୁମନ ନେଇଥିବା ଟଙ୍କା ଫେରସ୍ତ କରି ନ ଥିବା ନେଇ ସ୍ମୃତିରେଖା ଗୋପାଳପୁର ଥାନାରେ ଗତ ୨୭ ତାରିଖରେ ଅଭିଯୋଗ କରିଥିଲେ। ଗତ ୨୮ ତାରିଖ ରାତିରେ ଏକ ଘରୋଇ ଗାଡିରେ ଗୋପାଳପୁର ପୋଲିସ ରାଇକିଆ ଆସି ସୁମନ ଏବଂ ତାଙ୍କ ସ୍ତ୍ରୀ ସୁଭଦ୍ରା କୁମାରୀ ଚନ୍ଦନଙ୍କୁ ଘରୁ ଉଠାଇ ନେଇଥିଲା । ସେଠାରେ ସୁମନଙ୍କୁ ଥାନାଧିକାରୀ ଖମାରୀ ଟଙ୍କା ଫେରାଅ କହି ନିସ୍ଠୁକ ପିଟି ପରେ ଛାଡ଼ିଥିଲେ। ଏ ନେଇ ସୁମନ ରାଇକିଆ ଥାନାରେ ଅଭିଯୋଗ କରିଥିଲେ। ସୁମନଙ୍କ ଏତଲା କ୍ରମେ ତତ୍‌କାଳୀନ ଥାନାଧିକାରୀ ଖମାରୀ ଓ ସମ୍ପୃକ୍ତ ମହିଳାଙ୍କ ନାଁରେ ମାମଲା ରୁଜୁ ହୋଇଥିଲା।

ବ୍ରହ୍ମପୁର ଏସପିଙ୍କୁ ମାମଲା ସମ୍ପର୍କରେ ପଚାରିବାରୁ ଶୁକ୍ରବାର ଥାନାଧିକାରୀଙ୍କୁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ସୁନାପୁର ମେରାଇନ ଥାନାଧିକାରୀ ସାରଦା ପ୍ରସନ ଦାଶଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ବ୍ରହ୍ମପୁର ଏସ୍‌ପି ଡା.ଶର୍ବଣା ବିବେକ ଏମ୍‌ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣାର ନିରପେକ୍ଷ ତଦନ୍ତ କରାଯିବ। ପ୍ରଥମ କରି ଥାନାଧିକାରୀଙ୍କୁ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଅତିରିକ୍ତ ଏସପିଙ୍କୁ ୪ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ସୁମନଙ୍କ ପକ୍ଷରୁ ଜାତୀୟ ମାନବାଧିକାରୀ କମିଶନ ଓ ପୋଲିସ ଡିଜିଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି।

## ସରପଞ୍ଚ ସଂଘ କର୍ମକର୍ତ୍ତା ଚୟନ



ନିର୍ବାଚିତ ପ୍ରତିନିଧିମାନେ।

ଫୁଲବାଣୀ ଅଫିସ, ୩।୧୨

ଫୁଲବାଣୀ କୁଇ ସମାଜ ସେବା ସମିତି ଗୃହରେ ଶନିବାର ଜିଲାର ସରପଞ୍ଚମାନଙ୍କୁ ନେଇ ଏକ ବୈଠକରେ କର୍ମକର୍ତ୍ତା ଚୟନ ହୋଇଛନ୍ତି । ସଭାପତି ଭାବେ ସୁଦର୍ଶନ କହଁର, ଉପ ସଭାପତି ଜାନକୀ ପ୍ରଧାନ, ସମ୍ପାଦକ ସୟ ନାୟକ, ଯୁଗ୍ମ ସମ୍ପାଦକ ଲାଲମୋହନ କହଁର, କୋଷାଧକ୍ଷ ଭାବେ ରୋହିତ କହଁରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଏହାପରେ ବିଭିନ୍ନ ସମସ୍ୟା ଆଲୋଚନା କରାଯାଇଥିଲା ।। ସରପଞ୍ଚମାନେ ଦୈନିକ ୧୦ ଘଣ୍ଟା କାମ କରଥିବା ବେଳେ ସରକାର ଅଣ ଦେଖା କରି ଆସୁଛନ୍ତି। ସମସ୍ତ ଦାବି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ଲାଗି ନିଷ୍ପତି ଗ୍ରହଣ କରା ଯାଇଥିଲା ।

## ବିପର୍ଯ୍ୟୟ ପ୍ରଶମନ ତାଲିମ

ଜି.ଉଦୟଗିରି,୩।୧୨(ଡି.ଏନ.ଏ.)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସ୍ଥାନୀୟ ସମନ୍ୱିତ ସଭାଗୃହଠାରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କନ୍ଧମାଳଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ଭୁବନେଶ୍ୱରଙ୍କ ପ୍ରୟୋଜନରେ ଚଳିତ ମାସ ୨ ରୁ ୧୩ ତାରିଖ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀମାନଙ୍କ ପାଇଁ ଜିଲାସ୍ତରୀୟ ଆପଦ ମିତ୍ର ପ୍ରଶମନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲା ଆପାତଃ କାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ ଓ ମୁଖ୍ୟ କୋଡିନେଟର ସୋରଜ୍ କୁମାର୍ ଦାସ ପରିଚାଳନା କରିଥିଲେ। ଜିଲା ଆପାତଃ କାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ସମେତ ଅତିଥିମାନେ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ୪୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିବା ବେଳେ ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ କହଁର, ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ରତିକାନ୍ତ ସାହୁ ମଞ୍ଚାସୀନ ରହିଥିଲେ। ଏହି ତାଲିମ ଶିବିରରେ କନ୍ଧମାଳ ଜିଲା କୋଟଗଡ, ଜି.ଉଦୟଗିରି, ଚକାପାଦ, ଦାରିଙ୍ଗବାଡି, କ. ନୂଆଗାଁ ବ୍ଲକର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ।

### ଭୋଟର ତାଲିକା ଉପରେ ସର୍ବଦଳୀୟ ବୈଠକ

ଭଞ୍ଜନଗର,୩।୧୨(ଡି.ଏନ.ଏ)

ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ଯୋଡ଼ିବା ପାଇଁ ଶୁକ୍ରବାର ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଅଧକ୍ଷତା କରି ତାଲିକାରେ କିଭଳି ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ସଂଯୋଗ ହୋଇପାରିବ ସେ ସମ୍ପର୍କରେ କହିଥିଲେ । ରାଜନୈତିକ ଦଳର ସହଯୋଗ ରହିଲେ ଏହା ଶତପ୍ରତିଶତ ସଫଳ ହୋଇପାରିବ। ତେଣୁ ଏଥିପ୍ରତି ସମସ୍ତ ଦଳ ଦୃଷ୍ଟି ଦେବାପାଇଁ ଉପସ୍ଥିତ ନେତାମାନଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ବିଜେଡି ଭଞ୍ଜନଗର ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ପୂର୍ବତନ ଜିଲା କଂଗ୍ରେସ କାର୍ଯ୍ୟକାରୀ କମିଟି ସଭାପତି ସନ୍ତୋଷ ନାୟକ, ଯୁବ କଂଗ୍ରେସ ନେତା ଗିରିଜା ଶଙ୍କର ଭୂୟାଁ, ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, ଭାଜପା ଘୁମୁସର ଜିଲା ସାଙ୍ଗଠନିକ ଉପସଭାପତି ସନ୍ତୋଷ ତିଆଡ଼ି, ବାମପନ୍ଥୀ ନେତା ଅଭିମନ୍ୟୁ ଗୌଡ଼ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

## ୧୫ ଫୁଟିଆ ଅହିରାଜ ଉଦ୍ଧାର

ବୁଗୁଡା,୩।୧୨(ଡି.ଏନ.ଏ.)



ବୁଗୁଡ଼ା ବ୍ଲକ ଅନ୍ତର୍ଗତ କୁଆନଳା ଗ୍ରାମର ଜନବସତି ନିକଟସ୍ଥ ବିଲମାଳରୁ ଏକ ୧୫ ଫୁଟିଆ ଅହିରାଜ ସାପକୁ ଶନିବାର ଉଦ୍ଧାର କରାଯାଇଛି। ଶନିବାର ଅପରାହ୍ନରେ କୁଆନଳା ଗାଁର ବିଲମାଳରେ ଲୋକେ ଧାନ କାଟୁଥିବା ବେଳେ ବିରାଟକାୟ ଅହିରାଜ ସାପଟିଏ ଦେଖିଥିଲେ। ସେମାନେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ସ୍ନେକ୍ କ୍ୟାଚର୍ ହରିଶ୍ ପାଢୀଙ୍କୁ ଡକାଇଥିଲେ। ହରିଶ ଘଟଣାସ୍ଥଳରେ ପହଞ୍ଚି କୌଶଳରେ ସାପଟିକୁ ଧରିନେଇ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଥିଲେ।

## କେଜିବିଭି କର୍ମଚାରୀ ସଂଘର ବିକ୍ଷୋଭ




କେଜିବିଭିର କର୍ମଚାରୀମାନେ ।

ଫୁଲବାଣୀ ଅଫିସ, ୩।୧୨

କନ୍ଧମାଳ ଜିଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି) କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ସଙ୍ଗଠନର ସଭାନେତ୍ରୀ ବୈଜୟନ୍ତୀମାଳା ମହାପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ଏହି ଦାବିପତ୍ର ପ୍ରଦାନ କରିଥିଲେ । ସରକାର ବାଳିକା ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ପାଠ ଛାଡି ଥିବା ଶତାଧିକ ଆଦିବାସୀ ବାଳିକା ମାନଙ୍କୁ ଶିକ୍ଷିତ କରାଯାଉଛି । ହଷ୍ଟେଲରେ ରଖି ଦିନରାତି ସେମାନଙ୍କ ସେବା ଓ ସୁରକ୍ଷା ଦାୟିତ୍ୱ କର୍ମଚାରୀମାନେ ତୁଲାଉଛନ୍ତି। ହେଲେ ସରକାର ଏହି କର୍ମଚାରୀମାନଙ୍କୁ ସ୍ଥାୟୀ କରୁ ନାହାନ୍ତି ବୋଲି ସଭାନେତ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି। ଠିକାଭିତ୍ତିରେ କାମ କରୁଥିବା କେଜିବିଭି କର୍ମଚାରୀଙ୍କ ଦରମା ସହ ଇନକ୍ରିମେଣ୍ଟ ବୃଦ୍ଧି, ଘର ଭଡା, ସରକାରୀ କର୍ମଚାରୀଙ୍କୁ ମିଳୁଥିବା ବିଭିନ୍ନ ଭତ୍ତା ପ୍ରଦାନ କରିବା ଆଦି ଦାବି ସଂଘର ଦାବି ରହିଛି। ସଂଘ ସମ୍ପାଦିକା ଗୀତାରାଣୀ ପ୍ରଧାନ, କୋଷାଧକ୍ଷ ପ୍ରିୟମ୍ବଦା ବିଶୋଇ, ସଂଗୀତା କର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ ।

## ପୋଲସରା ମାଧ୍ୟମିକ ଶିକ୍ଷକଙ୍କ ସାଙ୍ଗଠନିକ ବୈଠକ

ପୋଲସରା,୩।୧୨(ଡି.ଏନ.ଏ.)

ପୋଲସରା ଏନ୍‌ଏସି ରାଣୀପଡା ସ୍ଥିତ ବାଲୁଙ୍କେଶ୍ୱର ହାଇସ୍କୁଲରେ ଶନିବାର ପୋଲସରା ବ୍ଲକର ନୂତନ ଅନୁଦାନ ପ୍ରାପ୍ତ ୧୨ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ମଧ୍ୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷକ ଏବଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ସର୍ବ ସହମତି କ୍ରମେ ସଭାପତି ଭାବେ ରଞ୍ଜନ କୁମାର ସାହୁ, ଉପସଭାପତି ଭାବେ ଅଶୋକ କୁମାର ପାଣିଗ୍ରାହୀ, ସମ୍ପାଦକ ସରୋଜ କୁମାର ବିଷୋୟୀ, ଯୁଗ୍ମ ସମ୍ପାଦକ ରବିନାରାୟଣ ମିଶ୍ର, କୋଷାଧକ୍ଷ ସଚିଦାନନ୍ଦ ଦାସଙ୍କୁ ନୂତନ ସମସ୍ୟା ଭାବେ ମନୋନୀତ କରାଯାଇଥିଲା। ପରେ ଶିକ୍ଷକ କର୍ମଚାରୀଙ୍କ ସମସ୍ତ ଦାବିକୁ ରାଜ୍ୟ ନେତୃ ମଣ୍ଡଳୀ ସଂଘର ଉପଦେଷ୍ଟା ତଥା ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନିକଟରେ ଆଲୋଚନା କରି ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ମୋହନାରେ ବିଶ୍ୱ ଭିନ୍ନକ୍ଷମ ଦିବସ

ଆର.ଉଦୟଗିରି,୩।୧୨(ଡି.ଏନ୍.ଏ.)– ମୋହନା ସଦରଠାରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ ବଧିର ମାନସିକ ଅନଗ୍ରସର ଓ ମସ୍ତିଷ୍କ ପକ୍ଷାଘାତ ସ୍ୱତନ୍ତ୍ର ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆର.ଉଦୟଗିରି ପୋଲିସ ଉପଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ସଭାରେ ସଭାପତିତ୍ୱ କରିଥିଲେ ପରିଚାଳନା କମିଟିର ଉପସଭାପତି ଶରତ ଚନ୍ଦ୍ର ମଲିକ। ସମ୍ମାନିତ ଅତିଥି ଭାବେ ଉକ୍ତ ଉତ୍ସବରେ ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ଏମ୍‌ପି ପ୍ରତିନିଧି ଆର.ଉଦୟଗିରି ତଥା ସାମାଜିକ କର୍ମୀ ଜଗବନ୍ଧୁ ଦାସ, ପରିଚାଳନା କମିଟି ସମ୍ପାଦକ ଦଣ୍ଡାସି ସାହୁ, ଅବସରପ୍ରାପ୍ତ ସେନା ଅଧିକାରୀ ଟେର୍ଜିଙ୍ଗ ଗ୍ୟାଲୋପ, ସାମାଜିକ କର୍ମୀ ରବି ରତନ, ଡ୍ରାଇଭର ସଂଘ କୋଅର୍ଡିନେଟର ଦୁଃଖୀଶ୍ୟାମ ପାତ୍ର, ରବୀନ୍ଦ୍ର କୁମାର ସାମନ୍ତରାୟ, ମାର୍ସଲ ନାୟକ, ମଧୁସୂଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମଧୁବୈଶ୍ୟ ସମାଜ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ଉତ୍ସବ

କବିସୂର୍ଯ୍ୟନଗର,୩।୧୨(ଡି.ଏନ.ଏ.)

କବିସୂର୍ଯ୍ୟନଗର ମଧୁବୈଶ୍ୟ ସମାଜ ପକ୍ଷରୁ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଲାଗି ଅଗ୍ରପୂଜ୍ୟ ଗଣେଶ ରଥର ନଗର ପରିକ୍ରମା ଉତ୍ସବ ସମ୍ପାଦିତ ହୋଇଛି। ଜିଲାର ତାରାତାରିଣୀ ପୀଠ ଠାରେ ମଧୁବୈଶ୍ୟ ସମାଜର କୁଳଗୃହ ଆଗାମୀ ୯ତାରିଖରେ ପ୍ରତିଷ୍ଠା କରାଯିବ। ଏହି ଉଦ୍ଦେଶ୍ୟରେ ଏକ ସୁସଜ୍ଜିତ ଗଣେଶ ରଥକୁ ବନ୍ଦାପନା କରି ସହର ପରିକ୍ରମା କରାଯାଇଛି। ଏହି ରଥ ବନଦେବୀ ମନ୍ଦିରରୁ ବାହାରି ନଗର ପରିକ୍ରମା କରି କୋଠଘରଠାରେ ପହଞ୍ଚିଥିଲା। ଜିଲାର ୩୦ ତାଲୁକା ସମସ୍ତ ତୈଳିକ ସମାଜ ଏଥିରେ ଅଂଶଗ୍ରହଣ କରିବେ। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୯ରୁ ୧୧ ପର୍ଯ୍ୟନ୍ତ ତାରାତାରିଣୀ ପୀଠରେ ଅନୁଷ୍ଠିତ ହେବ। କବିସୂର୍ଯ୍ୟନଗର ମଧୁବେଶ୍ୟ ସମାଜ ସଭାପତି ଗୋଦାବରୀ ସାହୁ, ଉପସଭାପତି ସାଧୁଚରଣ ସାହୁ, ବିଶ୍ୱନାଥ ସାହୁ, ଗୌରୀଶଙ୍କର ଶାସମଲ, ହୀନ ସାହୁ, ରାମନାଥ ସାହୁ ଓ ମନୋଜ ସାହୁ ଆଦି ଯୋଗ ଦେଇଥିଲେ।

### କୁଇନ ମିଶନ ହାଇସ୍କୁଲରେ କ୍ୟାରିୟର କାଉନସେଲିଂ

ବ୍ରହ୍ମପୁର ଅଫିସ,୩।୧୨

କୁଇନ ମିଶନ ହାଇସ୍କୁଲରେ ଶୁକ୍ରବାର ପୂର୍ବତନ ଛାତ୍ର ସଂଘ ପକ୍ଷରୁ ଏମ.ଅକ୍ଷୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କ୍ୟାରିୟର କାଉନସେଲିଂ ଓ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡା ଅଧକ୍ଷତା କରିଥିଲେ। ୟୁନିସେଫ ଅଧିକାରୀ ସୂର୍ଯ୍ୟ ଦାସ ଉପସ୍ଥିତ ରହି ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ କ୍ୟାରିୟର ସମ୍ପର୍କରେ ବହୁ ଆବଶ୍ୟକୀୟ ତଥ୍ୟ ଜଣାଇଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଅଗ୍ନିବୀର ଯୋଜନାରେ କିପରି ଭାରତୀୟ ସେନାରେ ଭର୍ତ୍ତି ହୋଇ ଭଲ କ୍ୟାରିୟର ଗଢ଼ି ହେବ ସେ ସମ୍ପର୍କରେ ମଧ ବୁଝାଇଥିଲେ। ଏହି ଅବସରରେ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ମହିଳାଙ୍କ ସମେତ ୩ ଅଭିଯୁକ୍ତ ଜେଲ ଗଲେ




ଦିଗପହଣ୍ଡି,୩।୧୨(ଡି.ଏନ.ଏ.)

### ଗଞ୍ଜେଇ ବୋଝେଇ କାର ଜବତ

ଗଞ୍ଜାମ ଜିଲା ପାଟପୁର ପୋଲିସ ଶନିବାର ସକାଳୁ ଏକ ଗଞ୍ଜେଇ ବୋଝେଇ କାର (ନଂ. ଓଆର ୦୨ ବି ଏକ୍ସ୍ ୮୦୦୦)କୁ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ସମୁଦାୟ ୩ ଜଣଙ୍କୁ ପୋଲିସ ଗିରଫ କରି ବ୍ରହ୍ମପୁର ଜିଲା ଦୌରା ଜଜ୍ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପାଟପୁର ଥାନା କଂସାମାରୀ ଗ୍ରାମର ଦଳବେହେରା ସୁରେନ୍ଦ୍ର ଦୋରା, ଦିଗପହଣ୍ଡି ତିଳୋତ୍ତମା ନଗରର ଦଳବେହେରା ସବିତା ଦୋରା ଏବଂ ହିଞ୍ଜିଳି ଥାନା କରାଖଣ୍ଡି ଗ୍ରାମର ପପୁ ସେଠୀ। ଥାନା ମାମଲା ନଂ.୪୩୪/୨୨ ଅନୁଯାୟୀ ଅଭିଯୁକ୍ତ ମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି। ସୂଚନାଯୋଗ୍ୟ, ପାଟପୁର ପୋଲିସ ରାତ୍ରି ପାଟ୍ରୋଲିଂ ସାରି ଥାନାକୁ ଫେରୁଥିବା ବେଳେ ପଳାସପୁର-ଡେଙ୍ଗାଓସ୍ତା ମୁଖ୍ୟ ରାସ୍ତା ନୂଆଗଡ଼ ଛକ ନିକଟ ଭାଗବତ ବଟ ନିକଟରେ ଦ୍ରୁତଗତିରେ ଯାଉଥିବା ଏକ କାରକୁ ସନ୍ଦେହରେ ଅଟକାଇ ତଲାସ କରିବାରୁ ସେଥିରେ ୫ ଗଞ୍ଜେଇ ବସ୍ତା ରହିଥିଲା। ଜବତ ଗଞ୍ଜେଇକୁ ସାନଖେମୁଣ୍ଡି ତହସିଲଦାର ଡ଼. ଶ୍ରୀନିବାସ ବେହେରାଙ୍କ ଉପସ୍ଥିତିରେ ଓଜନ କରିବାରୁ ସେଥିରେ ୨୪୩ କେଜି ଗଞ୍ଜେଇ ଥିବା ଜଣାପଡିଥିବା ପାଟପୁର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆସିକା ଏସଡ଼ିପିଓ ଉମା ଶଙ୍କର ସିଂ ସୂଚନା ଦେଇଛନ୍ତି।

## ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ପରିବା ଚାଷ

ରାଇକିଆ,୩।୧୨(ଡି.ଏନ.ଏ)



ମହିଳାମାନେ ପରିବା ବିକ୍ରି କରୁଛନ୍ତି।

ସକାଳୁ ତାଜା ପନିପରିବା ସହ ରାସ୍ତା ପାର୍ଶ୍ୱରେ ମହିଳାଙ୍କ ପନିପରିବା ବ୍ୟବସାୟର ଲମ୍ବା ଧାଡ଼ି । ଫୁଲ କୋବି, ବିମ୍ବ, ବନ୍ଧା କୋବିଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଶାଗ ବିକ୍ରି କରୁଛନ୍ତି ମହିଳା । ସତେଜ ପନିପରିବା ପାଇଁ ଗ୍ରାହକଙ୍କ ମଧ ଭିଡ ଜମୁଛି । ପୂର୍ବରୁ ନିଜ ଜମିରେ ଚାଷ କରୁଥିବା ପନିପରିବାକୁ ବାହାର ବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ। ଏବେ କିନ୍ତୁ ନିଜେ ବଜାରକୁ ପନିପରିବା ଆଣି ବିକ୍ରି କରି ଉଚିତ୍ ଦର ପାଉଛନ୍ତି । ଏଥିରୁ ସ୍ୱାବଲମ୍ବୀ ମଧ ହେଉଛନ୍ତି। ଏ ନେଇ ମହିଳା ଚାଷୀ ରୁନିମା ପ୍ରଧାନ କୁହନ୍ତି, ପୂର୍ବରୁ ଆମେ ବ୍ୟବସାୟୀଙ୍କୁ ସିଧାସଳଖ ବିକ୍ରି କରୁଥିଲୁ। ଏବେ କିନ୍ତୁ ବଜାରକୁ ଆସି ନିଜେ ବିକ୍ରି କରୁଛୁ । ଲକ ଡାଉନ ସମୟରେ ଉତ୍ପାଦିତ ପନିପରିବା ଗାଁରେ ରହି ବିକ୍ରି କରିବା ସମ୍ଭବ ପର ହେଲା ନାହିଁ । ଅଭାବି ବିକ୍ରିର ଶିକାର ହେଲୁ। ସେବେଠାରୁ ବଜାରକୁ ଆସି ସିଧା ସଳଖ ପନିପରିବା ବିକ୍ରି କରିଲୁ। ଏହି ଧାରା ଆଜି ପର୍ଯ୍ୟନ୍ତ ଚାଲିଛି। ବର୍ଷ ତମାମ କମ ହେଲେ ମଧ ବିଭିନ୍ନ ପ୍ରକାରର ପରିବା ଚାଷ କରିଥାଉ। ଏପରିକି ଗାଁରୁ ଅନ୍ୟମାନଙ୍କଠାରୁ ମଧ କିଛି କିଛି ପରିବା ଆଣି ବଜାରରେ ବିକ୍ରି କରିଥାଉ। ସଲାଙ୍ଗିଆ ଅଞ୍ଚଳରୁ ଆସୁଥିବା ରଜନୀ ନାୟକ କୁହନ୍ତି ନିତିଦିନିଆ ରୋଜଗାର ଦେଉଛି ପନିପରିବା। ଚଳିତ ବର୍ଷ ଲଘୁଚାପ ବର୍ଷା ଯୋଗୁ ବିନସ ଚାଷରେ ବ୍ୟାପକ କ୍ଷତି ହୋଇଥିଲା। ଏହି ସମୟରେ ଅନ୍ୟ ପରିବା ବିକ୍ରି କରି ପରିବାର ଚାଲିଥିଲା। ଏବେ କିନ୍ତୁ ବନ୍ଧା କୋବି, ମଟର ଭଲ ଚାଷ ହୋଇଛି। ସେଥିରୁ ଭଲ ଦୁଇ ପଇସା ରୋଜଗାର ହେଉଛି।

# ୬ ଘର, ପାଚେରି ମାଟିରେ ମିଶିଲା


ମେଶିନ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**କୋରେଇ/କଳିଙ୍ଗନଗର, ୩।୧୨ (ସ୍ୱ.ପ୍ର./ଡି.ଏନ.ଏ.)**

ବ୍ୟାସନଗର ତହସିଲ ତଥା କୋରେଇ ବ୍ଲକ ଅଧୀନ ତଳଗଡ଼ ପଞ୍ଚାୟତ ନୂଆଗଡ଼ ମୌଜାର ସୋବରା ନିକଟରେ ସରକାରୀ ଜମିରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ ୬ ଘର ଏବଂ ପାଚେରି ମାଟିରେ ମିଶିଛି। ଏଠାରେ କେତେଜଣ ପରିବାର ସହ ରହୁଥିବାରୁ ସେମାନଙ୍କୁ ଉଠିଯିବା ପାଇଁ ପ୍ରଶାସନ ପକ୍ଷରୁ ୩ଦିନ ସମୟ ଦିଆଯାଇଛି। ଉକ୍ତ ଅଞ୍ଚଳରେ ୧୪ ଏକର ସରକାରୀ ଜମି ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଉକ୍ତ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ଲୋକେ ତହସିଲଦାରଙ୍କ ନିକଟରେ ଦାବି କରି ଆସୁଥିଲେ। ଉଚ୍ଛେଦ ସମୟରେ ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ ପହଞ୍ଚି ପ୍ରଶାସନ ସହ ଆଲୋଚନା କରି ଆଇନ ଅନୁଯାୟୀ ହେଉଥିବା ଉଚ୍ଛେଦ ପ୍ରତି ସମର୍ଥନ ବ୍ୟକ୍ତ କରିଥିଲେ। ଉଚ୍ଛେଦବେଳେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି, ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୀୟ କୁମାର ପଟ୍ଟନାୟକ ଓ କୋରେଇ ଥାନା ଅଧିକାରୀ ସଂଘମିତ୍ରା ନାୟକ ଉପସ୍ଥିତ ଥିଲେ। ତଳଗଡ଼ ଆର୍‌ଆଇ ପ୍ରମୋଦ କୁମାର ସାମଲ ଓ ପଛିକୋଟ ଆର୍‌ଆଇ୍ ରବିନାରାୟଣ ସାହୁ ଉଚ୍ଛେଦ କାର୍ଯ୍ୟରେ ସାମିଲ ହୋଇଥିଲେ।

## ଜବରଦଖଲ ଉଚ୍ଛେଦ

# ଟାଟା ଷ୍ଟିଲ୍ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ଦିବସ



ପ୍ରଦୂଷଣ ନିୟନ୍ତ୍ରଣ ଦିବସରେ ଚାରା ରୋପଣ କରାଯାଉଛି।

**କଳିଙ୍ଗନଗର,୩।୧୨(ଡି.ଏନ୍.ଏ.)**

ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ଏହାର କାରଖାନା ପରିସରରେ ଶନିବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରାୟ ୨୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ଯେଉଁଥିରେ ଟିଏସ୍‌କେର ଆଗ୍ଲୋମେରେଟେସ୍ ମୁଖ୍ୟ ୱାଇ.ଜି.ଏସ୍. ପ୍ରସାଦ, ଟିଏସ୍‌କେର ମେକାନିକାଲ୍ ମେଣ୍ଟେନାନ୍ସ ମୁଖ୍ୟ ବିଜୟ କୁମାର ନିରଲା ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ପରିବେଶ ସ୍ୱାସ୍ଥ୍ୟ ପ୍ରତି ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏଭଳି ବୃକ୍ଷରୋପଣ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜିତ ହୋଇଆସୁଛି।

# ଭିସା ଗ୍ରୁପ୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର


ଭିସା ଗ୍ରୁପ୍ ଅଧିକାରୀଙ୍କ ଗହଣରେ ଶିବିରରେ ଯୋଗ ଦେଇଥିବା ଗ୍ରାମବାସୀ।

**କଳିଙ୍ଗନଗର,୩।୧୨(ଡି.ଏନ.ଏ)**

କଳିଙ୍ଗନଗରସ୍ଥିତ ଭିସା ଗ୍ରୁପ୍ ପକ୍ଷରୁ ଏକ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିଳ୍ପାଞ୍ଚଳ ସଂଲଗ୍ନ ବାଲୁଙ୍ଗାବନ୍ଧୀଠାରେ ଶନିବାର ଅନୁଷ୍ଠିତ ଏହି ଶିବିରରେ ୧୮୨ ଜଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ଶିବିରକୁ କାରଖାନା ନିର୍ଦ୍ଦେଶକ ମନୋଜ କୁମାର ଉଦ୍‌ଘାଟନ କରିଥିଲେ। କାରଖାନାରେ ନିଯୁକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ସେବା ଯୋଗାଇ ଦେଇଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟର ଡାକ୍ତରମାନଙ୍କ ସହଯୋଗରେ ଗ୍ରାମବାସୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିବିରରେ ସାମିଲ ସମସ୍ତ ରୋଗୀଙ୍କୁ ଔଷଧ ଯୋଗାଇ ଦିଆଯାଇଥିଲା। କାରଖାନାର ବାହ୍ୟ ସମ୍ପର୍କ ବିଭାଗ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଶିଳ୍ପାଞ୍ଚଳ ପାରିପାର୍ଶ୍ୱ ଗ୍ରାମଗୁଡ଼ିକରେ ପ୍ରତ୍ୟେକ ଶନିବାର ଏହିପରି ଶିବିର ହେବ ବୋଲି ଭିସା ଗ୍ରୁପ୍ ତରଫରୁ ସୂଚନା ଦିଆଯାଇଛି।

# ବିଜେଡି ନେତା ଦଳରୁ ବହିଷ୍କୃତ

**ଯାଜପୁର ଅଫିସ୍,୩।୧୨**

■ ରାଷ୍ଟ୍ରପତିଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଅରୁଚିକର ମନ୍ତବ୍ୟ ଦେଇଥିବା ଦାନଗଦି ବ୍ଲକ ବିଜେଡିର ଡିଜିଟାଲ ସେକ୍ରେଟାରି ଅଭୟ ରାଉତଙ୍କୁ ଦଳରୁ ବହିଷ୍କାର କରାଯାଇଛି। ଏହି ମର୍ମରେ ବିଜୁ ଯୁବ ଜନତା ଦଳର ଯାଜପୁର ଜିଲା ସଭାପତି ପ୍ରତାପ ମହାନ୍ତି ଏକ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଉକ୍ତ ବିଜ୍ଞପ୍ତିରେ ସେ ଆହୁରି ଦର୍ଶାଇଛନ୍ତି ଯେ, ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଓଡ଼ିଶାର ଗର୍ବ।

ଭାରତୀୟ ଗଣତନ୍ତ୍ରର ମୁଖ୍ୟ ରାଷ୍ଟ୍ରପତିଙ୍କ ପ୍ରତି ବିଜୁ ଜନତା ଦଳର ସର୍ବଦା ସମ୍ମାନ ରହିଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଦାନଗଦି ବ୍ଲକ ବିଜେଡିର ଡିଜିଟାଲ ସେକ୍ରେଟାରି ରାଉତ ରାଷ୍ଟ୍ରପତିଙ୍କ ପ୍ରତି ଅରୁଚିକର ମନ୍ତବ୍ୟକୁ ବିଜେଡି ଦୃଢ଼ ନିନ୍ଦା କରୁଛି। ଏତାଦୃଶ ଆଚରଣ ପାଇଁ ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଗଲା ବୋଲି ସେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଟମକା ଥାନା ଅନ୍ତର୍ଗତ ଅଲେଖପୁର ଗ୍ରାମର ଅଭୟ ଗତ ୨ ତାରିଖ ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତିଙ୍କ ବର୍ଣ୍ଣକୁ ନେଇ ଅସଭ୍ୟ ଭାବରେ ଲେଖିଥିଲେ, ଯାହାକୁ ନେଇ ଅଧିକାଂଶ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ତୀବ୍ର ପ୍ରତିକ୍ରିୟା ଦେଇଥିଲେ। ଶନିବାର ଏହାକୁ କେନ୍ଦ୍ରକରି ଭାଜପା ନେତା ଯାତ୍ରାକର ଜେନା ଏବଂ ପୁଷ୍ପକ ମହାପାତ୍ରଙ୍କ ନେତୃତ୍ୱରେ ସୁକିନ୍ଦା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୁକିନ୍ଦା ଥାନାରେ ଏତଲା ଦିଆଯାଇଥିଲା। ଉକ୍ତ ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବଢୁଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି ଜୋର ଧରିଛି।

# ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ବୈଷ୍ଣବ

**ବରୀ,୩।୧୨(ଡି.ଏନ.ଏ.)**

■ ବରିଷ୍ଠ ଖବରଦାତା ବୈଷ୍ଣବ ଚରଣ ଜେନାଙ୍କ ପରଲୋକ

■ ବରୀ ଅଞ୍ଚଳରେ ଶୋକର ଛାୟା

ବରୀ ବ୍ଲକ୍ ଅଧୀନ ମନ୍ଦାରି ପଞ୍ଚାୟତ ବେଞ୍ଚାରାପୁର ଗ୍ରାମର ବରିଷ୍ଠ ଖବରଦାତା ବୈଷ୍ଣବ ଚରଣ ଜେନାଙ୍କ ଶୁକ୍ରବାର ରାତିରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶନିବାର ତାଙ୍କ ମରଶରୀର ଜନ୍ମମାଟିରେ ପହଞ୍ଚିବାପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କେବଳ ଜଣେ ଖବରଦାତା ହିସାବରେ ନୁହେଁ ସମାଜସେବା, ସଂସ୍କାରମୂଳକ କାର୍ଯ୍ୟ ଏବଂ ବିଭିନ୍ନ ଅନୁଷ୍ଠାନ ସହ ଯୋଡ଼ି ହୋଇ ସେ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଅଞ୍ଚଳର ଜଣେ ଅନୁଷ୍ଠାନ। ଯୌତୁକ ପ୍ରଥାକୁ ଘୋର ବିରୋଧ କରୁଥିଲେ। ବରୀ ଅଞ୍ଚଳରେ ସାମ୍ୟବାଦୀ ଚିନ୍ତାଧାରା କିଭଳି ଅଧିକ ପ୍ରଚାରିତ ଓ ପ୍ରସାରିତ ହୋଇପାରିବ ସେ ଏ କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କ ପରଲୋକ ଖବର ପାଇ ବରୀ ବିଧାୟିକା ସୁନନ୍ଦା ଦାସ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଏଭଳି ଜଣେ ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି ଓ ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ କାର୍ଯ୍ୟକରି ଲୋକପ୍ରିୟତା ହାସଲ କରିଥିବା ବ୍ୟକ୍ତିଙ୍କୁ ହରାଇ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ତାଙ୍କ ବିୟୋଗ ବରୀ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି। ମରଶରୀର ନିକଟରେ ହରିହର ପଣ୍ଡା, ସରପଞ୍ଚ ଧୀରେନ୍ଦ୍ର ନାଥ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଜେନା, ଯୋଗେନ୍ଦ୍ର ନାଥ ଜେନା ଓ ପୂର୍ବତନ ବରୀ ବ୍ଲକ୍ ବିଜେଡି ସଭାପତି ବିଚିତ୍ରାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ବଦ୍ରିନାଥ ଜେନା ମୁଖାଗ୍ନି ଦେଇଥିଲେ।

# ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ରସୁଲପୁର,୩।୧୨(ଡି.ଏନ.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ମୁଳାପାଳ ଛକ ନିକଟରେ ଶୁକ୍ରବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଶନିବାର ସକାଳେ ଛକ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ତାଙ୍କ ପରିଚୟ ମିଳି ପାରିନାହିଁ। ମୃତଦେହକୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ପରିଚୟ ପାଇଁ ୩ଦିନ ରଖାଯିବ। ଏହାପରେ ବ୍ୟବଚ୍ଛେଦ କରାଯଇ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଥାନାରେ ନଂ.୩୯୦/୨୨ରେ ଏକ ମାମଲା ରୁଜୁ ହୋଇଛି।

# ପ୍ରକାଶ ପାଇଲା ବୃତ୍ତି ପରୀକ୍ଷା ଫଳାଫଳ

**ବିଞ୍ଝାରପୁର,୩।୧୨(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବୃତ୍ତି ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ.୨୫୨୨ ଓ ୨୫୨୬ ଅନୁଯାୟୀ ପରୀକ୍ଷା ଫଳ ଘୋଷଣା କରାଯାଇଛି। ଏହି ପରୀକ୍ଷାରେ ବ୍ଲକର ମୋଟ୍ ୧୪ଟି କ୍ଲଷ୍ଟରର ଛାତ୍ରୀଛାତ୍ର ପରୀକ୍ଷାଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ତୃତୀୟ ଶ୍ରେଣୀରେ ୭ ଓ ପଞ୍ଚମ ଶ୍ରେଣୀରେ ୭ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତୃତୀୟ ଶ୍ରେଣୀରେ ବାଙ୍ଗରା ନୋଡାଲ ୟୁପି ସ୍କୁଲର ଛାତ୍ରୀ ଅର୍ପିତା ଆରୁଖ ପ୍ରଥମ, ସିଂହପୁର ସରସ୍ୱତୀ ଶିଶୁମନ୍ଦିର ଛାତ୍ର ସାଇରଞ୍ଜନ ଧଳ, ଛାତ୍ରୀ ପ୍ରତ୍ୟୁଷା ପ୍ରିୟଦର୍ଶିନୀ ଥାଟୋଇ, ଛାତ୍ରୀ ସନିଧା ମହାନ୍ତି ଦ୍ୱିତୀୟ, ଚତୁର୍ଥ ଓ ଷଷ୍ଠ ସ୍ଥାନ, ବିତନା ସରସ୍ୱତୀ ଶିଶୁମନ୍ଦିର ଛାତ୍ର ସାଇ ଶୁଭଙ୍କର ନାୟକ ତୃତୀୟ, ବିଞ୍ଝାରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀ ସାହିସ୍ତା ପରୱିନ ପଞ୍ଚମ, ମା' କୋରେଇଶୁଣୀ ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଓମ୍‌ପ୍ରକାଶ ସାହୁ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ମଇନ୍ଦା ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ସୁସ୍ମିତା ଧଳ, ଛାତ୍ର ସମ୍ବିତ ସାହୁ, ସାଇ ସନ୍ତୋଷ ନନ୍ଦ ଯଥାକ୍ରମେ ପ୍ରଥମ, ତୃତୀୟ ଓ ଚତୁର୍ଥ ସ୍ଥାନ, ମା' କୋରେଇଶୁଣୀ ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀ ସୁଲଗ୍ନା ତ୍ରିପାଠୀ, ଶ୍ରୀୟାଶ୍ରୀ ସାହୁ ଦ୍ୱିତୀୟ ଓ ସପ୍ତମ ସ୍ଥାନ, ସିଂହପୁର ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଦୀବ୍ୟଜ୍ୟୋତି ସାହୁ ପଞ୍ଚମ, ବିତନା ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଲକ୍ଷ୍ମୀନାରାୟଣ ସାମଲ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି।

## ମାଛ ବେପାରୀଙ୍କୁ ଅପହରଣ ଅଭିଯୋଗ

**କଳିଙ୍ଗନଗର, ୩।୧୨ (ଡି.ଏନ.ଏ.):** ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ରାଛିପୁର ପଞ୍ଚାୟତ ଦାନିଆବରର ମାଛ ବେପାରୀ ଶୁଭେନ୍ଦୁ ମଲିକ ଶୁକ୍ରବାର ଭୋରରେ ମାଛ ବିକ୍ରି ପାଇଁ ଯାଇ ଆଉ ଫେରିନାହାନ୍ତି। ତାଙ୍କୁ ଅପହରଣ କରାଯାଇଥିବା ତାଙ୍କ ଝିଅ ଯାଜପୁର ରୋଡ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।







ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ସମଗ୍ର ଆଠଗଡ଼-ତିଗିରିଆବାସୀ, ମା' ମାଉସୀ, ଭାଇ, ଭଉଣୀ, ଯୁବକ, ଛାତ୍ର ତଥା ମଜଦୁର ସଂଗଠନ, ଚାଷୀ ମୂଲିଆ ଓ ଆଦିବାସୀ-ହରିଜନ ଭାଇଭଉଣୀଙ୍କୁ ଶୁଭେଚ୍ଛା।
(ଅକ୍ସିଜେନ୍ ବିନା କାହାରିକୁ ବିପଦ ମୁହଁକୁ ଠେଲିଦିଆଯିବ ନାହିଁ।)
ରାତି ଅଧରେ ଆପଣଙ୍କ ସାଥିରେ
ଶ୍ରୀଯୁକ୍ତ ମାନସ ରଞ୍ଜନ ବସ୍ତିଆ
ଯୁବ ସଂଗଠକ, ସମାଜସେବୀ ତଥା ସଭାପତି, ଆଠଗଡ଼ ବିକାଶ ମଞ୍ଚ

ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରତାପ କୁମାର ଦେବ (ପପୁନ ଭାଇ)
ବିଜୁ ଯୁବ ଜନତା ଦଳ, ଜିଲ୍ଲା ସଭାପତି, ଦେବଗଡ଼

ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଜିତ କୁମାର ଭୋଳ (ଝୁନୁ ଭାଇ)
ଉପାଧ୍ୟକ୍ଷ, ପୌର ପରିଷଦ, ଦେବଗଡ଼

BEST WISHES TO 'DHARITRI' 49th BIRTH ANNIVERSARY
From
Dr. SASHIBHUSAN MISHRA
PRINCIPAL
STAFF & STUDENTS
OF
RADHANATH RATH BIGYAN DEGREE MAHAVIDYALAYA, KHUNTUNI, CUTTACK, ODISHA

ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୯ତମ ଜନ୍ମ ଦିବସ ଅବସରରେ ଗଞ୍ଜାମ ବ୍ଲକ୍ ସମସ୍ତ ବର୍ଗର ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶ୍ରୀ ଲକ୍ଷ୍ମଣ ନାହାକ
ସମ୍ପାଦକ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଗଞ୍ଜାମ ବ୍ଲକ୍
ଶ୍ରୀ ଗଜେନ୍ଦ୍ର ମାଝୀ
ସଭାପତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଗଞ୍ଜାମ ବ୍ଲକ୍

ସତ୍ୟ ଓ ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ତରୁଣ କୁମାର ନାୟକ
କନିଷ୍ଠ ଯନ୍ତ୍ରୀ, ଦଶମନ୍ତପୁର ବ୍ଲକ୍

ଓଡ଼ିଶାବାସୀଙ୍କୁ ସେବା ଯୋଗାଉଥିବା 'ଧରିତ୍ରୀ'ର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର, ଅଫିସର ଏବଂ କର୍ମଚାରୀଙ୍କ ପକ୍ଷରୁ ଓଡ଼ିଶାବାସୀ ଜନସାଧାରଣଙ୍କୁ ଶୁଭ ଅଭିନନ୍ଦନ। ଶ୍ରୀଜଗନ୍ନାଥଙ୍କ ଅସୀମ କୃପାରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ଅତୁଟ ରହୁ। 'ଧରିତ୍ରୀ'ର ଦୀର୍ଘ ନିରାମୟ ଜୀବନ କାମନା କରୁଛି।
ଡାକ୍ତର ଦିଲ୍ଲୀପ କୁମାର ଦାସ
ଭାରପ୍ରାପ୍ତ ଚିକିତ୍ସାଧିକାରୀ
ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆଠଗଡ଼ ବ୍ଲକ୍, ଥା.- ଖୁଣ୍ଟୁଣୀ, କଟକ

ସତ୍ୟ ଓ ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକୀ ଉପଲକ୍ଷେ କୋରାପୁଟ ମ୍ୟୁନିସିପାଲିଟିର ସମସ୍ତ ବାପା, ମା, ଭାଇ ଓ ଭଉଣୀଙ୍କୁ ଅନେକ ଅନେକ ଅଭିନନ୍ଦନ ଏବଂ ଶୁଭକାମନା।
ଲଳାଟ ରଞ୍ଜନ ସେଠୀ
ଅଧ୍ୟକ୍ଷ, କୋରାପୁଟ ମ୍ୟୁନିସିପାଲିଟି

# ଦାବିପୂରଣକୁ ଅଣଦେଖା ପରେ ଆନ୍ଦୋଳନ ଚେତାବନୀ

**ନୟାଗଡ ଅଫିସ/ଶରଣକୁଳ,୩।୧୨:**

ନୟାଗଡ଼ ଜିଲାର ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକମାନଙ୍କ ଦାବିକୁ ସରକାର ଅଣଦେଖା କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ତେଣୁ ପୁରୁଷ ଓ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ମିଳିତ ମହାସଂଘ ପକ୍ଷରୁ ଶନିବାର ବଡ଼ପଣ୍ଡୁସର ଓ ଶୁକ୍ରବାର ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଚଳିତ ମାସ ୧୪ ତାରିଖରୁ ଅସହଯୋଗ ଆନ୍ଦୋଳନ ହେବାକୁ ଥିବାବେଳେ ୨୧ରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମହିଳା ଓ ପୁରୁଷ, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶିକା ଓ ପରିଦର୍ଶକମାନେ ସେମାନଙ୍କ ଦାବିକୁ ସରକାର ଗ୍ରହଣ କରନ୍ତୁ ବୋଲି ଦୀର୍ଘଦିନ ହେବ ଜଣାଇ ଆସୁଛନ୍ତି। ମାତ୍ର ଦାବିକୁ ଅଣଦେଖା କରି କ୍ୟାଡର ପୁର୍ନଗଠନ ପ୍ରକ୍ରିୟାରେ ରାଜ୍ୟ ସରକାର ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ସରକାରୀ କର୍ମଚାରୀମାନେ ନିଜର ଚାକିରି କାଳରେ ୪ ରୁ ୮ ଟି ପଦୋନ୍ନତୀ ପାଉଛନ୍ତି। ହେଲେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ମାତ୍ର ଗୋଟିଏ ପଦୋନ୍ନତି ପାଇଛନ୍ତି ବା କେହି ପଦୋନ୍ନତି ନ ପାଇ ଅବସର ନେଉଛନ୍ତି। ଏହାର ପ୍ରତିବାଦ ସ୍ୱରପ ୨୦୨୧ ଜାନୁୟାରୀରେ ସରକାରଙ୍କ ତରଫରୁ ମହାମାରୀ କୋଭିଡ୍ ଟିକା ନେବୁନାହିଁ କିନ୍ତୁ ଜନସାଧାରଣଙ୍କୁ ଟିକା ପ୍ରଦାନରେ ପୂର୍ଣ୍ଣ ସହଯୋଗ କରିବୁ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ୨୬।୧।୨୦୨୧ରିଖରେ ରାଜ୍ୟ ଜନସ୍ୱାସ୍ଥ୍ୟ



ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ୧୪ରୁ ଆନ୍ଦୋଳନ କରିବେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱାସ୍ଥ୍ୟ ପରିଦର୍ଶକ

ନିର୍ଦ୍ଦେଶକ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଦାବିପୂରଣ କ୍ଷେତ୍ରରେ ସହାନୁଭୁତି ପ୍ରକାଶ ପରେ ସ୍ୱାସ୍ଥ୍ୟକର୍ମୀମାନେ ଟିକା ନେଇଥିଲେ। ଇତି ମଧ୍ୟରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ କ୍ରମାଗତ ଚିଠି ପରେ ମଧ୍ୟ ବିଭାଗରେ ଫାଇଲ ଅଟକି ରହିଛି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଦାବିପୂରଣ ପାଇଁ ଆଲୋଚନା ହୋଇଥିଲେ ମଧ୍ୟ ଦାବିପୂରଣ କ୍ଷେତ୍ରରେ ବିଶେଷ ଅଗ୍ରଗତି ହୋଇପାରିନାହିଁ। ଏହା ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡର ପୁନଃଗଠିତ ହୋଇଥିଲେ ମଧ୍ୟ ଅଣଦେଖା କରାଯାଇଛି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି।

# ବିଇଓଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ



**ଦଶପଲ୍ଲା,୩।୧୨(ଡି.ଏନ.ଏ.)**

ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ସମନ୍ୱୟ ସମିତି ନିଷ୍ପତ୍ତିକ୍ରମେ ଦଶପଲ୍ଲା ବ୍ଲକ୍ ଶିକ୍ଷାଧିକାରୀ ରାଜକିଶୋର ମହାରଣାଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଶିକ୍ଷକ, କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା, ଚାକିରି ସର୍ତ୍ତାବଳୀ ଓ ପେନସନ, ଅବସର ବୟସ ୬୦ରୁ୬୨କୁ ବୃଦ୍ଧି ଆଦି ଉଲ୍ଲେଖ ରହିଛି। ଦଶପଲ୍ଲା ବ୍ଲକ୍ ଓଷ୍ଟା ସଭାପତି ଶରତଚନ୍ଦ୍ର ବେହେରା, ସମ୍ପାଦକ ଅକ୍ରୁର ପରିଡ଼ାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିସହିତ ନୟାଗଡ଼ ଜିଲା ଓଷ୍ଟାର ଯୁଗ୍ମ ସମ୍ପାଦକ ବିଷ୍ଣୁ ନାରାୟଣ ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

**ଖଣ୍ଡପଡା,୩।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ କାର୍ଯ୍ୟାଳୟ ପରିସରରେ ଶନିବାର ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ବିଭୂତି ଭୂଷଣ ନାୟକ ଯୋଗଦେଇ ଏହି ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିବା ସହ ଭିନ୍ନକ୍ଷମ ବ୍ୟକ୍ତିମାନେ ସମାଜର ବୋଝ ନୁହନ୍ତି ବରଂ ଗୋଟିଏ ଗୋଟିଏ ଅଙ୍ଗ ବୋଲି ମତ ଦେଇଥିଲେ। ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତସଲିମା ଦାସ, ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ଅରୁଣ କୁମାର ଦାସ ଓ ପଂଚାନନ ସାହୁ ପ୍ରମୁଖ ମତ ଦେଇଥିଲେ। ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ସଦାସର୍ବଦା ସାହାଯ୍ୟ ଓ ସହଯୋଗର ହାତ ବଢାଇବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ନିଃଶୁଳ୍କ ଆଇନ ସେବା ପାଇ ପାରିବେ ବୋଲି ଆଇନଜୀବୀ ତରାସିଆ ସୂଚନା ଦେଇଥିଲେ। ବରିଷ୍ଠ ଆଇନଜୀବୀ ଯୁଧିଷ୍ଠିର ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଭିନ୍ନକ୍ଷମ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ : ହାରିଲା ରେଲୱେ ଓଡ଼ିଶା

**ନୟାଗଡ଼ ଅଫିସ,୩।୧୨**

ନୟାଗଡ଼ ଜିଲା କ୍ରିକେଟ୍ ଆସୋସିଏଶନ୍ ଆନୁକୂଲ୍ୟରେ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଟି-୨୦ ନୟାଗଡ଼ କପ୍-୨୦୨୨ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଖେଳ ପଡିଆରେ ଚାଲୁ ରହିଛି। ଏହାର ତୃତୀୟ ଦିବସ ମ୍ୟାଚ୍‌ରେ ଗିରିଜାଙ୍କ ଅର୍ଦ୍ଧଶତକ ସ୍ୱତ୍ତେ ହାରିଯାଇଛି ରେଲୱେ ଓଡ଼ିଶା। କଟକ ୟୁନିୟନ୍ ସ୍ପୋର୍ଟିଂ ପ୍ରଥମେ ଟସ୍ ଜିତି ରେଲୱେ ଓଡ଼ିଶାକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ରେଲୱେ ଓଡ଼ିଶାର ଦୁଇ ବ୍ୟାଟ୍ସମ୍ୟାନ୍ ଗିରିଜା ରାଉତ ଓ ଖମେଶ୍ୱର ବାରିକ ଓପନିଂ କରିଥିଲେ। ଗିରିଜାଙ୍କ ଧୂଆଁଧାର ବ୍ୟାଟିଂ ଦଳର ରନକୁ ଅଗ୍ରସର କରିଥିଲା। ଗିରିଜା ଅର୍ଦ୍ଧଶତକ କରି ଆଉଟ୍ ହେବା ପରେ ଦଳର ନୈରାଶ୍ୟ ଜନକ ପ୍ରଦର୍ଶନ ଯୋଗୁ ରେଲୱେ ଓଡ଼ିଶା ୧୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୫ରନ କରିବାରେ ସକ୍ଷମ ହୋଇଥିଲା।

ଗିରିଜା ରାଉତ ୪୦ ବଲ୍ ସମ୍ମୁଖୀନ ହୋଇ ୮ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୫୪ ରନର ଅର୍ଦ୍ଧଶତକ ଇନିଂସ୍ ଖେଳିଥିଲେ। କଟକ ୟୁନିୟନ୍ ସ୍ପୋର୍ଟିଂ ଅଲରାଉଣ୍ଡର ଜ୍ୟୋତି ରଞ୍ଜନ ଦଳାଇ ୩.୫ ଓଭରରେ ୨୪ ରନ ବ୍ୟୟ କରି ୪ ଟି ଉଇକଟ୍ ଅକ୍ତିଆର କରିଥିଲେ। ଦ୍ୱିତୀୟ ଇନିଂସ ଖେଳ ଆରମ୍ଭରୁ କଟକ ୟୁନିୟନ୍ ସ୍ପୋର୍ଟିଂର ୧୧୬ରନର ବିଜୟ ଲକ୍ଷ ନେଇ ପଡିଆ ଭିତରକୁ ଦୁଇ ଓପନର ଜ୍ୟୋତିରଞ୍ଜନ ଓ ଅରବିନ୍ଦ ସିଂ ପ୍ରବେଶ କରିଥିଲେ। କଟକ ୟୁନିୟନ୍ ସ୍ପୋର୍ଟିଂ ଦଳର ଧୂଆଁଧାର ବ୍ୟାଟିଂ ବଳରେ ୧୫.୪ ଓଭରରେ ଦଳର ୬ଟି ଉଇକେଟ୍ ହରାଇ ପଙ୍କଜ ସେନାପତି ୨ଟି ଛକା ମାରି ଦଳକୁ ବିଜୟୀ କରିଥିଲେ। ଆଜିର ମ୍ୟାଚରେ ଅଲରାଉଣ୍ଡର ଜ୍ୟୋତିରଞ୍ଜନ ଦଳାଇଙ୍କୁ ମ୍ୟାନ୍ ଅପ୍ ଦ ମ୍ୟାଚ୍ ବିବେଚିତ କରାଯାଇ ଟ୍ରଫି ସହ ପୁରସ୍କାର ପ୍ରଦାନ କରାଯାଇଛି। ଖେଳକୁ ବିସିସିଆଇ ଲେବୁଲ୍ ୱାନର ଅମ୍ପାୟାର ଶରତ ଚନ୍ଦ୍ର ସାହୁ ଓ ଓସିଏର ଅମ୍ପାୟାର ପ୍ରଦୀପ କୁମାର ଜେନା ପରିଚାଳନା କରିଥିବା ବେଳେ ଅଧ୍ୟାପକ ଗଣେଶ ମିଶ୍ର, ଆଶୁତୋଷ ମିଶ୍ର, ସାମ୍ବାଦିକ ପ୍ରଦୀପ୍ତ ରଥ ଧାରା ବିବରଣୀ ପ୍ରଦାନ କରିଥିଲେ। ଅନଲାଇନ୍ ଓ ଅଫଲାଇନ୍ ସ୍କୋରର ସୁଶିଲ୍ କୁମାର ସୁନ୍ଦରାୟ ସହଯୋଗ କରିଥିଲେ। ଆସନ୍ତାକାଲି ମ୍ୟାଚକୁ କଟକ ରାଇଜିଂ ଷ୍ଟୁଡେଣ୍ଟସ୍ ବନାମ ନୟାଗଡ଼ କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ନୟାଗଡ଼ ଜିଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ସୂଚନା ମିଳିଛି।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରଲୋକ

**ଖଣ୍ଡପଡ଼ା,୩।୧୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ତର୍ଯ୍ୟାମୀ ଗୋଚ୍ଛିଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ସୂଚନାଯୋଗ୍ୟ ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମର ସ୍ୱର୍ଗତ ଗୋଚ୍ଛିଙ୍କ ମାତା ମାଧି ଙ୍କର ଗତ ୨୫ ତାରିଖରେ ମୃତ୍ୟୁ ହୋଇଯାଇଥିଲା। ସ୍ୱର୍ଗତ ଗୋଚ୍ଛି ତାଙ୍କ ମା'ଙ୍କର ଶୁଦ୍ଧି କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ଗୁରୁବାର ରାତି ପ୍ରାୟ ୮ଟାରେ ତାଙ୍କର ଦେହ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ସଙ୍ଗେସଙ୍ଗେ କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଶୁ ଚିକିତ୍ସା ପାଇଁ ଅଣାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଘଟିବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ବେଳେ ବାଟରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ପରିବାର ବର୍ଗଙ୍କ ସୂତ୍ରରୁ ଜଣାପଡିଛି। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜାଲ୍ ପ୍ରମାଣପତ୍ରଧାରୀଙ୍କ ନାଁରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ

## ବିଶ୍ୱ ଭିନ୍ନକ୍ଷମ ଦିବସ

ନୟାଗଡ ଅଫିସ/ଶରଣକୁଳ,୩।୧୨: ଶରଣକୁଳ ନିକଟସ୍ଥ ବାଉଁଶିଆ ଗ୍ରାମରେ ଆଶ୍ରୟ ଆନୁକୁଲ୍ୟରେ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ଶନିବାର ପାଳିତ ହୋଇଯାଇଛି। ଆଶ୍ରୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଲୋକନାଥ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଭୂ-ବିଜ୍ଞାନୀ ଏବଂ ସାହିତ୍ୟିକ ଯୁଗଳକିଶୋର ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟର ବାସ୍ତବ ଦିବ୍ୟାଙ୍ଗଙ୍କ ନାମରେ ଚାଲିଥିବା ଜାଲ ପ୍ରମାଣପତ୍ରକୁ ବନ୍ଦ କରିବା କ୍ଷେତ୍ରରେ ସରକାରୀ, ବେସରକାରୀ ସଂଗଠନ, ଜନସାଧାରଣ ଏବଂ ଗଣମାଧ୍ୟମର ଭୂମିକା ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବକ୍ତାମାନେ ଜାଲ୍ ପ୍ରମାଣପତ୍ରକୁ ବନ୍ଦ ସହ ଏହି କ୍ଷେତ୍ରରେ ପ୍ରୋତ୍ସାହନ ଯୋଗାଉଥିବା ବ୍ୟକ୍ତି ବିଶେଷଙ୍କୁ କଠୋର ଦଣ୍ଡ ବିଧାନ କରାଯାଉ କହିଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ରଧାରୀଙ୍କୁ ତଦାରଖ ଏବଂ ଅନୁସନ୍ଧାନ କରାଗଲେ ପ୍ରକୃତ ଭିନ୍ନକ୍ଷମ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେବେନାହିଁ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟପକ୍ଷେ ବାସ୍ତବ ଭିନ୍ନକ୍ଷମଙ୍କୁ ଡୋର ଷ୍ଟେପ୍ ଯୋଜନା ମାଧ୍ୟମରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ଦରକାର। ଭିନ୍ନକ୍ଷମ ନାମରେ ଫାଇଦା ଉଠାଉଥିବା ଜାଲ ପ୍ରମାଣପତ୍ର ଧାରୀ ପ୍ରମାଣିତ ହେଲେ କଠୋର ଦଣ୍ଡ ଦିଆଯିବା ଦରକାର ବୋଲି କୁହାଯାଇଛି। ଶେଷରେ ଆଶ୍ରୟ ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ ରାମକୃଷ୍ଣ ମହାରଣାଙ୍କ ଦ୍ୱାରା ରଚିତ କବିତାକୁ ଦାସ କାଠିଆ କଳାକାର ପ୍ରଫୁଲ୍ଲ ନାହାକ ପରିବେଷଣ କରିଥିଲେ।

### ଯୌତୁକ ନିର୍ଯାତନା, ସ୍ୱାମୀ କୋର୍ଟ ଚାଲାଣ

ଗଞ୍ଜାମ,୩।୧୨ (ଡି.ଏନ.ଏ.) ଗଞ୍ଜାମ ଥାନା ଅନ୍ତର୍ଗତ ବିରିପୁର ଗ୍ରାମର ପ୍ରଶାନ୍ତ ଦାସଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ କୋର୍ଟଚାଲାଣ କରାଯାଇଛି। ସ୍ତ୍ରୀ ସୁଫଳା ଦାସ ନିର୍ଯାତନା ସହିନ ପାରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୩୪/୨୨ରେ ମାମଲା ରୁଜୁ କରାଯାଇଛି।

ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ସମଗ୍ର ଆଠଗଡ଼-ତିଗିରିଆବାସୀ, ମା' ମାଉସୀ, ଭାଇ, ଭଉଣୀ, ଯୁବକ, ଛାତ୍ର ତଥା ମଜଦୁର ସଂଗଠନ, ଚାଷୀ ମୂଲିଆ ଓ ଆଦିବାସୀ-ହରିଜନ ଭାଇଭଉଣୀଙ୍କୁ ଶୁଭେଚ୍ଛା।
(ଅକ୍ସିଜେନ୍ ବିନା କାହାରିକୁ ବିପଦ ମୁହଁକୁ ଠେଲିଦିଆଯିବ ନାହିଁ)
ରାତି ଅଧରେ ଆପଣଙ୍କ ସାଥିରେ
ଶ୍ରୀଯୁକ୍ତ ମାନସ ରଞ୍ଜନ ବସ୍ତିଆ
ଯୁବ ସଂଗଠକ, ସମାଜସେବୀ ତଥା ସଭାପତି, ଆଠଗଡ଼ ବିକାଶ ମଞ୍ଚ

ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରତାପ କୁମାର ଦେବ (ପପୁନ ଭାଇ)
ବିଜୁ ଯୁବ ଜନତା ଦଳ, ଜିଲ୍ଲା ସଭାପତି, ଦେବଗଡ଼

ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଜିତ କୁମାର ଭୋଜ (ଝୁନୁ ଭାଇ)
ଉପାଧ୍ୟକ୍ଷ, ପୌର ପରିଷଦ, ଦେବଗଡ଼

ଦୈନିକ ଖବରକାଗଜ 'ଧରିତ୍ରୀ'ର ୪୯ତମ ଜନ୍ମ ଦିବସ ଅବସରରେ ଗଞ୍ଜାମ ବ୍ଲକ୍ ସମସ୍ତ ବର୍ଗର ଶିକ୍ଷୟିତ୍ରୀ/ଶିକ୍ଷକମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶ୍ରୀ ଲକ୍ଷ୍ମଣ ନାହାକ
ସମ୍ପାଦକ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଗଞ୍ଜାମ ବ୍ଲକ୍
ଶ୍ରୀ ଗଜେନ୍ଦ୍ର ମାଝୀ
ସଭାପତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ, ଗଞ୍ଜାମ ବ୍ଲକ୍

ସତ୍ୟ ଓ ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ।
ତରୁଣ କୁମାର ନାୟକ
କନିଷ୍ଠ ଯନ୍ତ୍ରୀ, ଦଶମନ୍ତପୁର ବ୍ଲକ୍

ଓଡ଼ିଶାବାସୀଙ୍କୁ ସେବା ଯୋଗାଉଥିବା 'ଧରିତ୍ରୀ'ର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ଡାକ୍ତର, ଅଫିସର ଏବଂ କର୍ମଚାରୀଙ୍କ ପକ୍ଷରୁ ଓଡ଼ିଶାବାସୀ ଜନସାଧାରଣଙ୍କୁ ଶୁଭ ଅଭିନନ୍ଦନ। ଶ୍ରୀଜଗନ୍ନାଥଙ୍କ ଅସୀମ କୃପାରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ଅତୁଟ ରହୁ। 'ଧରିତ୍ରୀ'ର ଦୀର୍ଘ ନିରାମୟ ଜୀବନ କାମନା କରୁଛି।
ଡାକ୍ତର ଦିଲ୍ଲୀପ କୁମାର ଦାସ
ଭାରପ୍ରାପ୍ତ ଚିକିତ୍ସାଧିକାରୀ
ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆଠଗଡ଼ ବ୍ଲକ୍, ଥା.- ଖୁଣ୍ଟୁଣୀ, କଟକ

BEST WISHES TO 'DHARITRI' 49th BIRTH ANNIVERSARY
From
Dr. SASHIBHUSAN MISHRA
PRINCIPAL
STAFF & STUDENTS
OF
RADHANATH RATH BIGYAN DEGREE MAHAVIDYALAYA, KHUNTUNI, CUTTACK, ODISHA

ସତ୍ୟ ଓ ନିରପେକ୍ଷ ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ଜନ୍ମ ବାର୍ଷିକୀ ଉପଲକ୍ଷେ କୋରାପୁଟ ମ୍ୟୁନିସିପାଲିଟିର ସମସ୍ତ ବାପା, ମା, ଭାଇ ଓ ଭଉଣୀଙ୍କୁ ଅନେକ ଅନେକ ଅଭିନନ୍ଦନ ଏବଂ ଶୁଭକାମନା।
ଲଲାଟ ରଞ୍ଜନ ସେଠୀ
ଅଧ୍ୟକ୍ଷ, କୋରାପୁଟ ମ୍ୟୁନିସିପାଲିଟି






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୪ ଡିସେମ୍ବର, ୨୦୨୨ Bhubaneswar, Sunday, December 4/2022

# ବ୍ୟାଟିଂ ଲାଇନ୍‌ଅପ୍ ସୁଧାରିବା ଲକ୍ଷ୍ୟରେ ଭାରତ

ମୀରପୁର,୩।୧୨(ପି.ଟି.)

ଭାରତ ଓ ବାଂଲାଦେଶ ମଧ୍ୟରେ ଦିନିକିଆ ସିରିଜ ରବିବାରଠାରୁ ଆରମ୍ଭ ହେବ। ଏହି ସିରିଜ୍‌ରେ ଭାରତୀୟ ଦଳ ନିଜର ବ୍ୟାଟିଂ ଲାଇନ୍‌ଅପ୍ ସୁଧାରିବା ଲକ୍ଷ୍ୟରେ ରହିବ। ଘରୋଇ ପରିବେଶରେ ବାଂଲାଦେଶ ବିଶ୍ୱର ଅନ୍ୟତମ ବିପଜ୍ଜନକ ଦଳ। ରବିବାର ମୀରପୁରରେ ଦିନିକିଆ ସିରିଜ ଆରମ୍ଭ ହେବାକୁ ଯାଉଛି। ୨୦୨୩ ବିଶ୍ୱକପ ପାଇଁ ଉଭୟ ଦଳ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଦଳ ସଜାଡ଼ିବାକୁ ପ୍ରୟାସ କରିବ ରୋହିତ ଶର୍ମାଙ୍କ ଭାରତ। ନ୍ୟୁଜିଲାଣ୍ଡ ସିରିଜରେ ଭାରତୀୟ ଦଳର ବିଫଳତା ପରେ କ୍ରିକେଟ ଫ୍ୟାନଙ୍କ ନଜର ଏହି ସିରିଜ ଉପରେ ରହିଛି। ରୋହିତ ଶର୍ମାଙ୍କ ସହିତ ଦ୍ୱିତୀୟ ଓପନିଂ ସ୍ଥାନ ପାଇଁ ଶିଖର ଧାୱନ ଓ ଲୋକେଶ ରାହୁଲଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ବିଗତ କିଛି ସିରିଜରେ ଧାୱନ ବଢିଆ ଫର୍ମରେ ରହିଥିବା ବେଳେ ରାହୁଲଙ୍କ ରେକର୍ଡକୁ ଦେଖିଲେ ଭାରତୀୟ ଦଳ ତାଙ୍କୁ ଅଗ୍ରାଧିକାର ଦେଇପାରେ। ସେହିପରି ବିଗତ କିଛି ସିରିଜରେ ରାହୁଲଙ୍କୁ ମଧ୍ୟକ୍ରମରେ ଖେଳାଇଥିଲା ଭାରତୀୟ ମ୍ୟାନେଜମେଣ୍ଟ। ତେଣୁ ମଧ୍ୟକ୍ରମରେ ଭାରତୀୟ ଦଳର ବ୍ୟାଟିଂ ଅର୍ଡରକୁ ନେଇ ମଧ୍ୟ ସଂଶୟ ରହିଛି। ବିରାଟ କୋହଲି ଦଳକୁ ଫେରୁଥିବାରୁ ସେ ୩ ନମ୍ବରରେ ବ୍ୟାଟିଂ କରିବେ। ସୂର୍ଯ୍ୟକୁମାର ଯାଦବଙ୍କୁ ଏହି ସିରିଜରୁ ବିଶ୍ରାମ ଦିଆଯାଇଥିବା ବେଳେ ରିଷଭ ପନ୍ତ ଓ ଶ୍ରେୟାସ ଆୟର ୪ ଓ ୫ ନମ୍ବରରେ ବ୍ୟାଟିଂ କରିପାରନ୍ତି। ହାର୍ଦ୍ଦିକ୍ ପାଣ୍ଡ୍ୟା ୬ ନମ୍ବର ବ୍ୟାଟର ଭାବରେ ଖେଳିବେ। ସେହିପରି ବୋଲିଂ ଅଲରାଉଣ୍ଡର ଭାବରେ ୱାଶିଂଟନ୍ ସୁନ୍ଦର ଓ ଶାହବାଜ ଅହମଦଙ୍କ ମଧ୍ୟରୁ ଜଣଙ୍କୁ ସୁଯୋଗ ମିଳିପାରେ। ବୋଲରଙ୍କ ମଧ୍ୟରେ ମହମ୍ମଦ ଶାମି ଆହତ ହୋଇଥିବାରୁ ତାଙ୍କ ସ୍ଥାନରେ ଉମ୍ରାନ ମଲିକଙ୍କୁ ଦଳରେ ସାମିଲ କରାଯାଇଛି। ସେହିପରି ଦୀପକ ଚହର ଓ ଶାର୍ଦ୍ଦୂଳ ଠାକୁରଙ୍କ ମଧ୍ୟରୁ ଜଣଙ୍କୁ ଖେଳାଇପାରେ ଭାରତ। ନ୍ୟୁଜିଲାଣ୍ଡ ସିରିଜରେ ବିଫଳତା ସତ୍ତ୍ୱେ ଯୁଜବେନ୍ଦ୍ର ଚହଲଙ୍କୁ ସୁଯୋଗ ଦେଇପାରେ ଭାରତ। ବାଂଲାଦେଶର ପିଚ୍ ସ୍ପିନ୍ ସହାୟକ ଥିବାରୁ କୁଲଦୀପ ଯାଦବଙ୍କୁ ସୁଯୋଗ ଦେଇପାରେ ଭାରତୀୟ ମ୍ୟାନେଜମେଣ୍ଟ।



ଦିନିକିଆ ସିରିଜ୍ ଆରମ୍ଭ ପୂର୍ବରୁ ଟ୍ରଫି ସହ ଭାରତ ଅଧିନାୟକ ରୋହିତ ଶର୍ମା ଓ ବାଂଲାଦେଶ ଅଧିନାୟକ ଲିଟନ ଦାସ।

**ଆଜିଠୁ ବାଂଲାଦେଶ ଦିନିକିଆ ସିରିଜ୍**

## ସିବିଏସ୍‌ଇ ଟେନିସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ



ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ)ର ୩ ଦିନିଆ ଟେନିସ ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୧୭ ବର୍ଷରୁ କମ୍ ଜୁନିୟର ବାଳକ ବିଭାଗରେ ଓଡ଼ିଶାର ଡିପିଏସ୍ କଳିଙ୍ଗ, ବାଳିକା ବିଭାଗରେ କିଟ୍ ଇଣ୍ଟର ନ୍ୟାଶନାଲ ଜିତିଥିବା ବେଳେ ସିନିୟର ବାଳକ ବିଭାଗରେ ଆସାମର ବିବେକାନନ୍ଦ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ବାଳିକା ବର୍ଗରେ ପଶ୍ଚିମବଙ୍ଗର ସଲ୍ଟଲେକ୍ ଶିକ୍ଷାନିକେତନ ବିଜେତା ହୋଇଛନ୍ତି। ସେହିପରି ୧୭ ବର୍ଷରୁକମ୍ ବାଳକ ବର୍ଗରେ ଆସାମ ଡିପିଏସ୍ ଓ ବାଳିକାରେ ଛତିଶଗଡ଼ ଡିପିଏସ୍ ରନର୍ସଅପ୍ ହୋଇଛନ୍ତି। ୧୯ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶାର ଡିପିଏସ୍ କଳିଙ୍ଗ ରନର୍ସ ଅପ୍ ହୋଇଛନ୍ତି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱରର ସମ୍ଭାଗୀୟ ଅଧିକାରୀ କେ. ଶ୍ରୀନିବାସନ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଓଡିଏମ୍‌ର ବିତ୍ତ ଓ ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ ସତ୍ୟେନ୍ଦୁ, ଶିକ୍ଷା ନିର୍ଦ୍ଦେଶକ, ଡ. ଆର୍ତ୍ତତ୍ରାଣ ମିଶ୍ର, ଶିକ୍ଷା ଉପଦେଷ୍ଟା ବ୍ରହ୍ମାନନ୍ଦ ରାଉତ ଏବଂ ଓଡିଏମ୍ ଗେଲାବାଲ ସ୍କୁଲର ପ୍ରାଚାର୍ଯ୍ୟା ଶୈଳେନ୍ଦ୍ର କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ।




**ଏସିଆ ଜୁନିୟର ଚାମ୍ପିୟନଶିପ୍**

## ଫାଇନାଲ ପ୍ରବେଶରେ ଉନ୍ନତି ପ୍ରଥମ ଭାରତୀୟ



ନୂଆଦିଲ୍ଲୀ, ୩।୧୨ (ପି.ଟି.)

ଥାଇଲାଣ୍ଡର ନୋଥାବୁରିଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍ ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ବିଭାଗରେ ଉନ୍ନତି ହୁଡା ପ୍ରଥମ ଭାରତୀୟ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେମିଫାଇନାଲରେ ସେ ଜାପାନର ମିଅନ ୟୋକୋଉଚିଙ୍କୁ ୨୧-୮, ୨୧-୧୭ରେ ହରାଇ ଦେଇଛନ୍ତି। ରବିବାର ସ୍ୱର୍ଣ୍ଣ ପଦକ ମ୍ୟାଚରେ ସେ ଥାଇଲାଣ୍ଡର ସାରୁନ୍‌ରାକ୍ ଭିଦିତସରନଙ୍କୁ ଭେଟିବେ। ଅନ୍ୟପକ୍ଷରେ ୧୫ ବର୍ଷରୁ କମ୍ ସିଙ୍ଗଲ୍ସ ଖେଳାଳି ଅନିଶ ଥୋପାନି ଏବଂ ୧୭ ବର୍ଷରୁ କମ୍ ପୁରୁଷ ଡବଲ୍ସ ଯୋଡ଼ି ଅର୍ଶ ମହମ୍ମଦ ଓ ସଂସ୍କାର ସାରସତ୍ୱ ସେମାନଙ୍କ ମ୍ୟାଚରେ ଚମତ୍କାର ବିଜୟ ସହ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପୁରୁଷ ଡବଲ୍ସ ଯୋଡ଼ି ଅର୍ଜୁନ ଏମ୍‌ଆର-ଚିରାଗ ଶେଟ୍ଟି (୨୦୧୩) ଏବଂ କ୍ରିଷ୍ଣା ପ୍ରସାଦ ଗାରଗା-ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ (୨୦୧୫) ଟୁର୍ନାମେଣ୍ଟର ୧୭ ବର୍ଷରୁ କମ୍ କାଟେଗୋରିରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିଲେ।

# ଲକ୍ଷ୍ୟ, କୋଚ୍ ବିମଲଙ୍କ ବିରୋଧରେ ଏଫ୍‌ଆଇଆର୍

**ବୟସ ଜାଲିଆତି ଅଭିଯୋଗ**

ନୂଆଦିଲ୍ଲୀ, ୩।୧୨ (ପି.ଟି.)

ବୟସ ଜାଲିଆତି ଓ ଠକେଇ ପାଇଁ ଭାରତର ନମ୍ବର ୱାନ୍ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଓ ତାଙ୍କ ପରିବାର ଏବଂ ପୂର୍ବତନ ଜାତୀୟ କୋଚ୍ ବିମଲ କୁମାରଙ୍କ ବିରୋଧରେ ବେଙ୍ଗାଲୁରୁରେ ଏକ ମାମଲା ଦରଜ ହୋଇଛି। ଏଫ୍‌ଆଇଆର ଦରଜ କରିଥିବା ଏମ୍. ଗୋଭିଆପ୍ପା ନାଗରାଜା ଅଭିଯୋଗ କରିଛନ୍ତି, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ଏବଂ ତାଙ୍କ ଭାଇ ଚିରାଗ ବୟସ ଜାଲିଆତି କରି ୨୦୧୦ ଠାରୁ ବୟସବର୍ଗରେ ଟୁର୍ନାମେଣ୍ଟ ଖେଳି ଆସୁଛନ୍ତି। ଅଭିଯୋଗ ପତ୍ରରେ ଲକ୍ଷ୍ୟଙ୍କ ପିତା ଧୀରେନ୍ଦ୍ର, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଜଣେ କୋଚ୍, ମାତା ନିର୍ମଳା, ଦୁଇ ଜଣଙ୍କୁ ୧୦ ବର୍ଷ ହେଲା କୋଚିଂ ଦେଇ ଆସୁଥିବା କୁମାରଙ୍କ ନାମ ଉଲ୍ଲେଖ କରାଯାଇଛି। ସେନ୍ ଭ୍ରାତୃଦ୍ୱୟଙ୍କ ଘର ହେଉଛି ଉତ୍ତରାଖଣ୍ଡରେ। ବେଙ୍ଗାଲୁରୁସ୍ଥିତ ପ୍ରକାଶ ପାଦୁକୋନ୍ ବ୍ୟାଡ୍‌ମିଣ୍ଟନ ଏକାଡେମୀରେ କୁମାରଙ୍କ ଅଧୀନରେ ଟ୍ରେନିଂ ନେଉଥିଲେ। ଅଭିଯୋଗକାରୀ ଜଣକ ଦର୍ଶାଇଛନ୍ତି ଯେ, ଲକ୍ଷ୍ୟଙ୍କ ମାତାପିତା ସହ କୁମାର ୨୦୧୦ରେ ଜନ୍ମ ପ୍ରମାଣପତ୍ର ଜାଲିଆତି କରିଛନ୍ତି। ଅଭିଯୋଗ ଯଦି ସତ୍ୟ ପ୍ରମାଣିତ ହୁଏ ତେବେ ନିକଟରେ ଅର୍ଜୁନ ପୁରସ୍କାର ପାଇଥିବା ଏହି ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ରେକର୍ଡକୁ ରଦ୍ଦ କରିଦିଆଯିବ।



ଲକ୍ଷ୍ୟ ସେନ୍

# ବାଦ୍ ପଡ଼ିଲେ ଶାମି

ନୂଆଦିଲ୍ଲୀ, ୩।୧୨(ପି.ଟି.)



ଡାହାଣ କାନ୍ଧରେ ଇଞ୍ଜୁରି ଯୋଗୁ ରବିବାରଠାରୁ ଆରମ୍ଭ ହେବାକୁଥିବା ବାଂଲାଦେଶ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରୁ ଭାରତର ସିନିୟର ଫାଷ୍ଟ ବୋଲର ମହମ୍ମଦ ଶାମି ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଉମରାନ ମଲିକଙ୍କୁ ସାମିଲ କରାଯାଇଛି। ଖବର ଅନୁସାରେ ଅଷ୍ଟ୍ରେଲିଆରୁ ଫେରିବା ପରେ ଟ୍ରେନିଂ ସେସନ ବେଳେ ଶାମି ଆଘାତପ୍ରାପ୍ତ ହୋଇଥିଲେ। ସେଠାରେ ଭାରତ ଟି୨୦ ବିଶ୍ୱକପ୍ ସେମିଫାଇନାଲରୁ ବିଦାୟ ନେଇଥିଲା। ଡିସେମ୍ବର ୧୪ରୁ ଚିଟାଗଙ୍ଗଠାରେ ଆରମ୍ଭ ହେବାକୁଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ମଧ୍ୟ ସେ ଖେଳି ନ ପାରନ୍ତି। ବାଂଲାଦେଶ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ପାଇଁ ଟ୍ରେନିଂ ସେସନ ଚାଲିଥିବା ବେଳେ ଶାମିଙ୍କ କାନ୍ଧରେ ଆଘାତ ଲାଗିଥିଲା। ବର୍ତ୍ତମାନ ସେ ବାଙ୍ଗାଲୋରସ୍ଥିତ ଏନ୍‌ସିଏ (ନ୍ୟାଶନାଲ କ୍ରିକେଟ ଏକାଡେମୀ)ଠାରେ ବିସିସିଆଇ ମେଡିକାଲ ଟିମ୍‌ଙ୍କ ତତ୍ତ୍ୱାବଧାନରେ ଅଛନ୍ତି। ସର୍ବଭାରତୀୟ ସିନିୟର ସିଲେକ୍ସନ କମିଟି ଶାମିଙ୍କ ସ୍ଥାନରେ ଉମରାନ ମଲିକଙ୍କୁ ମନୋନୀତ କରିଥିବା ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି।




# ଅଲ ଇଣ୍ଡିଆ ଜୋନାଲ କରାଟେ: ଓଡ଼ିଶାକୁ ୨୩ ପଦକ

ଭୁବନେଶ୍ୱର,୩।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଦିଲ୍ଲୀର ତାଲକୋଟରା ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍ ଇଣ୍ଡିଆ ଜୋନାଲ କରାଟେ ପ୍ରତିଯୋଗିତାରେ ଓଡିଶା ୨୩ଟି ପଦକ ହାସଲ କରିଛି। ଓଡ଼ିଶାର କରାଟେକାମାନେ ୧୦ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୮ କାଂସ୍ୟ ପଦକ ହାସଲ କରିଛନ୍ତି। ଅନୁପମା ସ୍ୱାଇଁ ମହିଳା ସିନିୟର ୫୫ କିଲୋ କୁମିତେରେ, ସାଲୋନୀ ଲେଙ୍କା ମହିଳା ସିନିୟର ୬୮ କିଲୋ, ରିତେଶ ରାୟ ସିନିୟର ଓ ୨୧ ବର୍ଷରୁ କମ୍ ପୁରୁଷ ୮୪ କିଲୋ ବର୍ଗରେ, ସୁମନ ଶେଖର ଦାସ ସିନିୟର ପୁରୁଷ ୭୫ କିଲୋ, ବ୍ରତତି ବିଶ୍ୱପ୍ରଭା ପତି ୨୧ ବର୍ଷରୁ କମ ମହିଳା ୫୦ କିଲୋ, ମଧୁପ୍ରିୟା ବାଇ କ୍ୟାଡେଟ ମହିଳା କାଟା, ରିତେଶ ମହାନ୍ତି କ୍ୟାଡେଟ ପୁରୁଷ ୫୭ କିଲୋ, ସିନିୟର ମହିଳା ଟିମ୍ କାଟା (ଭାଲେନା ଭାଲେଣ୍ଟିନା, ଶୁରୋମିତା ସିହ୍ନା, ଅଫିଫା ପରୱେଜ) ଓ ପୁରୁଷ ଜୁନିୟର ଟିମ କାଟା (ଜ୍ୟୋତି ରଞ୍ଜନ ରାଉତ, ବେଦାନ୍ତ ଦାସ, ଶୁଭମ ସାମଲ) ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

ସେହିପରି ସିନ୍ଧୁତନୟା ଖୁଣ୍ଟିଆ ମହିଳା ସିନିୟର ୫୦ କିଲୋ କୁମିତେ, ଦେବସ୍ମିତା ଦଳବେହେରା ୨୧ ବର୍ଷରୁ କମ ମହିଳା ୬୮ କିଲୋ, ବେଦାନ୍ତ ଦାସ କ୍ୟାଡେଟ ପୁରୁଷ କାଟା, ଶୁରୋମିତା ସିହ୍ନା କ୍ୟାଡେଟ ମହିଳା କାଟା ଓ ଶୁଭକାନ୍ତ ବିଶାଳ ଜୁନିୟର ପୁରୁଷ ୭୦ କିଲୋ ବିଭାଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।

ଭାଲେନା ଭାଲେଣ୍ଟିନା ସିନିୟର ମହିଳା କାଟାରେ, ଡି. ଭଗବାନ ରେଡି ସିନିୟର ପୁରୁଷ ୫୫ କିଲୋ, ବ୍ରତତି ବିଶ୍ୱପ୍ରଭା ପତି ସିନିୟର ମହିଳା ୫୦ କିଲୋ, ଅନୁରାଧା ପାତ୍ର ମହିଳା ୬୮ କିଲୋ, ଦୀପ୍ତି ନାମଦେଓ କ୍ୟାଡେଟ ମହିଳା ୪୦ କିଲୋ କୁମିତେ, ଜ୍ୟୋତି ରଞ୍ଜନ ରାଉତ ପୁରୁଷ ଜୁନିୟର କାଟା, ଅଫିଫା ପରୱେଜ ୨୧ ବର୍ଷରୁ କମ ମହିଳା ଓ ବରିଷ୍ଠ ପୁରୁଷ ଟିମ୍ କାଟା (ମହେଶ ଡୋରା, କ୍ରିଷ୍ଣା ଶିକାରୀ, ତୁଷାର ବିଶାଳ, ରଜନୀ ବିଶି) ପ୍ରମୁଖ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପଦକ ବିଜେତା ପ୍ରତିଯୋଗୀମାନଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ସମ୍ପାଦକ ଗୌରୀ ମହାନ୍ତି, କୋଚ ଡ. ହରି ପ୍ରସାଦ ପଟ୍ଟନାୟକ ଓ ଅନ୍ୟାନ୍ୟ ସଦସ୍ୟ ଧନ୍ୟବାଦ ଜଣାଇଛନ୍ତି।



କର୍ମକର୍ତ୍ତାଙ୍କ ସହ ପଦକ ବିଜେତା।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ